بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ: ୨

**ସମ୍ପାଦକ:**

କମୁଲ୍ ହକ୍ ଖାନ୍

**ସହ ସମ୍ପାଦକ:**

ସୟଦ୍ ଅତାଉଲ୍ ୱାହାବ

ସାପ୍ତାହିକ ବଦର୍ କାଦିଆନ

Weekly BADAR Qadian Odia

ସଂଖ୍ୟା: 7-8
ବାର୍ଷିକ ଦେୟ : 600/-

www.akhbarbadr.in

4-11 ଶାବାନ୍ 1445 ହି.କ, 15-22 ତବଲିଗ୍ 1403 ହି.ଶ, 15-22 FEB 2024 ମସିହା

### ଅଲ୍ଲାଃତାଲାଙ୍କ ବାଣୀ

هُوَ الَّذِیۡۤ اَرۡسَلَ رَسُوۡلَہٗ بِالۡہُدٰی وَدِیۡنِ الۡحَقِّ لِیُظۡہِرَہٗ عَلَی الدِّیۡنِ کُلِّہٖ وَلَوۡ کَرِہَ الۡمُشۡرِکُوۡنَ

(ଅତତୌବା-33)

ଅନୁବାଦ : ମୁଶରିକମାନଙ୍କୁ ଯେତେ ଅପ୍ରୀତିକର ମନେହେଲେ ମଧ୍ଯ ସକଳ ଧର୍ମ ଉପରେ ପ୍ରଭୁତ୍ୱ ବିସ୍ତାର କରିବା କଲ୍ପେ ସେ ହିଁ ନିଜର ରସୁଲଙ୍କୁ ସତ୍‌ପଥ ଓ ସତ୍ୟଧର୍ମ ସହିତ ପ୍ରେରଣ କରିଛନ୍ତି ।

### ମୁସଲେହ୍ ମଉଦ୍ ନମ୍ବର

### ଅହମଦିୟା ଖବର

ଅଲହମଦୁ ଲିଲ୍ଲାଃ ହୁଜୁର ଅନଓ୍ୱର୍ ଅ.ବ ସକୁଶଳ ଅଛନ୍ତି ।

ଜମାଅତର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ହୁଜୁର ଅନଓ୍ୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ଦୀର୍ଘାୟୁ ନି ସକଳ ତଥା ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଏବଂ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ । ଅଲ୍ଲାଃତାଲା ହୁଜୁର ଅନଓ୍ୱର୍ ଅ.ବଙ୍କର ପ୍ରତ୍ୟେକ ମୁହୂର୍ତ୍ତ ରକ୍ଷକ ଓ ସହୟାକ ହୁଅନ୍ତୁ । ଆମିନ୍ ।

# "ତୁମ୍ଭର କଲ୍ୟାଣର ଆଲୋକକୁ ପୁନଃ ପ୍ରକାଶିତ କରିବା ନିମନ୍ତେ ତୁମ୍ଭ ଠାରୁ ତୁମ୍ଭରି ପିଢୀ ମଧ୍ଯରୁ ଏକ ବ୍ୟକ୍ତିକୁ ଛିଡ଼ା କରାଯିବ"

**ପୁଣ୍ୟଶ୍ଳୋକ ହ. ମୁସଲେହ୍ ମଉଦ୍ ର.ଅଙ୍କ ମାଧ୍ୟମରେ ହ. ମସିହ୍ ମଉଦ୍ ଅ.ସଙ୍କ କଲ୍ୟାଣର ଆବିର୍ଭୂତ ହେବା**

## ପୁଣ୍ୟଶ୍ଳୋକ ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ନୀତିବାଣୀ

"ଅଲ୍ଲାଃତାଲା ମୋତେ ଏହି ପ୍ରତିଶୃତି ଦେଇଛନ୍ତି ଯେ, ତୁମ୍ଭର କଲ୍ୟାଣର ଆଲୋକକୁ ପୁନଃ ପ୍ରକାଶିତ କରିବା ନିମନ୍ତେ ତୁମ୍ଭ ଠାରୁ ତୁମ୍ଭର ପିଢୀ ମଧ୍ଯରୁ ଏକ ବ୍ୟକ୍ତିକୁ ଛିଡ଼ା କରାଯିବ ତାହା ମଧ୍ଯରେ ମୁଁ ପବିତ୍ରାତ୍ମାର କଲ୍ୟାଣ ସଂଚାର କରିବି । ସେ ଆଭ୍ୟନ୍ତରୀଣ ପବିତ୍ରତା ଏବଂ ଈଶ୍ୱରଙ୍କ ସହିତ ଅତ୍ୟନ୍ତ ପବିତ୍ର ସଂପର୍କ ରକ୍ଷାକାରୀ ବ୍ୟକ୍ତି ହେବ ଓ مَظۡہَرُ الۡحَقِّ وَالۡعُلَاءِ ହେବ । ଯେପରି ପ୍ରଭୁ ସକ୍ଷାତ୍ ଆକାଶରୁ ଅବତୀର୍ଣ୍ଣ ହୋଇଛନ୍ତି ।"

(ତୋହଫା ଗୋଲଡ଼ୱିୟାହ୍, ରୁହାନୀ ଖଜାଏନ୍, ଭାଗ-17, ପୃ-181)

---

"ଅଲ୍ଲାଃତାଲା ଚୂଡ଼ାନ୍ତ ଏବଂ ବିଶ୍ୱାସମୂଳକ ଭବିଷ୍ୟବାଣୀରେ ମୋ ଉପରେ ଏହା ପ୍ରକାଶ କରିଛନ୍ତି ଯେ, ମୋରି ସନ୍ତାନ ସନ୍ତତିଙ୍କ ମଧ୍ଯରୁ ଏକ ବ୍ୟକ୍ତି ଜନ୍ମ ଗ୍ରହଣ କରିବ । ଅନେକ ପ୍ରସଙ୍ଗରେ ହ. ମସିହ୍ ମଉଦ୍ ଅ.ସଙ୍କ ସହିତ ତା'ର ସାମଞ୍ଜସ୍ୟତା ଏବଂ ସାଦୃଶ୍ୟତା ଥିବ । ସେ ଆକାଶଲୋକରୁ ଅବତୀର୍ଣ୍ଣ କରିବ ଏବଂ ମର୍ତ୍ତ୍ୟମଣ୍ଡଳବାସୀଙ୍କ ମାର୍ଗକୁ ସଳଖ କରିଦେବ ଏବଂ ସେ କାରାବରଣ ଦଣ୍ଡ ଭୋଗୁଥିବା ବ୍ୟକ୍ତିଙ୍କୁ କାରାମୁକ୍ତର କାରଣ ହେବ ଓ ସେମାନଙ୍କୁ ଯେଉଁମାନେ ସଂଶୟର ଶିକୁଳିରେ ଗିରଫ ଅଟନ୍ତି ସେମାନଙ୍କୁ ମୁକୁଳାଇ ଦେବ । ପ୍ରିୟ, ସମ୍ମାନିତ ଏବଂ ସୁଯୋଗ୍ୟ ସନ୍ତାନ مَظۡہَرُ الۡحَقِّ وَالۡعُلَاءِ کَاَنَّ اللّٰہَ نَزَلَ مِنَ السَّمَآءِ" ।

(ଇଜାଲା ଔହାମ୍, ରୁହାନୀ ଖଜାଏନ୍, ଭାଗ-3, ପୃ-180)

---

"ଅଲ୍ଲାଃତାଲା ମୋତେ ଏହି ସୂଚନା ପ୍ରଦାନ କରିଛନ୍ତି ଯେ, ମୁଁ ତୁମ୍ଭର ସଂପ୍ରଦାୟ ପାଇଁ ତୁମ୍ଭରି ସନ୍ତାନମାନଙ୍କ ମଧ୍ଯରୁ ଏକ ବ୍ୟକ୍ତିକୁ ଛିଡ଼ା କରିବି ଏବଂ ତାହାକୁ ନିଜର ସାମୀପ୍ୟତା ଓ ଐଶ୍ୱର୍ଯ୍ୟ ଐଶୀବାଣୀ ଦ୍ୱାରା ବିଶେଷିତ କରିବି । ତା' ଦ୍ୱାରା ସତ୍ୟ ଉନ୍ନତି କରିବ ଓ ଅନେକ ଲୋକମାନେ ସତ୍ୟକୁ ସ୍ୱୀକାର କରିବେ । ତେଣୁ ସେହି ଦିନକୁ ଅପେକ୍ଷା କରିଥାଅ ଏବଂ ତୁମେ ମନେରଖ ! ଯେ, ପ୍ରତ୍ୟେକ ବ୍ୟକ୍ତି ସେହି ସମୟରେ ହିଁ ଚିହ୍ନିତ ହୋଇଥାଏ ଏବଂ ସମୟପୂର୍ବରୁ ସମ୍ଭବ ଯେ, ସେ ସାଧାରଣ ମନୁଷ୍ୟ ପରି ଦୃଶ୍ୟମାନ ହେବ କିମ୍ବା କେତେକ ଠକ ବ୍ୟକ୍ତିମାନଙ୍କ ବିଚାରଧାରା ଯୋଗୁଁ ଆପତ୍ତିଯୋଗ୍ୟ ବିବେଚିତ ହେବ । ଯେପରିକି ଜଣେ ବ୍ୟକ୍ତି ଯେକି ପୂର୍ଣ୍ଣ ମଣିଷରେ ପରିଣତ ହେବା ପାଇଁ ସମୟ ପୂର୍ବରୁ ଗର୍ଭ ମଧ୍ଯରେ ଏକ ବୀର୍ଯ୍ୟ କଣିକା କିମ୍ବା ଘନୀଭୂତ ଜମାଟ ବାନ୍ଧିଥିବା ରକ୍ତ ହୋଇଥାଏ ।

(ରିସାଲା ଅଲ୍ ୱସିୟତ୍, ରୁହାନୀ ଖଜାଏନ୍-20, ପୃ-306ରେ ବି.ଦ୍ର)

☆ ☆ ☆



## ସମ୍ପାଦକୀୟ ହ. ମୁସଲେହ୍ ମଉଦ୍ ର.ଅଙ୍କ ମହାନ ପଦ ମର୍ଯ୍ୟାଦା

(ମନ୍‌ସୁର ଅହେମଦ ମସ୍ରୁର, ସମ୍ପାଦକ ଉର୍ଦ୍ଦୁ ବଦର୍)


| କ୍ର.ନଂ | ସୂଚୀପତ୍ର | ପୃ.ସଂଖ୍ୟା |
|---|---|---|
| ୧. | ସମ୍ପାଦକୀୟ (ହ. ମୁସଲେହ୍ ମଉଦ୍ ର.ଅଙ୍କ ମହାନ ପଦ ମର୍ଯ୍ୟାଦା) | ୨,୧୪, ୨୫ |
| ୨ | ଖତୁବା ଜୁମା ହୁଜୁର ଅନୱର୍ ଅ.ବ | ୩-୯ |
| ୩. | ବିଶେଷ ସୂଚନା | ୯ |
| ୪. | ହ. ମୁସଲେହ୍ ମଉଦ୍ ର.ଅଙ୍କ ନାମ ଫଜଲେ ଉମର୍ କାହିଁକି ରଖାଗଲା | ୧୦-୧୨ |
| ୫. | ପେଶଗୋଇ ମୁସଲେହ୍ ମଉଦ୍ ର.ଅ | ୧୨ |
| ୬. | ହ. ମୁସଲେହ୍ ମଉଦ୍ ର.ଅଙ୍କ ମହାନ ପଦ ମର୍ଯ୍ୟାଦା | ୧୩,୧୨ |
| ୭. | କବର ଉପରେ ପୁଷ୍ପ ବର୍ଷଣ କରିବା | ୧୫ |
| ୮. | ହ. ମୁସଲେହ୍ ମଉଦ୍ ର.ଅଙ୍କ ନ୍ୟାୟାଳୟରେ ଅନୁସନ୍ଧାମୂଳକ ବର୍ଣ୍ଣନା | ୧୬, ୧୯,୨୨,୨୪ |
| ୯. | ଖତୁବା ଜୁମା ହୁଜୁର ଅନୱର୍ ଅ.ବ (୨୬ ମେ ୨୦୨୩ର ଅବଶିଷ୍ଟାଂଶ) | ୧୯-୨୨ |
| ୧୦. | ହ. ମୁସଲେହ୍ ମଉଦ୍ ର.ଅଙ୍କ ସଂପର୍କିତ ଭବିଷ୍ୟବାଣୀର ମହନୀୟତା | ୨୪ |


ସୟେଦିନା ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ଅତ୍ୟନ୍ତ ବୈଭବ୍ୟ ଓ ମହାନ ଭବିଷ୍ୟବାଣୀ ଅନୁଯାୟୀ ୧୮୮୯ ମସିହା ଜାନୁଆରୀ ମାସ 12 ତାରିଖରେ ଯୁଗାବତାର, ଧର୍ମାଧ୍ୟକ୍ଷ, ପ୍ରତିଶୃତ ମସିହ୍ ଓ ଅଙ୍ଗୀକୃତ ମେହ୍‌ଦୀ ହ. ମିର୍ଜା ଗୁଲାମ୍ ଅହେମଦ ଅ.ସଙ୍କ ଘରେ ଜନ୍ମ ଗ୍ରହଣ କରିଥିଲେ । ଆପଣ ର.ଅଙ୍କ ଖିଲାଫତ୍ ସଂକ୍ରାନ୍ତରେ ଭବିଷ୍ୟବାଣୀ ଶତାବ୍ଦୀ ଧରି ଚାଲି ଆସିଛି । ଆଁହଜରତ୍ ସ.ଅ ମଧ୍ୟ ଆପଣ ର.ଅଙ୍କ ସଂପର୍କରେ ଭବିଷ୍ୟବାଣୀ କରିଥିଲେ ଯେ, ମସିହ ମଉଦ୍ ଅ.ସଙ୍କ ଏକ ପୁତ୍ର ହେବ ଯେକି ଅନେକ ବିଶିଷ୍ଟ ମର୍ଯ୍ୟାଦାର ଅଧିକାରୀ ହେବ । ଆଁହଜରତ୍ ସ.ଅଙ୍କ ପୂର୍ବରୁ ଅନେକ ସାଧୁ ପୁରୁଷଙ୍କର ମଧ୍ୟ ଭବିଷ୍ୟବାଣୀ ଆପଣ ର.ଅଙ୍କ ସଂକ୍ରାନ୍ତରେ ଉଲ୍ଲେଖ ଥିବାର ପ୍ରମାଣ ମିଳେ । ସେହି ସମସ୍ତ ଭବିଷ୍ୟବାଣୀକୁ ଯଦି ସାମଗ୍ରିକ ଦୃଷ୍ଟିରେ ଅବଲୋକନ କରାଯାଏ ତେବେ ଏହା ଜ୍ଞାତ ହୁଏ ଯେ, ମସିହ୍ ମଉଦ୍ ଅ.ସଙ୍କର ସେହି ସୁପୁତ୍ର ନିଃସନ୍ଦେହ ରୂପେ ଜଣେ ବିଶିଷ୍ଟ ମର୍ଯ୍ୟାଦାର ଅଧିକାରୀ ହେବେ । କିନ୍ତୁ ଏହାର ସଠିକ୍ ଅନୁମାନ ଏବଂ ଏହାର ବିବରଣୀର ଅବବୋଧ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କର ସେହି ଭବିଷ୍ୟବାଣୀ ଦ୍ୱାରା ହୋଇଥାଏ ଯାହା ଅଲ୍ଲାଃତାଲା ଆପଣ ଅ.ସଙ୍କୁ ପ୍ରଦାନ କଲେ । ତାହା ପେଶ୍‌ଗୋଇ ମୁସ୍‌ଲେହ୍ ମଉଦ୍ (ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ଭବିଷ୍ୟବାଣୀ) ନାମରେ ଜମାଅତ୍‌ରେ ବିଦିତ ଓ ପରିଚିତ ଅଟେ । ପେଶ୍‌ଗୋଇ ମୁସ୍‌ଲେହ୍ ମଉଦ୍‌ରେ ହ. ମୁସ୍‌ଲେହ୍ ମଉଦ୍‌ଙ୍କ ସଂକ୍ରାନ୍ତରେ 50ରୁ ଉର୍ଦ୍ଧ ବିଶେଷ ଗୁଣାବଳୀ ସଂପର୍କରେ ବର୍ଣ୍ଣନା କରାଯାଇଛି । କିନ୍ତୁ ଗୋଟିଏ କଥା ଯାହା ଦ୍ୱାରା ହୃଦୟ ଓ ମସ୍ତିଷ୍କ ବିଶେଷ ରୂପେ ପ୍ରଭାବିତ ହୋଇଥାଏ ତାହା ଅଲ୍ଲାଃତାଲାଙ୍କର ଉକ୍ତ ଆଦେଶାବଳୀ كَاَنَّ اللّٰهَ نَزَلَ مِنَ السَّمَآءِ ଅର୍ଥାତ୍ ଆପଣଙ୍କ ଆଗମନ ଏହିପରି ଅଟେ ଯେପରିକି ଈଶ୍ୱର ସାକ୍ଷାତ୍ ଆକାଶରୁ ଓହ୍ଲାଇ ଆସିଛନ୍ତି । ଏହା ଅଲ୍ଲାଃତାଲାଙ୍କର ଭବ୍ୟ ସାହାଯ୍ୟ ଓ ସମର୍ଥନ ଆଡ଼କୁ ଇଙ୍ଗିତ ଥିଲା । ଏଠାରେ ଟିକିଏ ଅଟକିଯାଇ ଚିନ୍ତା କରିବା ଉଚିତ୍ ଯେ, ସେହି ବ୍ୟକ୍ତି ଯାହାର ଆଗମନକୁ ଅଲ୍ଲାଃତାଲା ନିଜର ଆଗମନ ବୋଲି ବିବେଚିତ କରିଛନ୍ତି, ତାହା କେଡ଼େ ମର୍ଯ୍ୟାଦା ସମ୍ପନ୍ନ ଓ ପଦ ମର୍ଯ୍ୟାଦାର ଅଧିକାରୀ ହୋଇଥିବ । ନିଃସନ୍ଦେହ ରୂପେ କହିବାକୁ ଗଲେ ଆପଣ ର.ଅଙ୍କ ଅସ୍ତିତ୍ୱ କୌଣସି ସାଧାରଣ ଅସ୍ତିତ୍ୱ ନଥିଲା । ବରଂ ଆପଣ ର.ଅ ସେହି ଅନନ୍ୟ ବ୍ୟକ୍ତି ଯେକି ଆଦମଙ୍କ ପୁତ୍ର ମଧ୍ୟରୁ ଅନ୍ୟତମ ଥିଲେ ଯିଏ ଶତାବ୍ଦୀ ମଧ୍ୟରେ ନୁହେଁ ବରଂ ସହସ୍ରାବ୍ଦ (ହଜାର) ବର୍ଷରେ କେତେବେଳେ ଥରୁଟିଏ ମାନବତାର ଦିଗ୍‌ବଳୟରେ ଉଦିତ ହୋଇଥାଆନ୍ତି । ଏହି ଦିବ୍ୟ ପୁରୁଷଙ୍କର ଆଲୋକ କେବଳ ଗୋଟିଏ ପିଢୀ ପର୍ଯ୍ୟନ୍ତ ସୀମିତ ନୁହେଁ ବରଂ ଅନେକ ମାନବୀୟ ପିଢୀଙ୍କୁ (ମାନବ ଜାତି) ନିଜର ଆଲୋକ ଦ୍ୱାରା ସେଚିତ କରି ଆଲୋକିତ କରିଥାଏ ।

ଅଲ୍ଲାଃତାଲାଙ୍କ ପକ୍ଷରୁ ଆପଣ ର.ଅଙ୍କୁ كَاَنَّ اللّٰهَ نَزَلَ مِنَ السَّمَآءِର ଶ୍ରଦ୍ଧାଞ୍ଜଳୀ ଏପରି ଏକ ଭବ୍ୟ ଶ୍ରଦ୍ଧାଞ୍ଜଳୀ ଯେ, ଏହାଠୁ ବଳି ଆଉ ଅନ୍ୟ କୌଣସି ଶ୍ରଦ୍ଧାଞ୍ଜଳୀ ହୋଇପାରିବ ନାହିଁ । ଏହା ଅଲ୍ଲାଃତାଲାଙ୍କ ତରଫରୁ ସେହି ଉପାଧି ଏବଂ ସମ୍ବୋଧନ ଅଟେ ଯେ, ଏହା ଦ୍ୱାରା ଆପଣ ର.ଅ ଅତି ମହାନ ବୋଲି ଜ୍ଞାତ ହୋଇଥାଆନ୍ତି । ଆପଣ ର.ଅ ଦୀର୍ଘ 52 ବର୍ଷ ପର୍ଯ୍ୟନ୍ତ ଖିଲାଫତ୍ ସିଂହାସନର ଅଧିଷ୍ଠିତ ରହିଥିଲେ । ଉକ୍ତ ଅବଧି ମଧ୍ୟରେ ଆପଣ ର.ଅ ଇସଲାମ୍ ଅହେମଦିୟତ୍‌ର ସେହି ମହାନ ସେବା କଲେ ଓ ଏପରି ଅନନ୍ୟ କୃତ୍ୟ ସମ୍ପାଦନ କଲେ ଯାହାକି କେବଳ ଓ କେବଳ ଜଣେ ଅବତାରଙ୍କର ହିଁ ବୈଶିଷ୍ଟ୍ୟ ହୋଇଥାଏ । ଯଦିଓ ଅଲ୍ଲାଃତାଲା ଆପଣ ର.ଅଙ୍କୁ ନବୀ (ଅବତାର) ନାମରେ ନାମିତ କଲେ ନାହିଁ । କିନ୍ତୁ ଅଲ୍ଲାଃତାଲା ଆପଣ ର.ଅଙ୍କ ଠାରୁ ଅବତାର ଭଳି କାମ ନେଲେ । ଆପଣ ର.ଅ ସ୍ୱୟଂ କୁହନ୍ତି ଯେ, ମୁଁ ମାମୁର୍ (ଈଶ୍ୱରଙ୍କ ତରଫରୁ ନିଯୁକ୍ତ) ହୋଇ ନାହିଁ । କିନ୍ତୁ ମୋର ସ୍ୱର ଈଶ୍ୱରଙ୍କ ସ୍ୱର ଅଟେ ଏବଂ ମୋର ମର୍ଯ୍ୟାଦା ଖିଲାଫତ୍ ତଥା ମାମୁରିୟତ୍ (ଆଦେଶିତ ବା ନିଯୁକ୍ତ) ମଧ୍ୟରେ ଏକ ସ୍ଥାନ ରହିଛି । 1936 ମସିହାର ଶୁରା ଅବସରରେ ଆପଣ ର.ଅ କହିଲେ:

"ଗୋଟିଏ ଖିଲାଫତ୍ ଏହିପରି ହୋଇଥାଏ ଯେ, ଈଶ୍ୱର ଲୋକମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତିକୁ ଖଲିଫା ରୂପେ ମନୋନୀତ କରିଥାଆନ୍ତି । ପୁନଶ୍ଚ ସେହି ବ୍ୟକ୍ତିକୁ ସ୍ୱୀକାର କରି ନିଅନ୍ତି । କିନ୍ତୁ ଏହା ସେହିପରି ଖଲିଫାତ୍ ନୁହେଁ । ଅର୍ଥାତ୍ ମୁଁ ଏଇଥିପାଇଁ ଖଲିଫା ହୋଇ ନାହିଁ ଯେ, ମୁଁ ହ. ଖଲିଫା ଅୱଲ୍ ର.ଅଙ୍କ ବିୟୋଗର ଦ୍ୱିତୀୟ ଦିନ ଜମାଅତ୍‌ର ଲୋକମାନେ ଏକତ୍ରିତ ହୋଇ ମୋର ଖିଲାଫତ୍ ପ୍ରତି କେବଳ ସର୍ବ ସମ୍ମତି ପ୍ରକାଶ କଲେ ତାହା ନୁହେଁ । ତାହା ଏଇଥିପାଇଁ ଯେ, ମୁଁ ଖଲିଫା ମଧ୍ୟ ଅଟେ । କାରଣ ଖଲିଫା ଅୱଲ୍ ର.ଅଙ୍କ ଖିଲାଫତ୍ ପୂର୍ବରୁ ହ. ମସିହ୍ ମଉଦ୍ ଅ.ସ ଈଶ୍ୱରଙ୍କ ଠାରୁ ଐଶୀବାଣୀ ପ୍ରାପ୍ତ କରି କହିଥିଲେ ଯେ, ମୁଁ ଖଲିଫା ହେବି । ସୁତରାଂ ମୁଁ କେବଳ ଖଲିଫା ନୁହେଁ ବରଂ ମୁଁ ପ୍ରତିଶୃତ ଖଲିଫା ଅଟେ । ମୁଁ ଆଦେଶିତ ବା ନିଯୁକ୍ତ ନୁହେଁ । କିନ୍ତୁ ମୋର ସ୍ୱର୍ ପ୍ରଭୁଙ୍କ ସ୍ୱର ଅଟେ । କାରଣ ଅଲ୍ଲାଃତାଲା ହ. ମସିହ୍ ମଉଦ୍ ଅ.ସଙ୍କ ମାଧ୍ୟମରେ ଏହି ସୂଚନା ପ୍ରଦାନ କରିଥିଲେ । ଅର୍ଥାତ୍ ସେହି ଖଲିଫତ୍‌ର ମର୍ଯ୍ୟାଦା ଆଦେଶିତ ଖିଲାଫତ ମଧ୍ୟବର୍ତ୍ତୀ ମର୍ଯ୍ୟାଦା ଅଟେ । ଏହି ସୁଯୋଗ ଏପରି ନୁହେଁ ଯେ, ଜମାଅତ୍ ଅହେମଦିୟା ଏହାକୁ ହାତଛଡ଼ା କରିଦେବ ଓ ଅଲ୍ଲାଃତାଲାଙ୍କ ନିକଟରେ ଦାୟିତ୍ୱ ମୁକ୍ତ ହୋଇଯିବ । ଯେପରି ଉକ୍ତ କଥାଟି ଠିକ୍ ଯେ, ଅବତାରମାନେ ଧରାପୃଷ୍ଠକୁ ସବୁଦିନ ଆସନ୍ତି ନାହିଁ ଠିକ୍ ସେହିପରି ଏହା ମଧ୍ୟ ସଠିକ୍ ଯେ, ପ୍ରତିଶୃତ ଖଲିଫା ମଧ୍ୟ ସବୁଦିନ ଧରାପୃଷ୍ଠକୁ ଆସନ୍ତି ନାହିଁ ।" **(ସୱାନେହ୍ ଫଜ୍‌ଲେ ଉମର୍, ଭା-4, ପୃ-508, ପ୍ରକାଶକ-ଫଜ୍‌ଲେ ଉମର୍ ଫାଉଣ୍ଡେସନ)**

ନିମ୍ନରେ ଆମେ ଆଉ କେତେକ ଆଦେଶାବଳୀ ଉପସ୍ଥାପିତ କରିବୁ ଯହିଁରୁ ସୟେଦିନା ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ମହାନ ପଦ ମର୍ଯ୍ୟାଦା ଓ ଆପଣ ର.ଅଙ୍କ ମହାନ କୃତିତ୍ୱ ଓ ଆପଣଙ୍କର ଜ୍ଞାନର ସାଗର ତଥା ଈଶ୍ୱରଙ୍କ ସହିତ ସଂପର୍କ ସଂକ୍ରାନ୍ତରେ ସୂଚନା ମିଳିଥାଏ । ତହିଁରୁ ଆପଣ ର.ଅଙ୍କ **ଜରିଉଲ୍ଲାଃ ଫି ହୁଲଲି ଅମ୍ବିୟା** (ଅଲ୍ଲାଃଙ୍କ ପହିଲମାନ ଅବତାର ବେଶରେ) ହେବା ସୂଚନା ପ୍ରାପ୍ତ ହୋଇଥାଏ । ଅର୍ଥାତ୍ ଅବତାରଙ୍କ ସୁପୁତ୍ର ଏବଂ ସୁଯୋଗ୍ୟ ସନ୍ତାନ ଆପଣ ଅ.ସଙ୍କ ପରି ଅଟନ୍ତି ଏବଂ ଆପଣ ଅ.ସ ପରି ଇସଲାମ୍ ଧର୍ମରେ ଏକ ବଳିଷ୍ଠ ପହିଲମାନ ଅଟନ୍ତି । ତାହାଙ୍କ ଆଗରେ କେହି ପାଟି ଫିଟାଇବାକୁ ଦୁଃସାହାସ ମଧ୍ୟ କରୁ ନଥିଲା । ଆପଣ ର.ଅ କୁହନ୍ତି:

" ମୁଁ ହ. ମସିହ୍ ମଉଦ୍ ଅ.ସଙ୍କ ପରେ ସମସ୍ତ ସଂସାରବାସୀଙ୍କୁ ଚ୍ୟାଲେଞ୍ଜ୍ ଦେଉଛି ଯେ, ଯଦି କୌଣସି ବ୍ୟକ୍ତି ଏପରି ରହିଛି ଯିଏ ଇସଲାମ୍ ଧର୍ମର ମୁକାବିଲା କରିବାରେ ନିଜ ଧର୍ମର ସତ୍ୟ ହେବା ସଂକ୍ରାନ୍ତରେ ବିଶ୍ୱାସ ରଖେ ତେବେ ସେ ଆସୁ ଓ ଆମ ସହିତ ମୁକାବିଲା କରିନେଉ । ଅନୁଭବ ଦ୍ୱାରା ମୁଁ ଏହା ସାବ୍ୟସ୍ତ କରିଦେବି ଯେ, ଇସଲାମ୍ ଧର୍ମ ହିଁ ସତ୍ୟ ଧର୍ମ ଅଟେ । ଅନ୍ୟ କୌଣସି ଧର୍ମ ଏହା ବିପକ୍ଷରେ ତିଷ୍ଠି ପାରିବ ନାହିଁ । କାରଣ ଅଲ୍ଲାଃତାଲା ଆମମାନଙ୍କର ଦୁଆକୁ ଶୁଣି ଥାଆନ୍ତି ଓ ସ୍ୱୀକାର ମଧ୍ୟ କରନ୍ତି । ସେ ଏପରି ଘଡ଼ିସନ୍ଧି ପରିସ୍ଥିତିରେ ଆମର ଦୁଆ ସ୍ୱୀକାର କରନ୍ତି ଯେତେବେଳେ ପ୍ରକାଶ୍ୟଗତ ସାଧନ ସଂପୂର୍ଣ୍ଣ ରୂପେ ପ୍ରତିକୂଳ ହୋଇଥାଏ । ଏହା ହିଁ ଇସ୍‌ଲାମ୍ ଧର୍ମର ସତ୍ୟ ହେବାର ବଳିଷ୍ଠ ପ୍ରମାଣ ଓ ବଳିଷ୍ଠ ପ୍ରତୀକ ଅଟେ । ଯଦି କୌଣସି ବ୍ୟକ୍ତି ତହିଁରେ କୌଣସି ସନ୍ଦେହ ପ୍ରକାଶ କରେ ତେବେ ସେ ଆସୁ ଓ ଆସି ପରୀକ୍ଷା କରି ଦେଖିନେଉ । ہاتھ کنگن کو آرسی کیا ଅର୍ଥାତ୍ ଯାହା କିଛି ପ୍ରକାଶ୍ୟ ଓ ବ୍ୟକ୍ତ ରହିଛି ତାହାକୁ ବର୍ଣ୍ଣନା କରିବାର ଆବଶ୍ୟକତା ନାହିଁ । ଯଦି ଏପରି କୌଣସି ଲୋକମାନେ ଅଛନ୍ତି ଯେଉଁମାନେ ଏହି ବିଶ୍ୱାସ ରଖନ୍ତି ଯେ, ଆମର ଧର୍ମ ସତ୍ୟ ଏବଂ ଜୀବିତ ଓ ସେମାନଙ୍କର ସଂପର୍କ ପ୍ରଭୁଙ୍କ ସହିତ ରହିଛି ତାହାହେଲେ ସେମାନେ ଆସନ୍ତୁ ଏବଂ ଏହାର ପ୍ରମାଣ ଆମ ଆଗରେ ଉପସ୍ଥାପିତ କରନ୍ତୁ । ପ୍ରଭୁ ଯଦି ସେମାନଙ୍କୁ ପ୍ରେମ କରନ୍ତି ତାହାହେଲେ ସେ ମୁକାବିଲା ସମୟରେ ଅବଶ୍ୟ ସେମାନଙ୍କୁ ସାହାଯ୍ୟ ଓ ସମର୍ଥନ ଜଣାଇବେ । ମୁଁ ସେମାନଙ୍କୁ ଚ୍ୟାଲେଞ୍ଜ ଦେଇ କହୁଛି ଯେ, ସେମାନେ ମୋ ମୁକାବିଲାରେ ଆସନ୍ତୁ **(ଅବଶିଷ୍ଟାଂଶ.. ପୃ-14ରେ)**

# (ଖୁତ୍‌ବା ଜୁମା)

ମକ୍କାର ଅବିଶ୍ୱାସକାରୀମାନେ ମୁସଲମାନମାନଙ୍କ ସହିତ ନିୟମିତ ଯୁଦ୍ଧ କରିବାର ବାହାନା ଖୋଜୁଥିଲେ, ଅନ୍ୟଥା ଯଦି କେବଳ ଯାତ୍ରୀସମୂହକୁ ରକ୍ଷା କରିବାର ଉଦ୍ଦେଶ୍ୟ ହୋଇଥାଆନ୍ତା ତାହାହେଲେ ଉକ୍ତ ଖବର ଯେପରି ଦିଆଯାଇଥିଲା ତେବେ କୁରେଶମାନ ତୁରନ୍ତ ପହଞ୍ଚି ଯାଇଥାଆନ୍ତେ, ଯାହା ହସ୍ତରେ ଯେଉଁ ଅସ୍ତ୍ର ପଡୁଥିଲା ସେ ଧରି ଚାଲି ଯାଉଥିଲା । କିନ୍ତୁ ଏପରି ହେଲା ନାହିଁ ବରଂ ସେମାନେ ଯାତ୍ରୀସମୂହ ବଦଳରେ ଯୁଦ୍ଧ କରିବା ନିମନ୍ତେ ପ୍ରସ୍ତୁତ ହୋଇଯାଇଥିଲେ ।

ଆଁହଜରତ ସ.ଅଙ୍କ ପବିତ୍ର ଜୀବନୀ ପ୍ରକାଶରେ ବଦର୍ ଯୁଦ୍ଧର ପୃଷ୍ଠଭୂମିର ବର୍ଣ୍ଣନା ।

ବଦର୍ ଯୁଦ୍ଧ ହେବା ପୂର୍ବରୁ ଘଟିବାକୁ ଥିବା କେତେକ ଯୁଦ୍ଧ ଓ ସରାୟା (କ୍ଷୁଦ୍ର ଯୁଦ୍ଧ/ଯେଉଁ ଯୁଦ୍ଧରେ ଆଁହଜରତ ସ.ଅ ସାମିଲ୍ ହେଉ ନଥିଲେ)ର ଚର୍ଚ୍ଚା । ସରିୟା ଅବିଦା ବିନ୍ ହାରିସ୍ ର.ଅ, ହ. ସାଆଦ୍ ବିନ୍ ଅବି ୱକ୍କାସ୍ ର.ଅ ଇସ୍‌ଲାମୀୟ ଇତିହାସର ପ୍ରଥମ ତୀର ଚଳାଇଥିଲେ କିମ୍ବା ଏଥିପାଇଁ ସେ ସର୍ବଦା ନିଜକୁ ଗର୍ବିତ ବୋଲି ମନେ କରୁଥିଲେ ।

---

ସିଫର୍ ମାସ 2 ହିଜ୍ରୀରେ ୱଦାନ୍ ଯୁଦ୍ଧ ପ୍ରଥମ ଯୁଦ୍ଧ ହୋଇଥିଲା ଯହିଁରେ ଆଁହଜରତ ସ.ଅ 60,70ଜଣ ପ୍ରବାସକାରୀଙ୍କ ସମେତ ସ୍ୱୟଂ ସାମିଲ୍ ହୋଇଥିଲେ ।

ଅଲ୍ଲାଃତାଲା ହୁର୍ମତ (ଅବୈଧ ବା ବର୍ଜିତ) ରଜବ୍ ମାସରେ ସରିୟା ଅବଦୁଲ୍ଲାଃ ହଜଶ ର.ଅଙ୍କ ସକାଶେ ସୁରତୁଲ୍ ବକ୍‌ରାହର ଆୟତ୍ 218କୁ ଐଶୀବାଣୀ ସ୍ୱରୂପ ମୁସଲମାନମାନଙ୍କର ସାନ୍ତ୍ୱନା ସକାଶେ ଅବତୀର୍ଣ୍ଣ କଲେ ।

---

ବଦର୍ ଯୁଦ୍ଧ ସଂପର୍କରେ ଆଁହଜରତ ସ.ଅଙ୍କ ପିଉସୀ ଆତିକା ବିନତ୍ ଅବ୍‌ଦୁଲ୍ ମୁତଲ୍ଲିବଙ୍କର ଏକ ବିଚିତ୍ର ସ୍ୱପ୍ନ ଯାହାକି ପରବର୍ତ୍ତୀ ସମୟରେ ସତ୍ୟ ପ୍ରମାଣିତ ହୋଇଥିଲା ।

---

**ଖୁତ୍‌ବା ଜୁମା ସୟେଦିନା ହ. ଅମୀରୁଲ୍ ମୁମିନିନ୍ ହ. ମିର୍ଜା ମସ୍‌ରୁର ଅହେମଦ୍ ଖଲିଫତୁଲ୍ ମସିହ୍ ଖାମିସ୍[ଅ.ବ]ଙ୍କ ଦ୍ୱାରା ପ୍ରଦତ୍ତ ଖୁତ୍‌ବା 9 June 2023 ମସିହା ଅନୁଯାୟୀ ୯ ଇହସାନ୍ / ୧୪୦୨ସ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ।**
ଖୁତ୍‌ବାର ଏହି ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତା ସହିତ ପ୍ରକାଶିତ କରାଯାଉଛି ।

أَشْهَدُ أَنْ لَّا إِلٰهَ اِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَ رَسُوْلُهٗ۔ أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُلِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔اِيَّا كَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔ صِرَاطَ الَّذِيْنَ اَنْعَمْتَ عَلَيْهِمْ۔ غَيْرِالْمَغْضُوْبِ عَلَيْهِمْ وَلَاالضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହିଲ୍ ଅଜିଜ୍ କହିଲେ: ପ୍ରବାସ ପରର ପ୍ରାରମ୍ଭିକ ଅବସ୍ଥା, ବଦର୍ ଯୁଦ୍ଧର କାରଣ, ମକ୍କାର ଅବିଶ୍ୱାସାକାରୀଙ୍କ କାର୍ଯ୍ୟାନୁଷ୍ଠାନ ଓ ସେମାନଙ୍କର ଯୋଜନାକୁ ପ୍ରତିହତ କରିବା ନିମନ୍ତେ ଆଁହଜରତ ସ.ଅ ଯେଉଁ କାର୍ଯ୍ୟାନୁଷ୍ଠାନ ତଥା ପଦକ୍ଷେପ ଗ୍ରହଣ କରିଥିଲେ ତତ୍‌ସଂପର୍କିତ ଚର୍ଚ୍ଚା ଚାଲିଥିଲା। ବଦର୍ ଯୁଦ୍ଧ ପୂର୍ବରୁ ଆଉ କେତେକ ସରାୟା ଓ ଯୁଦ୍ଧ ମଧ୍ୟ ହୋଇଥିଲା ଏବଂ ମକ୍କାର ଅବିଶ୍ୱାସକାରୀଙ୍କ ଯୁଦ୍ଧ ନିମନ୍ତେ ପ୍ରସ୍ତୁତିର କିଞ୍ଚିତ ଅବସ୍ଥା ମଧ୍ୟ ବର୍ଣ୍ଣନା କରିବି । **ଇନ୍‌ଶାଅଲ୍ଲାଃ।**

ରମ୍‌ଜାନ୍ ମାସ ୧ ହିଜ୍ରୀରେ ପ୍ରଥମ ସରିୟା ହୋଇଥିଲା । ଯାହାର ନେମ ହେଲା ସରିୟା ହମ୍‌ଜା । ଉକ୍ତ ସରିୟାରେ ଆଁହଜରତ ସ.ଅ ହ. ହମ୍‌ଜା ର.ଅଙ୍କୁ ପ୍ରେରଣ କରିଥିଲେ । ଯାହାଙ୍କୁ ସୈଫୁଲ୍ ବହର୍ ବୋଲି ମଧ୍ୟ କୁହାଯାଏ । ଉକ୍ତ ଯୁଦ୍ଧରେ ଧ୍ୱଜାର ରଙ୍ଗ ଧବଳ ବର୍ଣ୍ଣ ଥିଲା, ଅବୁ ମୁର୍ସଦ ର.ଅ ଧ୍ୱଜବାହକ ଥିଲେ ଏବଂ ଆଁହଜରତ ସ.ଅ ନିଜର ଚଚା ହ. ହମ୍‌ଜା ବିନ୍ ଅବ୍‌ଦୁଲ୍ ମୁତଲ୍ଲିବ ର.ଅଙ୍କୁ ଉକ୍ତ ସୈନ୍ ଦଳରେ ଅମୀର ରୂପେ ନିଯୁକ୍ତ କରିଥିଲେ । ୩୦ ଜଣ ପ୍ରବାସକାରୀ ଆରୋହୀ ଆପଣ ର.ଅଙ୍କ ସହିତ ଥିଲେ । ଐସ୍ ନାମକ ଏକ ସ୍ଥାନରେ ଅବୁ ଜହଲ୍‌ର ନେତୃତ୍ୱରେ ସିରୀୟାକୁ ଆସିବାକୁ ଥିବା ଏକ ଦଳ ସହିତ ସେମାନେ ମୁହାଁମୁହିଁ ହୋଇଥିଲେ । عِيص رَابِغ ର ଉତ୍ତର ଦିଗରେ ପ୍ରାୟ 30 କି.ମି ବ୍ୟବଧାନରେ ଅବସ୍ଥିତ ଏକ ସ୍ଥାନ ଅଟେ ଯାହାକି ثَنِيَّةُ الْمَرَه ପାଖରେ ଅବସ୍ଥିତ ଅଟେ ଏବଂ ମଦିନା ମୁନୱରାହ୍ ଠାରୁ ରାବିଗର ବ୍ୟବଧାନ ପ୍ରାୟ 240 କି.ମି ଅଟେ । ଏଠାରେ ذُنَابَةُ الْعِيص ନାମକ ଏକ ଝରଣା ଥିଲା ଏହାର ଆଖ ପାଖରେ କିକର (ମରୁଜ ଉଦ୍ଭିଦ ବା ଅଠା ଉତ୍ପାଦକ କୁସମ ଗଛ) ବୃକ୍ଷାଦିର ବହୁଳ ପରିମାଣରେ ଥିଲା। ସେହି କାରଣରୁ ତା'କୁ ଇସ୍ କୁହାଯାଇଥାଏ । ଏଠାରେ ବନୁ ସଲିମ୍ ସଂପ୍ରଦାୟ ବସବାସ କରୁଥିଲେ। ସିରୀୟା ଅଭିମୁଖେ କୁରୈଶୀୟ ବ୍ୟବସାୟିକ ଯାତ୍ରୀସମୂହ ଏହି ବାଟ ଦେଇ ଅତିକ୍ରମ କରୁଥିଲେ । ସେ ଯାହା ହେଉ ଉଭୟ ଗୋଷ୍ଠୀ ଏବଂ ଉଭୟ ପକ୍ଷର ସୈନ୍ୟଦଳ ଧାଡ଼ି ବାନ୍ଧି ଛିଡ଼ା ହେଲେ । କିନ୍ତୁ ବନୁ ସଲିମ୍ ସଂପ୍ରଦାୟର ଜଣେ ଅଧିପତି ମଧ୍ୟସ୍ଥିତା କରାଇଦେଲା ଏବଂ ଉଭୟ ପକ୍ଷ ଯୁଦ୍ଧ ନକରି ଫେରିଗଲେ । **(ଏଟ୍‌ଲସ୍ ସିରତୁନ୍ ନବୱୀ, ପୃ-1932-194, ପ୍ରକାଶନ ସ୍ଥାନ- ଦାରୁସ୍ ସଲାମ୍, ରିୟାଜ୍ 1424 ହି.)**

ପୁନଶ୍ଚ ସରିୟା ଉବୈଦାହ୍ ବିନ୍ ହାରିସ୍ ଅଟେ । ଶୱାଲ୍ ମାସ ୧ ହିଜ୍ରୀରେ ରସୁଲୁଲ୍ଲାଃ ସ.ଅ ହ. ଉବୈଦାହ୍ ବିନ୍ ହାରିସ୍ ର.ଅଙ୍କୁ ୬୦ ଜଣ ପ୍ରବାସକାରୀଙ୍କର ନେତୃତ୍ୱ ଓ ଦାୟିତ୍ୱ ଅର୍ପଣ କରି ସନିୟତୁଲ୍ ମୁର୍‌ରାହ୍ ଅଭିମୁଖେ ପ୍ରେରଣ କରିଥିଲେ । ଯେଉଁଠି ଅବୁ ସୁଫିୟାନ୍ ଓ ତା'ର ୨୦୦ ଅଶ୍ୱାରୋହୀଙ୍କ ସହିତ ମୁହାଁମୁହିଁ ହୋଇଥିଲେ । ଉଭୟ ପକ୍ଷଙ୍କ ପଟୁ କିଞ୍ଚିତ ତୀର ଚାଳନା ହୋଇଥିଲା । କିନ୍ତୁ ନିୟମିତ ଯୁଦ୍ଧ ହେଲା ନାହିଁ । ଏହା ପୂର୍ବରୁ ମୁସଲମାନ ଓ ଅବିଶ୍ୱାସକାରୀଙ୍କ ମଧ୍ୟରେ କେବେ ବି ତୀର ଚାଳନା ହୋଇ ନଥିଲା । ମୁସଲମାନମାନଙ୍କ ପକ୍ଷରୁ ହ. ସାଆଦ୍ ବିନ୍ ଅବି ୱକ୍କାସ୍ ର.ଅ ପ୍ରଥମ ତୀର ଚାଳନା କରିଥିଲେ । ଇସ୍‌ଲାମୀୟ ଇତିହାସରେ ତୀର ଚଳାଇବାର ଏହା ପ୍ରଥମ ଘଟଣା ଥିଲା । ହ. ସାଆଦ୍ ର.ଅ ଉକ୍ତ ଘଟଣା ଯୋଗୁଁ ଅତ୍ୟନ୍ତ ଗର୍ବ ଅନୁଭବ କରୁଥିଲେ । ପୁନଶ୍ଚ ଉଭୟ ପକ୍ଷ ନିଜ ନିଜ ଅଞ୍ଚଳକୁ ଫେରିଗଲେ । ثَنِيَّةُ الْمَرَه رَابِغ ସହରର ଉତ୍ତର ଦିଗରେ ପ୍ରାୟ 55 କି.ମି ବ୍ୟବଧାନରେ ଅବସ୍ଥିତ ଅଟେ ଏବଂ ମଦିନା ଠାରୁ ଏହାର ବ୍ୟବଧାନ 200 କି.ମି ଅଟେ । **(ଏଟ୍‌ଲସ୍ ସିରତୁନ୍ ନବୱୀ, ପୃ-196, ପ୍ରକାଶନ ସ୍ଥାନ- ଦାରୁସ୍ ସଲାମ୍, ରିୟାଜ୍ 1424 ହି.)**

ପୁନଶ୍ଚ ସରିୟା ହ. ସାଆଦ୍ ବିନ୍ ଅବି ୱକ୍କାସ ର.ଅ ଏକ କିମ୍ବା ଦୁଇ ହିଜ୍ରୀରେ ହୋଇଥିଲା । ରସୁଲୁଲ୍ଲାଃ ସ.ଅ କୁରୈଶମାନଙ୍କର ଏକ ବାଣିଜ୍ୟିକ ଦଳକୁ ରୋକିବା ନିମନ୍ତେ ହ. ସାଆଦ୍ ବିନ୍ ଅବି ୱକ୍କାସ୍ ର.ଅଙ୍କୁ ୨୦ ଜଣ ଲୋକମାନଙ୍କ ସମେତ ଅମୀର ରୂପେ ନିଯୁକ୍ତ କରି ପ୍ରେରଣ କଲେ ଏବଂ ଆଦେଶ ଦେଲେ ଯେ, ହେ ସାହାବାଗଣ ! ତୁମେମାନେ ଖର୍ରାର୍ ଘାଟି ଠାରୁ ଆଗକୁ ବଢିବ ନାହିଁ । ହ. ସାଆଦ୍ ର.ଅ ପାଦରେ ଚାଲି ଚାଲି ଗଲେ । ଦିନ ବେଳା ଲୁଚି ରହୁଥିଲେ ଏବଂ ରାତ୍ର ସମୟରେ ସେ ଯାତ୍ରା କରୁଥିଲେ । ଏପର୍ଯ୍ୟନ୍ତକି ସେ ଖରରାର୍ ଉପତ୍ୟକା ପର୍ଯ୍ୟନ୍ତ ପହଞ୍ଚିଗଲେ । କିନ୍ତୁ ଯେତେବେଳେ ସେହି ସୈନ୍ୟଦଳ ଖ୍ରାର ନାମକ ସ୍ଥାନରେ ପହଞ୍ଚିବା ପୂର୍ବରୁ ହିଁ ସେଠାରୁ ପ୍ରସ୍ଥାନ କରିଥିଲା । ତେଣୁ ଉଭୟ ସୈନ୍ୟଦଳ ପରସ୍ପର ମଧ୍ୟରେ କୌଣସି ସଂଘର୍ଷ ନକରି ଫେରି ଅସିଲେ । ସେମାନଙ୍କର ଏହି ଉଦ୍ଦେଶ୍ୟ ଥିଲା କି ସେମାନେ କୁରୈଶ୍‌ର ବାଣିଜ୍ୟିକ ଯାତ୍ରୀସମୂହକୁ ରୋକିବା । କିନ୍ତୁ ଯେତେବେଳେ ଉକ୍ତ ସୈନ୍ୟଦଳ ଖର୍ରାର ଠାରେ ପହଞ୍ଚିଲା ସେତେବେଳେ ଜଣା ପଡ଼ିଲା କି ଯାତ୍ରୀସମୂହ କାଲି ଏଠାରୁ ପ୍ରସ୍ଥାନ କରିଯାଇଛି । ଅତଃ ସେ କୌଣସି ଯୁଦ୍ଧ ନକରି ସେଠାରୁ ଫେରି ଆସିଲେ । ଖର୍ରାର ସଂପର୍କରେ ଉଲ୍ଲେଖ ରହିଛି ଯେ, ଏହାର ଅର୍ଥ ହେଉଛି ସ୍ୱର ସହିତ ପ୍ରବାହିତ ହେଉଥିବା ଜଳ ଓ ଖର୍ରାର ହିଜାଜ୍ ଅଞ୍ଚଳରେ ଜୁହ୍‌ଫା ନିକଟବର୍ତ୍ତୀ ଏକ ସ୍ଥାନର ନାମ ଅଟେ । **(ଏଟ୍‌ଲସ୍ ସିରତୁନ୍ ନବୱୀ ସ.ଅ, ପୃ-199, ପ୍ରକାଶନ ସ୍ଥାନ- ଦାରୁସ୍ ସଲାମ୍, ରିୟାଜ୍**

**1424 ହି.)**

ପୁନଶ୍ଚ ଆଉ ଏକ ଯୁଦ୍ଧ ହେଲା ଯାହାର ନାମ ହେଲା ୱଦ୍ଦାନ୍ । ଉକ୍ତ ଯୁଦ୍ଧ ସିଫର୍ ୨ ହିଜ୍ରୀରର ଘଟଣା ଅଟେ । ରସୁଲ୍ କରୀମ୍ ସ.ଅ ୬୦ କିମ୍ବା ୭୦ ଜଣ ସାହାବାମାନଙ୍କ ସହିତ ୱଦ୍ଦାନ୍ ଅଭିମୁଖେ ବାହାରିଥିଲେ । ଇବ୍‌ନେ ସାଆଦ୍ ନାମକ ଇତିହାସବିତ୍‌ଙ୍କ ନିକଟରେ ଏହା ପ୍ରଥମ ଯୁଦ୍ଧ ଅଟେ ଯହିଁରେ ଆଁହଜରତ ସ.ଅ ସାକ୍ଷାତ୍ ସାମିଲ୍ ହୋଇଥିଲେ । ଆପଣ ସ.ଅ ହ. ସାଆଦ୍ ବିନ୍ ଉବାଦାହ୍ ର.ଅଙ୍କୁ ମଦିନାରେ ନିଜର ନାଏବ୍ ଭାବରେ ନିଯୁକ୍ତ କରିଥିଲେ । ଆପଣ ସ.ଅ ଅବ୍‌ୱା ନାମକ ସ୍ଥାନ ପର୍ଯ୍ୟନ୍ତ ପହଞ୍ଚିଗଲେ । କୁରୈଶୀୟମାନଙ୍କର ବାଣିଜ୍ୟିକ ଦଳକୁ ରୋକିବା ଆପଣ ସ.ଅଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥିଲା । କିନ୍ତୁ ସେମାନେ ଆଁହଜରତ ସ.ଅଙ୍କ ପହଞ୍ଚିବା ପୂର୍ବରୁ ହିଁ ସେଠାରୁ ବାହାରି ଯାଇଥିଲେ ଅର୍ଥାତ୍ ପ୍ରସ୍ଥାନ କରିଥିଲେ । ଆପଣ ସ.ଅ ବନୁ ଜମ୍‌ରାହ୍‌ର ଅଧିପତି ମଖ୍‌ଶି ବିନ୍ ଉମ୍ରୋ ଜମ୍ରୀ ସହିତ ସନ୍ଧିର ଚୁକ୍ତି ସ୍ୱାକ୍ଷରିତ କଲେ । ଅତଏବ୍ ଉକ୍ତ ସନ୍ଧି ଅନୁସାରେ ଉଭୟ ପକ୍ଷ ପ୍ରତିପକ୍ଷଙ୍କ ଉପରେ ଆକ୍ରମଣ କରିବେ ନାହିଁ କି କୌଣସି ଦଳୀୟ ପକ୍ଷର ଶତ୍ରୁକୁ ସମର୍ଥନ ଜଣାଇବେ ନାହିଁ । ଉକ୍ତ ଯାତ୍ରାରେ ଆପଣ ସ.ଅ ୧୫ ଦିନ ମଦିନାରୁ ବାହାରେ ରହିଲେ । ୱଦ୍ଦାନ୍ ସଂପର୍କରେ ଉଲ୍ଲେଖ ରହିଛି ଯେ, ମକ୍କା ଓ ମଦିନାର ମଧ୍ୟବର୍ତ୍ତୀ ସ୍ଥାନ ରହିଛି । ଅବ୍‌ୱା ଠାରୁ 1300 କି.ମି ବ୍ୟବଧାନରେ ଅବସ୍ଥିତ ଅଟେ । ଯେଉଁଠି ରସୁଲୁଲ୍ଲାଃ ସ.ଅଙ୍କ ପିତାମାତାଙ୍କୁ କବର ଦିଆଯାଇଛି ବା ସମାଧିସ୍ଥ ଅଟନ୍ତି । ଜୁହ୍‌ଫା ଠାରୁ ଉକ୍ତ ସ୍ଥାନର ବ୍ୟବଧାନ ବା ଦୂରତା ପ୍ରାୟ 100 କି.ମି ଅଟେ । **(ଏଟ୍‌ଲସ୍ ସିରତୁନ୍ ନବୱୀ ସ.ଅ, ପୃ-202, ପ୍ରକାଶନ ସ୍ଥାନ- ଦାରୁସ୍ ସଲାମ୍, ରିୟାଜ୍ 1424 ହି.)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଉକ୍ତ ସ୍ଥାନ ମୁଁ ଏଇଥିପାଇଁ ବର୍ଣ୍ଣନା କରିଦେଉଛି ଯେ, କେତେକ ଅହେମଦି ଯେଉଁମାନେ ସେଠାରେ ଭ୍ରମଣକାରୀ, ଉମ୍ରାହ୍‌କାରୀ ଅଟନ୍ତି ଯେଉଁମାନେ ଉମ୍‌ରାହ୍ କରନ୍ତି ସେମାନେ ଇତିହାସ ସହିତ ଅବଗତ ହେବା ଯୋଗୁଁ ସେହି ସ୍ଥାନମାନଙ୍କରେ ଯିବାକୁ ଚାହାନ୍ତି ତେବେ ଟିକିଏ ସେହି ସ୍ଥାନମାନଙ୍କର ମଧ୍ୟ ପରିଚୟ ଟିକିଏ ହୋଇଯାଇଥାଏ ।

ବୱାତ୍ ଯୁଦ୍ଧ ରବିଉଲ୍ ଅୱଲ୍ ମାସ ୨ ହିଜ୍ରୀରେ ସଂଘଟିତ ହୋଇଥିଲା । ରସୁଲୁଲ୍ଲାଃ ସ.ଅ ହ. ସାଆଦ୍ ବିନ୍ ମୁଆଜ୍ ର.ଅଙ୍କୁ ମଦିନାର ଅମୀର୍ ଭାବରେ ନିଯୁକ୍ତ କରିଥିଲେ ଓ ନିଜର ଦୁଇ ସାହାବିଙ୍କ ସହିତ କୁରୈଶୀୟ ଦଳକୁ ରୋକିବା ନିମନ୍ତେ ବାହାରିଲେ । ଉକ୍ତ ଦଳରେ ଉମୈୟା ବିନ୍ ଖଲଫ୍‌ଙ୍କ ବ୍ୟତୀତ ଏକଶତ ଅନ୍ୟ କୁରୈଶୀୟ ଓ ଦୁଇ ହଜାର ପାଞ୍ଚ ଶହ ଓଟ ଥିଲେ । ଆପଣ ସ.ଅ ରଜ୍‌ୱାର ଆଖପାଖରେ ବୱାତ୍ ପହଞ୍ଚିଲେ କିନ୍ତୁ ସେଠାରେ (ବୱାତ୍) ଠାରେ ପହଞ୍ଚିବା ମାତ୍ରେ ଆପଣ ସ.ଅ କାହା ସହିତ ମୁହାଁମୁହିଁ ହୋଇ ନଥିଲେ ଏବଂ ଆପଣ ସ.ଅ ମଦିନା ଫେରି ଆସିଥିଲେ । ଉକ୍ତ ଯୁଦ୍ଧରେ ଧ୍ୱଜାର ରଙ୍ଗ ଧବଳ ବର୍ଣ୍ଣ ଥିଲା, ଯାହାକୁ ହ. ସାଆଦ୍ ବିନ୍ ଅବି ୱକ୍କାସ୍ ର.ଅ ଧରିଥିଲେ । ବୱାତ୍ ଯୁଦ୍ଧ ସଂକ୍ରାନ୍ତରେ ଉଲ୍ଲେଖ ରହିଛି ଯେ, ଜୁହେିନାହ୍ ସଂପ୍ରଦାୟର ଦୁଇଟି ପର୍ବତ ରହିଛି ଏବଂ ଏହା ମକ୍କା ଠାରୁ ସିରୀୟା ଅଭିମୁଖେ ଯାଉଥିବା ମାର୍ଗରେ ଅବସ୍ଥିତ ପର୍ବତ ଅଟେ । **(ଏଟ୍‌ଲସ୍ ସିରତୁନ୍ ନବୱୀ ସ.ଅ, ପୃ-204, ପ୍ରକାଶନ ସ୍ଥାନ- ଦାରୁସ୍ ସଲାମ୍, ରିୟାଜ୍ 1424 ହି.)**

ଉଶୈରାହ୍ ଯୁଦ୍ଧ: ଯେତେବେଳେ ଆଁହଜରତ ସ.ଅଙ୍କୁ ଏହି ସୂଚନା ପ୍ରାପ୍ତ ହେଲା ଯେ, କୁରୈଶ୍‌ର ଏକ ବାଣିଜ୍ୟିକ ଦଳ ମକ୍କାରୁ ବାହାରିଛି ଏବଂ ମକ୍କାବାସୀ ଉକ୍ତ ବାଣିଜ୍ୟିକ ଦଳ ଉପରେ ନିଜର ସମସ୍ତ ବାଣିଜ୍ୟିକ ଅର୍ଥ ବିନିଯୋଗ କରିଦେଇଥିଲେ। କାରଣ ଯେଉଁ ଲାଭ ପ୍ରାପ୍ତ ହେବ ତାହା ମୁସଲମାନମାନଙ୍କ ବିରୁଦ୍ଧରେ ଯୁଦ୍ଧରେ ବ୍ୟବହୃତ ହେବ । ସୁତରାଂ ଆପଣ ସ.ଅ ଜମାଦିଉଲ୍ ଉଲା ଅବା ଜମାଦିଉଲ୍ ସାନିୟା ୨ ହିଜ୍ରୀରେ ୧୫୦, ୨୦୦ ବ୍ୟକ୍ତିଙ୍କ ସମେତ ଯାତ୍ରାରେ ବାହାରି ପଡ଼ିଲେ । ଆପଣ ସ.ଅ ଯେତେବେଳେ ଉଶୈରାହ୍ ଠାରେ ପହଞ୍ଚିଲେ ସେତେବେଳେ ଏହା ଜାଣିବାକୁ ପାଇଲେ ଯେ, ସେହି ଦଳଟି ତ' କିଛି ଦିନ ପୂର୍ବରୁ ହିଁ ସେଠାରୁ ଚାଲି ଯାଇଛି । ଆପଣ ସ.ଅ କିଛି ଦିନ ସେଠାରେ ଅବସ୍ଥାନ କଲେ ଏବଂ ବନୁ ମୁଦଲ୍ଲଜ୍ ଅଞ୍ଚଳରେ ୟନ୍‌ବୁଅ ଆଖପାଖରେ ଏକ ସ୍ଥାନ ରହିଛି ଯାହାର ନାମ ହେଲା ଉଶୈରାହ୍ ଥିଲା । ଓ ବନୁ ଜମର୍‌ରାହ୍‌ର ମିତ୍ରମାନଙ୍କ ସହିତ ସନ୍ଧି କଲେ ଓ ଏହାପରେ ଆପଣ ସ.ଅ ମଦିନା ଫେରି ଆସିଲେ । ଏହି ଦଳଟି କୁରୈଶ୍‌ର ସେହି ଦଳ ଥିଲା ଯିଏ ସିରୀୟାରୁ ପ୍ରତ୍ୟାବର୍ତ୍ତନ ବେଳେ ଆପଣ ସ.ଅ ପୁନଃ ଉକ୍ତ ଦଳର ପିଛା କରିବା ପାଇଁ ବାହାରି ପଡ଼ିଲେ । ଫଳତଃ ଆପଣ ସ.ଅ ବଦର୍ ଯୁଦ୍ଧର ସମ୍ମୁଖୀନ ହେଲେ । **(ସବ୍‌ଲୁଲ୍ ହୁଦା, ଭାଗ-4, ପୃ-17, ଦାରୁଲ୍ କୁତୁବୁଲ୍ ଇଲମିୟାହ୍ ବୈରୁତ୍-1993) (ଫର୍‌ହଙ୍ଗେ (ଶବ୍ଦକୋଷ) ସିରତ୍, ପୃ-201, ପ୍ରକାଶନ ସଂସ୍ଥା-ଜୱାର୍ ଏକାଡ଼େମୀ କରାଚୀ-2003 ମସିହା)**

ବଦ୍ରୁଲ୍ ଉଲା ଯୁଦ୍ଧ: ରସୁଲୁଲ୍ଲାଃ ସ.ଅ ଯେତେବେଳେ ଉଶୈରାହ୍ ଯୁଦ୍ଧରୁ ମଦିନା ଫେରିଲେ ସେତେବେଳେ ଦଶ ଦିନ ମଧ୍ୟ ବିତି ନଥିଲା କି କୁର୍ଜ ବିନ୍ ଜାବିର ମଦିନାର ଗୋଚର ଭୂମି ଉପରେ ଆକ୍ରମଣ କରିଦେଲେ । ଆପଣ ସ.ଅ କୁର୍ଜ ବିନ୍ ଜାବିର୍‌ର ପିଛା କଲେ । ଆପଣ ସ.ଅ ହ. ଜୈଦ୍ ବିନ୍ ହାର୍ସାଙ୍କୁ ନିଜର ନାଏବ୍ (ଉପ ଅଧୀକ୍ଷ) ନିଯୁକ୍ତ କଲେ । ଆପଣ ସ.ଅ ବଦର୍ ନିକଟବର୍ତ୍ତୀ ସଫ୍‌ୱାନ୍ ଉପତ୍ୟକାରେ ପହଞ୍ଚିଲେ । ସଫ୍‌ୱାନ୍ ବଦର୍ ନିକଟବର୍ତ୍ତୀ ଏକ ଉପତ୍ୟକା ଅଟେ । କିନ୍ତୁ କୁର୍ଜ ବିନ୍ ଜାବିର୍ ଦ୍ରୁତ ଗତିରେ ଆଗକୁ ବାହାରିଗଲା ଓ ଆପଣ ସ.ଅ ତା'କୁ ଧରି ପାରିଲେ ନାହିଁ । ଏହି କାରଣରୁ ଉକ୍ତ ଯୁଦ୍ଧକୁ ବଦ୍‌ରୁଲ୍ ଉଲା କୁହାଯାଏ ଅତଏବ ଏହାପରେ ଆପଣ ସ.ଅ ମଦିନା ପୁନଃ ଫେରି ଆସିଲେ । **(ସିରତ୍ ଇବ୍‌ନେ ହିଶ୍ଶାମ୍, ପୃ412, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍-2001 ମସିହା)(ଏଟ୍‌ଲସ୍ ସିରତୁନ୍ ନବୱୀ ସ.ଅ, ପୃ-206, ପ୍ରକାଶନ ସ୍ଥାନ- ଦାରୁସ୍ ସଲାମ୍, ରିୟାଜ୍ 1424 ହି.)**

ଉକ୍ତ ଯୁଦ୍ଧକୁ ବଦ୍‌ରୁଲ୍ ଉଲା ଏଇଥି ପାଇଁ କୁହାଯାଏ ଯେ, ବଦର ଭୂମିର ଏକ ପାର୍ଶ୍ୱ ସଫ୍‌ୱାନ୍ ପର୍ଯ୍ୟନ୍ତ ମୁସଲମାନମାନଙ୍କର ବିଶାଳ ସୈନ୍ୟ ବାହିନୀ ପରିବ୍ୟାପ୍ତ ଥିଲା । ଉକ୍ତ ଜୀବନୀ ସିରତୁଲ୍ ହଲବିୟାହରେ ବର୍ଣ୍ଣିତ ହୋଇଛି । **(ଅସ୍ ସିରତୁଲ୍ ହଲବିୟାହ୍, ଭାଗ-2, ପୃ-177, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍-2002 ମସିହା)**

କୁର୍ଜ ବିନ୍ ଜାବିର୍ ସଂକ୍ରାନ୍ତରେ ହ. ମିର୍ଜା ବଶୀର୍ ଅହେମଦି ସାହେବ ଉଲ୍ଲେଖ କରିଛନ୍ତି ତତ୍‌ସଂକ୍ରାନ୍ତରେ ସେ କୁହନ୍ତି ଯେ, କୁର୍ଜ ବିନ୍ ଜାବିର୍‌ଙ୍କ ଏହି ଆକ୍ରମଣ ଏକ ସାଧାରଣ ଗାଉଁଲିଆ ହତ୍ୟାକାଣ୍ଡ ନଥିଲା । ବରଂ ନିଃସନ୍ଦେହ ରୂପେ ତାହା କୁରୈଶ ପକ୍ଷରୁ ମୁସଲମାନମାନଙ୍କ ବିରୁଦ୍ଧରେ ପ୍ରାୟୋଜିତ ଓ ସୁଚିନ୍ତିତ ଉଦ୍ଦେଶ୍ୟ ରଖି ହୋଇଥିଲା ତାହା ନୁହେଁ । ବରଂ ସମ୍ଭବତଃ ତା'ର ଉଦ୍ଦେଶ୍ୟ ବିଶେଷ କରି ଆଁହଜରତ ସ.ଅଙ୍କ ଅସ୍ତିତ୍ୱକୁ କ୍ଷତି ପହଞ୍ଚାଇବା ହୋଇଥାଇ ପାରେ । କିନ୍ତୁ ସେ ମୁସଲମାନମାନଙ୍କୁ ସତର୍କ ଥିବାର ଦେଖି ମୁସଲମାନମାନଙ୍କର ଓଟ ଚୋରି କରି ଖସିଗଲା । ତହିଁରୁ ଏହା ଜ୍ଞାତ ହୁଏ ଯେ, ମକ୍କାର କୁରୈଶ୍‌ମାନେ ଏହି ସଂକଳ୍ପ କରି ନେଇଥିଲେ ଯେ, ମଦିନା ଉପରେ ଚଢଉ କରି ମୁସଲମାନମାନଙ୍କର ବିନାଶ ସାଧନ କରିଦିଆଯାଉ । ଏକଥା ମନେ ରଖିବା ଉଚିତ ଯେ, ଏହା ପୂର୍ବରୁ ମୁସଲମାନମାନଙ୍କୁ ଜିହାଦ୍ ବିସ୍ ସୈଫ୍ କରିବାର ଅନୁମତି ମିଳି ସାରିଥିଲା ଏବଂ ସେମାନେ ଆତ୍ମରକ୍ଷା ଦୃଷ୍ଟିରେ ତତ୍‌ସଂକ୍ରାନ୍ତରେ ପ୍ରାରମ୍ଭିକ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରିବାକୁ ଆରମ୍ଭ କରି ଦେଇଥିଲେ । କିନ୍ତୁ ବର୍ତ୍ତମାନ ସୁଦ୍ଧା ସେମାନଙ୍କ ପକ୍ଷରୁ ଅବିଶ୍ୱାସକାରୀମାନଙ୍କୁ ବ୍ୟବହାରିକ କୌଣସି ପ୍ରକାରରେ ଧନ, ଜୀବନ ହାନୀ ପହଞ୍ଚି ନଥିଲା । କିନ୍ତୁ କୁର୍ଜ ବିନ୍ ଜାବିର୍‌ର ଆକ୍ରମଣ କରିବା ଦ୍ୱାରା ମୁସଲମାନମାନଙ୍କୁ ବ୍ୟବହାରିକ ରୂପେ ତଥା ଜାଣିଶୁଣି କ୍ଷତି ସହ୍ୟ କରିବାକୁ ପଡ଼ିଥିଲା । ଅର୍ଥାତ୍ ମୁସଲମନମାନଙ୍କ ପକ୍ଷରୁ କୁରୈଶ୍‌ର ଚ୍ୟାଲେଞ୍ଜି ସ୍ୱୀକାର କରି ନେବା ପରେ ମଧ୍ୟ ବ୍ୟବହାରିକ ତଥା ଯୁଦ୍ଧ କରିବାରେ ଅବିଶ୍ୱାସକାରୀମାନେ ଆଗୁଆ ପଦକ୍ଷେପ ଗ୍ରହଣ କରିଥିଲେ । **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ହ. ସହେବ୍‌ଜାଦା ମିର୍ଜା ବଶୀର୍ ଅହେମଦ ସାହେବ ଏମ.ଏ ର.ଅ, ପୃ-330, ପ୍ରକାଶନ ବର୍ଷ -1996 ମସିହା)**

ପୁନଶ୍ଚ ଆଉ ଏକ ସରିୟା ରହିଛି ଯାହାର ନାମ ହେଲା ଅବ୍‌ଦୁଲ୍ଲାଃ ବିନ୍ ହଜଶ୍ ର.ଅ । ଉକ୍ତ ସରିୟା ମକ୍କା ବିକଟବର୍ତ୍ତୀ ନଖ୍‌ଲା ନାମକ ଉପତ୍ୟକା ଠାରେ ହୋଇଥିଲା । ଏ ସଂପର୍କରେ ଉଲ୍ଲେଖ ରହିଛି ଯେ, ରସୁଲ କରୀମ୍ ସ.ଅ ରଜବ୍ ମାସରେ ହ. ଅବ୍‌ଦୁଲ୍ଲାଃ ବିନ୍ ହଜଶ୍ ର.ଅଙ୍କୁ ୮ ଜଣ ପ୍ରବାସକାରୀଙ୍କ ସହିତ ପ୍ରେରଣ କରିଥିଲେ । ତନ୍ମଧ୍ୟରେ ଅନସାରମାନଙ୍କର କୌଣସି ବ୍ୟକ୍ତି ନଥିଲା। ସେମାନଙ୍କୁ ଏକ ପତ୍ର ଲେଖି ଦେଲେ ଓ ଆଦେଶ ଦେଲେ ଯେ, ଉକ୍ତ ପତ୍ରକୁ ଦୁଇ ଦିନର ଯାତ୍ରାରେ କରିବା ପରେ ଦେଖିବା ଅର୍ଥାତ ପତ୍ର ଖୋଲି ପାଠ କରିବ ଏବଂ ତନ୍ମଧ୍ୟରେ ଉଲ୍ଲିଖିତ ଥିବା ଆଦେଶାବଳୀ ଅନୁଯାୟୀ ଏହାକରୁ କାର୍ଯ୍ୟକାରୀ କରାଇବ ଓ ନିଜର କୌଣସି ସାଥିକୁ ନିଜ ସାହିତ ଯିବା ନିମନ୍ତେ ବାଧ କରିବା ନାହିଁ।

**ଅଲ୍ଲାଃତାଲାଙ୍କ ବାଣୀ**

"ୱମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"
(ଅଲ୍ ହଜ୍:31)

ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢ଼ି ପ୍ରେରଣ କରିଛୁ ।

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"
(ଆଲେ ଇମ୍ରାନ୍ :93)

ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Kerang, Darul Barkat (Odisha)

ଯେତେବେଳେ ହ. ଅବଦ୍ଧୁଲ୍ଲାଃ ବିନ୍ ହଜଶ ର.ଅ ଦୁଇ ଦିନ ଯାତ୍ରା କରିବା ପରେ ସେହି ଆଦେଶନାମାକୁ ଖୋଲି ପାଠ କଲେ ସେତେବେଳେ ଉକ୍ତ ପତ୍ରରେ ଉଲ୍ଲେଖ ଥିଲା କି ତୁମେ ଯେତେବେଳେ ମୋର ଏହି ପତ୍ର କୁ ଖୋଲି ଦେଖିବ ସେତେବେଳେ ତୁମେ ନିଜର ଯାତ୍ରା ଜାରି ରଖିବ । ଏପର୍ଯ୍ୟନ୍ତକି ତୁମେ ନଖଲା ନାମକ ସ୍ଥାରେ ଯାହାକି ତାଏଫ୍ ଓ ମକ୍କାର ମଧ୍ୟରେ ଅବସ୍ଥିତ ଏକ ସ୍ଥାନ ଅଟେ ସେଠାରେ ଯାଇ ପହଞ୍ଚିଯିବ ଓ ସେଠାରେ କୁରୈଶର ଗତିବିଧି ଉପରେ ଲକ୍ଷ୍ୟ ରଖିବ ଏବଂ ଆମକୁ ସେମାନଙ୍କର ଅବସ୍ଥା ସଂପର୍କରେ ଅବଗତ କରାଇବ । ସୁତରାଂ ହ. ଅବଦ୍ଧୁଲ୍ଲାଃ ବିନ୍ ଜହଶ୍ ର.ଅ ଉକ୍ତ ଲେଖନୀକୁ ଖୋଲି ଦେଖିଲେ ସେତେବେଳେ କହିଲେ, ମୋ ଉପରେ (ପାଇଁ) ଶୁଣିବା ଓ ଆଜ୍ଞା ପାଳନ କରିବା ବିଧେୟ । ଆପଣ ର.ଅ ନିଜର ସାଥିମାନଙ୍କୁ କହିଲେ, ରସୁଲୁଲ୍ଲାଃ ସ.ଅ ମୋତେ ଆଦେଶ ଦେଲେ ଯେ, ମୁଁ ନଖଲା ଅଭିମୁଖେ ଯିବି ଓ ସେଠାରେ କୁରୈଶମାନଙ୍କର ଗତିବିଧି ଉପରେ ନଜର ରଖିବି। ରସୁଲ୍ କରୀମ୍ ସ.ଅଙ୍କୁ କୁରୈଶମାନଙ୍କର ପରିସ୍ଥିତି ସହିତ ଅବଗତ କରାଇ ଦେବି ଏବଂ ମୋତେ ବାରଣ କରିଛନ୍ତି ଯେ, ମୁଁ ତୁମମାନଙ୍କ ମଧ୍ୟରୁ କାହାରିକୁ ବି ମୋ ସହିତ ଚାଲିବାକୁ ବାଧ୍ୟ କରିବି । ଅର୍ଥାତ୍ ବାରଣ କରିଛନ୍ତି  ଯେ, ତୁମମାନଙ୍କୁ ବାଧ୍ୟ କରିପାରିବ ନାହିଁ । ସୁତରାଂ ତୁମମାନଙ୍କୁ ମଧ୍ୟରୁ ଯେଉଁ ବ୍ୟକ୍ତି ଶହୀଦ୍ ହେବା ନିମନ୍ତେ ଅଭିଳାଷୀ ସେ ମୋ ସହିତ ଚାଲିଆସୁ ଓ ଯିଏ ଫେରିଯିବାକୁ ଚାହୁଁଛି ସେ ଫେରିଯାଉ । କିନ୍ତୁ ସେହି ସାଥିମାନଙ୍କ ମଧ୍ୟରୁ କେହି ବି ପଛକୁ ଫେରିଲେ ନାହିଁ । ସମସ୍ତେ ହିଜାଜ୍ ଅଭିମୁଖେ ବାହାରିଲେ । ମାର୍ଗରେ ଏକ ସ୍ଥାନରେ ହ. ସାଆଦ୍ ବିନ୍ ଅବି ୱକ୍କାସ୍ ର.ଅ ଓ ହ. ଉତ୍‌ବା ବିନ୍ ଗଜ୍‌ୱାନ୍‌ଙ୍କ ଓଟ କୁଆଡ଼େ ହଜି ଯାଇଥିଲା ଯାହାର ସନ୍ଧାନରେ ଏମାନେ ପଛରେ ରହି ଯାଇଥିଲେ ଏହାର ଅପରପକ୍ଷେ ହ. ଅବଦ୍ଧୁଲ୍ଲାଃ ବିନ୍ ହଜଶ୍ ର.ଅଙ୍କ ଅନ୍ୟ ସାଥିମାନେ ସମସ୍ତେ ନଖ୍‌ଲା ଠାରେ ପହଞ୍ଚି ଯାଇଥିଲେ ।  ସେଠାରେ  କୁରୈଶ୍‌ର ଏକ ଯାତ୍ରୀଦଳ ଅତିକ୍ରମ କଲା ଯିଏ କିଶ୍‌ମିଶ, ଚମ୍‌ଡ଼ା ଓ କୁରୈଶ୍‌ର ବାଣିଜ୍ୟକ ସାମଗ୍ରୀ ବହନ କରି ଯାଉଥିଲା । ଉକ୍ତ ଯାତ୍ରୀସମୂହରେ ଅମ୍ର ବିନ୍ ହଜ୍ରମି ମଧ୍ୟ ସାମିଲ୍ ଥିଲା । ମକ୍କାର ଅବିଶ୍ୱାସକାରୀ କୁରୈଶ୍‌ମାନେ ଯେତେବେଳେ ସେଠାରେ ମୁସଲମାନମାନଙ୍କୁ ଦେଖିଲେ ସେତେବେଳେ ସେମାନେ ଆତଙ୍କିତ ହୋଇଯାଇଥିଲେ । ହ. ଉକ୍କାଶା ବିନ୍ ମିହ୍‌ସନ୍ ର.ଅ ସେମାନଙ୍କ ସମ୍ମୁଖରେ ପ୍ରକଟ ହେଲେ । ସେମାନେ ନିଜର କେଶ ମୁଣ୍ଡନ କରିଥିଲେ । ଅବଜ୍ଞାକାରୀମାନେ ସେମାନଙ୍କୁ ଦେଖି ଆଶ୍ୱସ୍ତ ଅନୁଭବ କଲେ ଓ କହିବାକୁ ଲାଗିଲେ, କିଛି ଭୟ କରିବାର ଆବଶ୍ୟକତା ନାହିଁ ଲୋକମାନେ ଉମ୍ରାହ୍ କରିବାକୁ ଯାଉଛନ୍ତି । ପୁନଶ୍ଚ ମୁସଲମାନମାନେ ସେଠାରେ ପରାମର୍ଶ କରେ କି ଆଜି ରଜବ ମାସର ଶେଷ ଦିନ ଅଟେ । ଆମେମାନେ ଯଦି ଏମାନଙ୍କ ସହିତ ଯୁଦ୍ଧ କରୁ ଓ ଏମାନଙ୍କୁ ବଧ କରିଦେଉ ତାହାହେଲେ ଉକ୍ତ ମାସଟି ପବିତ୍ର ଏବଂ ଅବୈଧ ମାସ ଅଟେ । ଉକ୍ତ ମାସରେ ବଧ କରିବା ଅବୈଧ ଅଟେ । ଆଉ ଯଦି ଆଜି ଅପେକ୍ଷା କଲୁ ତାହାହେଲେ ତେବେ ଏମାନେ ହରମ୍ ସୀମାରେ ପ୍ରବେଶ କରି ଆମ ହାତରୁ ଖସିଯିବେ । ତେଣୁ ସମସ୍ତ ମୁସଲମାନମାନେ ଏକମତ ହୋଇ କହିଲେ ଯେ, ଯାତ୍ରୀଦଳ ଉପରେ ଆକ୍ରଣ କରିଦିଆଯାଉ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଉକ୍ତ ବିବରଣୀଟି ସାହାବାମାନଙ୍କ ଚର୍ଚ୍ଚାରେ ଏକଦା ପୂର୍ବେ ମଧ୍ୟ ବର୍ଣ୍ଣିତ ହୋଇ ସାରିଛି ।

ହ. ୱକିଦ୍ ବିନ୍ ଅବଦ୍ଧୁଲ୍ଲାଃ ତମିମି ର.ଅ ଏକ ତୀର ଅମ୍ର ବିନ୍ ହଜ୍ରମୀକୁ ଏପରି ଭାବରେ ଶରାଘାତ କଲେ ଯେ, ସେ ମୃତ୍ୟୁବରଣ କଲା ଓ ମୁସଲମାନମାନେ ଦୁଇ ଜଣଙ୍କୁ ବନ୍ଦୀ କରି ମଦିନା ନେଇ ଆଁହଜରତ ସ.ଅଙ୍କ ସମ୍ମୁଖରେ ଉପସ୍ଥିତ ହେଲେ । । ତେଣୁ ସେମାନେ କୁରୈଶ୍‌ମାନଙ୍କ ଉପରେ ଆକ୍ରମଣ କରିଦେଲେ ଓ ତାଙ୍କର ଜଣେ ଅଧିପତି ଉମ୍ରୋ ବିନ୍ ହଜ୍‌ରମୀକୁ ହତ୍ୟା କରିଦେଲେ । ହ. ଅବ୍‌ଦ୍ଧୁଲ୍ଲାଃ ବିନ୍ ହଜଶ୍ ର.ଅ ଦୁଇ ଜଣ କୈଦୀ ଓ ଓଟକୁ ଧରି ରସୁଲୁଲ୍ଲାଃ ସ.ଅଙ୍କ ନିକଟକୁ ମଦିନାରେ ଉପସ୍ଥିତ ହୋଇଗଲେ । ଯେତେବେଳେ ହ. ଅବ୍‌ଦ୍ଧୁଲ୍ଲାଃ ବିନ୍ ହଜଶ ର.ଅ ଓଟ ଏବଂ ସେହି ଦୁଇ କଏଦୀଙ୍କୁ ଧରି ମଦିନାରେ ଆଁହଜରତ ସ.ଅଙ୍କ ସେବାରେ ଉପସ୍ଥିତ ହେଲେ ସେତେବେଳେ ଆପଣ ସ.ଅ କହିଲେ, ମୁଁ ତୁମକୁ ଏହି ଆଦେଶ ଦେଇ ନଥିଲି ଯେ, ତୁମେ ହୁର୍‌ମତ୍ (ନିଷିଦ୍ଧ) ମାସରେ ଯୁଦ୍ଧ କରିବା। ଆପଣ ସ.ଅ ଓଟ ଏବଂ ଦୁଇ କଏଦୀଙ୍କୁ ପ୍ରତ୍ୟାଖ୍ୟାନ କରିଦେଲେ । ଅର୍ଥାତ୍ ଆଁହଜରତ ସ.ଅ ହ. ଅବଦ୍ଧୁଲ୍ଲାଃ ବିନ୍ ହଜଶ୍ ର.ଅଙ୍କର କୌଣସି ଜିନିଷ ଗ୍ରହଣ କଲେ ନାହିଁ ବରଂ ପ୍ରତ୍ୟାଖ୍ୟାନ କରିଦେଲେ । **(ସିରତ୍ ଇବ୍‌ନେ ହିଶ୍ଶାମ୍, ପୃ-414 -412, ଦାରୁଲୁ କୁତୁବୁଲ୍ ଇଲ୍‌ମିୟା, ବୈରୁତ୍-2001 ମସିହା)**

ଏହା କୁହାଯାଏ ଯେ, ଧନ ଫେରସ୍ତ କରିବା ଅଭିପ୍ରାୟ ଥିଲା ତାହା ନୁହେଁ ବରଂ ଆପଣ ସ.ଅ  ହ. ଅବ୍‌ଦ୍ଧୁଲ୍ଲାଃ ବିନ୍ ହଜଶ୍ ର.ଅଙ୍କୁ  ଅତି ଉତ୍ତମ ଅଭିବାଦନ ଜଣାଇ ଥାଆନ୍ତେ କି ତୁମେ ଅତ୍ୟନ୍ତ ଭଲ କାମ କରିଛ । ହେଲେ ଆପଣ ସ.ଅ କହିଲେ, ତୁମେ ଅତ୍ୟନ୍ତ ଭୁଲ କାମ କରିଛ ।

ଅନ୍ୟ ପାର୍ଶ୍ୱରେ କୁରୈଶ୍‌ମାନେ ମଧ୍ୟ ବିକ୍ଷୋଭ ପ୍ରଦର୍ଶନ କଲେ ଯେ, ମୁସଲମାନମାନେ ହୁର୍ମତ୍ ମାସର ନିୟମ ଉଲ୍ଲଂଘନ କରିଛନ୍ତି । ଯେଉଁ ବ୍ୟକ୍ତି ମୃତ୍ୟୁବରଣ କରିଥିଲା ଅର୍ଥାତ ଅମ୍ର ବିନ୍ ହଜ୍ରମୀ ସେ ଏକ ଧନାଢ୍ୟ ବ୍ୟକ୍ତି ଥିଲା । ସେ ମକ୍କାର ଅଧିପତି ଉତ୍‌ବା ବିନ୍ ରବିଇୟାହ୍‌ର ମିତ୍ର ଥିଲା ।  ଅତଃ ଉକ୍ତ ଘଟଣା କୁରୈଶମାନଙ୍କର କ୍ରୋଧାଗ୍ନିକୁ ଦ୍ୱିଗୁଣିତ କରିଦେଲା । ସେମାନେ ପୂର୍ବାପେକ୍ଷା ଆହୁରି ଉତ୍ସାହ ଓ ଆବେଗର ସହିତ ମଦିନା ଉପରେ ଆକ୍ରମଣ କରିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଲେ । ସୁତରାଂ ବଦର ଯୁଦ୍ଧ ଅଧିକାଂଶ ବାବ୍‌ରେ (ଅଧ୍ୟାୟରେ) କୁରୈଶମାନଙ୍କର ଏହି ପ୍ରସ୍ତୁତି ଏବଂ ଉତ୍ସାହ ଜନିତ ଶତ୍ରୁତାର ପରିଣାମ ଥିଲା। ଅତଃ ଉକ୍ତ ଘଟଣା ଯୋଗୁଁ ମୁସଲମାନ ଏବଂ ଅବିଶ୍ୱାସକାରୀ ଉଭୟଙ୍କ ମଧ୍ୟରେ ଗୁଣୁଗୁଣୁ କଥାବାର୍ତ୍ତା ହେଲେ ଏବଂ ପରିଶେଷରେ ନିମ୍ନୋକ୍ତ କୁରଆନୀୟ ଐଶୀବାଣୀ ଅବତୀର୍ଣ୍ଣ ହେଲା ଏବଂ ଏହା ମୁସଲମାନମାନଙ୍କର ଆଶ୍ୱସ୍ତିର କାରଣ ହେଲା । ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ କୁହନ୍ତି: " يَسْـَٔلُوْنَكَ عَنِ الشَّهْرِ الْحَرَامِ قِتَالٍ فِيْهِ ۭ قُلْ قِتَالٌ فِيْهِ كَبِيْرٌ ۭ وَصَدٌّ عَنْ سَبِيْلِ اللّٰهِ وَكُفْرٌۢ بِهٖ وَالْمَسْجِدِ الْحَرَامِ ۤ وَاِخْرَاجُ اَهْلِهٖ مِنْهُ اَكْبَرُ عِنْدَ اللّٰهِ ۚ وَالْفِتْنَةُ اَكْبَرُ مِنَ الْقَتْلِ ۭ وَلَا يَزَالُوْنَ يُقَاتِلُوْنَكُمْ حَتّٰى يَرُدُّوْكُمْ عَنْ دِيْنِكُمْ اِنِ اسْتَطَاعُوْا" **(ଅଲ୍ ବକ୍‌ରାହ୍: 218)** ଅର୍ଥାତ୍ ଏମାନେ (ଲୋକମାନେ) ମର୍ଯ୍ୟାଦାପୂର୍ଣ୍ଣ ମାସରେ ଯୁଦ୍ଧ କରିବା ସଂକ୍ରାନ୍ତରେ ତୁମ୍ଭକୁ ପ୍ରଶ୍ନ କରୁଛନ୍ତି । ତୁମ୍ଭେ କୁହ ଏଥି ମଧ୍ୟରେ (ଉକ୍ତ ମାସରେ) ଯୁଦ୍ଧ କରିବା ଏକ ଗର୍ହିତ କାର୍ଯ୍ୟ ଏବଂ ଅଲ୍ଲାଃତାଲାଙ୍କ ପଥରୁ ନିବୃତ୍ତ କରିବା ଓ ତାହାଙ୍କୁ ଅର୍ଥାତ୍ ଅଲ୍ଲାଃତାଲାଙ୍କୁ ଏବଂ ମର୍ଯ୍ୟାଦପୂର୍ଣ୍ଣ ମସ୍‌ଜିଦ୍‌କୁ ଅସ୍ୱୀକାର କରିବା ସେଠାକାର ନିବାସୀମାନଙ୍କୁ ତହିଁରୁ ବିତାଡ଼ିତ କରିବା ଅଲ୍ଲାଃତାଲାଙ୍କ ନିକଟରେ ଏହାଠାରୁ ମଧ୍ୟ ଅଧିକ ଗର୍ହିତ କାର୍ଯ୍ୟ ଅଟେ । ଉପଦ୍ରବ ଓ ବିଶୃଙ୍ଖଳା ହତ୍ୟା ଅପେକ୍ଷା ଅଧିକ ଗୁରୁତର ପାପ ଅଟେ ଏବଂ ଏମାନଙ୍କର ଶକ୍ତି ଥିଲେ ଏମାନେ ତୁମମାନଙ୍କୁ ତୁମମାନଙ୍କ ଧର୍ମ ବିଶ୍ୱାସରୁ ଫେରାଇ ନ ଆଣିବା ପର୍ଯ୍ୟନ୍ତ ଯୁଦ୍ଧ କରୁଥିବେ ।

ସେ ଯାହା ହେଉ ଅଲ୍ଲାଃତାଲା ଜାଣିଥିଲେ ଯେ, ଏହି ଅବିଶ୍ୱାସକାରୀମାନେ ମୁସଲମାନମାଙ୍କୁ ଧର୍ମରୁ ଓହରାଇବା ନିମନ୍ତେ ଆପ୍ରାଣ ଉଦ୍ୟମ କରୁଛନ୍ତି ଓ ଏଥିପାଇଁ ସେତେବେଳେ ଯେଉଁ ଆଚରଣ ପ୍ରଦର୍ଶ କରାଗଲା ସେଥିପାଇଁ ଅଲ୍ଲାଃତାଲା ସେତେବେଳେ କୌଣସି ଅପ୍ରସନ୍ନତା ପରିପ୍ରକାଶ କଲେ ନାହିଁ ।

ସୁତରାଂ ଇତିହାସରୁ ଏହା ପ୍ରମାଣିତ ଯେ, ଇସ୍‌ଲାମ୍ ଧର୍ମ ବିରୁଦ୍ଧରେ କୁରୈଶ୍‌ମାନଙ୍କର ଅଧିପତିମାନେ ନିଜର ନରହନ୍ତା କୁମନ୍ତ୍ରଣାକୁ କେବଳ ଅଶ୍‌ହରେ ହରାମ୍ (ମର୍ଯ୍ୟାଦାପୂର୍ଣ୍ଣ ମାସ ଯହିଁରେ ଯୁଦ୍ଧ କରିବା ଗର୍ହିତ କାର୍ଯ୍ୟ ଅଟେ ।)ରେ ମଧ୍ୟ ଅହରହ ଭାବରେ ଅବ୍ୟାହତ ରଖିଥିଲେ ତାହା ନୁହେଁ ବରଂ ଅଶ୍‌ହରେ ହୁରୁମ୍‌ର ଏକତ୍ର ଏବଂ ଯାତ୍ରାରୁ ଲାଭାନ୍ୱିତ ହୋଇ ସେମାନେ ସେହି ମାସରେ ନିଜ ନିଜର ଉପଦ୍ରବମୂଳକ  କାର୍ଯ୍ୟାନୁଷ୍ଠାନକୁ ଆହୁରି ତ୍ୱରାନ୍ୱିତ କଲେ ଏବଂ ଅତ୍ୟନ୍ତ ନିର୍ଲଜ୍ଜତା ସହିତ ନିଜର ମନକୁ ମିଛ ପ୍ରତିଶୃତି ଦେବା ନିମନ୍ତେ ସେମାନେ ମର୍ଯ୍ୟାଦାପୂର୍ଣ୍ଣ ମାସକୁ ନିଜ ସ୍ଥାନରୁ ସ୍ଥାନାନ୍ତରିତ କରିଦେଉଥିଲେ । ଏହାକୁ ସେମାନେ ନସିୟା ନାମ ବୋଲି ଆଖ୍ୟାୟିତ କରୁଥିଲେ । ସୁତରାଂ ଉକ୍ତ ଉତ୍ତର ଯୋଗୁଁ ମୁସଲମାନମାନଙ୍କର ଆଶ୍ୱସ୍ତି ମିଳିବା ଅବଶ୍ୟ ଥିଲା । ହୁରମତ୍ ମାସରେ ଉକ୍ତ ଆକ୍ରମଣ ଯୋଗୁଁ ଅଲ୍ଲାଃତାଲା ମୁସଲମାନମାନଙ୍କୁ ଅଶ୍ୱସ୍ତି ଓ ସାନ୍ତ୍ୱନା ସକାଶେ ସୁରତୁଲ୍ ବକ୍‌ରାହ୍‌ର ଆୟତ୍ ୨୧୮ ଐଶୀ ସ୍ୱରୂପ ଅବତୀର୍ଣ୍ଣ କଲେ । ଉକ୍ତ ଆୟତ୍ ଫଳରେ ମୁସଲମାନମାନଙ୍କୁ ଯେଉଁଠି ଆଶ୍ୱସ୍ତି ମିଳିଲା ସେଠାରେ କୁରୈଶ୍‌ମାନେ ମଧ୍ୟ ଶିଥିଳ ପଡିଗଲେ । ସେମାନେ ଜାଣି ପାରିଲେ ଯେ, ଐଶୀବାଣୀ ଅବତୀର୍ଣ୍ଣ ହୋଇଛି ଏବଂ ଇତି ମଧ୍ୟରେ  ସେମାନଙ୍କର ଲୋକମାନେ ମଧ୍ୟ ନିଜର ବନ୍ଦୀମାନଙ୍କୁ ମୁକୁଳାଇବା ନିମନ୍ତେ ମଦିନା ପର୍ଯ୍ୟନ୍ତ ପହଞ୍ଚି ଗଲେ । କିନ୍ତୁ ଏପର୍ଯ୍ୟନ୍ତ ସାଆଦ୍ ବିନ୍  ଅବି ୱକ୍କାସ ଓ ଉତ୍‌ବା ଫେରି ନଥିଲେ ଏବଂ ଆଁହଜରତ ସ.ଅଙ୍କୁ ତାଙ୍କ

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ଅଲ୍ଲାଃତାଲାଙ୍କ ମାର୍ଗରେ ନିଜର ପ୍ରିୟ ଧନକୁ ବ୍ୟୟ କରିବା ମଧ୍ୟ ମନୁଷ୍ୟର ସୌଭାଗ୍ୟ, ଧର୍ମପରାୟଣତା ସ୍ତରର କଷଟି ପଥର ଅଟେ ।"

(ମଲଫୁଜାତ୍, ଖଣ୍ଡ-2, ପୃ-96, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ:  Abdul Malik, S/o- Late Abdur Rahman, Jamat Ahmadiya Karadapalli (Odisha)

ସଂକ୍ରାନ୍ତରେ ଅତ୍ୟନ୍ତ ଭୟ ତଥା ଆଶଙ୍କା ରହିଥିଲା ଯେ, ଯଦି ସେମାନେ କୁରୈଶ୍ ହାତରେ ଧରା ପଡ଼ିଗଲେ ତାହାହେଲେ କୁରୈଶ୍‌ମାନେ ସେମାନଙ୍କୁ ଜୀବିତ ଛାଡ଼ିବେ ନାହିଁ। ତେଣୁ ଆପଣ ସ.ଅ ସେମାନଙ୍କ ଫେରିବା ପର୍ଯ୍ୟନ୍ତ ବନ୍ଦୀମାନଙ୍କୁ ଛିଡ଼ାବା ପାଇଁ ଅସ୍ୱୀକାର କରିଦେଲେ ଓ କହିଲେ ଯେ, ମୋର ଲୋକମାନେ ମଦିନା ପର୍ଯ୍ୟନ୍ତ ସକୁଶଳେ ପହଞ୍ଚି ଯାଆନ୍ତୁ ତେବେଯାଇ ମୁଁ ତୁମମାନଙ୍କର ଲୋକମାନଙ୍କୁ ଛାଡ଼ିଦେବି। ଏହାପରେ ଆଁହଜରତ ସ.ଅ ହ. ସାଆଦ୍ ବିନ୍ ଅବି ୱକ୍କାସ୍ ର.ଅ ଓ ହ. ଅତ୍‌ବା ବିନ୍ ଗଜ୍‌ୱାନଙ୍କ ସୁରକ୍ଷିତ ରୂପେ ଆସିବା ସର୍ତ୍ତରେ କୁରୈଶ୍‌ମାନଙ୍କର ଦୁଇ ଜଣ ବନ୍ଦୀଙ୍କୁ ଫିଦିୟା ନେଇ ମୁକ୍ତ କରିଦେଲେ । ସୁତରାଂ ଯେତେବେଳେ ସେହି ଦୁଇ କଏଦୀମାନେ ମୁକ୍ତ ହୋଇ ସେଠାରେ ପହଞ୍ଚିଗଲେ ସେତେବେଳେ ଆପଣ ସ.ଅ ଫିଦିୟା ନେଇ ଉଭୟ ବନ୍ଦୀଙ୍କୁ ମୁକ୍ତ କରିଦେଲେ । **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ହ. ସହେବଜାଦା ମିର୍ଜା ବଶୀର୍ ଅହେମଦ ସାହେବ ଏମ.ଏ ର.ଅ, ପୃ-332-334)**

ବଦ୍‌ରୁଲ୍ କୁବ୍ରା ଯୁଦ୍ଧ: ଉକ୍ତ ଯୁଦ୍ଧକୁ ପବିତ୍ର କୁରଆନ୍‌ରେ ୟମୁଲ୍ ଫୁର୍କାନ ବୋଲି ବିବେଚଚିତ କରାଯାଇଛି । ହ. ଖଲିଫତୁଲ୍ ମସିହ୍ ଅୱଲ୍ ର.ଅ ବର୍ଣ୍ଣନା କରନ୍ତି ଯେ, ହ. ନବୀ କରୀମ୍ ସ.ଅଙ୍କ ଫୁର୍କାନ ଦିନଟି ବଦର ଯୁଦ୍ଧର ଦିନ ଥିଲା। ଏହି ଦିନରେ ବିରୋଧୀମାନଙ୍କର ଶକ୍ତିଶାଳୀ ନେତାମାନେ ମୃତ୍ୟୁ ବରଣ କରିଥିଲେ ଓ ମୁସଲମାନମାନେ ଜୟଲାଭ କରିଥିଲେ ।

**(ହକାଏକୁଲ୍ ଫୁର୍କାନ୍, ଭାଗ-3, ପୃ-235)**

ହ. ଖଲିଫତୁଲ୍ ମସିହ୍ ଅୱର୍ ର.ଅ ଅନ୍ୟ ଏକ ସ୍ଥାନରେ ପବିତ୍ର କୁରଆନ୍‌ର ଅର୍ଥ ପ୍ରକାଶ କରି କୁହନ୍ତି, ପବିତ୍ର କୁରଆନରୁ ମୋତେ ଏହି ଅର୍ଥ ଜ୍ଞାତ ହେଲା ଯେ, ଫୁର୍କାନ୍ ସେହି ବିଜୟକୁ କୁହାଯାଏ ଯେ, ଯେଉଁ ଯୁଦ୍ଧରେ ମୁସଲମାନ ଲାଭ କଲେ ଏବଂ ଅବିଶ୍ୱାସକାରୀମାନଙ୍କର ଅଣ୍ଟା ଭାଙ୍ଗିଗଲା । ସେହି ଦିନଟି ହେଉଛି ବଦର୍ ଯୁଦ୍ଧ ଦିନ । **(ହକାଏକୁଲ୍ ଫୁର୍କାନ୍, ଭାଗ-1, ପୃ-306)**

ଉକ୍ତ ଯୁଦ୍ଧକୁ ବଦ୍‌ରେ ସାନିୟା, ବଦ୍‌ରୁଲ୍ କୁବ୍ରା, ବଦ୍‌ରୁଲ୍ ଉଜ୍‌ମା, ବଦ୍‌ରୁଲ୍ କିତାଲ୍ ମଧ୍ୟ କୁହାଯାଏ । **(ଅସ୍ ସିରତୁଲ୍ ହଲବିୟାହ୍, ଭାଗ-2, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବୈରୁତ୍-2002) (ତାରିଖ୍ ଇବ୍‌ନେ ଖଲ୍‌ଦୁନ୍, ଭାଗ-2, ପୃ-426, ଦାରୁଲ୍ ଫିକର୍, ବୈରୁତ୍-2006 ମସିହା)**

ରସୁଲୁଲ୍ଲାଃ ସ.ଅଙ୍କୁ ସୂଚନା ପ୍ରାପ୍ତ ହେଲା ଯେ, ଅବୁ ସୁଫିୟାନ୍ କୁରୈଶ୍‌ମାନଙ୍କର ଏକ ବାଣିଜ୍ୟିକ ଦଳକୁ ଧରି ସିରୀୟାରୁ ଫେରୁଛନ୍ତି । ଯହିଁରେ ଏକ ହଜାର ଓଟ ଅଛନ୍ତି ଏବଂ ସେହି ଓଟ ଉପରେ କୁରୈଶ୍‌ମାନଙ୍କର ବୃହତ୍ ସମ୍ବଳ ଲଦା ହୋଇଥିଲା। ଯଦି କୌଣସି ବ୍ୟକ୍ତି ପାଖରେ ଏକ ମିସ୍କାଲ୍ ଅର୍ଥାତ୍ ଚାରି ପାଞ୍ଚ ଭରି ଓଜନ ତୁଲ୍ୟ ସୁନା ଥିଲା ରସୁଲୁଲ୍ଲାଃ ସ.ଅଙ୍କୁ ସୂଚନା ପ୍ରାପ୍ତ ହେଲା ଯେ, ଅବୁ ସୁଫିୟାନ୍ କୁରୈଶ୍‌ମାନଙ୍କର ଏକ ଦଳକୁ ଧରି ଫେରୁଛି । ଯହିଁରେ ଏକ ହଜାର ଓଟ ଅଛନ୍ତି ଏବଂ ସେହି ଓଟ ଉପରେ କୁରୈଶ୍‌ମାନଙ୍କର ବୃହତ୍ ସମ୍ବଳ ଲଦା ହୋଇଥିଲା । ୩୦ କିମ୍ବା ୪୦ଜଣ ଅବା ୭୦ ଜଣ ଲୋକ ରହିଥିଲେ । ଏହି ଦଳଟି ସେହି ଦଳ ଥିଲା ଯାହାର ପିଛା କରିବା ପାଇଁ ଆପଣ ସ.ଅ ପୂର୍ବେ ମଧ୍ୟ ବାହରିଥିଲେ । ଉକ୍ତ ଅଭିଯାନ ନିମନ୍ତେ ଆପଣ ସ.ଅ ଜମାଦିଉଲ୍ ଉଲା ଅବା ଜମାଦିଉଲ୍ ଆଖିର ୨ ହିଜ୍ରୀରେ ବାହାରିଥିଲେ । କେତେକ ସ୍ୱଳ୍ପ ଜ୍ଞାନର ଅଧିକାରୀ ଥିବା ବ୍ୟକ୍ତିମାନେ ଆପତ୍ତି କରନ୍ତି ଯେ, ମୁସଲମାନମାନେ ବିରୋଧୀମାନଙ୍କର ଜିନିଷି ପତ୍ରକୁ ଲୁଣ୍ଠନ କରିବା ନିମନ୍ତେ ଉକ୍ତ ଯୁଦ୍ଧ ରଚନା କରିଥିଲେ । କିନ୍ତୁ ହ. ମିର୍ଜା ବଶୀର୍ ଅହେମଦ ସାହେବ ର.ଅ ସିରତ୍ ଖାତମୁନ୍ ନବିୟୀନ୍‌ରେ ବର୍ଣ୍ଣନା କରନ୍ତି ଯେ, ଉକ୍ତ ଦଳକୁ ରୋକିବା ନିମନ୍ତେ ବାହାରିବା କଦାପି ଆପତ୍ତିଜନକ ନଥିଲା । କାରଣ ଏହା ଅସାଧାରଣ ଦଳ ଥିଲା ଏବଂ ଏହାର ଲାଭ ମୁସଲମାନମାନଙ୍କ ବିରୁଦ୍ଧରେ ବ୍ୟବହୃତ କରାଯିବାର ଥିଲା । ସୁତରାଂ ଇତିହାସରୁ ଏହା ପ୍ରମାଣିତ ଯେ, ଏହାର ଲାଭ ୱହୋଦ୍ ଯୁଦ୍ଧର ପ୍ରସ୍ତୁତିରେ ବ୍ୟୟ କରାଗଲା । ଅତଃ ତାକୁ ଅଟକାଇବା ଓ ଯୁଦ୍ଧ କୌଶଳ ଅବଲମ୍ବନ କରିବା ନିହାତ ଜରୁରୀ ଥିଲା । ତେବେ ସେମାନେ ସେହି ଧନକୁ ଯାତ୍ରୀ ସମୂହରେ ଲଗାଇ ଦେଇଥିଲେ । କୁହାଯାଏ ଯେ, ତହିଁରେ ବିପୁଳ ପରିମାଣର ସମ୍ବଳ ଲଦା ହୋଇଥିଲା । ଉକ୍ତ ଯାତ୍ରୀ ଦଳରେ ୩୦ କିମ୍ବା ୪୦ଜଣ ଅବା ୭୦ ଜଣ ଲୋକ ରହିଥିଲେ । ଏହି ଦଳଟି ସେହି ଦଳ ଥିଲା ଯାହାର ପିଛା କରିବା ପାଇଁ ଆପଣ ସ.ଅ ପୂର୍ବେ ମଧ୍ୟ ବାହରିଥିଲେ ଏବଂ ଉଶୈରାହ୍ ନାମକ ସ୍ଥାନ ପର୍ଯ୍ୟନ୍ତ ପହଞ୍ଚି ଯାଇଥିଲେ । କିନ୍ତୁ ଉକ୍ତ ଯାତ୍ରୀଦଳ ସିରୀୟା ଅଭିମୁଖେ ଯାଇ ସାରିଥିଲା । ଉକ୍ତ ଅଭିଯାନ ନିମନ୍ତେ ଆପଣ ସ.ଅ ଜମାଦିଉଲ୍ ଉଲା ଅବା ଜମାଦିଉଲ୍ ଆଖିର ୨ ହିଜ୍ରୀରେ ବାହାରିଥିଲେ ।

ରସୁଲ୍ କରୀମ୍ ସ.ଅ ଉକ୍ତ ଯାତ୍ରୀ ଦଳର ଫେରିବାର ସୂଚନା ପ୍ରାପ୍ତ କରିବା ପରେ ମୁସଲମାନମାନଙ୍କୁ ନିଜ ସହିତ ବାହାରିବା ନିମନ୍ତେ ଆମନ୍ତ୍ରିତ କଲେ ଏବଂ କହିଲେ, ଏ ହେଉଛି କୁରୈଶର ବାଣିଜ୍ୟିକ ଯାତ୍ରୀସମୂହ । ଯହିଁରେ ସେମାନଙ୍କର ଧନ ଏବଂ ସମ୍ବଳ ଲଦା ହୋଇଛି । ସୁତରାଂ ତୁମେମାନେ ଶୀଘ୍ର ବାହାରିପଡ଼ ! ସମ୍ଭବତଃ ଅଲ୍ଲାଃତାଲା ଇନଶାଅଲ୍ଲାଃ ତୁମମାନଙ୍କୁ ମାଲେ ଗନିମତ୍ (ଯୁଦ୍ଧରୁ ପ୍ରାପ୍ତ ଧନରତ୍ନ) ଦ୍ୱାରା ସମ୍ମାନିତ କରିବେ । **(ସବ୍‌ଲୁଲ୍ ହୁଦା, ଭାଗ-4, ପୃ-30, ଅନୁବାଦକ-ମୌଲାନା ଉବୈଦୁର୍ ରହେମାନ୍, ମକ୍‌ତବା ରହେମାନିୟା ଲାହୋର୍) (ଅର୍ ରହିକୁଲ୍ ମଖ୍‌ତୁମ୍ ଉର୍ଦ୍ଦୁ, ପୃ-272, ଅଲ୍‌ମକତବତୁ, ସିଫ୍‌ଲିୟାହ୍, ଲାହୋର-2000 ମସିହା)**

କେତେକ ସ୍ୱଳ୍ପ ଜ୍ଞାନର ଅଧିକାରୀ ଥିବା ବ୍ୟକ୍ତିମାନେ ଆପତ୍ତି କରିବାର ସୁଯୋଗ ଖୋଜିବାର ଅଭ୍ୟସ୍ତ ଥାଆନ୍ତି ଯେ, ମୁସଲମାନମାନେ ମଦିନା ଯାଇ ବିରୋଧୀମାନଙ୍କର ଜିନିଷି ପତ୍ରକୁ ଲୁଣ୍ଠନ କରିବା ନିମନ୍ତେ ଉକ୍ତ ଯୁଦ୍ଧ ରଚନା କରିଥିଲେ । ବିରୋଧୀମାନେ ଉଦାହରଣ ସ୍ୱରୂପ ସେହି ଯାତ୍ରୀସମୂହର ପିଛା କରିବାର ଉଦାହରଣ ଉପସ୍ଥାପିତ କରିଦେଇ ଥାଆନ୍ତି । ଏହା ସଂପୂର୍ଣ୍ଣ ରୂପେ ଅବୋଧତା ଏବଂ ନିରକ୍ଷରତା ପ୍ରସଙ୍ଗ ଅଟେ । ସେତେବେଳର ଯୁଦ୍ଧ ପରିସ୍ଥିତିରୁ ଅଜ୍ଞତାର କାରଣ ଅଟେ । କାରଣ କୁରୈଶମାନଙ୍କର ସେହି ବାଣିଜ୍ୟିକ ଯାତ୍ରୀ ସମୂହକୁ ରୋକିବା କୌଣସି ଆପତ୍ତିଯୁକ୍ତ ପ୍ରସଙ୍ଗ ନୁହେଁ । ସୁତରାଂ କିନ୍ତୁ ହ. ମିର୍ଜା ବଶୀର୍ ଅହେମଦ ସାହେବ ର.ଅ ସିରତ୍ ଖାତମୁନ୍ ନବିୟୀନ୍‌ରେ ଏହାର ବିସ୍ତୃତ ବିବରଣୀ ପ୍ରଦାନ କରିଛନ୍ତି ଯେ, ଉକ୍ତ ଦଳକୁ ରୋକିବା ନିମନ୍ତେ ବାହାରିବା କଦାପି ଆପତ୍ତିଜନକ ନଥିଲା । କାରଣ **ପ୍ରଥମତଃ** ଏହି ବିଶିଷ୍ଟ ଯାତ୍ରୀସମୂହ ଯାହା ପାଇଁ ମୁସଲମାନମାନେ ବାହାରିଥିଲେ ତାହା ଏକ ଅସାଧାରଣ ଯାତ୍ରୀ ସମୂହ ଥିଲା । ସେହି ଯାତ୍ରୀସମୂହରେ କୁରୈଶ୍‌ର ପ୍ରତ୍ୟେକ ମହିଳା ଓ ପୁରୁଷର ବାଣିଜ୍ୟିକ ଲାଭ ରହିଥିଲା । ତହିଁରୁ ଏହା ପ୍ରତିତ ହୁଏ ଯେ, ଏସମ୍ବନ୍ଧରେ କୁରୈଶ୍‌ର ଅଧିପତିମାନଙ୍କର ଏହି ଉଦ୍ଦେଶ୍ୟ ରହିଥିଲା ଯେ, ଏହାର ଲାଭ ସେମାନେ ମୁସଲମାନମାନଙ୍କର ବିରୁଦ୍ଧରେ ଯୁଦ୍ଧରେ ବ୍ୟବହାର କରିବେ । ସୁତରାଂ ଇତିହାସରୁ ଏହା ପ୍ରମାଣିତ ଯେ, ଏହାର ଲାଭ ୱହୋଦ୍ ଯୁଦ୍ଧର ପ୍ରସ୍ତୁତିରେ ବ୍ୟୟ କରାଗଲା । ଏହାର ଲାଭ ମୁସଲମାନମାନଙ୍କ ବିରୁଦ୍ଧରେ ବ୍ୟବହୃତ କରାଯିବାର ଥିଲା । ଅତଃ ତାକୁ ଅଟକାଇବା ଓ ଯୁଦ୍ଧ କୌଶଳ ଅବଲମ୍ବନ କରିବା ନିହାତ ଜରୁରୀ ଅଙ୍ଗ ଥିଲା । **ଦ୍ୱିତୀୟତଃ** କୁରୈଶ୍‌ର ଯାତ୍ରୀସମୂହକୁ ଅଟକାଇବା ଥିଲା । ତେଣୁ ଏହା ଆବଶ୍ୟକ ଥିଲା ଯେ, ଯେଉଁ ଯାତ୍ରୀସମୂହ ଶଶସ୍ତ୍ରଧାରୀ ହେଉଥିଲେ ଓ ମଦିନାର ଖୁବ ନିକଟ ଦେଇ ଅତିକ୍ରମ କରୁଥିଲେ ସେମାନଙ୍କ ଠାରୁ ମୁସଲମାନମାନଙ୍କୁ ବହୁତ ଭୟ ଲାଗି ରହୁଥିଲା । ତେଣୁ ଏହାକୁ ପ୍ରତିରୋଧ କରିବା ମଧ୍ୟ ଅବଶ୍ୟକ ଥିଲା । **ତୃତୀୟତଃ** ଉକ୍ତ ଯାତ୍ରୀ ସମୂହ ଯେଁଉ ଯେଉଁ ସ୍ଥାନ ଦେଇ ଅତିକ୍ରମ କରୁଥିଲା ସେମାନଙ୍କ ଠାରୁ ମୁସଲମାନମାନଙ୍କୁ ବିରୁଦ୍ଧରେ ଆରବ୍ୟ ସଂପ୍ରଦାୟମାନଙ୍କରେ ଅତ୍ୟନ୍ତ ପ୍ରରୋଚିତ କରୁଥିଲେ । ଫଳତଃ ମସୁଲମାନମାନଙ୍କର ଅବସ୍ଥା ଅତ୍ୟନ୍ତ ସମ୍ବେଦନଶୀଳ ହୋଇ ପଡ଼ିଥିଲା । ତେଣୁ ସେମାନଙ୍କର ମାର୍ଗ କୁ ରୁଦ୍ଧ କରିବା ଆତ୍ମରକ୍ଷାର କାର୍ଯ୍ୟକ୍ରମର ଏକ ଅଂଶବିଶେଷ ଥିଲା । ଚତୁର୍ଥତଃ ଅଧିକାଂଶ କୁରୈଶମାନେ ବାଣିଜ୍ୟ ବ୍ୟବସାୟ କରି ଚଳୁଥିଲେ । ତେଣୁ ସେହି ଯାତ୍ରୀସମୂହକୁ ଅଟକାଇବା ନିମନ୍ତେ ଅତ୍ୟାଚାରୀ କୁରୈଶ୍‌କୁ ଚୈତନ୍ୟାବସ୍ଥାକୁ ଆଣିବା, ସେମାନଙ୍କୁ ସେମାନଙ୍କର ଯୁଦ୍ଧ କାର୍ଯ୍ୟାନୁଷ୍ଠାନରୁ ବିରତ ରଖିବା, ସନ୍ଧି ଓ ଶାନ୍ତି ପ୍ରତିଷ୍ଠା ନିମନ୍ତେ ବାଧ୍ୟ କରିବାର ଏକ ଉତ୍କୃଷ୍ଟ ମାଧ୍ୟମ ଥିଲା । ଆଜିକାଲିକା ଯୁଗରେ ଏହିପରି ଯୁଦ୍ଧକୁ ଅଟକାଇବା ନିମନ୍ତେ କେତେକ ଦେଶ Sanctions ପ୍ରୟୋଗ କରନ୍ତି ଏବଂ ତାହା ପୁଣି ଅନ୍ୟାୟପୂର୍ବକ ପ୍ରୟୋଗ କରନ୍ତି । କିନ୍ତୁ ଏହା ମଧ୍ୟ ଏହି ପ୍ରକାରର Sanction ପ୍ରୟୋଗ ଜନିତ କର୍ମ ଥିଲା । ପୁନଶ୍ଚ ସେହି ଯାତ୍ରୀ ସମୂହକକୁ ଅଟକାଇବାର ଅଭିପ୍ରାୟ ଲୁଣ୍ଠନ ନଥିଲା । ବରଂ ଯେପିରିକି ପବିତ୍ର କୁରଆନ୍ କରୀମ୍‌ରେ ସ୍ୱଷ୍ଟ ଭାବରେ ଉଲ୍ଲେଖ ରହିଛି ଯେ, ଉକ୍ତ ବିଶେଷ ଅଭିଯାନରେ ମୁସଲମାନମାନଙ୍କୁ ଯାତ୍ରୀ ସମୂହର ଅଭିଳାଷା ଯାତ୍ରୀସମୂହର ଧନ ଯୋଗୁ ନଥିଲା ବରଂ ଏହି କାରଣ ଥିଲା କି ଏହାର ବିପରୀତ କମ କଷ୍ଟ ଓ କମ୍ ପରିଶ୍ରମର ଆଶଙ୍କା ଥିଲା । **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ସାହିବଜାଦା ହ. ମିର୍ଜା ବଶୀର୍ ଅହେମଦ ସାହେବ**

**ହଦିସେ ନବୱୀ ସ.ଅ.ସ :-**

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

**ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-**

"ଆମ ଇବାଦାତ୍ ଅର୍ଥାତ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି" । (ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Hawa Bibi & Family,Jamat Ahmadiya
Kerang, Darul Fazal (Odisha)

**ଏମ.ଏ ର.ଅ, -343-344, ପ୍ରକାଶନ ବର୍ଷ-1996 ମସିହା)**

ସେ ଯାହା ହେଉ ରସୁଲ୍ କରୀମ୍ ସ.ଅ ଉକ୍ତ ଯାତ୍ରୀ ସମୂହର ଖବର ସଂଗ୍ରହ କରିବା ଉଦ୍ଦେଶ୍ୟରେ ନିଜର ଦୁଇ ସାହାବା ତଲ୍‌ହା ବିନ୍ ଉବୈଦୁଲ୍ଲାଃ ର.ଅ ଓ ହ. ସାଆଦ୍ ବିନ୍ ଜୈଦ୍ ର.ଅଙ୍କୁ ଆଗକୁ ପ୍ରେରଣ କିରଦେଲେ । ଏହି ଦୁଇ ସାହାବି ମଦିନାରୁ ପ୍ରସ୍ଥାନ କଲେ ଏବଂ ଯେତେବେଳେ ଯାତ୍ରୀସମୂହ ସଂପର୍କରେ ଖବର ସଂଗ୍ରହ କରିବା ପରେ ମଦିନା ଫେରି ଆସିଲେ ସେତେବେଳେ ସେମାନେ ଜାଣିବାକୁ ପାଇଲେ ଯେ, ରସୁଲ୍ କରୀମ୍ ସ.ଅ ସେଠାରୁ ବାହାରି ଯାଇ ସାରିଛନ୍ତି। ସୁତରାଂ ଏହି ଦୁଇ ଜଣ ସାହାବିମାନେ ବଦର ଅଭିମୁଖେ ବାହାରି ପଡ଼ିଲେ। କିନ୍ତୁ ମାର୍ଗରେ ଯେତେବେଳେ ସେମାନେ ଆଁହଜରତ ସ.ଅଙ୍କ ସହିତ ଭେଟ ହେଲେ ସେତେବେଳକୁ ଆପଣ ସ.ଅ ବଦର ଯୁଦ୍ଧରୁ ଅବକାଶ ନେଇ ସାରିବା ପରେ ଫେରୁଥିଲେ । ତେଣୁ ଏହି ଦୁଇ ସାହାବାମାନେ ବଦର୍ ଯୁଦ୍ଧରେ ସାମିଲ୍ ତ' ହୋଇପାରିଲେ ନାହିଁ କିନ୍ତୁ ଆଁହଜରତ ସ.ଅ ସେମାନଙ୍କ ସକାଶେ ମାଲେ ଗନିମତରୁ ଏକ ଅଂଶ ବାହାର କରିଥିଲେ । **(ଅସ୍ ସିରତୁଲ୍ ହଲବିୟାହ୍, ଭାଗ-2, ପୃ-203, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍-2002 ମସିହା)**

ଅନ୍ୟ ପଟରେ ଅବୁ ସୁଫିୟାନ୍‌କୁ ତା'ର ଗୁପ୍ତଚରମାନଙ୍କ ତରଫରୁ ଏହି ସୂଚନା ପ୍ରାପ୍ତ ହେଲା ଯେ, ରସୁଲ୍ କରୀମ୍ ସ.ଅ ସାହାବାମାନଙ୍କୁ ନେଇ ସେହି ବାଣିଜ୍ୟିକ ଯାତ୍ରୀସମୂହ ଉପରେ ଆକ୍ରମଣ କରିବା ପାଇଁ ବାହାରି ପଡ଼ିଛନ୍ତି । ଏହା ମଧ୍ୟ କୁହାଯାଏ ଯେ, ଅବୁ ସୁଫିୟାନ୍‌କୁ ଜଣେ ବ୍ୟକ୍ତି ଭେଟ ହୋଇଥିଲା ସେ ଅବୁ ସୁଫିୟାନ୍‌କୁ ଏହା କହିଲା କି ରସୁଲୁଲ୍ଲାଃ ସ.ଅ ପ୍ରାରମ୍ଭରୁ ହିଁ ଉକ୍ତ ଯାତ୍ରୀସମୂହର ମାର୍ଗ ଅବରୁଦ୍ଧ କରିବା ପାଇଁ ଚେଷ୍ଟା କରୁଥିଲେ । ବର୍ତ୍ତମାନ ଆପଣ ସ.ଅ ବାଟରେ ଉକ୍ତ ଯାତ୍ରୀ ସମୂହର ଫେରିବାର ଅପେକ୍ଷା କରୁଛନ୍ତି । ଉକ୍ତ ସମ୍ବାଦ ଶୁଣି ଅବୁ ସୁଫିୟାନ୍ ଅତ୍ୟନ୍ତ ଭୟଭୀତ ହେଲା ଓ ସେ ଜମ୍‌ଜମ୍ ବିନ୍ ଅମ୍ର ଗଫ୍ଫାରି ନାମକ ଜଣେ ବ୍ୟକ୍ତିକୁ କିଛି ପଇସା ଦେଇ ମକ୍କା ଅଭିମୁଖେ ପ୍ରେରଣ କଲେ ଓ ତା'କୁ କହିଲେ, ସେ ମକ୍କା ଯାଇ ସେମାନଙ୍କୁ କହୁ କି ମୁହମ୍ମଦ ସ.ଅ ନିଜର ସାଥିମାନଙ୍କ ସହିତ ତୁମ ଯାତ୍ରୀସମୂହ ଉପରେ ଆକ୍ରମଣ କରିବା ପାଇଁ ବାହାରି ପଡ଼ିଛନ୍ତି । ସୁତରାଂ ଜମ୍‌ଜମ୍ ଅତ୍ୟନ୍ତ ଦ୍ରୁତ ଗତିରେ ବାହାରି ପଡ଼ିଲା । **(ଅସ୍ ସିରତୁଲ୍ ହଲବିୟାହ୍, ଭାଗ-2, ପୃ-197, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍-2002 ମସିହା)**

ଅବୁ ସୁଫିୟାନ୍‌ର ଉକ୍ତ ଗୁପ୍ତଚର ଯେତେବେଳେ ମକ୍କା ପହଞ୍ଚିଲା ସେତେବେଳେ ସେ ଆରବ୍ୟ ପ୍ରଥାନୁଯାୟୀ ଅତ୍ୟନ୍ତ ଭୟାବହତା ଦେଖାଇ ଖୁବ୍ ଜୋରରେ ଚିତ୍କାର କରିବାକୁ ଲାଗିଲା ଯେ, ହେ ମକ୍କାବାସୀ ! ତୁମର ଯାତ୍ରୀ ସମୂହ ଉପରେ ମୁହମ୍ମଦ ସ.ଅ ଓ ତା'ର ସାହାବାମାନେ ଅକ୍ରମଣ କରିବା ନିମନ୍ତେ ବାହାରି ପଡ଼ିଛନ୍ତି । ଚାଲ ତୁମେ ସେମାନଙ୍କୁ ରକ୍ଷା କରିବ । **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ସାହିବଜାଦା ହ. ମିର୍ଜା ବଶୀର୍ ଅହେମଦ ସାହେବ ଏମ.ଏ ର.ଅ, -350, ପ୍ରକାଶନ ବର୍ଷ-1996 ମସିହା)**

ଅନ୍ୟ ପଟେ ଅବୁ ସୁଫିୟାନ୍ ଅତ୍ୟନ୍ତ ଚତୁରତାର ସହିତ ତଥ୍ୟ ସଂଗ୍ରହ କରି ମୁସଲମାନମାନଙ୍କ ସେହି ସୈନ୍ୟ ଦଳରୁ ବର୍ତ୍ତି ଯାତ୍ରା ଜାରି ରଖିଥିଲା । ଯେତେବେଳେ ସେ ବଦର୍‌ର ନିର୍ଝର ପାଖରେ ଯାଇ ପହଞ୍ଚିଗଲା ସେତେବେଳେ ସେ ସେଠାରେ ଜଣେ ବ୍ୟକ୍ତିକୁ ପଚାରିଲା ଯେ, ଏଠାରେ ତୁମକୁ କେହି ନଜର ଆସିଛନ୍ତି ? ସେ କହିଲା ଏଠାରେ ଦୁଇ ଜଣ ବ୍ୟକ୍ତି ଆସିଥିଲେ ଓ ସେହି ସ୍ତୂପ ପାଖରେ ନିଜର ଓଟ ବସାଇ ଜଳ ନେଇ ଚାଲିଗଲେ । ଅବୁ ସୁଫିୟାନ୍ ଓଟ ବସିଥିବା ସ୍ଥାନକୁ ଗଲା ଏବଂ ନିରୀକ୍ଷଣ କଲା । ସେଠାରେ ଓଟମାନଙ୍କର ମଳ ପଡ଼ିଥିଲା । ସେ ସେହି ମଳକୁ ଉଠାଇଲା ଏବଂ ଶୁଷ୍କ ମଳକୁ ଭାଙ୍ଗିଲା । ତହିଁରେ ଖଜୁରୀର ମଞ୍ଜି ଥିଲା । ସେ ମଞ୍ଜିକୁ ଦେଖି କହିଲା କି ଉକ୍ତ ମଞ୍ଜି ହେଉଛି ୟସ୍ରବ୍‌ର। ସେ ବୁଝିଗଲା ଯେ, ମଦୀନବାସୀ ଏହାର ଆଖପାଖରେ ଅଛନ୍ତି ସୁତରାଂ ସେ ଦ୍ରୁତ ଗତିରେ ନିଜର ଯାତ୍ରୀସମୂହ ଆଡ଼କୁ ଫେରି ଆସିଲା ଏବଂ ନିଜର ସାଥିମାନଙ୍କୁ ସଠିକ୍ ବାଟରୁ ହଟାଇ ସମୁଦ୍ର ତଟ ଆଡ଼କୁ ନେଇ ବାହାରିଗଲା ଓ ବଦର୍‌କୁ ପରିତ୍ୟାଗ କରି ଦ୍ରୁତ ଗତିରେ ଆଗକୁ ଅଗ୍ରସର ହେଲା । **(ଅର୍ ରହିକୁଲ୍ ମଖ୍‌ତୁମ୍ ଅନୁବାଦକ, ପୃ-282-283, ମକ୍‌ତବତୁସ୍ ସଲଫିୟାହ୍, ଲାହୋର-2000 ମସିହା)**

ତତ୍‌ସଂକ୍ରାନ୍ତରେ ଆଁହଜରତ ସ.ଅଙ୍କ ପିଉସୀ ଓ ଉମ୍ମୁଲ୍ ମୁମିନିନ ହ. ଉମ୍ମେ ସଲ୍‌ମା ର.ଅଙ୍କ ମାତା ଆତ୍‌କା ବିନ୍‌ତ୍ ଅବ୍‌ଦୁଲ୍ ମୁତଲ୍ଲିବ୍‌ଙ୍କର ଏକ ବିଚିତ୍ରପୂର୍ଣ୍ଣ ସ୍ୱପ୍ନ ରହିଛି । ତାଙ୍କର ଇସ୍‌ଲାମ୍ ଧର୍ମ ସ୍ୱୀକାର କରିବା ସଂକ୍ରାନ୍ତେରେ ବିଭିନ୍ନ ମତ ରହିଛି। କେତେକଙ୍କ ନିକଟରେ ସେ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିଥିଲେ । କିନ୍ତୁ ଅନେକଙ୍କ ମତରେ ସେ ଇସ୍‌ଲାମ୍ ଧର୍ଯ୍ୟ ଗ୍ରହଣ କରି ନଥିଲେ । ଯାହା ପରବର୍ତ୍ତୀ ସମୟରେ ସତ୍ୟ ସାବ୍ୟସ୍ତ ହେଲା । ସେ ଅବୁ ସୁଫିୟାନ୍‌ର ସନ୍ଦେଶ ବାହକ ଜମ୍‌ଜମ୍‌ର ମକ୍କା ପହଞ୍ଚିବା ପୂର୍ବର ତିନି ରାତ୍ର ପୂର୍ବେ ସ୍ୱପ୍ନ ଦେଖିଥିଲେ । ଫଳତଃ ସେ ଭୟଭୀତ ହୋଇଯାଇଥିଲେ । ସେ ନିଜର ଭାଇ ଅବ୍‌ବାସ୍ ବିନ୍ ଅବ୍‌ଦୁଲ୍ ମୁତଲ୍ଲିବଙ୍କୁ ପ୍ରେରଣ କରି କହିଲେ, ହେ ଭ୍ରାତା ! ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଆଜି ରାତିରେ ମୁଁ ଏକ ସ୍ୱପ୍ନ ଦେଖିଲି । ଏହି ସ୍ୱପ୍ନ ମୋତେ ବ୍ୟତୀବ୍ୟସ୍ତ ଏବଂ ଭୟଭୀତ କରିଦେଇଛି। ମୁଁ ଏହା ଆଶଙ୍କା କରୁଛି ଯେ, ତୁମର ଜାତି ଉପରେ ଅବଶ୍ୟ କୌଣସି ବିପତ୍ତି ଆସିବ । ତେଣୁ ମୁଁ ତୁମକୁ ଯେଉଁ ରହସ୍ୟ କହିବାକୁ ଯାଉଛୁ ତୁମେ ତାହାକୁ ଗୁପ୍ତ ରଖିବ । ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ଆତିକା ଅବ୍‌ବାସଙ୍କୁ କହିଲେ କି ହେ ଭ୍ରାତା ! ତୁମେ ଯେପର୍ଯ୍ୟନ୍ତ ମୋତେ ଏହି କଥା ଦେଇ ନାହଁ ଯେ, ତୁମେ ମୋ ସ୍ୱପ୍ନର କାହାରି ଆଗରେ ଚର୍ଚ୍ଚା କରିବ ନାହିଁ ସେ ପର୍ଯ୍ୟନ୍ତ ମୁଁ ସ୍ୱପ୍ନ ତୁମକୁ କହିବି ନାହିଁ । କାରଣ ମକ୍କାର କୁରୈଶ୍‌ମାନେ ଉକ୍ତ କଥା ଯଦି ଶୁଣି ନିଅନ୍ତି ତାହାହେଲେ ସେମାନେ ଆମକୁ ବହୁତ ହଇରାଣ ହରକତ କରିବେ ଏବଂ ଆମମାନଙ୍କୁ ବ୍ୟଙ୍ଗ ବିଦ୍ରୂପ କରିବେ । ସୁତରାଂ ହ. ଅବ୍‌ବାସ୍ ର.ଅ ତାଙ୍କୁ ପ୍ରତିଶୃତି ଦେଲେ ଯେ, ସେ ତତ୍‌ସଂପର୍କରେ କାହାରିକୁ କିଛି କିହବେ ନାହିଁ । ସୁତରାଂ ଅବ୍‌ବାସ୍ ର.ଅ ତାଙ୍କୁ ପଚାରିଲେ ଯେ, ତୁମେ ସ୍ୱପ୍ନରେ କ'ଣ ଦେଖିଛ ? ଆତିକା କହିଲେ, ମୁଁ ସ୍ୱପ୍ନରେ ଦେଖିଲି ଯେ, ଜଣେ ବ୍ୟକ୍ତି ଓଟ ଉପରେ ଆରୋହଣ ହୋଇ ଅବ୍‌ତହ୍ ନାମକ ଭୂମିରେ, ପୁନଶ୍ଚ ଖାନା କାବାର ଛାତ ଉପରେ, ପୁନଶ୍ଚ ଅବୁ କୁବୈସ୍ ପର୍ବତ ଶିଖର ଉପରେ ଛିଡ଼ା ହୋଇ ଉଚ୍ଚ ସ୍ୱରରେ ଲୋକମାନଙ୍କୁ ନିଜର ହତ୍ୟା ସ୍ଥଳରେ ତିନି ଦିନ ମଧ୍ୟରେ ପହଞ୍ଚିବା ପାଇଁ କହିଲା । ଆତିକା କୁହନ୍ତି, ପୁନଶ୍ଚ ମୁଁ ଦେଖୁଛି ଯେ, ଲୋକମାନେ ତା ଆଖପାଖରେ ଏକତ୍ରିତ ହୋଇଛନ୍ତି ଏବଂ ତା'ର ଓଟ ତା'କୁ ଧରି ବା ନେଇ କାଆବାର ଛାତ ଉପରେ ଛିଡ଼ା ହୋଇଛି । ପୁନଶ୍ଚ ସେ ଏହିପରି ଚିତ୍କାର କରି କହିଲା, ହେ ଲୋକମାନେ ନିଜର ହତ୍ୟା ସ୍ଥଳରେ ତିନି ଦିନ ମଧ୍ୟରେ ପହଞ୍ଚିଯିବ । ପୁନଶ୍ଚ ମୁଁ ଦେଖିଲି ଯେ, ତା'ର ଓଟ ତା'କୁ ଜବ୍‌ଲେ କୁବୈସ୍ ପର୍ବତର ଶିଖରକୁ ନେଇ ଛିଡ଼ା ହୋଇଯାଇଛି । ଅବୁ କୁବୈସ୍ ପର୍ବତ ସଂପର୍କରେ ଉଲ୍ଲେଖ ରହିଛି ଯେ, ମକ୍କାର ପୂର୍ବ ଦିଗରେ ଏକ ବିଖ୍ୟାତ ପର୍ବତର ନାମ ଅଟେ । ପୁନଶ୍ଚ ସେଠାରୁ ମଧ୍ୟ ସେହିପରି ଉଚ୍ଚ ସ୍ୱରରରେ ଡାକିଲା । ଏହାପରେ ସେ ଏକ ଶିଳା ଖଣ୍ଡ ଉକ୍ତ ପର୍ବତରୁ ତଳକୁ ଖସାଇ ଦେଲା । ଉକ୍ତ ଶିଳା ଖଣ୍ଡ ତଳକୁ ପହଞ୍ଚିବା ମାତ୍ରେ ତାହା ଖଣ୍ଡ ବିଖଣ୍ଡିତ ହୋଇଗଲା ଏବଂ ମକ୍କାର ଏପରି କୌଣସି ଘର ଆଉ ବାକି ନଥିଲା ଯହିଁରେ ଉକ୍ତ ଶିଳା ଖଣ୍ଡଗୁଡ଼ିକ ପହଞ୍ଚି ନଥିବ ।

ଏହା ଶୁଣି ହ. ଅବବାସ୍ ର.ଅ କହିଲେ, ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଉକ୍ତ ସ୍ୱପ୍ନଟି ତ' ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସ୍ୱପ୍ନ ଅଟେ । ତୁମେ ସ୍ୱୟଂ ମଧ୍ୟ ଉକ୍ତ ସ୍ୱପ୍ନକୁ ଗୁପ୍ତ ରଖିବ ଏବଂ ଏହାର ଚର୍ଚ୍ଚା କାହାରି ଆଗରେ କରିବ ନାହିଁ । ଏହାପରେ ହ. ଅବ୍‌ବାସ୍ ର.ଅ ଆତିକା ଘରୁ ବାହାରିଲେ ଓ ବାଟରେ ୱଲିଦ୍ ବିନ୍ ଉତ୍‌ବାଙ୍କୁ ଭେଟିଲେ ଏବଂ ତାଙ୍କୁ କହିଲେ ଉକ୍ତ ସ୍ୱପ୍ନ ସଂପର୍କରେ କାହାରି ଆଗରେ ଚର୍ଚ୍ଚା କରିବ ନାହିଁ । କିନ୍ତୁ ସ୍ୱୟଂ ୱଲିଦ୍ ବିନ୍ ଉତ୍‌ବା ଆଗରେ ଉକ୍ତ ସ୍ୱପ୍ନର ଚର୍ଚ୍ଚା କିରଦେଲେ । ଯଦିଓ ହ. ଅବ୍‌ବାସ୍ ର.ଅ ୱଲିଦ୍‌କୁ ବାରଣ କରିଦେଲେ ଯେ, କାହାରି ଆଗରେ ଉକ୍ତ ସ୍ୱପ୍ନର ଚର୍ଚ୍ଚା କରିବା ନାହିଁ । କିନ୍ତୁ ଥରୁଟିଏ ଯଦି ପାଟିରୁ କଥା ବାହାରି ଯାଏ ତାହା ବାହାରି ଯାଇଥାଏ । ଅର୍ଥାତ୍ ଧନୁରୁ ତୀର ଯେପରି ବାହାରି ଯାଇଥାଏ ଏବଂ ତାହା ଫେରି ନଥାଏ । ଠିକ୍ ସେହିପରି କଥା କଥାକେ କଥାଟା ବାହାରିଗଲା । ୱଲିଦ୍ ନିଜର ପିତା ଉତ୍‌ବା ଆଗରେ ଏହାର ଚର୍ଚ୍ଚା କରିଦେଲେ । ଏହିପର ଭାବରେ ଉକ୍ତ କଥାଟି ତୁଣ୍ଡ ବାଇଦ ସହସ୍ର କୋଶ ସାବ୍ୟସ୍ତ ହୋଇ ମକ୍କାର ଚତୁର୍ଦ୍ଦିଗରେ ବ୍ୟାପୀ ଗଲା ଯେଉଁଠି ଦୁଇ ଜଣ ବ୍ୟକ୍ତି ବସିଥିଲେ ଏବଂ ଉକ୍ତ ସ୍ୱପ୍ନ ସଂପର୍କରେ ଚର୍ଚ୍ଚା କରୁଥିଲେ। ଅବ୍‌ବାସ୍ ର.ଅ କୁହନ୍ତି, ପରବର୍ତ୍ତୀ ଦିନ ସକାଳ ସମୟରେ ମୁଁ ଯେତେବେଳେ ଖାନା କାଆବାର ପରିକ୍ରମା କରିବା ପାଇଁ ଗଲି ସେତେବେଳେ ସେଠାରେ ଅବୁ ଜହଲ୍ କୁରୈଶ୍‌ମାନଙ୍କର କେତେକ ବ୍ୟକ୍ତି ସହିତ ବସିଥିଲା । ସେ ମୋତେ ଦେଖି କହିବାକୁ ଲାଗିଲା, ହେ ଅବୁଲ୍ ଫଜଲ୍ ! **(ଏହା ହ. ଅବ୍‌ବାସ୍ ର.ଅଙ୍କର ଉପାଧି**

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମେ ଅହେମଦିମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family, Jamat Ahmadiya Kerang, Darul Barkat (Odisha)

**ଅଟେ)** ତୁମେ ପରିକ୍ରମା କରି ସାରିବା ପେରେ ମୋ ନିକଟ ଦେଇ ଯିବ (ତୁମ ସହିତ ମୋର କିଛି ଜରୁରୀ କଥା ଅଛି) । ହ. ଅବ୍‌ବାସ୍ ର.ଅ କୁହନ୍ତି, ମୁଁ ପରିକ୍ରମା କରି ସାରି ଯେତେବେଳେ ଅବୁ ଜହଲ୍ ନିକଟକୁ ଗଲି ସେତେବେଳେ ଅବୁ ଜହଲ୍ ମୋତେ କହିଲା, ହେ ଅବୁ ଅବ୍‌ଦୁଲ୍ ମୁତଲ୍ଲିବ୍ ! ତୁମ ମଧ୍ୟରେ କୁଆଡ଼େ ନବୀ (ଅବତାର) କେବେ ଜନ୍ମ କରିଛନ୍ତି ଓ କେବେ ଜନ୍ମ ନେଲେ ?

ମୁଁ କହିଲି ଆପଣଙ୍କ କହିବାର ତାତ୍ପର୍ଯ୍ୟ କ'ଣ ? ସେ (ଅବୁ ଜହଲ୍) କହିଲା କି ତୁମର ପୁରୁଷମାନେ କୁଆଡ଼େ ଅବତାରତ୍ୱର ଦାବି କରିଥିଲେ । ଅର୍ଥାତ୍ ଆଁହଜରତ ସ.ଅଙ୍କ ଆଡ଼କୁ ଇଙ୍ଗିତ କଲା । ବର୍ତ୍ତମାନ ତୁମର ମହିଳାମାନେ ମଧ୍ୟ ଅବତାରତ୍ୱର ଦାବି କରିବାକୁ ଲାଗିଲେଣି । ଆତିକା କେଉଁ ସ୍ୱପ୍ନ ଦେଖିଛନ୍ତି ? ହ. ଅବ୍‌ବାସ୍ ର.ଅ କୁହନ୍ତି କି ମୁଁ କହିଲି, ସେ କେଉଁ ସ୍ୱପ୍ନ ଦେଖିଛନ୍ତି କେଜାଣି ? ଅବୁ ଜହଲ୍ କହିଲା, ମୁଁ ଜଣେ ବ୍ୟକ୍ତିକୁ ଓଟ ଉପରେ ଆସୁଥିବା ଦେଖିଲି ସେ ଏହି ଡାକ ମାରିଲେ ଓ ପୁନଶ୍ଚ ଏକ ପର୍ବତ ଉପରୁ ଖସାଇ ଦେଲି । ସୁତରାଂ ସମସ୍ତ ସ୍ୱପ୍ନ ବର୍ଣ୍ଣନା କଲି। ଅବୁ ଜହଲ୍ କହିଲା ଯେ, ଆମେ ତିନି ଦିନ ପର୍ଯ୍ୟନ୍ତ ଅପେକ୍ଷା କରିଛି । ଯଦି ଏହିପରି ଘଟିଲା ତାହାହେଲେ ଠିକ୍ ଅଛି, ଅନ୍ୟଥା ଆମେ ଖାନା କାଆବାରେ ଏକ ଲେଖା ଓହଳାଇ ଦେବୁ ଯେ, ତୁମେମାନେ ଆରବବାସୀଙ୍କ ମଧ୍ୟରେ ଘୋର ମିଥ୍ୟାଚାରୀ ଅଟ । ଏତଦ୍‌ପରେ  ହ. ଅବ୍‌ବାସ୍ ର.ଅ କୁହନ୍ତି ଯେ, ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ମୁଁ ବାଧ୍ୟ ଏବଂ ନିରୁପାୟ ହୋଇ ଉକ୍ତ ସ୍ୱପ୍ନକୁ ପ୍ରତ୍ୟାଖ୍ୟାନ କରିବାକୁ ପଡ଼ିଲା । ତା'କୁ କହିଦେଲି ଯେ, ସେ କୌଣସି ସ୍ୱପ୍ନ ଦେଖି ନାହାନ୍ତି ଓ ମୁଁ ସେହି କଥାକୁ ଅସ୍ୱୀକାରେ କରିଦେଲି । କାରଣ  ଆତିକା କୌଣସି ସ୍ୱପ୍ନ ଦେଖି ନାହାନ୍ତି । ପୁନଶ୍ଚ ଆମେମାନେ ସମସ୍ତ ଲୋକ ଉକ୍ତ ସଭାରୁ ଉଠିଗଲୁ ଓ ସନ୍ଧ୍ୟା ସମୟରେ ଯେତେବେଳେ ଘରକୁ ଗଲି ସେତେବେଳେ ବନୁ ଅବ୍‌ଦୁଲ୍ ମୁତଲ୍ଲିବ୍‌ର ସମସ୍ତ ମହିଳାମାନେ ସମସ୍ତେ ମୋ ପାଖକୁ ଆସିରେ ଏବଂ ମୋତେ କହିଲେ । ପ୍ରଥମେ ସେମାନେ ଦୁଷ୍ଟ, ପାପୀ ତୁମ ପୁରଷମାନଙ୍କ ଉପରେ ଦୋଷାରୋପଣ କରୁଥିଲେ ତେବେ ତୁମେମାନେ ଏହାକୁ ସହ୍ୟ କରିନେଲ । ବର୍ତ୍ତମାନ ମହିଳାମାନଙ୍କ ପ୍ରତି ମଧ୍ୟ ଅପଶବ୍ଦ ପ୍ରୟୋଗ କରୁଥିଲା ଆଉ ତୁମେ ତାହାକୁ ସହ୍ୟ କରିନେଲ । ବର୍ତ୍ତମାନ ମହିଳାମାନଙ୍କୁ ମଧ୍ୟ ଖରାପ କହୁଛି ଏବଂ ତୁମେ ନୀରବତାର ସହିତ ଶୁଣୁଥିଲ, ତା'ର ବାଯ୍ୟ କଥାର କୌଣସି ଉତ୍ତର ତୁମେ ତା'କୁ ପ୍ରଦାନ କଲ ନାହିଁ ? ତୁମର ସ୍ୱାଭିମାନ ଏବଂ ବିବେକ କେଉଁଆଡ଼େ ଚାଲି ଯାଇଥିଲା ? ତେବେ ବଂଶର ମହିଳାମାନେ ତାଙ୍କୁ ଟିକିଏ କ୍ରୋଧିତ କରାଇଦେଲେ । ହ. ଅବ୍‌ବାସ୍ ର.ଅ କୁହନ୍ତି ଯେ, ମୁଁ  ତାହା ହିଁ କଲି । ମୋ ନିକଟରେ ଏହାଠୁ ବଳି ଅନ୍ୟ କୌଣସି ପାପ ନାହିଁ ଓ ଅଲ୍ଲାଃତାଲାଙ୍କର ଶପଥ କରି କହୁଛି ! ମୁଁ ଏହି ମୁହୂର୍ତ୍ତରେ ତା' ନିକଟକୁ ଯିବି ଓ ଯଦି ସେ ପୁଣି ଏହିପିର କୌଣସି କଥା କହିଲା ତାହାହେଲେ ମୁଁ ତା'ର କାମ ତମାମ କରି ତୁମ ତରଫରୁ ଏହାର କ୍ଷତିପୂରଣ ପୈଠ କରିଦେବି ।

ହ. ଅବ୍‌ବାସ୍ ର.ଅ କୁହନ୍ତି, ମୁଁ ଆତିକାର ସ୍ୱପ୍ନ ଦେଖିବାର ତୃତୀୟ ଦିନରେ ସକାଳୁ ଘରୁ ବାହାରିଲି ଓ ମୁଁ ଅତ୍ୟନ୍ତ କ୍ରୋଧିତ ଥିଲି କି ମୋ ଦ୍ୱାରା ସେହି ଯେଉଁ ଅବହେଳା ହୋଇଛି ଆଜି ତା'ର ପ୍ରତିଶୋଧ ଅବଶ୍ୟ ନେବି । ସୁତରାଂ ମୁଁ ଯେତେବେଳେ ମସ୍‌ଜିଦ୍‌ରେ ପ୍ରବେଶ କଲି ସେତେବେଳେ ମୁଁ ଅବୁ ଜହଲ୍‌କୁ ଦେଖିଲି । ସେ ଚଞ୍ଚଳ ଶରୀର ତୀକ୍ଷ୍ଣ ତୁଣ୍ଡ ବ୍ୟକ୍ତି ଥିଲା (ଅର୍ଥାତ୍ ଟାଣ କଥା କହୁଥିଲା) ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ମୁଁ ତା' ଆଡ଼କୁ ଅଗ୍ରସର ହୋଇଥିଲି କି ସେ ପୁନଃ ଏପରି କୌଣସି  କଥା ଯେପରିକି ସେ ପୂର୍ବେ କହିଥିଲା ଏବଂ ମୁଁ ତା'ର ହିସାବ ବରାବର କରିଦେବି (ଅର୍ଥାତ୍ ସଂହାର କରିଦେବି) । କିନ୍ତୁ ମୁଁ ଦେଖିଲି ଯେ, ଅବୁ ଜହଲ୍ ପଳାୟନ କରି ମସ୍‌ଜିଦ୍ ଅର୍ଥାତ୍ ଖାନା କାଆବାର ଦ୍ୱାର ଆଡ଼କୁ ଯାଉଥିଲା । ମୁଁ ନିଜ ମନରେ ଭାବିଲି ଯେ, ଅବୁ ଜହଲ୍ ଉପରେ ଅଲ୍ଲାଃତାଲାଙ୍କ ଅଭିଶାପ ଅବତୀର୍ଣ୍ଣ ହେଉ, ତା'ର କ'ଣ ହୋଇଛି କି ସେ ଏତେ ଭୟଭୀତ ହୋଇ ପଳାୟନ କଲା । କାଳେ ମୁଁ ତା'କୁ ଏଣୁତେଣୁ ଖରାପ କହି ଦେଇ ନି ତ' । କିନ୍ତୁ ବାସ୍ତବରେ ସେହି କଥା ଏହା ଥିଲା କି ସେ ଜମ୍‌ଜମ୍ ବିନ୍ ଅମ୍ର ଗଫ୍ଫାରିର ଉଚ୍ଚ ସ୍ୱର ଶୁଣି ନେଇଥିଲା କିନ୍ତୁ ମୁଁ ସେହି ଉଚ୍ଚ ସ୍ୱର ଶୁଣିପାରି ନଥିଲି । ସେ ଅର୍ଥାତ୍ ଜମ୍‌ଜମ୍ ଉପତ୍ୟକା ମଧ୍ୟରେ ଛିଡ଼ା ହୋଇ ଉଚ୍ଚ ସ୍ୱରରେ ଡାକ ମାରୁଥିଲା । ସେ ଓଟର ନାସା ଓ କର୍ଣ୍ଣ କାଟିଦେଇଥିଲା । ନିଜର ଓଟ ପାଲିଙ୍କିକୁ ଓଲଟାଇ ଦେଇଲା ଏବଂ ନିଜର ବସ୍ତ୍ରକୁ ଚିରି ପକାଇଥିଲା । ସେ ଏହା ଡାକ ମାରୁଥିଲା ଯେ, ଯାତ୍ରୀସମୂହ! ଯାତ୍ରୀସମୂହ ! ଅର୍ଥାତ୍ ନିଜର ସେହି ଯାତ୍ରୀସମୂହକୁ ରକ୍ଷାକର ! ସେହି ଓଟ ଉପରେ ତୁମମାନଙ୍କର ବାଣିଜ୍ୟିକ ଧନସମ୍ପଦ ଲଦା ହୋଇଛି ଯାହା ଅବୁ ସୁଫିୟାନ୍ ସହିତ ଆସୁଛି । ସେହି ଯାତ୍ରୀସମୂହ ଉପରେ ମୁହମ୍ମଦ ସ.ଅ ଓ ତା'ର ସାଥିମାନେ ଚଢଉ କିରଦେଇଛନ୍ତି । ମୁ ଭାବୁଛି ତୁମେମାନେ ଯଥା ସମୟରେ ପହଞ୍ଚି ପାରିବ ନାହିଁ। ସୁତରାଂ ଯଥାସମ୍ଭବ ସେଠାରେ ପହଞ୍ଚିବା ପାଇଁ ଚେଷ୍ଟା କର । ମୋତେ ଲାଗୁ ନାହିଁ ଯେ ତୁମେମାନେ ତା'ର ସାହାଯ୍ୟ ପାଇଁ ପହଞ୍ଚି ପାରିବ । ସେ ଯାହା ହେଉ ହ. ଅବ୍‌ବାସ୍ କୁହନ୍ତି ଯେ, ସେହି ନୂତନ ଘଟଣାଟି ମୋତେ ଓ ତା'କୁ ମଧ୍ୟ ଏତେ ବ୍ୟତୀବ୍ୟସ୍ତ କରିଦେଲା ଯେ, ଆମେମାନେ ସେହି ପୂର୍ବ କଥା ଉପରେ ଧ୍ୟାନ ଦେଇ ପାରିଲୁ ନାହିଁ ।

**(ଅସ୍ ସିରତୁନ୍ ନବୱୀୟାହ୍, ଲିଇବ୍‌ନି ହିଶ୍ଶାମ୍, ପୃ-416-417, ଗଜ୍‌ୱା ବଦ୍ରୁଲ୍ କୁବ୍ରା/ ଜିକ୍ରେ ରୋୟା ଆତିକା ବିନତ୍ ଅବଦୁଲ୍ ମୁତଲ୍ଲିବ୍, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବୈରୁତ୍-2001 ମସିହା) (ଅସ୍ ସିରତୁଲ୍ ହଲବିୟାହ୍, ଭାଗ-2, ପୃ-198, ଦାରୁଲ୍ କୁତୁବୁଲ୍ ଇସ୍‌ମିୟାହ୍, ବୈରୁତ୍, ଲେବ୍‌ନାନ୍ 2002 ମସିହା) (କିତାବୁଲ୍ ମୁଗାଜି ଲିଲ ୱାକିଦି, ଭାଗ-1, ପୃ-30. ପ୍ରକାଶନ ସଂସ୍ଥା-ଆଲମୁଲ୍ କୁତୁବ୍ ବୈରୁତ୍-1984 ମସିହା) (ଅଲ୍ ଇସାବତ୍, ଭାଗ-8, ପୃ-229 ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍ -1995) (ଉସ୍‌ଦୁଲ୍ ଗାବା, ଭାଗ-7, ପୃ-183, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ, ବୈରୁତ୍-2016) (ମୁଜିମୁଲ୍ ବଲ୍‌ଦାନ୍, ଭାଗ-1 ପ୍ରକାଶନ ସ୍ଥାନ-ଦାରୁଲ୍ କୁତୁବୁଲ୍ ଇଲମିୟା, ବୈରୁତ୍) (ଫର୍‌ହଙ୍ଗ୍ ସିରତ୍, ପୃ-230, ପ୍ରକାଶନ ସ୍ଥାନ, ଜୱାହାରୀ ଏକାଡ଼େମୀ କରାଚୀ, 2003 ମସିହା)**

ଉଲ୍ଲେଖ ରହିଛି ଯେ, ମକ୍କାର କୁରୈଶ୍‌ମାନେ ଯେତେବେଳେ ଜମ୍‌ଜମ୍‌ର ଡାକ ଶୁଣିଲେ ସେତେବେଳେ ସେମାନେ ଅତ୍ୟଧିକ କ୍ରୋଧିତ ହୋଇଗଲେ ଏବଂ ଲୋକମାନଙ୍କୁ ଯୁଦ୍ଧ ପ୍ରସ୍ତୁତି କରିବା ପାଇଁ କହିଲେ । ସେମାନେ କହିବାକୁ ଲାଗିଲେ, କ'ଣ ମୁହମ୍ମଦ ସ.ଅ ତାଙ୍କର ସାଥିମାନେ ଆମମାନଙ୍କୁ ଇବ୍‌ନେ ହଜ୍ରମୀର ବାଣିଜ୍ୟିକ ଯାତ୍ରୀସମୂହ ପରି ମନେକରୁଛନ୍ତି ? କଦାପି ନୁହଁ । ଈଶ୍ୱରଙ୍କ ଶପଥ କରି କହୁଛି ! ସେମାନଙ୍କୁ ଜ୍ଞାତ ହୋଇଯିବ ଯେ, ଆମେମାନେ ସେପରି ନାହୁଁ ।

ହୁଜୁର ଅନୱର୍ ଅ.ବ କହିଲେ, ଅମ୍ର ବିନ୍ ହଜ୍ରମିର ଯାତ୍ରୀ ସମୂହ ଓ ମୁସଲମାମାନଙ୍କର ହସ୍ତ ଏହାର ହତ୍ୟାର ଚର୍ଚ୍ଚା ସରିୟା ଅବ୍‌ଦୁଲ୍ଲାଃ ବିନ୍ ହଜଶ୍‌ରେ ହୋଇସାରିଛି । ବର୍ତ୍ତମାନ ମୁଁ କହିଲି କି ମୁସଲମାନମାନେ ଅତି ସହଜରେ ଇବ୍‌ନେ ହଜ୍ରମୀର ବଧ କରି ଦେଇଥିଲେ ଓ ତା'ର ଧନସମ୍ପଦ ଉପରେ ପ୍ରଭୁତ୍ୱ ବିସ୍ତାର କରି ନେଇଥିଲେ । ସେ ଯାହ ହେଉ ବର୍ତ୍ତମାନ ମକ୍କାର କୁରୈଶ୍‌ମାନେ ଯୁଦ୍ଧ ନିମନ୍ତେ ପ୍ରସ୍ତୁତ ହେବାକୁ ଲାଗିଲେ ଓ ପ୍ରତ୍ୟେକ ବ୍ୟକ୍ତି ଯୁଦ୍ଧ ନିମନ୍ତେ ନିଜେ ବାହାରୁଥିଲା ଅବା ନିଜ ସ୍ଥାନରେ ଅନ୍ୟକୁ ଖର୍ଚ୍ଚ ଦେଇ ପ୍ରେରଣ କରୁଥିଲା । ସେମାନଙ୍କର ଜଣେ ଧାନଢ୍ୟ ଅଧିପତି କହିବାକୁ ଲାଗିଲା । ତୁମେମାନେ କ'ଣ ମୁହମ୍ମଦ ସ.ଅ ଓ ତା'ର ବିଧର୍ମୀ ସାଥିମାନଙ୍କୁ ଏବଂ ୟସ୍ରିବ୍ (ମଦିନା) ବାସୀଙ୍କୁ ଅନୁମତି ପ୍ରଦାନ କରିଦେବ ଯେ, ସେମାନେ ତୁମର ଧନସମ୍ପଦକୁ ଲୁଣ୍ଠନ କରି ନେଇଯିବେ ? ଯେଉଁ ବ୍ୟକ୍ତିକୁ ଅର୍ଥର ଆବଶ୍ୟକତା ରହିଛି ତେବେ ମୋର ଧନ ଏଥି ନିମନ୍ତେ ଉପସ୍ଥିତ ରହିଛି, ଯେଉଁ ବ୍ୟକ୍ତିକୁ ଖାଦ୍ୟ ପାନୀୟର ଆବଶ୍ୟକତା ରହିଛି ତାହାହେଲେ ସେ ପରିପ୍ରେକ୍ଷୀରେ ମୁଁ ଉପସ୍ଥିତ ରିହଛି । ସୁତରାଂ ଏକଥା ଶୁଣି କେହି ଦୁଇ ଶହ ଦିନାର, କେହି ତିନି ଶହ ଦିନାର, କେହି ପାଞ୍ଚ ଶହ ଦିନାର ଦେଲା ଓ କହିଲା ଆପଣ ଯେଉଁଠି ଚାହିଁବେ ଉକ୍ତ ଧନକୁ ସେଠାରେ ବ୍ୟବହାର କରନ୍ତୁ, ତ' କେହି 20ଟି ଓଟ ଯୁଦ୍ଧ ନିମନ୍ତେ ଉପସ୍ଥାପିତ କରିଦେଲା । କେତେକ ବ୍ୟକ୍ତିମାନେ ଯୁଦ୍ଧରେ ଯାଉଥିବା ଲୋକଙ୍କ ପରିବାରର ଖର୍ଚ୍ଚ ବହନ କଲେ ଏବଂ ନିଜେ ଯୁଦ୍ଧକୁ ଗଲେ ନାହିଁ । ସେମାନେ ନିଜ ସ୍ଥାନରେ ଅନ୍ୟ ବ୍ୟକ୍ତିକୁ ଯୁଦ୍ଧକୁ ପ୍ରେରଣ କଲେ । ଏହିପରି ଭାବରେ ଦୁଇ ତିନି ଦନି ମଧ୍ୟରେ  ଯୁଦ୍ଧ ପ୍ରସ୍ତୁତି ସଂପୂର୍ଣ୍ଣ ହୋଇଗଲା । **(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-4, ପୃ-21, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍-1993 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏଠାରେ ଏହା ମଧ୍ୟ ସ୍ମରଣ ରଖିବା ଉଚିତ୍ ଯେ, ଧନାଢ୍ୟ ଅଧିପତି ଏହି ଘୋଷଣା କରିଥିଲା ଯେ, ତୁରନ୍ତ ପହଞ୍ଚ, କିନ୍ତୁ ମକ୍କାର କୁରୈଶ୍‌ମାନେ ଦୁଇ ତିନ ଦିନ ମଧ୍ୟରେ ଯୁଦ୍ଧ ପାଇଁ ଭଲ ଭାବରେ ପ୍ରସ୍ତୁତ ହୋଇଗଲେ। ସେମାନଙ୍କର ଏହି ପ୍ରସ୍ତୁତି ଏହା ସୂଚାଏ ଯେ, ମକ୍କାର ଅବଜ୍ଞାକାରୀମାନେ ସେମାନେ ମୁସଲମାନମାନଙ୍କ ସହିତ ନିୟମିତ ଯୁଦ୍ଧ କରିବାର ବାହାନ ଖୋଜୁଥିଲେ । ଅନ୍ୟଥା ଯଦି କେବଳ ଯାତ୍ରୀ ସମୂହକୁ ବଞ୍ଚାଇବାର ଅଭିପ୍ରାୟ ହୋଇଥାଆନ୍ତା ତାହାହେଲେ ଯେଭଳି ଉକ୍ତ ସମ୍ବାଦ ପ୍ରଦାନ କରାଯାଇଥିଲା

---

**ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-**

"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

---

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

କୁରୈଶ୍‌ମାନେ ତୁରନ୍ତ ପହଞ୍ଚିଯାଇ ଥାଆନ୍ତେ । ଯାହା ହାତରେ ଯେଉଁ ଅସ୍ତ୍ର ଆସି ଥାଆନ୍ତା ସେ ତାହାକୁ ଘେନି ଚାଲି ଯାଆନ୍ତା । କିନ୍ତୁ ଏପରି ହେଲା ନାହିଁ ବରଂ ସେମାନେ ଯାତ୍ରୀସମୂହ ପରିବର୍ତ୍ତେ ଯୁଦ୍ଧ ଯୁଦ୍ଧ ନିମନ୍ତେ ପ୍ରସ୍ତୁତି କରି ଯାଇଥିଲେ ।

ପୁନଶ୍ଚ କୁରୈଶ୍‌ମାନଙ୍କ ଅଧିପତିଙ୍କ ସଂକ୍ରାନ୍ତରେ ଉଲ୍ଲେଖ ରହିଛି ଯେ, କୁରୈଶ୍‌ମାନଙ୍କର ପାଞ୍ଚଟି ଅଧିପତି ଯଥାକ୍ରମେ ହେଲେ- ଉମୈୟାହ୍ ବିନ୍ ଖଲ୍‌ଫ୍, ଉତ୍‌ବା ବିନ୍ ରବିୟାହ୍, ଶୈବା ବିନ୍ ରବିୟାହ୍, ଜମ୍‌ଆ ବିନ୍ ଅସ୍‌ୱଦ୍, ହକିମ୍ ବିନ୍ ହଜମ୍ । ଏମାନେ ତୀର୍ ମାଧ୍ୟମରେ ଗୁଳା ପକାଇଲେ ଯେ, ଯୁଦ୍ଧକୁ ଯିବା ଠିକ୍ ହେବ ନା ନାହିଁ । ଫଳତଃ ତୀର ବିପରୀତ ବାହାରିଲା । ଅର୍ଥାତ୍ ଏମାନେ ଯୁଦ୍ଧକୁ ନଯାଆନ୍ତୁ । ଅର୍ଥାତ୍ ସେହି ତୀରରେ ଉଲ୍ଲେଖ ଥିଲା ଯେ, ଯୁଦ୍ଧ କର ନାହିଁ। ଅତଏବ୍ ସେମାନେ ସମସ୍ତେ ମିଶି ଏହି ନିଷ୍ପତ୍ତି ନେଲେ ଯେ, ସେମାନେ ଯୁଦ୍ଧକୁ ଯିବେ ନାହିଁ । କିନ୍ତୁ ସେମାନଙ୍କ ନିକଟକୁ ଅବୁ ଜହଲ୍ ଆସିଲା ଓ ସେ ସେମାନଙ୍କୁ ନେଇଯିବା ନିମନ୍ତେ ଜିଦ୍ କଲା । ଏପ୍ରସଙ୍ଗରେ ଉକ୍‌ବା ବିନ୍ ଅବୁ ମୁଐତ୍ ଓ ନଜର୍ ବିନ୍ ହାରିସ୍ ମଧ୍ୟ ଅବୁ ଜହଲ୍‌କୁ ସମର୍ଥନ ଜଣାଇଥିଲେ ଓ ସେମାନଙ୍କୁ ସାଙ୍ଗରେ ନେଇଯିବା ପାଇଁ ଜିଦ୍ ଧରିଲା । ଉତ୍‌ବା ଓ ଶୈବାର ଦାସ ତାକୁ କହିଲା, ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ! ଆପଣମାନେ ଯୁଦ୍ଧକୁ ଯାଉ ନାହାନ୍ତି ବରଂ ନିଜର ସଂହାର ସ୍ଥଳୀକୁ ଯାଉଛନ୍ତି । ଫଳତଃ ସେମାନେ ଦୁହେଁ ଯୁଦ୍ଧ ନଯିବା ପାଇଁ ନିଷ୍ପତ୍ତି ନେଇଥିଲେ । କିନ୍ତୁ ଅବୁ ଜହଲ୍‌ର ଜିଦ୍ ଏତେ ହୋଇଯାଇଥିଲା ଯେ, ଏମାନେ ଦୁହେଁ ଏହି ଆଶା ରଖି ସମସ୍ତଙ୍କ ସହିତ ଯିବା ପାଇଁ ପ୍ରସ୍ତୁତ ହୋଇଯାଇଥିଲେ ଯେ, ମାର୍ଗରୁ ଫେରି ଆସିବେ । **(ଅସ୍ ସିରତୁଲ୍ ହଲବିୟାହ୍, ଭାଗ-2, ପୃ-200 201, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍ ଲେବ୍‌ନାନ୍, 2002 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଯୁଦ୍ଧ ନିମନ୍ତେ ଅବଞ୍ଚକାରୀଙ୍କ ପ୍ରସ୍ତୁତି ଓ ପ୍ରସ୍ଥାନର ଅତିରିକ୍ତ ବିବରଣୀ ତଥା ତତ୍‌ସମ୍ବନ୍ଧିତ ଘଟଣାବଳୀ ଇନ୍‌ଶାଅଲ୍ଲାଃ ଆସନ୍ତାରେ ବର୍ଣ୍ଣନା କରିବି ।

☆ ☆ ☆

## ସଦର୍ ଅଞ୍ଜୁମନ୍ ଅହେମଦିୟା କାଦିଆନରେ ଡ୍ରାଇଭର (ବାହନ ଚାଳକ) ଚାକିରୀ (ପଦବୀ) ନିମନ୍ତେ ଘୋଷଣା !

(1) ପ୍ରାର୍ଥୀର ବୟସ 18 ବର୍ଷରୁ କମ ଓ 40ବର୍ଷରୁ ଉର୍ଦ୍ଧ୍ୱ ହୋଇ ନଥିବ । (2) ପ୍ରାର୍ଥୀ ସର୍ବନିମ୍ନ ଅଷ୍ଟମ ପାସ୍ କରିଥିବା ଉଚିତ୍ । (3) ପ୍ରାର୍ଥୀ ନିକଟରେ ସର୍ବନିମ୍ନ 10 ବର୍ଷର ବୈଧ ଡ୍ରାଇଭିଂ ଲାଇସେନସ୍ ଥିବା ଉଚିତ୍ ଏବଂ ଦଶ ବର୍ଷର ଡ୍ରାଇଭିଂ କରିବାର ଅନୁଭବ ଥିବା ଉଚିତ୍ । ଟ୍ରେଣ୍ଡ୍ (ଅଭିଜ୍ଞ) ଡ୍ରାଇଭରକୁ ଅଗ୍ରାଧିକାର ଦିଆଯିବ । (4) ଡ୍ରାଇଭର ପ୍ରାର୍ଥୀକୁ ଦ୍ୱିତୀୟ ଶ୍ରେଣୀର ତୁଲ୍ୟ ଆଲାଉନ୍‌ସ୍ (ଭତ୍ତା) ଏବଂ ଅନ୍ୟାନ୍ୟ ସୁବିଧା ସବୁ ପ୍ରଦାନ କରାଯିବ । (5) ପ୍ରାର୍ଥୀଙ୍କୁ ନୁର୍ ହସ୍ପିଟାଲ୍ କାଦିଆନ୍‌ରୁ ମେଡ଼ିକାଲ ପରୀକ୍ଷା କରାଇବାକୁ ହେବ ଓ କେବଳ ସେହି ପ୍ରାର୍ଥୀମାନେ ହିଁ ସେବା ନିମନ୍ତେ ଯୋଗ୍ୟ ବିବେଚିତ ହେବେ ଯେଉଁମାନେ ନୁର୍ ହସ୍ପିଟାଲର ମେଡ଼ିକାଲ୍ ବୋର୍ଡ଼ଙ୍କ ରିପୋର୍ଟ ଅନୁଯାୟୀ ସୁସ୍ଥ ଓ ସ୍ୱାସ୍ଥ୍ୟବାନ୍ ବିବେଚିତ ହେବେ । (6)ଚୟନ ହେବା ସ୍ଥଳରେ ପ୍ରାର୍ଥୀଙ୍କୁ କାଦିଆନ୍‌ରେ ନିଜର ରହିବାର ବ୍ୟବସ୍ଥା ସ୍ୱୟଂ କରିବାକୁ ପଡ଼ିବ । (7) କାଦିଆନ୍ ଯିବା ଆସିବା ଇତ୍ୟାଦି ଗସ୍ତ ଖର୍ଚ୍ଚ ପ୍ରାର୍ଥୀ ନିଜେ ବହନ କରିବେ ।

**(ନୋଟ୍**: ଲିଖିତ ପରୀକ୍ଷା, ଡ୍ରାଇଭିଂ, ଟେଷ୍ଟ ଏବଂ ଇଣ୍ଟରଭ୍ୟୁ (ସାକ୍ଷାତକାର)ର ତାରିଖ ସଂକ୍ରାନ୍ତରେ ପ୍ରାର୍ଥୀକୁ ପରବର୍ତ୍ତୀ ସମୟରେ ସୂଚିତ କରିଦିଆଯିବ)

**ଅଧିକ ତଥ୍ୟ ଜାଣିବା ନିମନ୍ତେ ଯୋଗାଯୋଗ କରନ୍ତୁ:**

**ନଜାରତ୍ ଦିୱାନ୍ ସଦର୍ ଅଞ୍ଜୁମନ କାଦିଆନର (ପିନ୍ କୋଡ୍:-143516) ମୋବାଇଲ୍ ନଂ:- 09682627592, 09682587713, କାର୍ଯ୍ୟାଳୟ:- 01872-501130, Email: diwan@qadian.in**

☆ ☆ ☆

## ସଦର୍ ଅଞ୍ଜୁମନ୍ ଅହେମଦିୟା କାଦିଆନ୍ ଅନୁଷ୍ଠାନରେ ସେବା କରିବାକୁ ଇଚ୍ଛୁକ ବ୍ୟକ୍ତିମାନେ ଧ୍ୟାନ ଦିଅନ୍ତୁ !

### "ନଜାରତ୍ ତାଲିମ୍" ଅନ୍ତର୍ଗତ ଶିକ୍ଷାନୁଷ୍ଠାନମାନଙ୍କର ପୁରଷ ଶିକ୍ଷକମାନଙ୍କର ଆବଶ୍ୟକତା ରହିଛି ।

ତାଲିମୁଲ୍ ଇସ୍‌ଲାମ୍ ସିନିୟର୍ ସେକେଣ୍ଡାରୀ ସ୍କୁଲରେ ଫିଜିକାଲ୍ (ଶାରୀରୀକ) ଏଜୁକେଶନ (ଶିକ୍ଷା) ଓ କମ୍ପ୍ୟୁଟର ଶିକ୍ଷକର କେତେକ ପଦବୀ ପୂରଣ କରାଯିବା ଅଭିଷ୍ଟ (ଆବଶ୍ୟକତା) ରହିଛି । ସିଲ୍‌ସିଲାର ସେବା କରିବାକୁ ଆଗ୍ରହ ରଖୁଥିବା ଓ ଅଭିଷ୍ଟ ଶିକ୍ଷାଗତ ଯୋଗ୍ୟତା ଥିବା ଆଗ୍ରହୀ ପ୍ରାର୍ଥୀମାନେ ନଜାରତ୍ ଦିୱାନ ତରଫରୁ ପ୍ରକାଶିତ ସମାଚାର ଫର୍ମ ପୂରଣ କରି ନିଜର ଆବେଦନ ଜମା କରିପାରନ୍ତି । ପଦବୀଗୁଡ଼ିକର ବିବରଣୀ ଏବଂ ସର୍ତ୍ତାବଳୀ ନିମ୍ନ ଲିଖିତ ଅଟେ ।

**Computer Teacher:**

(1) Qualification: BCA/Bsc (IT/CS/Internet Science), B.Tech (IT/CS) (2) ପ୍ରାର୍ଥୀ ଉର୍ଦ୍ଦୁ, ଇଂରାଜୀ, ହିନ୍ଦୀ ଏବଂ ପଞ୍ଜାବୀ ଭାଷା ଜାଣିଥିବା ଉଚିତ୍ (3) ସଂପୃକ୍ତ ବିଷୟରେ ସ୍ନାତକ (BCA/ Bsc, B.Tech) 55% ମାର୍କ ରଖିଥିବା ଉଚିତ୍ ଓ ଯେକୌଣସି ସ୍ୱୀକୃତ ପ୍ରାପ୍ତ ଶିକ୍ଷାନୁଷ୍ଠାନରେ 3 ବର୍ଷ ପାଠ ପଢାଇଥିବା ଅନୁଭବ ଥିବା ଉଚିତ୍, ସ୍ନାତକୋତ୍ତର ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ ।

**Physical EducationTeacher:**

(1) B.A with Physical Education as an Elective Subject/3 Year Graduation Course in Physical Education and B.P.Ed (2) 4 Years integrated Course of bachelor of physical Education From recognised University.

(3) ସଂପୃକ୍ତ ବିଷୟରେ ସ୍ନାତକ 55% ମାର୍କ ରଖିଥିବା ଉଚିତ୍ ଓ ଯେକୌଣସି ସ୍ୱୀକୃତ ପ୍ରାପ୍ତ ଶିକ୍ଷାନୁଷ୍ଠାନରେ 3 ବର୍ଷ ପାଠ ପଢାଇଥିବା ଅଭିଜ୍ଞତା ଥିବା ଉଚିତ୍, ସ୍ନାତକୋତ୍ତର ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ । (4) ପ୍ରାର୍ଥୀର ବୟସ 18 ବର୍ଷରୁ କମ ଓ 40 ବର୍ଷରୁ ଉର୍ଦ୍ଧ୍ୱ ହୋଇ ନଥିବ । ବ୍ୟତିକ୍ରମ ବା ଆବଶ୍ୟକ ସ୍ଥଳେ ବୟସ ସୀମାରେ କୋହଳ ପ୍ରଦାନ କରାଯିବା ଉପରେ ବିଚାର କରାଯାଇପାରେ । (5) ସେହି ପ୍ରାର୍ଥୀମାନଙ୍କୁ ସେବା କରିବା ନିମନ୍ତେ ଚୟନ କରାଯିବ ଯେଉଁମାନେ କର୍ମଚାରୀ ଭର୍ତ୍ତି (ନିଯୁକ୍ତି) ମର୍କଜି କମିଟି ପକ୍ଷରୁ ନିଆଯାଇଥିବା ଲିଖିତ ପରୀକ୍ଷାରେ, ମୌଖିକ ପରୀକ୍ଷାରେ ଏବଂ ଇଣ୍ଟରଭ୍ୟୁରେ କୃତକାର୍ଯ୍ୟ ହେବେ ଓ ନୁର ହସ୍ପିଟାଲ କାଦିଆନ୍‌ର ମେଡ଼ିକାଲ୍ ପରୀକ୍ଷା ତଥା ମେଡ଼ିକାଲ ବୋର୍ଡ଼ଙ୍କ ରିପୋର୍ଟ ଅନୁଯାୟୀ ସୁସ୍ଥ ଓ ସ୍ୱାସ୍ଥ୍ୟବାନ୍ ବିବେଚିତ ହେବେ । (6) ଚୟନ ହେବା ସ୍ଥଳରେ ପ୍ରାର୍ଥୀଙ୍କୁ କାଦିଆନ୍‌ରେ ନିଜ ରହିବାର ବ୍ୟବସ୍ଥା ସ୍ୱୟଂ କରିବାକୁ ପଡ଼ିବ । (7) ଇଣ୍ଟରଭ୍ୟୁ ନିମନ୍ତେ କାଦିଆନ୍ ଡ଼କାଯିବା ସ୍ଥଳେ ପ୍ରାର୍ଥୀକୁ ଯାତ୍ରା ବା ଗସ୍ତ ଖର୍ଚ୍ଚ (କାଦିଆନ ଯିବା ଆସିବା ଇତ୍ୟାଦି) ପ୍ରାର୍ଥୀ ସ୍ୱୟଂ ବହନ କରିବେ । (8) ପ୍ରାର୍ଥୀକୁ ଇଣ୍ଟରଭ୍ୟୁର ତାରିଖ ସଂକ୍ରାନ୍ତରେ ପରବର୍ତ୍ତୀ ସମୟରେ ସୂଚିତ କରିଦିଆଯିବ (9) ପ୍ରକାଶିତ ଆବେଦନ ଫର୍ମ, ନଜାର୍ତ ଦିୱାନ୍‌ର କାର୍ଯ୍ୟାଳୟ କିମ୍ବା ନିମ୍ନ ଲିଖିତ ଠିକଣା/Email ରୁ ପ୍ରାପ୍ତ କରାଯାଇ ପାରିବ । (10) ଆବେଦନଗୁଡ଼ିକର ଶିକ୍ଷାଗତ ଯୋଗ୍ୟତା, ଅଭିଜ୍ଞତା ଥିବା ପ୍ରମାଣପତ୍ର ଇତ୍ୟାଦିର (Self Attested)ସ୍ୱକୃତ ପୁଷ୍ଟିର ପ୍ରତିଲିପି ସହିତ ନଜାରତ୍ ଦିୱାନ୍‌ରେ ଉକ୍ତ ଘୋଷଣା ହେବାର ଦୁଇ ମାସ ମଧ୍ୟରେ ପହଞ୍ଚି ଯିବା ଉଚିତ୍ । (11) ଚଳଣୀୟ ଭତ୍ତା ଓ ଅନ୍ୟାନ୍ୟ ତଥ୍ୟ ସଂପର୍କରେ ଜାଣିବା ନିମନ୍ତେ ନିମ୍ନ ଲିଖିତ ଇ.ମେଲରେ ଏବଂ ଫୋନ୍ ନଂରେ କାର୍ଯ୍ୟାଳୟ ସମୟ ମଧ୍ୟରେ ଯୋଗଯୋଗ କରାଯାଇପାରିବ ।

**ନଜାରତ୍ ଦିୱାନ୍ ସଦର ଅଞ୍ଜୁମନ କାଦିଆନ୍‌ର (ପିନ୍ କୋଡ୍:-143516) ମୋବାଇଲ୍ ନଂ:- 09682627592, 09682587713, କାର୍ଯ୍ୟାଳୟ:- 01872-501130, Email: diwan@qadian.in**

☆ ☆ ☆

## ହ. ମୁସଲେହ୍ ମଉଦ୍ ର.ଅଙ୍କ ଆଦର୍ଶ ଉକ୍ତି

"ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି: "ଜାତିର ସଂସ୍କାର ଯୁବ ପିଢୀଙ୍କ ସଂସ୍କାର ବ୍ୟତୀତ କଦାପି ସମ୍ଭବପର ହୋଇପାରିବ ନାହିଁ ।"

**ତାଲିବେ ଦୁଆ:** Sarwar khan & Family,
Jamat Ahmadiya Kerang, (Darul salam)
Darul Fazal (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।"

(ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଫ୍‌କତା ଫି ସବିଲିଲ୍ଲାଃହି )

**ତାଲିବେ ଦୁଆ:** Rahmat Bibi, W/o- Late Shujat Ali & Family,
Jamat Ahmadiya Kerang,
Darul Fazal (Odisha)

## ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ନାମ ଫଜ୍‌ଲେ ଉମର୍ କାହିଁକି ରଖାଗଲା ?

(ହ. ମିର୍ ମୁହମ୍ମଦ୍ ଇସମାଇଲ୍ ସାହେବ)

ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କୁ ଚିହ୍ନିବା ନିମନ୍ତେ ହ. ମସିହ୍ ମଉଦ୍ ଅ.ସ ଏହି ଲକ୍ଷଣ ଦର୍ଶାଇଛନ୍ତି ଯେ, "ଅଲ୍ଲାଃତାଲା ମୋ (ହ. ମସିହ୍ ମଉଦ୍ ଅ.ସଙ୍କ) ଉପରେ ଐଶୀବାଣୀ ଅବତୀର୍ଣ୍ଣ କରି ଏହା କହିଲେ, "ତୁମ୍ଭର ଏକ ପୁତ୍ରର ନାମ ଫଜ୍‌ଲେ ଉମର୍ ମଧ୍ୟ ପ୍ରକାଶିତ କରାଯାଇଛି । ଅର୍ଥାତ୍ ତାଙ୍କୁ ଚିହ୍ନିବାର ସେହି ମାହାତ୍ମ୍ୟତାର ଉପସ୍ଥିତି ଦ୍ୱାରା ହୋଇ ପାରିବ ଯାହା ହ. ଉମର୍ ବିନ୍ ଖତ୍ତାବ୍ ର.ଅଙ୍କ ଠାରେ ବିଦ୍ୟମାନ ଥିଲା ।" ସେହି ମାହାତ୍ମ୍ୟ ହ. ଖଲିଫତୁଲ୍ ମସିହ୍ ସାନି ର.ଅଙ୍କ ବ୍ୟତୀତ ସଂସାରରେ ଅନ୍ୟ କୌଣସି ବ୍ୟକ୍ତିରେ ଉପଲବ୍ଧ ହୋଇ ପାରିବ ନାହିଁ ।

(1) ଆଁହଜରତ ସ.ଅଙ୍କ ଦ୍ୱିତୀୟ ଆଗମନ କାଳରେ ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ଦ୍ୱିତୀୟ ଖଲିଫା ହେବା ଯେପରି କି ହ. ଉମର୍ ବିନ୍ ଖତ୍ତାବ୍ ର.ଅଙ୍କ ପ୍ରଥମ ବେସତ୍ (ଅବତୀର୍ଣ୍ଣ/ଆବିର୍ଭୂତ) ସମୟରେ ହୁଜୁର ସ.ଅ ଦ୍ୱିତୀୟ ଖଲିଫା ଥିଲେ। ଏହି କୃପା କିମ୍ବା ସେହି ମାହାତ୍ମ୍ୟ ଏପରି ଦୃଢ ଏବଂ ଏପରି ଅଣ ପୃଥକ ଯେ, ହ. ଫଜ୍‌ଲେ ଉମରଙ୍କ ଠାରୁ ପୂର୍ବେ ନା ଏପରି କୌଣସି ବ୍ୟକ୍ତି ହୋଇଛି ଯାହାକୁ ହ. ମସିହ୍ ମଉଦ୍ ଅ.ସଙ୍କ ଦ୍ୱିତୀୟ ଖଲିଫା ହେବାର ଗୌରବ ଅର୍ଜନ ହୋଇଥିବ ଓ ନା ହିଁ ଭବିଷ୍ୟତରେ ଏପରି କୌଣସି ବ୍ୟକ୍ତି ସୃଷ୍ଟି ହୋଇପାରିବ ଯିଏ ଉକ୍ତ ପଦ ଉପରେ ଅଧିଷ୍ଠିତ ହୋଇପାରିବ । ତୃତୀୟ, ଚତୁର୍ଥ, ପଞ୍ଚମ, ବିଂଶ ଅର୍ଥାତ ପ୍ରତ୍ୟେକ ସଂଖ୍ୟାର ଖଲିଫା ଉକ୍ତ ସଂପ୍ରଦାୟରେ ଆସି ପାରିବ ହେଲେ ଦ୍ୱିତୀୟ ଆସି ପାରିବ ନାହିଁ । ଆଉ ଅନ୍ୟ ଅଣବୈଅତ୍‌କାରୀମାନେ ହେଲେ ସେମାନେ ତ' ମୂଳରୁ ହିଁ ଖିଲାଫତ୍‌କୁ ସ୍ୱୀକାର କରନ୍ତି ନାହିଁ ଏବଂ ଆଉ କିଛି ବ୍ୟକ୍ତି ଯେଉଁମାନେ ମୁସ୍‌ଲେହ୍ ମଉଦ୍ ହେବାର ଦାବି କରନ୍ତି ସେହି ସମସ୍ତ ବ୍ୟକ୍ତିଙ୍କ ମଧ୍ୟରୁ କାହାରିକୁ ମଧ୍ୟ ଜମାଅତ୍ ଅହେମଦିୟା ହିସାବରେ ହ.ମସିହ୍ ମଉଦ୍ ଅ.ସଙ୍କ ଦ୍ୱିତୀୟ ଖଲିଫା ହେବାର ଗୌରବ ପ୍ରାପ୍ତ ହୋଇ ନାହିଁ ଓ ନା ହିଁ ସେମାନେ କେବେ ଏପରି ଦାବି କରିଛନ୍ତି । ସୁତରାଂ ଏହା ହ. ମୁସ୍‌ଲେହ୍ ମଉଦଙ୍କ ନିମନ୍ତେ ଏପରି ଏକ ଦୃଢ ଚିହ୍ନଟକାରୀ ନିଦର୍ଶନ ରୂପେ ବର୍ଣ୍ଣନା କରାଯାଇଛି ଯହିଁରେ ସନ୍ଦେହର ଅବକାଶ ଆଦୌ ନାହିଁ। ମନୁଷ୍ୟ ବ୍ୟତୀତ ଅନ୍ୟ କେହି ବିଁ ଉକ୍ତ ପଦବୀର ଦାବି କରିପାରିବ ନାହିଁ । ଉକ୍ତ ବିଶେଷ ଗୁଣାବଳୀ ନାମ ଦ୍ୱାରା ଏହା ଜ୍ଞାତ ହୁଏ ଯେ, ମୁସ୍‌ଲେହ୍ ମଉଦ୍ କିଏ ? ଯଦି ବିଚାର କରାଯାଇ ତେବେ ଏପରି ଦୃଢତମ ନିଦର୍ଶନ ଚାରୋଟି ରହିଛି। (1) ଆପଣ ର.ଅଙ୍କ ହ. ମସିହ୍ ମଉଦ୍ ଅ.ସଙ୍କ ଔରସ, ସନ୍ତାନ ଏବଂ ପିଢ଼ୀରୁ ଜାତ ହେବା (2) ଆପଣ ର.ଅଙ୍କ 9 ବର୍ଷ ଅବଧି ମଧ୍ୟରେ ଜନ୍ମଗ୍ରହଣ କରିବା (3) ଆପଣ ର.ଅଙ୍କ ବଶୀର୍ ଅୱଲ୍ (ପ୍ରଥମ) ହେବା (4) ଆପଣ ର.ଅଙ୍କ ହ. ମସିହ୍ ମଉଦ୍ ଅ.ସଙ୍କ ଜମାଅତ୍‌ର ଦ୍ୱିତୀୟ ଖଲିଫା ହେବା ।

(2) ଏହି ବିଶେଷ ଫଜଲ୍ (କୃପା)ର କୃପାର ଆଉ କେତେକ ମାହାତ୍ମ୍ୟ ମଧ୍ୟ ହ. ଉମର୍ ବିନ୍ ଖତ୍ତାବ୍ ର.ଅଙ୍କ ରହିଛି ଯାହାକି ହ. ଫଜ୍‌ଲେ ଉମର ର.ଅଙ୍କ ମଧ୍ୟରେ ଦେଖିବାକୁ ମିଳୁଛି । ସୁତରାଂ ଯେପରି ହ. ଉମର୍ ର.ଅଙ୍କ କାଳରେ ବିଜୟ ବ୍ୟାପକ ହୋଇଯାଇଥିଲା ଓ ଇସଲାମ୍ ଧର୍ମ ଖୁବ୍ ଉନ୍ନତି କରିଥିଲା ଓ ଅନେକ ସଭ୍ୟ ରାଷ୍ଟ୍ରମାନଙ୍କ ମଧ୍ୟରେ ଇସ୍‌ଲାମୀୟ ସୈନ୍ୟ ବାହିନୀ ଓ ମୁବଲ୍ଲିଗିନ୍ ପହଞ୍ଚି ଯାଇଥିଲେ । ସେହିପରି ହ. ଫଜ୍‌ଲେ ଉମର୍ ର.ଅଙ୍କ କାଳରେ ମଧ୍ୟ ଅହେମଦିୟତ୍ ଓ ଇସ୍‌ଲାମ୍ ଧର୍ମର ମୁବଲ୍ଲିଗ୍ ସଂସାରର ଅନେକ ଦେଶ ଏବଂ ପୃଥିବୀର ଅନେକ ଭୂଖଣ୍ଡରେ ଏବଂ କୋଣ ପର୍ଯ୍ୟନ୍ତ ପହଞ୍ଚି ଯାଇଛନ୍ତି ଓ ସଂପ୍ରଦାୟର ପୁସ୍ତକ, ପରିସ୍ଥିତି ଏବଂ ଅଧିକାଂଶ ବାହ୍ୟ ସମ୍ବାଦପତ୍ର ଏବଂ ଅଜ୍ଞାତ ଦେଶରେ ପ୍ରବିଷ୍ଟ କରିସାରିଛନ୍ତି। ଅହେମଦିୟତ୍‌ର ବିଜୟ, ପ୍ରତିପତ୍ତି, ବ୍ୟାପକତା, ଧନସମ୍ପଦ, ଅଭାବ ବର୍ଣ୍ଣିତ ହୋଇ ନାହିଁ । ସେହିପରି ହୁଜୁର ର.ଅଙ୍କ ଜ୍ଞାନ ଲୋକମାନଙ୍କୁ ଅତ୍ୟନ୍ତ ଶୀର୍ଷ ସ୍ତର ପର୍ଯ୍ୟନ୍ତ ସିଞ୍ଚିତ କରିଦେଇଛି । ସେହିପରି ହ. ଉମର୍ ର.ଅଙ୍କ ସଂକ୍ରାନ୍ତରେ ମଧ୍ୟ ଆଁହଜରତ ସ.ଅଙ୍କର ଏକ ସ୍ୱପ୍ନ ରହିଛି ଯେ, ମୁଁ ଦେଖିଛି ଯେ, ଏକ କୂପ ରହିଛି ଯାହା ଉପରେ ବାଲଟି ଥୁଆ ହୋଇଛି । ହ. ଅବୁ ବକର ର.ଅ ସେହି କୂପରୁ ଅତି କଷ୍ଟରେ ଅର୍ଥାତ୍ ନିର୍ବଳତାର ସହିତ ଜଳ କାଢିଲେ । ପୁନଶ୍ଚ ସେହି ବାଲଟି ଚର୍ସା (ବଳଦ କିମ୍ବା ମଇଁଷିର ଚମଡ଼ା ଦ୍ୱାରା ନିର୍ମିତ ଜଳଥଳୀ) ଓ ହ. ଉମର୍ ର.ଅ ତହିଁରୁ ଏତେ ଜଳ କାଢିଲେ ଯେ, ଲୋକମାନେ ଏବଂ ଓଟମାନେ ସମସ୍ତେ ତୃପ୍ତ ହୋଇଗଲେ । ଅତଃ ଏହା ହେଉଛି ହ. ଫଜ୍‌ଲେ ଉମରଙ୍କ ହ. ଉମର୍ ର.ଅଙ୍କ ସହିତ ଦ୍ୱିତୀୟ ସାଦୃଶ୍ୟତା ।

(3) ସେହିପରି ଏକଦା ଆଁହଜରତ ସ.ଅ କହିଲେ, ମୋତେ ସ୍ୱପ୍ନରେ ଏହା ଦର୍ଶନ ହୋଇଛି ଯେ, ମୁଁ କ୍ଷୀର ପାନ କଲି । ଏପର୍ଯ୍ୟନ୍ତକି ମୋର ନଖ ପର୍ଯ୍ୟନ୍ତ ଏହାର ଆର୍ଦ୍ରତା ପହଞ୍ଚି ଯାଇଛି । ପୁନଶ୍ଚ ମୁଁ ନିଜର ବଳକା କ୍ଷୀର ହ. ଉମର୍ ବିନ୍ ଖତ୍ତାବ୍ ର.ଅଙ୍କୁ ଦେଇଦେଲି । ସାହାବାମାନେ କହିଲେ ଯେ, ଏହାର ସ୍ୱପ୍ନଫଳ ବା ଉକ୍ତ ସ୍ୱପ୍ନର ଅର୍ଥ କ'ଣ ରହିଛି ? ତହିଁରୁ ଯଥାର୍ଥ ଜ୍ଞାନ ଅଟେ । ଅତଏବ୍ ହ. ଉମର୍ ର.ଅଙ୍କୁ ଯେପରି ଅବତାରତ୍ୱ ବିଦ୍ୟାରୁ ଅଂଶ ପ୍ରାପ୍ତ ହୋଇଥିଲା ସେହିପରି ହ. ଫଜ୍‌ଲେ ଉମର୍ ର.ଅଙ୍କୁ ମଧ୍ୟ ଅଂଶ ପ୍ରାପ୍ତ ହେଲା ଓ ସମସ୍ତ ବନ୍ଧୁ ଓ ଶତ୍ରୁ ଉକ୍ତ ଚମତ୍କାରର ସ୍ୱୀକାରୋକ୍ତି ପ୍ରକାଶ ଅଟନ୍ତି । ଅତିରିକ୍ତ ବିବରଣୀର ଆବଶ୍ୟକତା ଆଉ ନାହିଁ । କେବଳ ଏହା ସ୍ମରଣ ରଖିବା ଯଥେଷ୍ଟ ହେବ ଯେ, ହ. ଉମର୍ ର.ଅଙ୍କ କାର୍ଯ୍ୟ କରିବାର ସାମର୍ଥ୍ୟତା ଓ ଆପଣ ର.ଅଙ୍କ ଜ୍ଞାନ ଯାହା ଆମେମାନେ 2 ନଂ ଓ 3 ନଂରେ ଚର୍ଚ୍ଚା କରିଛେ ଏହିପରି ଅବସ୍ଥା ହ. ଫଜ୍‌ଲେ ଉମର୍ ର.ଅଙ୍କ ମଧ୍ୟ ରହିଛି । କାରଣ ଶାରୀରୀକ କାର୍ଯ୍ୟର ଶକ୍ତି ଏବଂ ଜ୍ଞାନାତ୍ମକ ଶକ୍ତି ଉଭୟର ଦର୍ଶନ କାଦିଆନ୍‌ରେ ବାସ କରୁଥିବା ପ୍ରତ୍ୟେକ ଅହେମଦିମାନଙ୍କ ସମ୍ମୁଖରେ ହେଉଥାଏ। ଏହି ଆଡ଼କୁ ହ. ମସିହ୍ ମଉଦ ଅ.ସଙ୍କ ଈଶ୍ୱରବାଣୀରେ ଇଙ୍ଗିତ ରହିଛି । କାରଣ ଏକ ସୁପୁତ୍ର ତୁମକୁ ପ୍ରଦାନ କରାଯିବ ଯିଏ ଉଭୟ ପ୍ରକାର ଶକ୍ତିର ଅଧିକାରୀ ହେବ । ସେ ବାହ୍ୟ ଓ ଆଭ୍ୟନ୍ତରୀଣ ଜ୍ଞାନ ଦ୍ୱାରା ପରିପୂର୍ଣ୍ଣ କରାଯିବ ।

(4) ହ. ଉମର୍ ର.ଅ ନିଜର ଏହି କଥା ଉପରେ ମଧ୍ୟ ଗର୍ବିତ ହୁଅନ୍ତି ଯେ, ମୁଁ କେତେକ ପ୍ରସଙ୍ଗ ଆଁହଜରତ ସ.ଅଙ୍କୁ କହିଲି, ତେବେ ମୋର ଅଭିପ୍ରାୟ ପରେ ମୋର ଇଚ୍ଛାନୁଯାୟୀ ପବିତ୍ର କୁରଆନୀୟ ଆୟତ୍ ମଧ୍ୟ ଅବତୀର୍ଣ୍ଣ ହୋଇଗଲା। ଏସବୁ ସତ୍ତ୍ୱେ ଏକ ଲୁକ୍କାୟିତ ଆୟତ୍ ମଧ୍ୟ ରହିଛି । ହ. ଫଜ୍‌ଲେ ଉମରଙ୍କ ବୟସ ହ. ମସିହ୍ ମଉଦ୍ ଅ.ସଙ୍କ କାଳରେ ସେତେଟା ଅଧିକ ନଥିଲା ଯେ, ସେ ହୁଜୁର ଅ.ସଙ୍କୁ କୌଣସି ପରାମର୍ଶ ପ୍ରଦାନ କରିଥାଆନ୍ତେ । କିନ୍ତୁ ଆକାଶବାଣୀର ଏକ ପକ୍ଷ ଏଠାରେ ମଧ୍ୟ ଦେଖିବାକୁ ମିଳେ । ଏହାର ଉଦାହରଣ ହ. ଉମର୍ ର.ଅଙ୍କ ସେହି ସ୍ୱପ୍ନ ରହିଛି ଯହିଁରେ ଆପଣ ଦେଖିଲେ ଯେ, ହ. ମସିହ୍ ମଉଦ୍ ଅ.ସଙ୍କୁ إِنِّيْ مَعَ الْأَفْوَاجِ آتِيْكَ بَغْتَةً ର ଆକାଶବାଣୀ ହେଲା । ସୁତାରଂ ହ. ମସିହ୍ ମଉଦ୍ ଅ.ସଙ୍କୁ ଯେତେବେଳେ ପଚରାଗଲା ସେତେବେଳେ ଆପଣ ଅ.ସ କହିଲେ, ହଁ ଆଜି ରାତିରେ ପ୍ରକୃତରେ ମୋତେ ଉକ୍ତ ଆକାଶବାଣୀଟି ହୋଇଛି । ସୁତରାଂ ହ. ଉମର୍ ର.ଅଙ୍କ ଉପରେ ଆକାଶବାଣୀ ଆଁହଜରତ ସ.ଅଙ୍କ ଐଶୀବାଣୀ ଆକାରରେ ପ୍ରକାଶିତ ହେଲା ଠିକ୍ ସେହିପରି ହ. ଫଜଲେ ଉମର୍ ର.ଅଙ୍କ ଉପରେ ହୋଇଥିବା ଐଶୀବାଣୀ ହ. ମସିହ୍ ମଉଦ ଅ.ସଙ୍କ ଆକାରରେ ଆବିର୍ଭୂତ ହେଲା । ଏହା ଚତୁର୍ଥ ସାଦୃଶ୍ୟତା ଅଟେ ।

(5) ପଞ୍ଚମ ସାଦୃଶ୍ୟତା ଏହିକିଯେ, ହ. ଉମର୍ ର.ଅଙ୍କୁ ଆଁହଜରତ ସ.ଅ ଏହି ସଂସାରରେ ହିଁ ବୈକୁଣ୍ଠପୁରର ଅଧିକାରୀ ହେବାର ଶୁଭ ସମାଚାର ପ୍ରଦାନ କିରଦେଇଥିଲେ । ଠିକ୍ ସେହିପରି ହ. ମସିହ୍ ମଉଦ୍ ଅ.ସ ମଧ୍ୟ ହ. ଫଜ୍‌ଲେ ଉମରଙ୍କୁ ନିଜର ସନ୍ତାନମାନଙ୍କ ମଧ୍ୟରେ ସୁଯୋଗ୍ୟ ସନ୍ତାନ ହେବା ଯୋଗୁଁ ବୈକୁଣ୍ଠପୁରର ଅଧିକାରୀ ବୋଲି ଶୁଭ ସମାଚାର ଏହି ସଂସାରରେ ହିଁ ପ୍ରଦାନ କରି ଦେଇଥିଲେ । ଆପଣ ଅ.ସ ଯେତେବେଳେ ଏହା କହିଲେ କି ବହିଶ୍‌ତି ମକ୍‌ବରାହ୍‌ରେ ପ୍ରବେଶ କରିବା ନିମନ୍ତେ ଅଲ୍ଲାଃତାଲା ମୋ ସଂକ୍ରାନ୍ତରେ ଏବଂ ପରିବାର ବର୍ଗଙ୍କ ସଂକ୍ରାନ୍ତରେ ଅଲ୍ଲାଃତାଲା ପୃଥକ ଅର୍ଥାତ୍ ଅନ୍ୟ ବ୍ୟବହାର ପ୍ରଦର୍ଶ କରିବେ........ଅଭିଯୋଗକାରୀ କପଟବିଶ୍ୱାସୀ ହେବ । ଅର୍ଥାତ୍ ମୋର ସନ୍ତାନ ଓ ମୋର ପତ୍ନୀଙ୍କୁ ଅଲ୍ଲାଃତାଲା ସ୍ୱର୍ଗର ଅଧିକାରୀ କରିଛନ୍ତି । ସେମାନେ ବୈକୁଣ୍ଠ ଅଧିକାରୀ ହେବାର ସୂଚନା ମୋତେ ଅଲ୍ଲାଃତାଲାଙ୍କ ତରଫରୁ ମିଳି ସାରିଛି । ଏତଦ୍‌ଭିନ୍ନ ବିଶେଷ ରୂପେ ମଧ୍ୟ ହୁଜୁର ଅ.ସଙ୍କୁ ବୈକୁଣ୍ଠ ଅଧିକାରୀ ହୋବର ଶୁଭ ସମାଚାର ହ. ଫଜ୍‌ଲେ ଉମର୍ (ଅର୍ଥାତ୍ ହ. ଉମର୍ ର.ଅ)ଙ୍କ ଜନ୍ମ ହେବା ପୂର୍ବରୁ ହିଁ ଐଶୀବାଣୀ ଦ୍ୱାରା ସୂଚନା ଦିଆଯାଇ ସାରିଥିଲା । ଯେପରିକି ଅଲ୍ଲାଃତାଲା

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯୁବ ଖୁଦ୍ଦାମ ଓ ଅତ୍‌ଫାଲମାନଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ । ସେହି ଲୋକମାନଙ୍କ ସହିତ ବନ୍ଧୁତ୍ୱତା ରଖନ୍ତୁ ଯେଉଁମାନେ ନିଷ୍ପାପର ଓ ବିଶ୍ୱସ୍ତ ଅଟନ୍ତି ଏବଂ ଯେଉଁମାନେ ଅଶିଷ୍ଟତା ଓ ଅସଭ୍ୟତା ଆଦି କାର୍ଯ୍ୟ ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Sk Shamim Ahmad Sultan & Family, Jamat Ahmadiya Kardapalli (Odisha)

### ନବୀ ଅଙ୍କ ବାଣୀ

"ଯେତେବେଳେ ତୁମମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତି ଭୋଜନ କରିବାକୁ ଲାଗେ ସେତେବେଳେ ସର୍ବ ପ୍ରଥମେ ଅଲ୍ଲାଃତାଲାଙ୍କର ନାମ ନେଉ । ଅର୍ଥାତ **ବିସ୍‌ମିଲ୍ଲାଃହି** ପାଠ କରୁ ଆଉ ଯଦି **ବିସ୍‌ମିଲ୍ଲାଃ** କହିବାକୁ ଭୁଲିଯାଏ ତେବେ ସେପରିପ୍ରେକ୍ଷୀରେ **ବିସ୍‌ମିଲ୍ଲାଃହି ଅୱଲହୁ** ପଢିନେଉ।"

(ତିର୍ମିଜି କିତାବୁଲ୍ ଅତଅମା )

ତାଲିବେ ଦୁଆ: Sarwar Khan & Family, Jamat Ahmadiya Kerang, Darul Fazal (Odisha)

କହିଲେ, "ସେତେବେଳେ ଆତ୍ମିକ ବିନ୍ଦୁ ଆକାଶ ଆଡ଼କୁ ଉଠାଇ ନିଆଯିବ" ଅର୍ଥାତ୍ ମୌଲବୀ ମିସ୍ତ୍ରୀର କଥନ ବିପରୀତ ପ୍ରତିଶୃତ ସୁପୁତ୍ରର ପରିଣାମ ଉତ୍ତମ ହେବ ଓ ତା'ର ଆତ୍ମା ଆକାଶ ଆଡ଼କୁ ଉଠାଇ ନିଆଯିବ ।

(ଇତ୍ୟବସରରେ ଏକ ମୁଖ୍ୟ ବିଷୟ ଅନ୍ତର୍ଗତ ପ୍ରସଙ୍ଗ ବର୍ଣ୍ଣନା କରିବା ମଧ୍ୟ ଆବଶ୍ୟକ ଅଟେ । କାରଣ ପୈଗାମୀମାନେ କୁହନ୍ତି ଯେ, ଅନ୍ୟମାନଙ୍କ ପାଇଁ ତ' ଉକ୍ତ କବରଟି ବହିଶ୍ତି ମକବରାହ୍ ଥିଲା । କିନ୍ତୁ ମସିହ୍ ମଉଦ ଅ.ସଙ୍କ ପରିବାର ବର୍ଗଙ୍କ ନିମନ୍ତେ ଉକ୍ତ ମକବରାହ୍ କୁଳୀନ ବା ବଂଶଜ ମକ୍‌ବରାହ୍ ଅଟେ । କାରଣ ସେମାନଙ୍କ ପକ୍ଷରୁ କୌଣସି ଓସିୟତ୍‌ର ମୂଲ୍ୟ ପୈଠ କରଯାଇ ନାହିଁ । ଏହାର ଉତ୍ତରରେ ସ୍ମରଣ ରଖିବା ଉଚିତ୍ ଯେ, ହୁଜୁର ଅନ୍‌ୱର୍ ମକବରାର ମୂଳଦୁଆ ରଖିବା ସମୟରେ ନିଜର ସମ୍ପତ୍ତି ମଧ୍ୟରୁ ସେତେବେଳର ମୂଲ୍ୟ ଅନୁଯାୟୀ ଏକ ହଜାର ଟଙ୍କା ଜମିର ଚାନ୍ଦାରେ ଅର୍ଥାତ୍ ଓସିୟତ୍‌ରେ ଦେଇଥିଲେ । ହୁଜୁର ଅ.ସଙ୍କୁ ତ' ସ୍ୱୟଂ ୱସିୟତ୍ କରିବାର ଆବଶ୍ୟକତା ନଥିଲା । କ'ଣ ଆପଣ ଅ.ସଙ୍କୁ ତ' ଉଭୟ ପକ୍ଷ ସର୍ବସମ୍ମତି କ୍ରମେ ବୈକୁଣ୍ଠବାସୀ ବୋଲି ମାନନ୍ତି । ଏକ ହଜାର ଟଙ୍କାର ଜମି ହୁଜୁର ଅ.ସ ପ୍ରକୃତରେ ନିଜର ପରିବାର ବର୍ଗଙ୍କ ପକ୍ଷରୁ ହିଁ ପ୍ରଦାନ କରିଥିଲେ ।)

(6) ଷଷ୍ଠ ସାଦୃଶ୍ୟତା ହ. ଉମର୍ ର.ଅ ଓ ହ. ଫଜ୍‌ଲେ ଉମର ର.ଅଙ୍କ ସ୍ୱଭାବ ବା ପ୍ରକୃତିର ସମାନତା ଅଟେ । ହ. ଉମର୍ ର.ଅଙ୍କ ଧାର୍ମିକ ସ୍ୱାଭିମାନ ଓ ପ୍ରତାପ ସଂପର୍କରେ କିଏ ବା ନଜାଣିଛି ? ଏଠାରେ ହ.ଫଜଲେ ଉମର୍ (ହ. ମିର୍ଜା ବଶୀରୁଦ୍ଦୀନ ମେହମୁଦ୍ ଅହେମଦ) ସଂପର୍କରେ ଉକ୍ତ ଐଶୀବାଣୀ ରହିଛି ଯେ, "ଯାହାର ଆଗମନ ଅତ୍ୟନ୍ତ କଲ୍ୟାଣମୟ ଏବଂ ଐଶୀ ପ୍ରତାପର କାରଣ ହେବ ।" ସେହିପରି "ପ୍ରଭୁଙ୍କ ସ୍ୱାଭିମାନୀମୂଳକ ଦୟା ଉକ୍ତ ସ୍ତୁତିମୂଳକ ବଚନ ଦ୍ୱାରା ପ୍ରେରଣ କରାଯାଇଛି ।"

ଜମାଅତ୍‌ର ସମସ୍ତ ଲୋକମାନେ ଜାଣନ୍ତି ଯେ, ଧାର୍ମିକ ପ୍ରସଙ୍ଗରେ ସ୍ୱାଭିମାନ୍ ଏବଂ ପ୍ରତାପ ହ. ଫଜ୍‌ଲେ ଉମରଙ୍କ ଏକ ବିଶିଷ୍ଟ ବିଶେଷତା ରହିଛି । ଯେପରି ହ. ଉମର୍ ର.ଅଙ୍କର ଥିଲା ।

(7) ହ. ଫଜ୍‌ଲେ ଉମରଙ୍କର ହ. ଉମର୍ ର.ଅଙ୍କ ସହିତ ସପ୍ତମ ସାଦୃଶ୍ୟତ ଏହିକି ଯେ, ଆପଣ ର.ଅ ମଧ୍ୟ ମୁହଦ୍ଦିସ୍ (ଅର୍ଥାତ୍ ଐଶୀବାଣୀ ପ୍ରାପ୍ତ କର୍ତ୍ତା) ଓ ହୁଜୁରଙ୍କ ସପକ୍ଷରେ ଅଲ୍ଲାଃତାଲା କହିଲେ ଯେ, ଆମେମାନେ ତା' ମଧ୍ୟରେ ନିଜର ଆତ୍ମା ସଂଚାର କରିବୁ । (ଅର୍ଥାତ୍ ଈଶ୍ୱରବାଣୀ) ହଦିସ୍‌ର (ବିଦ୍ୱାନ୍)

ସେହିପରି ହ. ଉମର୍ ର.ଅଙ୍କ ସଂକ୍ରାନ୍ତରେ ଆଁହଜରତ ସ.ଅ କହିଲେ, ଉମମ୍ ସାବିକାର ମୁହଦ୍ଦିସ୍‌ମାନଙ୍କ ପରି ହ. ଉମର୍ ର.ଅ ମଧ୍ୟ ଜଣେ ମୁହଦ୍ଦିସ୍ (ହଦିସ୍‌ର ବିଦ୍ୱାନ୍) ଓ ମୁଲ୍‌ହିମ୍ (ଐଶୀବାଣୀ ପ୍ରାପ୍ତକର୍ତ୍ତା) ଅଟନ୍ତି । ସୁତରାଂ ଅନେକ ଆୟତ୍‌ର ବିଷୟ ପୂର୍ବେ ହ. ଉମର୍ ର.ଅଙ୍କ ହୃଦୟରେ ଅବତୀର୍ଣ୍ଣ ହେଲା। ପୁନଶ୍ଚ ପବିତ୍ର କୁରଆନ୍ କରୀମ୍‌ରେ ଐଶୀବାଣୀ ପାଠ୍ୟ ଆକରରେ ଆସିଗଲା ଏବଂ ଆପଣ ର.ଅଙ୍କର କେତେକ ରୋୟା (ସ୍ୱପ୍ନ) କଶ୍‌ଫ୍ (ଆତ୍ମ ଶକ୍ତି ଦ୍ୱାରା ପ୍ରକଟନ ଅବସ୍ଥା ସଂପର୍କରେ ଜାଣିବା) ମଧ୍ୟ ବିଖ୍ୟାତ ଅଟେ । ସେହି କାରଣରୁ ଆଁହଜରତ ସ.ଅ କହିଥିଲେ ଯେ, ଯଦି ମୋ ପରେ ତୁରନ୍ତ କୌଣସି ଅବତାର ଆସିଥାଆନ୍ତା ତାହାହେଲେ ସେ ହ. ଉମର୍ ର.ଅଙ୍କ ଅବଶ୍ୟ ହୋଇଥାଆନ୍ତା । କାରଣ ମୁଁ ଯଦି ଅବିର୍ଭୂତ ହୋଇ ନଥାଆନ୍ତି ତାହାହେଲେ ଉମର୍ ଅବଶ୍ୟ ଆବିର୍ଭୂତ ହୋଇ ଥାଆନ୍ତା। ଏହି ସମସ୍ତ ପ୍ରସଙ୍ଗ ଅବତାରତ୍ୱର ଆଲୋକ ଓ ଆକାଶବାଣୀ ସମ୍ବନ୍ଧିତ ସ୍ୱଭାବ ଏବଂ ଐଶୀବାଣୀ ସହ୍ୟ କରିବା ଶକ୍ତି ଉପରେ ନିର୍ଭର କରେ। ଅହେମଦିୟା ଜମାଅତ୍ ଏହିସବୁ ପ୍ରସଙ୍ଗକୁ ହ. ଫଜ୍‌ଲେ ଉମର୍ ର.ଅ (ଅର୍ଥାତ୍ ଖଲିଫା ସାନି) ଙ୍କ ଠାରେ ମଧ୍ୟ ସର୍ବଦା ଅବଲୋକନ କରନ୍ତି । ଏକଦା ଆଁହଜରତ ସ.ଅ କହିଲେ, ଜଣେ ବ୍ୟକ୍ତି ନିଜ ଗାଈ କୁ ନେଇ ଯାଉଥିଲା କି ଥକି ସେହି ଗାଈ ଉପରେ ଆରୋହଣ ହୋଇଗଲା । ଗାଈ ତା'କୁ କହିଲା କି ଆମମାନଙ୍କୁ କୃଷିକାର୍ଯ୍ୟ ନିମନ୍ତେ ସୃଷ୍ଟି ହୋଇଛେ ନା କି ଆରୋହଣ ହେବା ନିମନ୍ତେ । ସାହାବାମାନେ କହିଲେ, ସୁବ୍‌ହାନଲ୍ଲାଃ (ଅଲ୍ଲାଃତାଲା ପବିତ୍ର ଅଟନ୍ତି) ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! କ'ଣ ଗାଈଗୋରୁ ଏବଂ ବଳଦ ବି କଥାବାର୍ତ୍ତା ହୁଅନ୍ତୁ । ପ୍ରତ୍ୟୁତ୍ତରରେ ଆଁହଜରତ ସ.ଅ କହିଲେ, ମୁଁ ତ' ଉକ୍ତ କଥାକୁ ସ୍ୱୀକାର କରୁଛି ଏବଂ କେବଳ ମୁଁ ନୁହେଁ ବରଂ ଅବୁ ବରକର ର.ଅ ଓ ଉମର୍ ର.ଅ ମଧ୍ୟ ଉକ୍ତ କଥାକୁ ସ୍ୱୀକାର କରନ୍ତି । କିନ୍ତୁ ସେମାନେ ଦୁହେଁ ଉକ୍ତ ସଭାରେ ଉପସ୍ଥିତ ନଥିଲେ । ଉକ୍ତ ହଦିସ୍‌ରୁ ଏହା ପ୍ରତିତ ହେଲା ଯେ, ଆଁହଜରତ ସ.ଅ ଙ୍କ ଜ୍ଞାନରେ ହ. ଅବୁ ବକର ର.ଅ ଓହ. ଉମର୍ ର.ଅ ଦୁହେଁ ସ୍ୱପ୍ନଦର୍ଶୀ ବ୍ୟକ୍ତି ଥିଲେ । କାରଣ ଉକ୍ତ ଗାଈର ସମସ୍ତ ପ୍ରସଙ୍ଗ କଶ୍‌ଫି (ପ୍ରକଟନ ଅବସ୍ଥା) ସଂପେର୍କିତ ଅଟେ । ରହିଲା ଅପର ପକ୍ଷର ପ୍ରମାଣ, ତାହା ଏହିକିଯେ, ଏକଦା ହ. ଉମର୍ ର.ଅ ନିଜ ଖିଲାଫତ୍ କାଳରେ ହ. ଉମର୍ ର.ଅ ଜୁମା ଦିନ ଖୁତ୍‌ବା ଦେଉ ଦେଉ **"ୟା ସାରିୟତଲ୍ ଜବଲ୍, ୟା ସାରିୟତଲ୍ ଜବଲ"** ଡାକିଲେ । ଉପସ୍ଥିତ ଉଦ୍‌ବୋଧନ ମଣ୍ଡଳୀ ଉକ୍ତ କଥା ଶୁଣି ଆଶ୍ଚର୍ଯ୍ୟ ଚକିତ ହୋଇଗଲେ ଏବଂ ନମାଜ ପରେ ତତ୍‌ସଂକ୍ରାନ୍ତରେ ଆପଣ ର.ଅଙ୍କୁ ଯେତେବେଳେ ପ୍ରଶ୍ନ କରାଗଲା ସେତେବେଳେ ଆପଣ ର.ଅ କହିଲେ, ମୁଁ ଇସ୍‌ଲାମୀୟ ସୈନ୍ୟବାହିନୀକୁ ଅତ୍ୟନ୍ତ ବିପତ୍ତିରେ ଥିବାର ଅବଲୋକନ କଲି ଓ ତତ୍‌ସହିତ ଉକ୍ତ ଦୃଶ୍ୟ ମଧ୍ୟ ଅବଲୋକନ କଲି ଯେ, ସେମାନେ ଯଦି ପର୍ବତ ଉପରେ ଆଶ୍ରୟ ନିଅନ୍ତି ତାହାହେଲେ ସେମାନେ ବଞ୍ଚିଯାଇ ପାରନ୍ତି । ଅତଃ ମୁଁ ସେନାପତିକୁ ଏହି ଡ଼ାକ ମାରିଲି ଯେ, ହେ ସାରିୟା! ପର୍ବତ ଉପରେ ଆଶ୍ରୟ ନେଇ ନିଅ । କିଛି ସମୟରେ ପରେ ଯେତେବେଳେ ସୈନ୍ୟଦଳର କେତେକ ଲୋକ ମଦିନା ଆସିଲେ ସେତେବେଳେ ସେମାନେ ବର୍ଣ୍ଣନା କଲେ ଯେ, ଆମମାନଙ୍କୁ ଶତ୍ରୁମାନେ ଘେରି ପକାଇଥିଲେ । କିନ୍ତୁ ଏକ ସ୍ୱର ଶୁଭିଲା ଯେ, ହେ ସାରିୟା ଉକ୍ତ ପର୍ବତରେ ଆଶ୍ରୟ ନିଅ । ସୁତରାଂ ଆମେମାନେ ପର୍ବତକୁ ଚାଲି ଆସିଲୁ ଓ ବିନାଶରୁ ସୁରକ୍ଷିତ ରହିଲୁ । ସୁତରାଂ ହ. ଉମର୍ ର.ଅଙ୍କ ଉକ୍ତ ବିଖ୍ୟାତ ସ୍ୱପ୍ନଟି ହ. ଉମର୍ ର.ଅଙ୍କ ସ୍ୱପ୍ନଦର୍ଶୀ ବ୍ୟକ୍ତି ହେବା ସାବ୍ୟସ୍ତ କରେ। ସେହିପରି ଅଜାନ୍‌ରେ ଯେଉଁ ଶବ୍ଦାବଳୀ ବ୍ୟବହୃତ ହୋଇଛି ତାହା ମଧ୍ୟ ହ. ଉମର୍ ର.ଅଙ୍କ ମାଧ୍ୟମରେ ଆମ ମୁସଲମାନମାନଙ୍କୁ ପ୍ରାପ୍ତ ହୋଇଥିଲା । ଅତଏବ୍ ହ. ଉମର୍ ର.ଅ ସ୍ୱୟଂ ଜଣେ ଐଶୀବାଣୀ ପ୍ରାପ୍ତ କର୍ତ୍ତା ଓ ବିଦ୍ୱାନ୍ ତଥା ସ୍ୱପ୍ନଦ୍ରଷ୍ଟା ବ୍ୟକ୍ତି ଥିଲେ ତେଣୁ ତାଙ୍କ ପାଇଁ ଏକଥା ସ୍ୱୀକାରେ କରିବା କିପରି କଷ୍ଟକର ଥିଲା କି ବଳଦ କଥାବାର୍ତ୍ତା କରେ କିମ୍ବା ହେଟା କଥାବାର୍ତ୍ତା କିରଥାଏ । ହଁ ସାଧାରଣ ଲୋକଙ୍କ ପାଇଁ ଏହା ଆଦୌ ବୋଧଗମ୍ୟ ନଥିଲା । କିନ୍ତୁ ଆପଣ ର.ଅଙ୍କ ପାଇଁ ଏହା ବୋଧଗମ୍ୟ ଥିଲା।

ସେହିପରି ଆମର ଫଜ୍‌ଲେ ଉମର୍ (ହ. ଉମର୍ ର.ଅ) ବାଲ୍ୟ କାଳରୁ ହିଁ ସ୍ୱପ୍ନଦ୍ରଷ୍ଟା, ପ୍ରକଟନ ଦର୍ଶୀ ଏବଂ ଐଶୀବାଣୀ ପ୍ରାପ୍ତ କର୍ତ୍ତା ଅଟନ୍ତି । ତାଙ୍କର କେବଳ يُمَزِّقُهُمْର ଐଶୀବାଣୀ 1914 ମସିହାରୁ ଆଜଦି ପର୍ଯ୍ୟନ୍ତ ହାତୁଡ଼ି ପରି ପୈଗାମୀମାନଙ୍କୁ ଭାଙ୍ଗି ଚୂର୍ମାର କରି ବିକ୍ଷିପ୍ତ କରି ସଦୈବ ପାଇଁ ଏକ ସିଦ୍ଧାନ୍ତ ସେହିମାନଙ୍କ ପାଇଁ ପୂର୍ଣ୍ଣ କରଅଛି । ଯେତେବଳେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆମ୍ଭ ହେଲା ସେତେବେଳ ଠାରୁ ଉକ୍ତ ସଂପ୍ରଦାୟ ଅତ୍ୟନ୍ତ ଭବ୍ୟ ତଥା ବିପୁଳ ସଂଖ୍ୟକ ହୋଇଯାଇଛି । ଏହା ସପ୍ତମ ସାଦୃଶ୍ୟ ହେଲା ।

(8) ହ. ଫଜ୍‌ଲେ ଉମର୍ ର.ଅଙ୍କ ହ. ଉମର୍ ର.ଅଙ୍କ ସହିତ ଅଷ୍ଟମ ସାଦୃଶ୍ୟତା ଏହିକି ଯେ, ଆଁହଜରତ ସ.ଅ କହିଲେ, اِنَّ اللّٰهَ وَضَعَ الْحَقَّ عَلٰى لِسَانِ عُمَرَ ଅର୍ଥାତ୍ ଏକ ସ୍ଥଳରେ ବର୍ଣ୍ଣନା ହୋଇଛି ଯେ, ଅଲ୍ଲାଃତାଲା ସତ୍ୟକୁ ଉମର୍ ର.ଅଙ୍କ ତୁଣ୍ଡ ଓ ହୃଦୟ ଉଭୟରେ ଜାରି କରିଛନ୍ତି । ସୁତରାଂ ଏହିପରି ଶବ୍ଦ ଅଲ୍ଲାଃତାଲା ହ. ଫଜ୍‌ଲେ ଉମର୍ ର.ଅଙ୍କ ସପକ୍ଷରେ ଐଶୀବାଣୀ ଅବତୀର୍ଣ୍ଣପୂର୍ବକ କରି ଆପଣଙ୍କୁ مَظْهَرُ الْحَقِّ وَالْعُلَاءِ କୁହାଯାଇଛି ଓ ଆପଣଙ୍କ ଆଗମନକୁ جَآءَ الْحَقُّ وَزَهَقَ الْبَاطِلُ କୁହାଯାଇଛି ତଥା ଆପଣଙ୍କୁ ଏହା କୁହାଗଲା କି فَمَاذَا بَعْدَ الْحَقِّ اِلَّا الضَّلَال ସୁତରାଂ ଏହା ହେଉଛି ଆପଣଙ୍କର ଅଷ୍ଟମ ସାଦୃଶ୍ୟତା

(9) ନବମ ସାଦୃଶ୍ୟତା ଧର୍ମ ସଂକ୍ରାନ୍ତୀୟ ଅଟେ । ଆଁହଜରତ ସ.ଅ ଏକ ସ୍ୱପ୍ନ ଦେଖିଲେ ଯେ, ଲୋକମାନଙ୍କୁ ମୋ ସମ୍ମୁଖରେ ଉପସ୍ଥାପିତ କରାଗଲା ଏବଂ ସେମାନେ ବସ୍ତ୍ର ପରିଧାନ କରିଛନ୍ତି । କାହାର ବସ୍ତ୍ର ଛାତି ପର୍ଯ୍ୟନ୍ତ ପହଞ୍ଚିଛି ତ' ଆଉ କାହାର ଛାତି ଠାରୁ ନିମ୍ନ ଭାଗ ପର୍ଯ୍ୟନ୍ତ । ଠିକ୍ ସେତିକିବେଳେ ଉମର୍‌ଙ୍କୁ ଆପଣଙ୍କ ସମ୍ମୁଖରେ ଉପସ୍ଥିତ କରାଗଲା । ଏହି ଅବସ୍ଥାରେ କି ତାଙ୍କର ଜାମା ଏତେ ଦୀର୍ଘ ଥିଲା କି ଭୂମି ଉପରେ ଘୋଷାରି ଘୋଷାରି ହୋଇ ଯାଉଥିଲା ଏବଂ ସେ ଉକ୍ତ ଜାମାକୁ ଟାଣୁଥିଲେ । ସାହାବାମାନେ କହିଲେ ହୁଜୁର ଉକ୍ତ ସ୍ୱପ୍ନର କ'ଣ ଅର୍ଥ ରହିଛି ? ଆପଣ ସ.ଅ କହିଲେ ଧର୍ମ । ଅତଏବ୍ ଏଠାରେ ମଧ୍ୟ ଏହି ଅବସ୍ଥା ରହିଛି ଯେ, ହ. ଫଜଲେ ଉମର୍‌ଙ୍କୁ ଏପରି ଧର୍ମ ଓ ପବିତ୍ର କୁରଆନ୍ କରୀମ୍‌ର ସତ୍ୟତା ଏବଂ ବ୍ରହ୍ମଜ୍ଞାନ ପ୍ରଦାନ କରାଯିବ ଯେ, ଜଲ୍‌ସା ଆସୁଥିବା ପ୍ରତ୍ୟେକ ବ୍ୟକ୍ତି, ସଭାରେ ଉପସ୍ଥିତ ଥିବା ପ୍ରତ୍ୟେକ ବ୍ୟକ୍ତି, ଖୁତବା ଶୁଣୁଥିବା ପ୍ରତ୍ୟେକ ବ୍ୟକ୍ତି ଯିଏ ଆପଣଙ୍କ ପୁସ୍ତକ ଏବଂ ଆପଣଙ୍କ ବ୍ୟାଖ୍ୟାର ଅଧ୍ୟୟନ କରିଥାଏ ସେ ବିଶ୍ୱାସରେ ପୂର୍ଣ୍ଣ ହୋଇଯାଇଥାଏ । ଅର୍ଥାତ ନିଃସନ୍ଦେହ ରୂପେ ଆପାଦ ମସ୍ତକ ଉକ୍ତ ବ୍ୟକ୍ତି ଜଣକ ଧର୍ମ ଏବଂ ଈଶ୍ୱରଙ୍କ ବାଣୀର ନିଗୂଢ ରହସ୍ୟ ଓ ବ୍ରହ୍ମଜ୍ଞାନ ଦ୍ୱାରା ଏପିର ଭାବରେ ପରିପୂର୍ଣ୍ଣ ଯେପିରିକି ବ୍ଲଟ୍‌ନିଙ୍ଗ ପେପରକୁ ଯଦି ପାଣିରେ ପକାଇ ଦିଆଯାଏ ତାହାହେଲେ ପାଣି ଭର୍ତ୍ତି ହୋଇଯାଇଥାଏ । ତୁଣ୍ଡର ପ୍ରତ୍ୟେକ ଶବ୍ଦରୁ ଧର୍ମ ହିଁ ଧର୍ମ ଉକୁଟୁଛି । ଆମମାନଙ୍କ ପାଇଁ ତ' ଏହା ହିଁ ଯଥେଷ୍ଟ ଯେ, ଅବତାରତ୍ୱ ଭଳି ମହାନ ଧାର୍ମିକ ପ୍ରସଙ୍ଗର ବାସ୍ତବତା ହୁଜୁର ର.ଅଙ୍କ ଯୋଗୁଁ ହିଁ ଜମାଅତ୍ ସ୍ଥିର ଏବଂ ସ୍ଥାୟୀ ହୋଇଥିଲା ।

(10) ହ. ଉମର୍ ର.ଅଙ୍କ ସହିତ ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ଦଶମ ସାଦୃଶ୍ୟ ଏହିପରି ଯେ, ଆଁହଜରତ ସ.ଅ ଦୁଆ କରୁଥିଲେ ଯେ, ହେ ପ୍ରଭୁ ! ଇସଲାମ୍ ଧର୍ମକୁ ସମ୍ମାନିତ ଓ ଜୟଯୁକ୍ତ କରିଦିଅ ନତୁବା ଅବୁ ଜହଲ୍‌କୁ ମୁସଲମାନ କରିଦିଅ ଅବା ହ. ଉମର୍ ବିନ୍ ଖତ୍ତାବ ର.ଅଙ୍କୁ ମୁସଲମାନ କିରିଦିଅ । ସୁତରାଂ ହ. ଉମର୍ ର.ଅଙ୍କୁ ଅଲ୍ଲାଃତାଲା ମୁସଲମାନ କରିଦେଲେ ଓ ତାଙ୍କ ଯୋଗୁଁ ଇସ୍‌ଲାମ୍ ଧର୍ମର ସାହାଯ୍ୟ, ସମ୍ମାନ ଏବଂ ବିଜୟ ତ' କିଞ୍ଚିତ ମାତ୍ରାରେ ତୁରନ୍ତ ପ୍ରକାଶ୍ୟ ହୋଇଗଲା। କିନ୍ତୁ ଆଗକୁ ଚାଲି ଆପଣ ର.ଅଙ୍କ ଖିଲାଫତ୍ କାଳରେ ତ' ବିଜୟ ଓ ସାହାଯ୍ୟ ଇସ୍‌ଲାମ୍ ଧର୍ମକୁ ପ୍ରାପ୍ତ ହେଲା ଯେ, ତାହା ସୀମା ବହିର୍ଭୂତ ଅଟେ। ଠିକ୍ ସେହିପରି ହ. ଫଜ୍‌ଲେ ଉମର୍ ଅର୍ଥାତ୍ ହ. ମୁସ୍‌ଲେହ୍ ମଉଦ୍ ର.ଅ ମଧ୍ୟ

ହ. ମସିହ୍ ମଉଦ୍ ଅ.ସଙ୍କ ଚାଳିଶ ଦିନି ପର୍ଯ୍ୟନ୍ତ ଦିବାରାତ୍ର ତପସ୍ୟା ଫଳରେ ଜନ୍ମ ନେଇଥିଲେ। ଯେପରିକି ହ. ମସିହ୍ ମଉଦ୍ ଅ.ସ କହିଥିଲେ ଯେ, ମୋର ସନ୍ତାନମାନଙ୍କ ମାଧ୍ୟମରେ ଅଲ୍ଲାଃତାଲା ଇସ୍‌ଲାମ୍ ଧର୍ମର ସାହାଯ୍ୟ ଏବଂ ଉନ୍ନତିର ମୂଳଦୁଆ ପକାଇବାର ପ୍ରତିଶୃତି କରିଛନ୍ତି । ସେହି ପ୍ରତିଶୃତି ମଧ୍ୟ ଆମେମାନେ ସେହି ମୁସ୍‌ଲେହ୍ ମଉଦ୍ ର.ଅଙ୍କ କାଳରେ ବହୁଳ ରୂପେ ଅବଲୋକ କରିନେଲୁ ।
**ଫଲ୍ ହମ୍‌ଦୁ ଲିଲ୍ଲାଃହି ଅଲା ଜାଲିକ୍ ।**

ନିମ୍ନ ଲିଖିତ ପ୍ରସଙ୍ଗ ବ୍ୟତୀତ ଜମାତୀୟ ବ୍ୟବସ୍ଥା ସ୍ଥାପନ ଏବଂ ପ୍ରତ୍ୟେକ ଜାତୀୟ ବିଭାଗ ପୃଥକ ପୃଥକ ଭାବରେ ସ୍ଥାପନ କଲେ, ମଜ୍‌ଲିସେ ଶୁରା ସ୍ଥାପନ କଲେ, ସନ୍ ହିଜ୍ରୀ କ୍ୟାଲେଣ୍ଡର୍‌ର ପ୍ରଚଳନ, ବିଭିନ୍ନ ପ୍ରକାରର ଜମାଅତୀୟ ଜନଗଣନାର ପ୍ରାରମ୍ଭ, କବିତା ପ୍ରତି ଅଭିରୁଚି, ବଳିଷ୍ଠ ଭାଷଣ, ଅମୀରୁଲ୍ ମୁମିନିନ୍ ଉପାଧି ଅବଲମ୍ବନ କରିବା, ରାଜନୀତି ଏବଂ ଯୋଜନା, ମହିଳିମାନଙ୍କର ଅଧିକାର, ଶିକ୍ଷା ବ୍ୟବସ୍ଥା, ଧର୍ମ ନିମନ୍ତେ ୱାକଫିନ୍‌ଙ୍କ ପରମ୍ପରାର ପ୍ରଚଳନ । ଅତଏବ୍ ଏପରି ଅନେକ କଥା ରହିଛି ଯାହାକି ହ. ଉମର୍ ର.ଅଙ୍କ ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ପରି ସାଂପ୍ରତିକ କାଳରେ ଆପଣଙ୍କର ଅନନ୍ୟ ବିଶେଷତା ମଧ୍ୟରେ ପ୍ରବିଷ୍ଟ ରହିଛି । (ଅଲ୍‌ଫଜଲ୍, 20 ଫେବୃୟାରୀ-1944 ମସିହାରେ ପ୍ରକାଶିତ)

☆ ☆ ☆

## ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ଭବିଷ୍ୟବାଣୀ

ହ. ମସିହ୍ ମଉଦ୍ ଓ ମେହଦୀ ମାହୁଦ୍ ଅ.ସ 20 ଫେବୃଆରୀ 1886 ମସିହାରେ ଏକ ପତ୍ରିକା ପ୍ରକାଶ କଲେ ଏବଂ ସେଥିରେ ଆପଣ ଅ.ସ ମୁସ୍‌ଲେହ୍ ମଉଦ୍ ଅ.ସଙ୍କ ସମ୍ବନ୍ଧରେ ଶ୍ରେଷ୍ଠତମ ଭବିଷ୍ୟବାଣୀର ଚର୍ଚ୍ଚା କରି କହିଲେ-

"ବି ଇଲହାମିଲ୍ଲାଃହି ତାଆଲା ୱ ଇଲ୍‌ହାମିହି ଅଜ୍‌ୱଜଲ୍ଲାଃ ଖୁଦାଏ ରହିମ୍ ଓ କରୀମ୍ ବୁଜୁର୍ଗ ୱ ବର୍‌ତର୍ ନେ ଜୋ ହର ଚିଜ୍ ପର କାଦିର୍ ହୈଁ (ଜଲ୍ଲା ଶାନୁହୁ ଓ ଅଜ୍ଜା ଇସ୍‌ମୁହୁ) ମୁଝ୍ କୋ ଅପ୍‌ନେ ଇଲ୍‌ହାମ୍ ସେ ମୁଖାତିବ୍ କର କେ ଫର୍‌ମାୟା କି ମେଁ ତୁଝେ ଏକ ରହମତ୍ କା ନିଶାନ୍ ଦେତା ହୁଁ । ଉସି କେ ମୱାଫିକ୍ ଜୋ ତୁନେ ମୁଝ୍ ସେ ମାଙ୍ଗା ସୋ ମେଁ ନେ ତେରି ତଜର୍ରୁଆତ୍ କୋ ସୁନା ୱୖର୍ ତେରି ଦୁଆଓଁ କୋ ଅପ୍‌ନି ରହ୍‌ମତ୍ ସେ ବଃପାୟା କୁବୁଲିୟତ୍ ଜଗାଃ ଦି ୱୖର୍ ତେରେ ସଫର୍ କୋ (ଜୋ ହୋଶିୟାର୍‌ପୁର ୱୖର୍ ଲୁଧିୟାନା କା ସଫର୍ ହୈ) ତେରେ ଲିଏ ମୁବାରକ କର୍‌ଦିଆ । ସୋ କୁଦ୍‌ରତ୍ ୱୖର୍ ରହ୍‌ମତ୍ ୱୖର କୁଦ୍‌ରତ୍ କା ନିଶାନ୍ ତୁଝେ ଦିଆ ଯାତା ହୈ । ଫଜଲ୍ ୱୖର ଏହ୍‌ସାନ କା ନିଶାନ୍ ତୁଝେ ଅତା ହୋତା ହୈ ୱୖର ଫତହ୍ ୱୖର୍ ଜଫର୍ କି କଲିଦ୍ ତୁଝେ ମିଲ୍‌ତି ହୈ । ଫଜଲ୍ ୱୖର୍ ଏହ୍‌ସାନ୍ କା ନିଶାନ୍ ତୁଝେ ଅତା ହୋତା ହୈ ୱୖର୍ ଫତହ୍ ୱୖର୍ ଜଫର୍ କି କଲିଦ୍ ତୁଝେ ମିଲତି ହୈ । ଏୖ ! ମୁଜଫର୍ ତୁଝ୍ ପର ସଲାମ୍ ଖୁଦା ନେ ୟେ କାହା ତା ୱୋହ୍ ଜୋ ଜିନ୍ଦିଗୀ କେ ଖ୍ୱାହାଁ ହେଁ ମୌତ୍ କେ ପଞ୍ଜେ ସେ ନଜାତ୍ ପାୱେଁ ୱୖର୍ ୱୋହ୍ ଜୋ କବ୍ରୋଁ ମେଁ ଦବେ ପଡ଼େ ହେଁ ବାହାର ଆୱେଁ ୱୖର୍ ତା ଦିନେ ଇସ୍‌ଲାମ୍ କା ଶର୍ଫ ୱୖର୍ କଲାମୁଲ୍ଲାଃ କା ମର୍ତବା ଲୋଗୋଁ ପର ଜାହିର୍ ହୋ ୱୖର୍ ତା ହକ୍ ଅପ୍‌ନି ତମାମ୍ ବର୍କତୋଁ କେ ସାଥ ଆଜାଏ ୱୖର ବାତିଲ୍ ଅପନି ତମାମ୍ ନହୁସତୋଁ କେ ସାଥ ଭାଗ ଯାଏ ୱୖର୍ ତା ଲୋଗ୍ ସମ୍‌ଝେଁ କି ମେଁ କାଦିର୍ ହୁଁ ଯୋ ଚାହତା ହୁଁ ସୋ କରତା ହୁଁ । ୱୖର ତା ୱୋହ୍ ୟକିନ୍ ଲାଏଁ କି ମେଁ ତେରେ ସାଥ ହୁଁ ୱୖର୍ ତା ଉନ୍‌ହେଁ ଜୋ ଖୁଦା କେ ୱଜୁଦ୍ ପର୍ ଇମାନ୍ ନହିଁ ଲାତେ ୱୖର୍ ଖୁଦା ୱୖର୍ ଖୁଦା କେ ଦୀନ ୱୖର୍ ଉସ୍ କି କିତାବ୍ ୱୖର ଉସ କେ ପାକ୍ ରସୁଲ୍ ମୁହମ୍ମଦ୍ ମୁସ୍ତଫା ସ.ଅ କୋ ଇନ୍‌କାର୍ ୱୖର୍ ତକ୍‌ଯିବ କି ନିଗାହ୍ ସେ ଦେଖ୍‌ତେ ହେଁ ଏକ୍ ଖୁଲି ନିଶାନି ମିଲେ ୱୖର୍ ମୁଜରିମୋଁ କି ରାହ୍ ଜାହିର୍ ହୋଯାଏ । "

"ସୋ ତୁଝେ ବଶାରତ୍ ହୋ କି ଏକ ୱଜିହ୍ ୱୖର୍ ପାକ୍ ଲଡ଼କା ତୁଝେ ଦିଆଯାଏଗା । ଏକ ଜକି ଗୁଲାମ୍ (ଲଡ଼କା) ତୁଝେ ମିଲେଗା । ୱୋହ୍ ଲଡ଼କା ତେରେ ହି ତଖ୍ମ୍ ସେ ଓ ତେରି ହି ଜୁର୍ରିୟତ୍ ୱ ନସଲ୍ ହୋଗା । ଖୁବସୁରତ୍ ପାକ୍ ଲଡ଼କା ତୁମ୍‌ହାରା ମେହମାନ୍ ଆତା ହୈ । ଉସକା ନାମ୍ ଅନ୍‌ମ୍‌ୱାଇଲ୍ ୱୖର୍ ବଶୀର ଭି ହୈ । ଉସକୋ ମୁକଦ୍ଦସ୍ ରୁହ୍ ଦି ଗଇ ହୈ ୱୖର୍ ୱୋହ୍ ରିଜସ୍ ସେ ପାକ୍ ହୈ ୱୖର୍ ନୁରୁଲ୍ଲାଃ ହୈ । ମୁବାରକ୍ ୱୋହ୍ ଜୋ ଆସ୍‌ମାନ୍ ସେ ଆତା ହୈ । ଉସକେ ସାଥ ଫଜଲ୍ ହୈ ଯୋ ଉସ୍‌କେ ସାଥ ଆଏଗା । ୱୋହ୍ ସାହିବେ ଶିକୋହ୍ ୱୖର୍ ଅଜ୍‌ମତ୍ ୱୖର୍ ଦୌଲତ୍ ହୋଗା । ୱୋହ୍ ଦୁନିୟାଁ ମେଁ ଆଏଗା ୱୖର୍ ଅପ୍‌ନେ ମସିହ୍ ନଫସ୍ ୱୖର୍ ରୁହୁଲ୍ ହକ୍ କି ବର୍କତୋଁ ସେ ବହତୋଁ କୋ ବିମାରିୟୋଁ ସେ ସାଫ୍ କରେଗା । ୱୋହ୍ କଲମିତୁଲ୍ଲାଃ ହୈ କ୍ୟୁଁ କେ ଖୁଦା କି ରହମତ୍ ୱ ଗୁୟୁରୀ ନେ ଉସେ କଲିମା ତମ୍‌ଜିଦ୍ ସେ ଭେଜା ହୈ । ୱୋହ୍ ସଖତ୍ ଜହିନ୍ ୱ ଫହିମ୍ ହୋଗା ୱୖର୍ ଦିଲ୍ କା ହଲିମ୍ ୱୖର୍ ଉଲୁମେ ଜାହିରି ଓ ବାତିନି ସେ ପୁର୍ କିୟା ଯାଏଗା । ୱୖର୍ ୱୋହ୍ ତିନ୍ କୋ ଚାର କରନେ ୱାଲା ହୋଗା (ଇସ୍ କେ ମାନେ ସମଝ ମେଁ ନହି ଆଏ) । ଦୋଶମ୍ବା ହୈ ମୁବାରକ୍ ଦୋଶମ୍ବା, ଫର୍‌ଜନ୍ଦେ ଦିଲବନ୍ଦ୍ ଗିରାମୀ ଅର୍ଜୁମନ୍ଦ୍ । ମଜ୍‌ହରୁଲ୍ ଅୱଲି ୱଲ୍ ଆଖିରି । ମଜ୍‌ହରୁଲ୍ ହକ୍କି ୱଲ୍ ଆଲାଏ କାଅନ୍‌ନଲ୍ଲାଃହା ନଜଲା ମିନସ୍ ସମା ଜିସ୍ କା ନୁଜୁଲ୍ ବହତ୍ ହି ମୁବାରକ୍ ୱୖର୍ ଜଲାଲେ ଇଲାହି ଜହୁର୍ କା ମୌଯିବ ହୋଗା । ଯିସ୍ କୋ ଖୁଦା ନେ ଅପନି ରଜାମନ୍ଦି କେ ଇତ୍ର ସେ ମମ୍‌ସୁହ୍ କିୟା । ହମ୍ ଉସ୍ ମେଁ ଅପନି ରୁହ୍ ଡାଲେଁଗେ ୱୖର ଖୁଦା କା ସାୟା ଉସ୍ କେ ସର ପର ହୋଗା । ୱୋହ୍ ଜଲ୍‌ଦ୍ ଜଲ୍‌ଦ୍ ବଢେଗା ୱୖର ଅସିରୋଁ କି ରୁସ୍ତଗାରି କା ମୌଜବ୍ ହୋଗା । ୱୖର୍ ଜମିନୋଁ କେ କିନାରୋଁ ତକ ଶୋହରତ୍ ପାଏଗା । ୱୖର୍ କୌମେ ଉସ୍ ସେ ବରକତ୍ ପାଏଁଗି । ତବ୍ ଅପ୍‌ନେ ନଫସି ନୁକ୍‌ତାଃ ଆସମାନ୍ କି ତରଫ୍ ଉଠାୟା ଯାଏଗା । ୱକାନା ଅମ୍ରନ୍ ମକ୍‌ଯିୟା । "

(ମଜ୍‌ମୁଆ ଇସ୍ତେହାରାତ୍, ଭାଗ-1, ପୃ-100-101)

## ପୃ-13ର ଅବଶିଷ୍ଟାଂଶ.....

) ଅଟନ୍ତି । ଭିନ୍ନ ହୋଇପାରିବେ ନାହିଁ । ଦୁହିଁଙ୍କୁ ଅଲଗା ମନେକରାଯାଇ ପାରିବ ନାହିଁ । ପରିଶେଷରେ ମୁଁ ଉକ୍ତ କଥା ପରିପ୍ରକାଶ କରିଦେବା ଆବଶ୍ୟକ ବୋଲି ମନେକରୁଛି ଯେ, ଆମେମାନେ ଯେପରି ଅଣଅହେମଦିମାନଙ୍କୁ ଏହା କହିଥାଉ କି ତୁମମାନଙ୍କ ନିମନ୍ତେ ହ. ମସିହ୍ ମଉଦ୍ ଅ.ସଙ୍କୁ ସ୍ୱୀକାର କରିବା ଏଇଥିପାଇଁ ଆବଶ୍ୟକ ଯେ, ଆପଣ ଅ.ସଙ୍କ ମାଧ୍ୟମରେ ଆଁହଜରତ ସ.ଅଙ୍କ ଭବିଷ୍ୟତବାଣୀ ସଂପୂର୍ଣ୍ଣ ହେଲା ଏବଂ ଆପଣଙ୍କ ଅସ୍ତିତ୍ୱ ହିଁ ଆପଣଙ୍କ ସତ୍ୟତାର ନିଦର୍ଶନ ଅଟେ । ଆପଣ ଅ.ସଙ୍କ ସତ୍ୟତା ମାଧ୍ୟମରେ ଆମେମାନେ ଇସ୍‌ଲାମ୍‌ର ବିରୋଧୀମାନଙ୍କ ଉପରେ ପ୍ରମାଣକୁ ସିଦ୍ଧ କରିପାରିବୁ । ସେହିପରି ଆମେମାନେ ଅଣଅହେମଦି ବ୍ୟକ୍ତିମାନଙ୍କର ସେବାରେ ଜଣାଇଥାଉ ଯେ, ଅଲ୍ଲାଃତାଲା ହ. ଫଜ୍‌ଲେ ଉମର୍ ର.ଅଙ୍କ ମାଧ୍ୟମରେ ହ. ମସିହ୍ ମଉଦ୍ ଅ.ସଙ୍କର ଏକ ମହାନ ଭବିଷ୍ୟବାଣୀ ସଂପୂର୍ଣ୍ଣ କଲେ, ଆପଣ ଅ.ସଙ୍କ ସତ୍ୟତାର ଏକ ମହାପ୍ରତିଷ୍ଠିତ ବା ମହାମନା ନିଦର୍ଶ ପ୍ରକାଶିତ କରିଛନ୍ତି। ଆପଣମାନଙ୍କ ମଧ୍ୟରେ ଯେଉଁମାନେ ହ. ମସିହ୍ ମଉଦ୍ ଅ.ସଙ୍କର ସତ୍ୟତା ଉପରେ ବିଶ୍ୱାସ ରଖିବାର ଯେଉଁ ଦାବି କରନ୍ତି ତେଣୁ ଆପଣମାନଙ୍କ ଉପରେ ଏହା ଅନିର୍ବାର୍ଯ୍ୟ ଯେ, ଉକ୍ତ ନିଦର୍ଶନର ସତ୍ୟତା ଉପରେ ବିଶ୍ୱାସ ସ୍ଥାପନ କରନ୍ତୁ ଓ ସଂସାରକୁ କୁହନ୍ତୁ ଯେ, ଦେଖ କିପରି ଅଲ୍ଲାଃତାଲା ହ. ମସିହ୍ ମଉଦ୍ ଅ.ସଙ୍କ ଭବ୍ୟ ଭବିଷ୍ୟବାଣୀକୁ ଚମତ୍କୃତ ଢଙ୍ଗରେ ପୂର୍ଣ୍ଣ କରି ଆପଣ ଅ.ସଙ୍କ ସତ୍ୟତାର ଏକ ଭବ୍ୟ ପ୍ରମାଣ ପ୍ରଦାନ କଲେ । ଏହି ନିଦର୍ଶନ ସମ୍ମୁଖରେ ପ୍ରତ୍ୟେକ ଈଶ୍ୱରଭୀରୁ ବ୍ୟକ୍ତିକୁ ବିଚାର କରି ନତମସ୍ତକ ହୋଇ ଯାଇଥାଏ । କିନ୍ତୁ ଆପଣମାନେ ଜିଦ୍ ଏବଂ ଈର୍ଷା ଯୋଗୁଁ ହ. ମସିହ୍ ମଉଦ୍ ଅ.ସଙ୍କ ସେହି ଉଜ୍ୱଳ ନିଦର୍ଶକୁ ଦେଖି ଯଦି ପ୍ରତ୍ୟାଖ୍ୟାନ କରିବେ ତାହାହେଲେ ଆପଣମାନେ ପ୍ରଭୁଙ୍କ ସମକ୍ଷରେ ଏପରି ଦୋଷୀ ସାବ୍ୟସ୍ତ ହେବେ ଯେପରି ଅଣଅହେମଦିମାନେ ହ. ମସିହ୍ ମଉଦ୍ ଅ.ସଙ୍କୁ ଅସ୍ୱୀକାର କରି ଆଁହଜରତ ସ.ଅଙ୍କୁ ଅସ୍ୱୀକାର କରିଦେଲେ। କାରଣ ହ. ମସିହ୍ ମଉଦ୍ ଅ.ସ ହିଁ ସେହି ଯୁଗପୁରଷ ବା ଯୁଗାବତାର ଅଟନ୍ତି ଯାହାଙ୍କ ମାଧ୍ୟମରେ ଆଁହଜରତ ସ.ଅଙ୍କର ସମସ୍ତ ଭବିଷ୍ୟବାଣୀ ସଂପୂର୍ଣ୍ଣ ହେଲା ଓ ଆପଣ ଅ.ସଙ୍କ ଅସ୍ତିତ୍ୱ ଆଁହଜରତ ସ.ଅଙ୍କ ସତ୍ୟତା ଉପରେ ଏକ ବଳିଷ୍ଠ ପ୍ରମାଣ ଅଟେ । ସୁତରାଂ ଯେଉଁମାନେ ହ. ମସିହ୍ ଅ.ସ ଓ ମୁସଲେହ୍ ମଉଦ୍ ର.ଅଙ୍କ ମର୍ଯ୍ୟାଦା ତଥା ଗାରିମାକୁ ହୃଦୟଙ୍ଗମ ଓ ସ୍ୱୀକାର କରନ୍ତି ନାହିଁ ସେମାନେ ଅଲ୍ଲାଃତାଲାଙ୍କ ନିକଟରେ ଦୋଷୀ ଅଟନ୍ତି ।

**(ଅଲ ଫଜଲ୍, 20 ଫେବୃଆରୀ 1944 ମସିହାରୁ ଉଦ୍ଧୃତ)**

☆ ☆ ☆

# ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ମହାନ ପଦ ମର୍ଯ୍ୟାଦା

(ହ. ମୌଲବୀ ଶେର୍ ଅଲୀ ସାହେବ)

ସୟେଦିନା ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ଅତ୍ୟନ୍ତ ବୈଭବ୍ୟ ଓ ମହାନ୍ ଭବିଷ୍ୟତବାଣୀ ଅନୁଯାୟୀ 1889 ମସିହା ଜାନୁଆରୀ ମାସ 12 ତାରିଖରେ ଯୁଗାବତାର ହ. ମସିହ୍ ମଉଦ୍ ଅ.ସଙ୍କ ଦୁଆ ସ୍ୱୀକୃତ ହେବାର ଏକ ମହା ନିଦର୍ଶନ ଅଟେ । ଆପଣ ର.ଅଙ୍କ ଆହୁରି ଅନେକ ନିଦର୍ଶନ ରହିଛି ଯାହାକି ହ. ମସିହ୍ ମଉଦ ଅ.ସଙ୍କ ଦୁଆ ମାଧ୍ୟମରେ ପ୍ରକାଶିତ ହେଲା । ଉଦାହଣ ସ୍ୱରୂପ ପଣ୍ଡିତ ଲେଖ୍‌ରାମ୍‌ର ନିଦର୍ଶନ । ନିଃସନ୍ଦେହ ରୂପେ ଉକ୍ତ ନିଦର୍ଶନ ମଧ୍ୟ ନିଜ ସ୍ଥାନରେ ହ. ମସିହ୍ ମଉଦ୍ ଅ.ସଙ୍କ ସତ୍ୟତାର ବଳିଷ୍ଠ ପ୍ରମାଣ ଅଟେ । କିନ୍ତୁ ମୁସ୍‌ଲେହ୍ ମଉଦ୍‌ଙ୍କ ନିଦର୍ଶନ ଓ ହ. ମସିହ୍ ମଉଦ୍ ଅ.ସଙ୍କ ଦୁଆ ସ୍ୱୀକୃତ ହେବାର ନିଦର୍ଶନରେ ଅନେକ ପାର୍ଥକ୍ୟ ରହିଛି । ଉକ୍ତ ନିଦର୍ଶନ ସଂକ୍ରାନ୍ତରେ ହୁଜୁର ଅ.ସ ବିଶେଷ ବ୍ୟବସ୍ଥା କରିଛନ୍ତି । କାରଣ ଚାଳିଶ ଦିନ ପର୍ଯ୍ୟନ୍ତ ନିଜ ସହର ବାହାରେ ଏକ ନିରୋଳା ସ୍ଥାନରେ ସମସ୍ତ ସଂସାରବାସୀଙ୍କ ଠାରୁ ପୃଥକ୍ ହୋଇ ହୁଜୁର ଅ.ସ ଅଲ୍ଲାଃତାଲାଙ୍କ ସମକ୍ଷରେ କାକୁତି ମିନିତୀ ଦ୍ୱାରା ଦୁଆ ଓ ଈଶ୍ୱର ଚର୍ଚ୍ଚାରେ ନିମଜ୍ଜିତ ରହିଲେ । ଫଳତଃ ଅଲ୍ଲାଃତାଲା ହୁଜୁର ଅ.ସଙ୍କୁ ଏକ ଦୟା ତଥା କୃପାର ନିଦର୍ଶନ ପ୍ରଦାନ କଲେ । ଦୁଆ ସ୍ୱୀକୃତ ହେବାର ଅନ୍ୟ ଯେଉଁ ନିଦର୍ଶନ ପ୍ରାଦୁର୍ଭୂତ ହୋଇଛି ନିଃସନ୍ଦେହ ରୂପେ ତାହା ଭବ୍ୟ ନିଦର୍ଶନ ଥିଲା । କିନ୍ତୁ ଉକ୍ତ ନିଦର୍ଶନ ର ଫଳାଫଳ ଏତେ ବ୍ୟାପକ ଥିଲା ଯେ, ଏହାର କଳନା କରିବା ଦୁରୁହ ବ୍ୟାପାର ଓ ଅସମ୍ଭବ ଅଟେ ।

ଏହି ପ୍ରକାରର ନିଦର୍ଶନ ପୃଥିବୀର ଇତିହାସରେ ଦୁଆ ଫଳରେ ତିନି ଥର ପ୍ରକାଶିତ ହୋଇଛି । (1) ପ୍ରଥମ ନିଦର୍ଶନ ଆଁହଜରତ ସ.ଅଙ୍କ ଆବିର୍ଭାବ ହେବାର ନିଦର୍ଶନ ଥିଲା । ଯାହାକି ହ. ଇବ୍ରାହିମ୍ ଅ.ସଙ୍କ ଦୁଆ ବଳରେ ପ୍ରକାଶିତ ହେଲା । ଉକ୍ତ ନିଦର୍ଶନଟି ନିମ୍ନରେ ସେହି ନିଦର୍ଶନ ମଧ୍ୟରୁ ଅନ୍ୟତମ ଏବଂ ପ୍ରଥମ ସ୍ଥାନରେ ରହିଛି ।

(2) ଦ୍ୱିତୀୟ ନିଦର୍ଶନ ହେଉଛି ହ. ମସିହ୍ ମଉଦ୍ ଅ.ସଙ୍କ ପ୍ରାଦୁର୍ଭାବର ନିଦର୍ଶନ। ଉକ୍ତ ନିଦର୍ଶନଟି ଦୁଆ ଫଳରେ ପ୍ରକାଶିତ ହେଲା ଏବଂ ଉକ୍ତ ଦୁଆ ଆଁହଜରତ ସ.ଅ ନିଜର ଧର୍ମାବଲମ୍ବୀମାନଙ୍କ ସକାଶେ କରିଥିଲେ । ସୁତରାଂ ଉକ୍ତ ନିଦର୍ଶନଟି ଅନ୍ୟ ନିଦର୍ଶନ ମଧ୍ୟରୁ ନିଜର ମର୍ଯ୍ୟାଦା ଅନୁଯାୟୀ ଦ୍ୱିତୀୟ ସ୍ଥାନରେ ରହିଛି ।

(3) ତୃତୀୟ ମହାନ ନିଦର୍ଶନ ହେଉଛି ସେହି ନିଦର୍ଶନ ଯାହାକି ସଂସାରରେ ଦୁଆ ସ୍ୱୀକୃତ ହୋବ ଯୋଗୁଁ ପ୍ରକାଶିତ ହୋଇଥିଲା । ଏହାର ଆକଳନ ଉକ୍ତ ଈଶ୍ୱରଙ୍କ ବାଣୀ ଦ୍ୱାରା ହୋଇପାରେ । ଅର୍ଥାତ୍ ଚାଳିଶ ଦିନ୍ ଦୁଆ କରି ସାରିବା ପରେ ହୁଜୁର ଅ.ସଙ୍କ ଉପରେ ହୋଶିୟାର୍ ପୁର୍ ଠାରେ ଅବତୀର୍ଣ୍ଣ ହେଲା ଯାହାକି ଫେବୃଆରୀ ମାସ 20 ତାରିଖରେ ଏକ ପତ୍ରିକାରେ ପ୍ରକାଶିତ କରାଗଲା। ଅଲ୍ଲାଃତାଲାଙ୍କର ବାଣୀରେ ଅତିଶୟୋକ୍ତି କଦାପି ପରିଲକ୍ଷିତ ହୋଇ ପାରିବ ନାହିଁ । ସୁତରାଂ ଆମେମାନେ ଯଦି ହ. ମୁସଲେହ୍ ମଉଦ୍ ର.ଅଙ୍କ ମାହାତ୍ମ୍ୟତାର କଳନା କରିବାକୁ ଚାହୁଁଛେ ତାହାହେଲେ ଆମମାନଙ୍କୁ ଏହି ଭବିଷ୍ୟତବାଣୀର ଶବ୍ଦ ପାଠ କରିବା ଉଚିତ୍ । ଅର୍ଥାତ୍ ସେହି ବ୍ୟକ୍ତିର ମର୍ଯ୍ୟାଦା କେଡ଼େ ମହାନ୍ ଯାହାର ବିଶେଷ ଗୁଣାବଳୀ ଓ ଉତ୍କର୍ଷତା ଏବଂ କୃତିତ୍ୱର ନକ୍ସା ଉକ୍ତ ଭବିଷ୍ୟତବାଣୀରେ ଅଙ୍କନ କରାଯାଇଛି । ସୁତରାଂ ଆଁହଜରତ ସ.ଅ ଓ ହ. ମସିହ୍ ମଉଦ୍ ଅ.ସଙ୍କ ଦୁଆ ଫଳରେ ସଂସାରରେ ପ୍ରାଦୁର୍ଭୂତ ହେଲା ସେ ହେଉଛନ୍ତି ହ. ମୁସ୍‌ଲେହ୍ ମଉଦ୍ ର.ଅ । ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ଚର୍ଚ୍ଚା ଉକ୍ତ ଭବିଷ୍ୟତବାଣୀର ଶବ୍ଦରେ ବର୍ଣ୍ଣନା କରାଯାଇଛି । ଉକ୍ତ ପ୍ରସଙ୍ଗଟି ଯେ, ଉକ୍ତ ଭବିଷ୍ୟତବାଣୀର ଚରିତାର୍ଥ ହ. ଅମୀରୁଲ୍ ମୁମିନିନ୍ ହ. ଖଲିଫତୁଲ୍ ମସିହ୍ ସାନି ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ ଅଟନ୍ତି । କେବଳ ନିଦର୍ଶନ ଓ ପ୍ରମାଣ ଦ୍ୱାରା ସାବ୍ୟସ୍ତ ହୁଏ ନାହିଁ ବରଂ ଅଲ୍ଲାଃତାଲାଙ୍କ କାର୍ଯ୍ୟ ମଧ୍ୟ ଉଚ୍ଚ ସ୍ୱରରରେ ଉକ୍ତ କଥାର ସାକ୍ଷ୍ୟ ଦେଉଅଛି ଯେ, ଉକ୍ତ ଭବିଷ୍ୟତବାଣୀର ଚରିତାର୍ଥ ହ. ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହ୍ ସାନି ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ ଅଟନ୍ତି। କାରଣ ଅଲ୍ଲାଃତାଲା ନିଜର ଲୀଳା ପ୍ରଦର୍ଶନ ଦ୍ୱାରା ସେହି ସମସ୍ତ ପ୍ରସଙ୍ଗକୁ ଯାହାର ଚର୍ଚ୍ଚା ଉକ୍ତ ଭବିଷ୍ୟତବାଣୀରେ ବର୍ଣ୍ଣିତ ହୋଇଛି । ହ. ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହ୍ ସାନି ଅୟେଦହୁଲ୍ଲାଃହୁ ତାଆଲାଙ୍କ ସପକ୍ଷରେ ଏପରି ଢଙ୍ଗରେ ପୂର୍ଣ୍ଣ କିରଦେଲେ ଓ ପୂର୍ଣ୍ଣ କରୁଅଛନ୍ତି । କୌଣସି ନ୍ୟାୟପ୍ରିୟ ବ୍ୟକ୍ତି ଏହାକୁ ପ୍ରତ୍ୟାଖ୍ୟାନ କରିପାରିବ ନାହିଁ । ଉପରୋକ୍ତ ସମସ୍ତ ପ୍ରସଙ୍ଗ ଯାହାର ଚର୍ଚ୍ଚା ଭବିଷ୍ୟବାଣୀରେ ଉଲ୍ଲେଖ ରହିଛି ତାହା କୌଣସି ବ୍ୟକ୍ତିର କାର୍ଯ୍ୟ ନୁହେଁ ବରଂ ସ୍ୱୟଂ ଭଗବାନ ହିଁ ଏପରି କରିପାରନ୍ତି । ପ୍ରଭୁ ସେହି ସମସ୍ତ ପ୍ରସଙ୍ଗକୁ ପୂର୍ଣ୍ଣ କରି ଆକାଶରୁ ଉକ୍ତ କଥାର ସାକ୍ଷ୍ୟ ପ୍ରଦାନ କଲେ ଯେ, ଆଗମନକାରୀ ବ୍ୟକ୍ତି ଯାହାର ସୂଚନା ଉକ୍ତ ଭବିଷ୍ୟବାଣୀରେ ଉଲ୍ଲେଖ ରହିଛି ସେ ହେଉଛି ଏହି ମେହମୁଦ୍ (ମୋର ପିତା ମାତା ଆପଣ ର.ଅଙ୍କ ଉପରେ ଉତ୍ସର୍ଗ ହୁଅନ୍ତୁ) । ସୁତରାଂ କୌଣସି ବ୍ୟକ୍ତିର ସପକ୍ଷରେ ବଳିଷ୍ଠ ପ୍ରମାଣ ହେଉଛି ପ୍ରଭୁଙ୍କ ବ୍ୟବହାରିକ ସାକ୍ଷ୍ୟ । ଉକ୍ତ ପ୍ରମାଣଟି ଏଠାରେ ଅତ୍ୟନ୍ତ ଜାଜୁଲ୍ୟମାନ ଭାବରେ ବିଦ୍ୟମାନ ରହିଛି ।

ଅନ୍ୟ ଏକ ପ୍ରସଙ୍ଗ ଯାହାକି ହ. ମେହ୍‌ମୁଦ୍ ଅୟେଦହୁଲ୍ଲାଃହୁ ତାଆଲାଙ୍କ (ମୁସ୍‌ଲେହ୍ ମଉଦ୍ ର.ଅଙ୍କ) ସଂପର୍କରେ ସାକ୍ଷ୍ୟ ପ୍ରଦାନ କରୁଅଛି, ତାହା ଏହିକି ଯେ, ଆପଣ ର.ଅଙ୍କ ପୂର୍ବରୁ ଅଲ୍ଲାଃତାଲା ଯେପରି ବ୍ୟବହାର ହ. ମସିହ୍ ମଉଦ୍ ଅ.ସଙ୍କ ସହିତ ପ୍ରଦର୍ଶନ କରିଥିଲେ ଠିକ୍ ସେହିପରି ବ୍ୟବହାର ଆପଣ ର.ଅଙ୍କ ସହିତ ମଧ୍ୟ ପ୍ରଦର୍ଶନ କରିଥିଲେ । ଅଲ୍ଲାଃତାଲାଙ୍କ ତରଫରୁ ଯେଉଁ ପ୍ରତିଶୃତ ବ୍ୟକ୍ତି ଏହି ମର୍ତ୍ତ୍ୟମଣ୍ଡଳକୁ ସଂସ୍କାର ନିମନ୍ତେ ଆସିଅଛନ୍ତି ସେମାନଙ୍କ ସଂକ୍ରାନ୍ତରେ ଅଲ୍ଲାଃତାଲାଙ୍କର ଏହି ପରମ୍ପରା ରହିଛି ଯେ, ସେମାନଙ୍କ ଜାତିର ମୁଖ୍ୟ ଲୋକମାନେ ସେମାନଙ୍କ ବିରୋଧରେ ଛିଡ଼ା ହୋଇଗଲେ ଏବଂ ସେମାନେ ଅବତାରମାନଙ୍କୁ ଅକୃତକାର୍ଯ୍ୟ କରିବା ନିମନ୍ତେ ଆପ୍ରାଣ ଉଦ୍ୟମ କଲେ । ହ.ମୁସା ଅ.ସଙ୍କ ଯୁଗରେ ସବୁଠୁ ବଡ଼ ପାପୀ ବ୍ୟକ୍ତି ଫିରଔନ୍ ଥିଲା । ସେ ଆପଣ ଅ.ସଙ୍କ ବିରୋଧରେ ଛିଡ଼ା ହେଲା ଏବଂ ଯିଏ ଆପଣ ଅ.ସ ଓ ଆପଣ ଅ.ସଙ୍କ ଜାତିର ବିନାଶ ଘଟାଇବା ପାଇଁ ଉଦ୍ୟମ କଲେ । ହ. ଇସା ଅ.ସଙ୍କ କାଳରେ ଇହୁଦୀମାନଙ୍କର ସବୁଠୁ ବଡ଼ ବ୍ୟକ୍ତି ଥିଲା ସେ ହେଉଛି ଜ୍ୟୋତିଷ ଅଧିପତି । ଯାହାର ନାମ କାଇଫା ଥିଲା । ସେ ହ. ଇସା ଅ.ସଙ୍କୁ ଅକୃତ କାର୍ଯ୍ୟ କରିବା ନିମନ୍ତେ ଉଦ୍ୟମ କରୁଥିଲା । ପୁନଶ୍ଚ ଆଁହଜରତ ସ.ଅଙ୍କ କାଳରେ ମକ୍କାର ଉପତ୍ୟକାରେ ମକ୍କାର ଅଧିପତି ଅବୁ ଜହଲ୍ ଥିଲା । ସେ ଆପଣ ସ.ଅଙ୍କ ବିରୋଧର ଦାୟିତ୍ୱ ଗ୍ରହଣ କରିଥିଲା । ହ. ମସିହ୍ ମଉଦ୍ ଅ.ସଙ୍କ କାଳରେ ମୁସଲମାନଙ୍କର ଅଧ୍ୟକ୍ଷ ମୌଲବୀ ମୁହମ୍ମଦ ହୁସୈନ୍ ବଟାଲୱୀ ଓ ନଜୀର୍ ହୁସୈନ ଦେହଲୱୀ ବିରୋଧ କରିବାର ଦାୟିତ୍ୱ ଗ୍ରହଣ କରିବା ଯୋଗୁଁ ଅଲ୍ଲାଃତାଲା ଐଶୀବାଣୀରେ ସେମାନଙ୍କୁ ଫିରଔନ୍ ଓ ହାମାନ୍ ଉପାଧି ପ୍ରଦାନ କଲେ। ଠିକ୍ ସେହିପରି ଅଲ୍ଲାଃତାଲାଙ୍କର ପୁରାତନ ପରମ୍ପରା ଅନୁଯାୟୀ ଯେତେବେଳେ ମେହମୁଦର ଛିଡ଼ା ହେବାର ସମୟ ଆସିଲା ସେତେବେଳେ ଅହେମଦି ଜମାଅତ୍‌ର ତୁଙ୍ଗ ବ୍ୟକ୍ତିମାନେ ଆପଣଙ୍କ ବିପକ୍ଷରେ ଛିଡ଼ା ହୋଇଗଲେ। ଯେପରି ପୂର୍ବେ ପୁଣ୍ୟବାନ୍ ଅବତାରମାନଙ୍କ କାଳରେ ଏବଂ ସେମାନଙ୍କ କାଳର ମୁଖିଆମାନେ ଛିଡ଼ା ହୋଇଯାଇଥିଲେ । ଏହିପରି ଭାବରେ ସେମାନେ ନିଜର କର୍ମ ଏବଂ କୃତ୍ୟ ଦ୍ୱାରା ଉକ୍ତ କଥାର ଘୋଷଣା କଲେ ଯେ, ଯେଉଁ ବ୍ୟକ୍ତି ବର୍ତ୍ତମାନ ଛିଡ଼ା ହେବାକୁ ଯାଉଛି ସେ ହେଉଛି ସେହି ପ୍ରତିଶୃତ ବ୍ୟକ୍ତି ଯାହାର ସୂଚନା ଜମାଅତ୍ ଅହେମଦିୟାର ସଂସ୍ଥାପକ ହ. ମିର୍ଜା ଗୁଲାମ୍ ଅହେମଦ କାଦିଆନୀ ଅ.ସ ପ୍ରଦାନ କରିଥିଲେ ।

ସେହିପରି ଆଉ ଏକ ପ୍ରସଙ୍ଗ ରହିଛି ଯାହାକି ହ. ଫଜ୍‌ଲେ ଉମର୍ ଖଲିଫତୁଲ୍ ମସିହ୍ ସାନି ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜଙ୍କ ପ୍ରକୃତ ମର୍ଯ୍ୟାଦା ଏବଂ ମାହାତ୍ମ୍ୟତାକୁ ପ୍ରତିପାଦିତ କରିଥାଏ । ତାହା ଏପିରି ଯେ, ଜମାଅତ୍ ଅହେମଦିୟାର ମୂଳଦୁଆ ଆପଣ (ଖଲିଫା ସାନି ର.ଅ)ଙ୍କ ସହିତ ରଖାଯାଇଥିଲା। ଯେଉଁ ଲୋକମାନେ ହ. ମସିହ୍ ମଉଦ୍ ଅ.ସଙ୍କ ପ୍ରତି ସୁଚିନ୍ତାଧାରା ବ୍ୟକ୍ତ କରୁଥିଲେ ଓ ହୁଜୁର ଅ.ସଙ୍କ ଲେଖନୀ ତଥା ଭବିଷ୍ୟବାଣୀର ନିଦର୍ଶନ ଦ୍ୱାରା ପ୍ରଭାବିତ ହୋଇଥିଲେ ଏବଂ ଏହା ଭାବୁଥିଲେ ଯେ, ଅଲ୍ଲାଃତାଲା ହୁଜୁର ଅ.ସଙ୍କୁ ମାନବ ଜାତିର ସଂସ୍କାର ସକାଶେ ଛିଡ଼ା କରାଯାଇଛି । ଆପଣ ଅ.ସଙ୍କ ନିକଟରେ ବାରମ୍ବାର ଅନୁରୋଧ କରୁଥିଲେ କି ହୁଜୁର ! ଆପଣ ଆମମାନଙ୍କୁ ନିଜ ବୈଅତ୍‌ରେ ପ୍ରବିଷ୍ଟ କରି ନିଅନ୍ତୁ । କିନ୍ତୁ ହୁଜୁର ଅ.ସ ସେମାନଙ୍କୁ ଏହି ଉତ୍ତର ଦେଉଥିଲେ ଯେ, ମୋତେ ଏଯାବତ୍ ବୈଅତ୍ ନେବାର ଆଦେଶ ପ୍ରଦାନ କରାଯାଇ ନାହିଁ । ତେଣୁ ମୋତେ ଅଲ୍ଲାଃତାଲାଙ୍କ ତରଫରୁ ଯେପର୍ଯ୍ୟନ୍ତ ବୈଅତ୍ ନେବାର ଆଦେଶ ପ୍ରାପ୍ତ ହୋଇଯାଇ ନାହିଁ ସେପର୍ଯ୍ୟନ୍ତ ମୁଁ କୌଣସି ବ୍ୟକ୍ତି ଠାରୁ ବୈଅତ୍ ନେଇପାରିବି ନାହିଁ । କିନ୍ତୁ ଯେତେବେଳେ ହ. ଖଲିଫତୁଲ୍ ମସିହ୍ ସାନି ଅ.ବ ଜନ୍ମ ଗ୍ରହଣ କଲେ ସେତେବେଳେ ଆପଣ ଅ.ସଙ୍କୁ ଅଲ୍ଲାଃତାଲାଙ୍କ ଐଶୀବାଣୀ ମାଧ୍ୟମରେ ବୈଅତ୍ ନେବା ଆରମ୍ଭ କରିବାର ଆଦେଶ ଦେଲେ । ଉକ୍ତ ଐଶୀବାଣୀ ଅବତୀର୍ଣ୍ଣ ହେଲା- اِصۡنَعِ الۡفُلۡكَ بِاَعۡيُنِنَا وَوَحۡيِنَا ସୁତରାଂ ଆପଣ ଅ.ସ ଉକ୍ତ ପତ୍ରିକାରେ ହ. ଖଲିଫତୁଲ୍ ମସିହ୍ ସାନି ର.ଅଙ୍କ ଜନ୍ମର ସୂଚନା ପ୍ରକାଶିତ କଲେ ଓ ତହିଁରେ ଲୋକମାନଙ୍କୁ ବୈଅତ୍ କରିବା ନିମନ୍ତେ ଆହ୍ୱାନ ଜଣାଇ ଜମାଅତ୍ ଅହେମଦିୟା ସଂପ୍ରଦାୟର ମୂଳଦୁଆ ସ୍ଥାପନ କରିଥିଲେ । ଯେପର୍ଯ୍ୟନ୍ତ ହ. ଖଲିଫତୁଲ୍ ମସିହ୍ ସାନି ର.ଅ ଜନ୍ମ ଗ୍ରହଣ କରି ନଥିଲେ ସେପର୍ଯ୍ୟନ୍ତ ଅଲ୍ଲାଃତାଲ ବୈଅତ୍‌ର ପରମ୍ପରାକୁ ମୁଲତବୀ ରଖିଥିଲେ । ସୁତରାଂ ଆପଣ ର.ଅଙ୍କ ଜନ୍ମ ସହିତ ଆଦେଶ ଅବତୀର୍ଣ୍ଣ କରି ଜମାଅତ୍ ଅହେମଦିୟାର ଭିତ୍ତି ସ୍ଥାପନ କରିଥିଲେ । ଏହିପରି ଭାବରେ ଆପଣ ର.ଅଙ୍କ ଜନ୍ମ ଜମାଅତ୍ ଅହେମଦିୟାର ଅୟମାରମ୍ଭ ହେଲା । ତହିଁରେ ଉକ୍ତ କଥାର ଇଙ୍ଗିତ ରହିଥିଲା ଯେ, ସେହି ନବଜନ୍ମିତ ସୌଭାଗ୍ୟଶାଳୀ ସୁଯୋଗ୍ୟ ସନ୍ତାକୁ ଅହେମଦିୟା ସଂପ୍ରଦାୟର ସହିତ ନିବିଡ଼ ସଂପର୍କ ରହିଛି । କାରଣ ଦୁହିଁଙ୍କର ପ୍ରାରମ୍ଭ ଏକତ୍ରିତ ହେଲା । ଏହା ଜ୍ଞାତ ହୋଇଯାଉ ଯେ, ଜମାଅତ୍ ଅହେମଦିୟାକୁ ଆପଣ ର.ଅଙ୍କ ଅସ୍ତିତ୍ୱ ସହିତ ସଂଶ୍ଳୀଷ୍ଟତା ରହିଛି ବା ଏକ ସଂପର୍କ ରହିଛି । ଅର୍ଥାତ୍ ଦୁହେଁ ପରସ୍ପରର ପରିପୂରକ (ଅବଶିଷ୍ଟାଂଶ..ପୃ-12ରେ

### ପୃ-2ର ଅବଶିଷ୍ଟାଂଶ.....

ଓ ପ୍ରମାଣ କରନ୍ତୁ ଯେ, ପ୍ରଭୁ କାହାକୁ ସାହାଯ୍ୟ କରୁଛନ୍ତି ଏବଂ କାହାର ପ୍ରାର୍ଥନାକୁ ଶୁଣୁଛନ୍ତି ? ଆପଣମାନଙ୍କ ପକ୍ଷେ ଏହା ଉଚିତ୍ ହେବ ଯେ, ଆପଣମାନେ ନିଜ ତରଫରୁ ଲୋକମାନଙ୍କୁ ମୁକାବିଲା କରିବା ନିମନ୍ତେ ଛିଡ଼ା କରନ୍ତୁ । କିନ୍ତୁ ସେହି ବ୍ୟକ୍ତି ପାଇଁ ଏହା ଉଚିତ୍ ନୁହେଁ ଯେ, ସେ ଛିଡ଼ା ହୋଇ ଏହା କହିଦେଉ ଯେ, ମୁଁ ମୁକାବିଲା କରିବି । ବରଂ ସେହି ଲୋକମାନଙ୍କୁ ମୁକାବିଲା ପାଇଁ ଆସିବା ଉଚିତ୍ ଯେଉଁମାନେ କୌଣସି ଧର୍ମ ଅବା କୌଣସି ସଂପ୍ରଦାୟ ବା ଗୋଷ୍ଠୀର ସ୍ଥାନାପନ୍ନ (ଧର୍ମନେତା ବା ଧର୍ମଗୁରୁ) ଅଟନ୍ତି । ସଂସାରାବାସୀଙ୍କୁ ସେତେବେଳେ ଜ୍ଞାତ ହୋଇଯିବ ଯେ, ପ୍ରଭୁ କାହାର ଦୁଆ ସ୍ୱୀକାର କରନ୍ତି ? ମୁଁ ଦାବିର ସହିତ କହୁଛି ଯେ, ଆମର ଦୁଆ ହିଁ ସ୍ୱୀକୃତ ହେବ । ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହିକି ଯେ, ବିଭିନ୍ନ ଧର୍ମର ବରିଷ୍ଠ ବ୍ୟକ୍ତିମାନେ ଏହାର ମୁକାବିଲା କରିବା ନିମନ୍ତେ ଭୟ ପ୍ରକାଶ କରନ୍ତି । ସେମାନେ ଯଦି ମୁକାବିଲା ନିମନ୍ତେ ଆସନ୍ତି ତା'ହେଲେ ସେମାନେ ଏପରି ପରାଜିତ ହେବେ ଯେ, ସେମାନେ ଆଉ ମୁକାବିଲା କରିବା ନିମନ୍ତେ ଦୁଃସାହାସ କରିବେ ନାହିଁ ।"

**(ଜିନ୍ଦା ମଜହବ୍, ଅନୱାରୁଲ୍ ଉଲୁମ୍, ଭାଗ-3, ପୃ-612)**

ଆପଣ ର.ଅ କୁହନ୍ତି: ସଂସାରର ଏପରି କୌଣସି ବିଦ୍ୟା ନାହିଁ ଯାହାର ମୂଳତତ୍ତ୍ୱକୁ ମୁଁ ବୁଝି ନାହିଁ । ଏତଦ୍‌ଭିନ୍ନ ମୁଁ ସେହି ବିଦ୍ୟା ସଂପର୍କିତ ପୁସ୍ତକ ମଧ୍ୟ ପାଠ କରିଛି ଏବଂ ଅଲ୍ଲାଃତାଲା ମୋତେ ତତ୍‌ସମ୍ବନ୍ଧରେ ଜ୍ଞାନ ପ୍ରଦାନ କରିଛନ୍ତି । କାରଣ ମୁଁ ପବିତ୍ର କୁରଆନ୍ କରୀମ୍ ଅନୁଯାୟୀ ସେହି ବିଦ୍ୟା ବା ଜ୍ଞାନକୁ ଅବଲୋକନ କରୁଛି। ତାହା ଏଇଥିପାଇଁ ଯେ, ମୁଁ ସର୍ବଦା ସଠିକ୍ ସିଦ୍ଧାନ୍ତରେ ଉପନୀତ ହୋଇଥାଏ ଓ ଅଲ୍ଲାଃତାଲାଙ୍କ କୃପାରୁ ଥରୁଟିଏ ମଧ୍ୟ ମୋର ମତ ପରିବର୍ତ୍ତନ କରିବାର ଆବଶ୍ୟକତା ପଡ଼ି ନାହିଁ । **(ଖୁତ୍‌ବାତେ ମେହମୁଦ୍, ଭାଗ-13,ପୃ-502)**

ଆପଣ ର.ଅ କୁହନ୍ତି: "ଅଲ୍ଲାଃତାଲାଙ୍କର ସିଫତ୍ (ବିଶିଷ୍ଟ ଗୁଣାବଳୀ)ଅଲିମ୍ (ସର୍ବଜ୍ଞ) ଯେଭଳି ଭବ୍ୟ ଓ ପ୍ରତିଷ୍ଠାପୂର୍ବକ ମୋ ମାଧ୍ୟମରେ ପ୍ରକଟ ହୋଇଥିଲା। ଏହାର ଦୃଷ୍ଟାନ୍ତ ମୋତେ ଖଲିଫାମାନଙ୍କ ସମୂହ ବ୍ୟତୀତ ଅନ୍ୟ କେଉଁଠି ବି ପରିଦୃଶ୍ୟମାନ ହେଉ ନାହିଁ । ମୁଁ ହେଉଛି ସେହି ବ୍ୟକ୍ତି ଯାହାକୁ କାଲି ଛୋଟ ପିଲା ବୋଲି ଅଭିହିତ କରାଯାଉଥିଲା, ମୁଁ ସେହି ବାଳକ ଥିଲି ଯାହାକୁ ମୂର୍ଖ ଓ ଅବୋଧ ବୋଲି ବିବେଚନା କରାଯଉଥିଲା । କିନ୍ତୁ ଖିଲାଫତ୍ ପଦକୁ ସମ୍ଭାଳିବା ପରେ ଅଲ୍ଲାଃତାଲା ମୋ ଉପରେ ପବିତ୍ର କୁରଆନୀୟ ଜ୍ଞାନ ଏତେ ବହୁଳ ଏବଂ ପ୍ରାଚୁର୍ଯ୍ୟତାର ସହିତ ଉନ୍ମୁକ୍ତ କଲେ ଯେ, ବର୍ତ୍ତମାନ ପ୍ରଳୟ ଦିବସ ପର୍ଯ୍ୟନ୍ତ ମୁସଲମାନ ଜାତି ଉକ୍ତ କଥାକୁ ସ୍ୱୀକାର କରିବା ନିମନ୍ତେ ବାଧ ଯେ, ସେମାନେ ମୋର ପୁସ୍ତକକୁ ପାଠ କରିବେ ଓ ତହିଁରୁ ଉପକୃତ ହେବେ । ଏପରି କୌଣସି ଇସ୍‌ଲାମୀୟ ସମସ୍ୟା ଜନିତ ପ୍ରସଙ୍ଗ ନାହିଁ ଯାହା ଅଲ୍ଲାଃତାଲା ମୋ ମାଧ୍ୟମରେ ନିଜର ସମସ୍ତ ବିବରଣୀ ତଥା ବ୍ୟାଖ୍ୟାର ସହିତ ଉନ୍ମୁକ୍ତ କରି ନାହାନ୍ତି । ଯଥା- ନବୁଓତ୍ ପ୍ରସଙ୍ଗ, ଅବିଶ୍ୱାସ ପ୍ରସଙ୍ଗ, ଖିଲାଫତ୍ ପ୍ରସଙ୍ଗ, ଭାଗ୍ୟବାଦ ପ୍ରସଙ୍ଗ, ପବିତ୍ର କୁରଆନ୍‌ର ଆବଶ୍ୟକ ପ୍ରସଙ୍ଗର ଉନ୍ମୋଚନ, ଇସ୍‌ଲାମୀୟ ଅର୍ଥନୀତିକ ବ୍ୟବସ୍ଥା, ଇସଲାମୀୟ ରାଜନୈତିକ ବ୍ୟବସ୍ଥା ଓ ଇସଲାମୀୟ ସାମାଜିକ ବ୍ୟବସ୍ଥା ଇତ୍ୟାଦି ପୁସ୍ତକ ଦୀର୍ଘ 1300 ବର୍ଷ ଧରି ଏପରି ବ୍ୟାପକ ଓ ବିସ୍ତୃତ ବିଷୟ ବସ୍ତୁ ଉପସ୍ଥିତ (ବିଦ୍ୟମାନ) ନଥିଲା । ଅଲ୍ଲାଃତାଲା ମୋତେ ଉକ୍ତ ସେବା କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କଲେ ଓ ଅଲ୍ଲାଃତାଲା ମୋରି ମାଧ୍ୟମରେ ସେହି ବିଷୟବସ୍ତୁ ସଂକ୍ରାନ୍ତରେ ପବିତ୍ର କୁରଆନର ବ୍ରହ୍ମଜ୍ଞାନ ଏବଂ ତତ୍ତ୍ୱ ଉନ୍ମୋଚିତ କଲେ ଯାହାକୁ ଆଜି ବନ୍ଧୁ ଓ ଶତ୍ରୁ, ପର ଆପଣା ସଭିଏଁ ଉଲ୍ଲେଖ ଏବଂ ପାଠୋଦ୍ଧାର କରୁଛନ୍ତି । ଲୋକମାନେ ମୋତେ ଯେତେ ପାରୁଛନ୍ତି ସେତେ ଗାଳି ଦିଅନ୍ତୁ ପଛେ, ମୋତେ ଯେତେ ଖରାପ କୁହନ୍ତୁ ପଛେ, ଯେଉଁ ବ୍ୟକ୍ତି ଇସଲାମ୍ ଧର୍ମର ଶିକ୍ଷାକୁ ସଂସାରରେ ପ୍ରସାରିତ କରିବ ତାହାକୁ ମୋର ଖୋଶା ଚିଁ (ଅର୍ଥାତ୍ ଧାନ କଟା ହେବା ପରେ ଧାନ କ୍ଷେତରେ ପଡ଼ିଥିବା ଧାନ କେଣ୍ଡାକୁ ଗୋଟାଉଥିବା ବ୍ୟକ୍ତି, ଧାନକେଣ୍ଡା ଗୋଟାଳି/ଅନ୍ୟର ଅସ୍ତିତ୍ୱରୁ ଲାଭାନ୍ୱିତ ତଥା ଉପକୃତ ହେଉଥିବା ବ୍ୟକ୍ତି) ହେବାକୁ ପଡ଼ିବ । ସେ ମୋର ଉପକାରରୁ କେବେ ବି ବହିର୍ଭୂତ ହୋଇପାରିବ ନାହିଁ । ସେ ପଛେ ପୈଗାମୀ ହୁଅନ୍ତୁ, ମିସରୀୟ ହୁଅନ୍ତୁ, ସେମାନଙ୍କର ସନ୍ତାନ ସନ୍ତିତ ହୁଅନ୍ତୁ । ସେମାନେ ଯେତେବେଳେ ବି ଧର୍ମ ସେବା କରିବେ ସେତେବେଳେ ସେମାନେ ଉକ୍ତ କଥା ଯୋଗୁଁ ବାଧ ହେବେ ଯେ, ସେମାନେ ମୋର ପୁସ୍ତକକୁ ପାଠ କରନ୍ତୁ ଏବଂ ତହିଁରୁ କେବଳ ଲାଭାନ୍ୱିତ ହୁଅନ୍ତୁ ନାହିଁ ବରଂ ମୁଁ ଗର୍ବର ସହକାରେ କହିପାରିବି ଯେ, ତତ୍‌ସଂକ୍ରାନ୍ତରେ ସମସ୍ତ ଖଲିଫାମାନଙ୍କ ତୁଳନାରେ ମୋର ଲେଖନୀ ସର୍ବାଧିକ ଓ ମୋ ମାଧ୍ୟମରେ ଏକତ୍ରିତ ହୋଇଛି ଏବଂ ହେଉଅଛି । ସୁତରାଂ ମୋତେ ଏହି ଲୋକମାନେ ଯେତେ ଗାଳି ଦିଅନ୍ତୁ ପଛେ ସେମାନଙ୍କ ହୃଦୟରେ ଏବଂ ଶରୀରରେ ଯଦି ପବିତ୍ର କୁରଆନ୍ କରୀମର ଜ୍ଞାନର ରଶ୍ମୀ ପଡ଼ିବ ତେବେ ତାହା ମୋରି ମାଧ୍ୟମରେ ହିଁ ପଡ଼ିବ, ସଂସାର ଏହା କହିବା ପାଇଁ ବାଧ ହେବ ଯେ, ହେ ଅବୋଧ ବ୍ୟକ୍ତିମାନେ ତୁମ ଥଳୀରେ ଯାହାକିଛି ଭର୍ତ୍ତି ହୋଇ ରହିଛି ତାହା ତୁମେମାନେ ସେହି ବ୍ୟକ୍ତି ଠାରୁ ହିଁ ନେଇଛି । ପୁନଶ୍ଚ ତୁମେମାନେ ସେହି ବ୍ୟକ୍ତିର ବିରୋଧ କିପରି ପ୍ରଦର୍ଶନ କରିପାରୁଛ ? **(ଖିଲାଫତ୍ ରାଶିଦା, ଅନୱାରୁଲ୍ ଉଲୁମ୍, ଭାଗ-15,ପୃ-587)**

ସୟେଦିନା ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ମାଧ୍ୟମରେ ସଂପୂର୍ଣ୍ଣ ସଂସାରରେ ଇସ୍‌ଲାମ୍ ଧର୍ମର ଧର୍ମ ପ୍ରଚାର ହେଲା ଓ ଜମାଅତ୍ ଅହେମଦିୟା ସମଗ୍ର ବିଶ୍ୱରେ ପରିବ୍ୟାପ୍ତ ହୋଇଗଲା । 1944 ମସିହାରେ ଯେତେବେଳେ ଆପଣ ର.ଅଙ୍କ ଖିଲାଫତକୁ 20 ବର୍ଷ ହୋଇଥିଲା, ଅହେମଦିୟତ୍ କିପରି ବ୍ୟାପୀ ଯାଇଥିଲା ତାହା ଆପଣମାନେ ଅବଲୋକନ କରି ନିଅନ୍ତୁ । ଆପଣ ର.ଅ କୁହନ୍ତି :

"ମୁଁ ସଂସାରର ବିଭିନ୍ନ ଦିଗରେ ଇସ୍‌ଲାମ୍ ଓ ଅହେମଦିୟତ୍‌କୁ ପ୍ରସାରିତ କରିବା ନିମନ୍ତେ ମିଶନ ସ୍ଥାପନ କରିଦେଲି । ହ. ମସିହ୍ ମଉଦ୍ ଅ.ସଙ୍କ ଯେତେବେଳେ ଅକାଳ ବିୟୋଗ ହେଲା ସେତେବେଳେ କେବଳ ଭାରତ ଓ ଆଫଗାନିସ୍ତାନର କିଛି ଅଞ୍ଚଳରେ ଜମାଅତ୍ ଅହେମଦିୟା ସ୍ଥାପିତ ହୋଇଥିଲା । ଅନ୍ୟ କୌଣସି ସ୍ଥାନରେ ଅହେମଦିୟା ମିଶନ ସ୍ଥାପିତ ହୋଇ ନଥିଲା । କିନ୍ତୁ ପ୍ରଭୁ ଭବିଷ୍ୟତବାଣୀରେ କହିଥିଲେ ଯେ, ସେ ସଂସାରର କୋଣ ଅନୁକୋଣ ପର୍ଯ୍ୟନ୍ତ ପ୍ରସିଦ୍ଧି ଅର୍ଜନ କରିବ, ଅଲ୍ଲାଃତାଲା ମୋତେ ଏହି ସାମର୍ଥ୍ୟ ପ୍ରଦାନ କଲେ ଯେ, ବିଭିନ୍ନ ଦେଶମାନଙ୍କରେ ଅହେମଦିୟା ମିଶନ ହାଉସ୍ ସ୍ଥାପନ କରିବି । ସୁତରାଂ ମୁଁ ନିଜର ଖଲିଫତ୍‌ର ପ୍ରାରମ୍ଭିକ ଅବସ୍ଥାରେ ହିଁ ଇଂଲଣ୍ଡ, ସିଲଂ, ମରେଶିୟସ୍‌ରେ ଅହେମଦିୟା ମିଶନ ସ୍ଥାପନ କଲି । ପୁନଶ୍ଚ ଏହି ପରମ୍ପରା କ୍ରମଶଃ ବୃଦ୍ଧି ପାଇ ଚାଲିଲା । ସୁତରାଂ ଇରାନ୍‌ରେ, ଋଷରେ, ଇରାକ୍‌ରେ, ମିସରରେ, ସିରୀୟାରେ, ପାଲେଷ୍ଟାଇନ୍‌ରେ, ଲିଗୋସ୍‌ରେ, ନିଇଜେରିୟାରେ, ଗୋଲ୍ଡ୍ କୋଷ୍ଟ୍‌ରେ ସେରାଲିଓନ୍‌ରେ, ଇଷ୍ଟ ଆଫ୍ରିକାରେ, ୟୁରୋପରେ, ଇଂଲଣ୍ଡ ବ୍ୟତୀତ ସ୍ପେନ୍‌ରେ, ଇଟାଲୀରେ, ଚେକୋସ୍ଲୋଭାକିୟାରେ, ହଙ୍ଗେରୀରେ, ପୋଲାଣ୍ଡରେ, ୟୋଗୋସଲାଭିୟାରେ, ଆଲବାନିୟାରେ, ଜର୍ମାନୀରେ, ୟୁନାଇଟେଡ୍ ଷ୍ଟେଟ୍ ଆମେରିକାରେ, ଅର୍ଜେଣ୍ଟାଇନ୍‌ରେ, ଚୀନ୍‌ରେ, ଜାପାନରେ, ମଲାୟାରେ, ଷ୍ଟ୍ରିଟ୍ ସିୟାଟେଲ୍ ମିଣ୍ଟସ୍‌ରେ, ସୁମାତ୍ରାରେ, ଜାଭାରେ, ସୁରବାୟାରେ, କାଶ୍‌ଗିରରେ । ଅଲ୍ଲାଃତାଲାଙ୍କ କୃପାରୁ ମିଶନ ସ୍ଥାପିତ ହୋଇଛି । ତନ୍ମଧ୍ୟରୁ କେତେକ ମୁବଲ୍ଲିଗ୍ ବର୍ତ୍ତମାନ ଶତ୍ରୁଙ୍କ କବଳରେ କାରାଗାରରେ ବନ୍ଦୀ ଅଛନ୍ତି, ଆଉ କେତେକ ମୁବଲ୍ଲିଗ୍ କର୍ମଭୂମିରେ କାର୍ଯ୍ୟ କରୁଛନ୍ତି ଓ ଆଉ କେତେକ ମୁବଲ୍ଲିଗିନ୍‌ମାନଙ୍କୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ଯୋଗୁଁ ସାମୟିକ ରୂପେ ବନ୍ଦୀ କରିଦିଆଯାଇଛି । ସୁତରାଂ ସଂସାରରେ କୌଣସି ଜାତି ଏପରି ନାହିଁ ଯିଏ ଆଜି ଜମାଅତ୍ ଅହେମଦିୟା ସହିତ ପରିଚିତ ନଥିବ । ସଂସାରର ଏପରି କୌଣସି ଜାତି ନାହିଁ ଯିଏ ଏହା ଅନୁଭବ କରୁ ନଥିବ ଯେ, ଜମାଅତ୍ ଅହେମଦିୟା ଏକ ବୃଦ୍ଧି ପାଉଥିବା ବନ୍ୟା ପରି ଅଟେ । ଯାହାକି ସେମାନଙ୍କ ଦେଶା ମୁହାଁ ଅଗ୍ରସର । ଦେଶ ଜମାଅତ୍ ଅହେମଦିୟାର ପ୍ରଭାବକୁ କେବଳ ଅନୁଭବ କରୁଛି ତାହା ନୁହେଁ ବରଂ ଏହାକୁ ଦବାଇବାକୁ ଚେଷ୍ଟା କରୁଛନ୍ତି । ସୁତରାଂ ଋଷରେ ଯେତେବେଳେ ଆମର ମୁବଲ୍ଲିଗ୍ ସାହେବ ଗଲେ ସେତେବେଳେ ତାଙ୍କୁ ବହୁତ କଷଣ ଏବଂ ନିର୍ଯାତାନ ଦିଆଗଲା, ତାଙ୍କୁ ମାଡ଼ ମରାଗଲା ଏବଂ ଦୀର୍ଘ କାଳ ପର୍ଯ୍ୟନ୍ତ କଏଦ୍ କରି ରଖାଗଲା । କିନ୍ତୁ ଅଲ୍ଲାଃତାଲାଙ୍କର ଏହି ପ୍ରତିଶ୍ରୁତି ରହିଥିଲା କି ସେ ଉକ୍ତ ସଂପ୍ରଦାୟରୁ ପ୍ରସାରିତ ଏବଂ ପରିବ୍ୟାପ୍ତ କିରଦେବେ ଓ ମୋ ମାଧ୍ୟମରେ ଉକ୍ତ ସଂପ୍ରଦାୟକୁ ପୃଥିବୀର କୋଣ ଅନୁକୋଣ ପର୍ଯ୍ୟନ୍ତ ପରିବ୍ୟାପ୍ତ କିରଦେବେ । ତେଣୁ ଏଥିସକାଶେ ସେ ନିଜର ଦୟା ଏବଂ କୃପା ଦ୍ୱାରା ସେହି ସମସ୍ତ ସ୍ଥାନମାନଙ୍କରେ ଜମାଅତ୍ ଅହେମଦିୟାକୁ କେବଳ ପହଞ୍ଚାଇଦେଲେ ଅର୍ଥାତ୍ ସ୍ଥାପନ କରିଦେଲେ ତାହା ନୁହେଁ ବରଂ କେତେକ ସ୍ଥାନରେ ବଡ଼ ବଡ଼ ଜମାଅତ୍ ସ୍ଥାପନ କରିଦେଲେ ।" **(ଦାୱା ମୁସ୍‌ଲେହ୍ ମଉଦ୍ ର.ଅଙ୍କ ସଂକ୍ରାନ୍ତରେ ଭବ୍ୟମୂଳକ ଘୋଷଣା, ଅନୱାରୁଲ୍ ଉଲୁମ୍, ଭାଗ-17, ପୃ-155)**

ଲତିଫ୍ ଅହେମଦ୍ ସାହେବ ଜଣେ ଅହେମଦି ଡାକ୍ତର କୁହନ୍ତି: "ଏକଦା ଶ୍ରମିକ ଗୋଷ୍ଠୀର ନେତା ମୋ ନିକଟକୁ ଆସିଲେ ଏବଂ ସେ ସମସ୍ତ ବିଶ୍ୱର ଗସ୍ତ କରି ଆସିଥିଲେ ଏବଂ ନିଜ ଭ୍ରମଣ ଅନୁଭୂତି ବର୍ଣ୍ଣାନ କରୁଥିଲେ ଯେ, ମୁଁ ଆମେରିକାର ରାଷ୍ଟ୍ରପତି ନିକ୍‌ସନ୍‌ଙ୍କ ସହିତ ମଧ୍ୟ ସାକ୍ଷାତ୍ କରିଥିଲି, ବ୍ରିଟେନ୍, ଫ୍ରାନ୍‌ସ୍, ଜର୍ମାନୀର ନେତୃବୃନ୍ଦଙ୍କ ସହିତ ମଧ୍ୟ ସାକ୍ଷାତ୍ କଲି, ଟୁ ଏନ୍ ଲାଇଙ୍କୁ ମଧ୍ୟ ଦେଖିଲି, ସେହି ସମସ୍ତଙ୍କ ମଧ୍ୟରେ ମାଉଜେ ତିଙ୍ଗ୍ ଆଶ୍ଚର୍ଯ୍ୟଜନକ ମାନସିକ କ୍ଷମତାର ଅଧିକାରୀ ଅଟନ୍ତି । ଉକ୍ତ ବାକ୍ୟ ପରେ ହଠାତ୍ ନୀରବତା ଖେଳିଗଲା, ତା' ଆଖିର ଚାହାଣୀ ଗୋଟିଏ ଦିଗ ଆଡ଼କୁ ଚାହିଁଥିଲା, ମୁଁ ଦେଖିଲି ଯେ, କାନ୍‌ସ୍ ଉପରେ ତା'ର ଦୃଷ୍ଟି ପଡ଼ିଲା । ହ. ଖଲିଫତୁଲ୍ ମସିହ୍ ସାନି ର.ଅଙ୍କ ଛବି ଉପରେ ତାଙ୍କର ଦୃଷ୍ଟି ନିବଦ୍ଧ ହୋଇଛି । ଯାହାକୁ ପ୍ରାୟତଃ ପ୍ରାରମ୍ଭରେ ମୋର ଘରେ ଆସି ସେ ଲକ୍ଷ୍ୟ କରି ନଥିଲେ, ମୁଁ ତାଙ୍କର ମଗ୍ନତା ତଥା ତଲ୍ଲୀନତାକୁ ଭଙ୍ଗ କରି ପଚାରିଲି, ମହୋଦୟ! କ'ଣ ହେଲା କି ? ସେ କହିବାକୁ ଲାଗିଲେ, ଏହା ସତ୍ୟ ଯେ, ମାଉଜେ ତିଙ୍ଗ୍ ମହାପୁରୁଷ ଅଟନ୍ତି । କିନ୍ତୁ ହ. ମିର୍ଜା ବଶୀର୍ ଅହେମଦ୍ ର.ଅଙ୍କ ସହିତ ମୋ ଜୀବନରେ ଥରେ ସାକ୍ଷାତ୍ ହେଲା ଏହାକୁ ମୁଁ ଶ୍ୱାସ ଚାଲୁଥିବା ପର୍ଯ୍ୟନ୍ତ ମନେ ରଖିବି ଭୁଲିବି ନାହିଁ । ଏହି ମସ୍ତିଷ୍କର ଅଧିକାରୀ **(ଅବଶିଷ୍ଟାଂଷ....ପୃ-24ରେ)**

# କବର ଉପରେ ପୁଷ୍ପ ଅର୍ପଣ କରିବା (ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ଏକ ଉପଦେଶାବଳୀ ଏବଂ ସେହି ନୀତିବାଣୀର ବ୍ରହ୍ମଜ୍ଞାନ)

(ହ. ମିର୍ଜା ବଶୀର୍ ଅହେମଦ ସାହେବ ଏମ୍.ଏ ର.ଅ)

କିଛି ଦିନ ହେବ ନଜାରତ୍ ଇସ୍‌ଲାହ୍ ଓ ଇର୍ଶାଦ୍ ରବ୍‌ୱା ତରଫରୁ ଅଲ୍ ଫଜଲ୍ ତା-12 ଅଗଷ୍ଟରେ ହ. ଖଲିଫା ଅୱଲ୍ ର.ଅଙ୍କ କବର ଉପରେ ପୁଷ୍ପ ଅର୍ପଣ କରିବା ସଂକ୍ରାନ୍ତରେ ଏକ ଫତ୍‌ୱା ପ୍ରକାଶିତ ହୋଇଥିଲା । ଉକ୍ତ ଫତ୍‌ୱା (ଧର୍ମାଜ୍ଞା ବା ଧର୍ମାଦେଶ) ନିଜ ଅବସ୍ଥାରେ ଅତ୍ୟନ୍ତ ଉତ୍ତମ ଅଟେ । କିନ୍ତୁ ଉକ୍ତ ଫତ୍‌ୱା କେବଳ ବିଶେଷ ପକ୍ଷକୁ ଦୃଷ୍ଟିରେ ରଖି ପ୍ରଦାନ କରାଯାଇଥିଲା । କାରଣ ଫତ୍‌ୱା ସଂପର୍କରେ ପ୍ରଶ୍ନ କରିଥିବା ବ୍ୟକ୍ତି କେବଳ ଏହି ଦୃଷ୍ଟିରୁ ଫତ୍‌ୱା ପଚାରିଥିଲା ଯେ, କ'ଣ ମୃତ ବ୍ୟକ୍ତିରୁ ଆତ୍ମାକୁ ସୁଖ ବା ସନ୍ତୁଷ୍ଟ କରିବାକୁ ଯାଇ କବର ଉପରେ ପୁଷ୍ପ ଅର୍ପଣ କରିବା ଉଚିତ୍ କି ? ହ. ଖଲିଫତୁଲ୍ ମସିହ୍ ଅୱଲ୍ ର.ଅ ଏପରି କାର୍ଯ୍ୟକୁ ବିଦ୍‌ଅତ୍ (ନୂତନ ଆହୃତ ରୀତି) ବୋଲି ବିବେଚିତ କରି ଏହାକୁ ଅବୈଧ ଓ ଧର୍ମ ବିଧାନ ବିରୁଦ୍ଧୀୟ ବୋଲି କହିଛନ୍ତି । କିନ୍ତୁ ଉକ୍ତ ଫତ୍‌ୱାରେ ମଧ୍ୟ ସମସ୍ୟାର ଉକ୍ତ ପାର୍ଶ୍ୱଟି ବ୍ୟାଖ୍ୟା ଯୋଗ୍ୟ ଏବଂ ଉଲ୍ଲେଖ ଯୋଗ୍ୟ ହୋଇ ରହିଥାଏ । କାରଣ ଆତ୍ମାକୁ ଆନନ୍ଦ ପ୍ରଦାନ କରିବା ଉଦ୍ଦେଶ୍ୟରେ ନୁହେଁ କିନ୍ତୁ କ'ଣ ସୌନ୍ଦର୍ଯ୍ୟ ଆଦି ଦୃଷ୍ଟିରେ କବର ଉପରେ ପୁଷ୍ପ ରଖିବା ଅନୁଚିତ ଅଟେ । ଅତଃ ଏଥି ସଂକ୍ରାନ୍ତରେ ମୋତେ ହ. ଖଲିଫତୁଲ୍ ମସିହ୍ ସାନି ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ ର.ଅଙ୍କ କଥନ ମନେପଡ଼ି ଯାଇଛି । ଯହିଁରେ ଆପଣ ର.ଅ ସମସ୍ୟାର ସେହି ପକ୍ଷ ଉପରେ ମଧ୍ୟ ଆଲୋକପାତ ହୋଇଥାଏ । ଏହାର ବିସ୍ତୃତ ବିବରଣୀ ଏହିପରି ଅଟେ:-

193୪ ମସିହାରେ ମୁଁ ଯେତେବେଳେ 3୪ ବର୍ଷ ବୟସର ହୋଇଥିଲି ଲଣ୍ଡନରୁ ମିର୍ଜା ଅଜିଜ୍ ଅହେମଦ୍ ସାହେବ ଏମ୍.ଏଙ୍କ ସୁପୁତ୍ର ସ୍ୱର୍ଗତ ପ୍ରିୟ ସଇଦ୍ ଅହେମଦଙ୍କର ପାର୍ଥିବ ଶରୀର ଆସିଲା ଏବଂ ଉକ୍ତ ମର ଶରୀରକୁ ପିଲାମାନଙ୍କର କବରରେ ଯେତେବେଳେ ପୋତା ଯିବାକୁ ଲାଗିଲା ସେତେବେଳେ ହ. ଖଲିଫତୁଲ୍ ମସିହ୍ ସାନି ର.ଅ ଯନାଜାଃ ସହିତ କବରସ୍ତାନ ପର୍ଯ୍ୟନ୍ତ ଚାଲିଯାଇଥିଲେ । ଯେତେବେଳେ କବର ପ୍ରସ୍ତୁତ ହୋଇଗଲା ସେତେବେଳେ ଲୋକମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ସହସା କବର ଉପରେ କିଛି ଫୁଲ ବିକ୍ଷିପ୍ତ କରିବାକୁ ଚାହିଁଲା । କିନ୍ତୁ ହ. ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହ୍ ସାନି ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ ତା'କୁ ଅଟକାଇ ଦେଲେ ଓ କହିଲେ, "ଏହା ଅବୈଧ ଅଟେ । ଏପରି କରିବା ଦ୍ୱାରା ବିଦ୍‌ଅତ୍‌ର ବାଟ ଫିଟିଥାଏ।"

ହ. ଖଲିଫା ଅୱଲ୍ ର.ଅଙ୍କ ଉପରୋକ୍ତ ଫତ୍‌ୱା ସଙ୍ଗେ ହ. ଖଲିଫା ସାନି ର.ଅଙ୍କ ଉକ୍ତ ଫତୱା ମିଶି ଏକ ପୂର୍ଣ୍ଣ ଫତ୍‌ୱା ପାଲଟି ଯାଇଥାଏ । ଯହିଁରେ ଉକ୍ତ ସମସ୍ୟାର ସମସ୍ତ ପକ୍ଷ ଆସିଯାଇଥାଏ । ବାସ୍ତବତା ମଧ୍ୟ ଏହା ହିଁ ଯେ, କୌଣସି କବର ଉପରେ ପୁଷ୍ପ ଅର୍ପଣ (ପକାଇବା) କରିବା ପ୍ରକାଶ୍ୟ ରୂପେ ଏକ ସାଧାରଣ କଥା ଦୃଶ୍ୟମାନ ହୋଇଥାଏ । କିନ୍ତୁ ତହିଁରେ ପ୍ରକାଶ୍ୟ ରୂପେ ମୃତ ବ୍ୟକ୍ତି ପ୍ରତି ସମ୍ମାନରେ ଏକ ପକ୍ଷ ମଧ୍ୟ ନିହିତ ରହିଛି । କିନ୍ତୁ ବିଚାରକାରୀ ବ୍ୟକ୍ତି ବୁଝିପାରିବ ଯେ, ତହିଁରେ ଦୁଇ ପ୍ରକାରର ତ୍ରୁଟି ଏବଂ ଅନିଷ୍ଟ ସୃଷ୍ଟି ହେବାର ଆଶଙ୍କା ଘନୀଭୂତ ହୋଇଥାଏ ।

(1) ପ୍ରଥମତଃ ଏହିକି ଯେ, ଏହା ଦ୍ୱାରା (ଅର୍ଥାତ୍ କବର ଉପରେ ପୁଷ୍ପ ଅର୍ପଣ କରିବା ଦ୍ୱାରା) ଧୀରେ ଧୀରେ ଶିର୍କର ମାର୍ଗ ଉନ୍ମୁକ୍ତ ହୋଇଥାଏ । ପ୍ରାରମ୍ଭିକ ଅବସ୍ଥାରେ ମୃତ ବ୍ୟକ୍ତିକୁ ସାଧାରଣ ସମ୍ମାନ ଦେବା ଉଦ୍ଦେଶ୍ୟରେ ଆରମ୍ଭ ହୋଇ ପରିଶେଷରେ କବର ପ୍ରତି ଅସାଧାରଣ ମର୍ଯ୍ୟାଦା ଓ ସମ୍ମାନ ପ୍ରଦର୍ଶନ କରି କବର ପୂଜା ପର୍ଯ୍ୟନ୍ତ ଉପନୀତ ହୋଇଯାଇଥାଏ। ସୁତରାଂ ସାଂପ୍ରତିକ କାଳରେ ଲକ୍ଷ ଲକ୍ଷ ମୁସଲମାନମାନେ କବରକୁ ମୁଣ୍ଡିଆ ମାରି ନିଜର ଶେଷ ପରିଣତିକୁ ଧ୍ୱଂସ କରିଦେଇଥାଆନ୍ତି । କିନ୍ତୁ ଯେଉଁ ସାଧୁ ସନ୍ଥ ପୁରୁଷଙ୍କ କବରକୁ ସିଜ୍‌ଦା କରାଯାଏ ସେମାନେ ଉକ୍ତ ପନ୍ଥାର ସମର୍ଥକ ନଥିଲେ। ସେମାନଙ୍କୁ ଜ୍ଞାତ ଥିଲା ଯେ, ଏହାର କ୍ରମପରିଣତି ଉତ୍ତମ ନୁହେଁ। ଆମର ପ୍ରିୟ ମୁନିବ ହ. ମୁହମ୍ମଦ ସ.ଅ ନିଶା ଦ୍ରବ୍ୟ ସେବନ କରିବା ସଂକ୍ରାନ୍ତରେ ଅତ୍ୟନ୍ତ ତାତ୍ତ୍ୱିକ ଆଦେଶ ଦେଇଥିଲେ ଯେ, مَا أَسْكَرَ كَثِيرُهُ فَقَلِيلُهُ "ଅର୍ଥାତ୍ ଯେଉଁ ବସ୍ତୁ ବା ଦ୍ରବ୍ୟ ପଦାର୍ଥ ଅତିମାତ୍ରାରେ ନିଶା ସୃଷ୍ଟି କରେ ତେବେ ତାହାର କିଞ୍ଚିତ ମାତ୍ରା ସେବନ ମଧ୍ୟ ଅବୈଧ ଓ ବର୍ଜନୀୟ ଅଟେ ।"

ଉକ୍ତ ମୃଦୁଳ ତଥା ସୌମ୍ୟ ଆଦେଶାବଳୀରେ ଏହି ବ୍ରହ୍ମଜ୍ଞାନ ଅନ୍ତର୍ନିହିତ ରହିଛି ଯେ, କୌଣସି ବସ୍ତୁର ପ୍ରାରମ୍ଭ ପ୍ରକାଶ୍ୟ ରୂପେ ଦେଖିବାକୁ ଗଲେ କ୍ଷୁଦ୍ର ଓ ସାଧାରଣ ହୋଇଥାଏ ଏବଂ କଥାଟି ଅତି ସାଧାଣ ବୋଲି ମନେ ହୋଇଥାଏ । କିନ୍ତୁ ତାହାର ପରିଣାମ ଅତ୍ୟନ୍ତ ଭୟଙ୍କର ଓ ବିଧ୍ୱଂସକ ଅଟେ । ମନୁଷ୍ୟ ସ୍ୱଭାବତଃ ଦୁର୍ବଳ ଅଟେ । ତେଣୁ ଦୁର୍ବଳ ସ୍ୱଭାବ ହେତୁ ସେ ସ୍ୱଭାବତଃ ଏକ ଛୋଟିଆ କଥା ଆରମ୍ଭ କରି ଆଗକୁ ପଦକ୍ଷେପ କରିବା ମନୋଭାବ ରଖିଥାଏ । ଅତଃ ଧର୍ମବିଧାନ ପୂର୍ଣ୍ଣ ରୂପେ ବ୍ରହ୍ମଜ୍ଞାନ ମାଧ୍ୟମରେ ଆଗୁଆ ପଦକ୍ଷେପପୂର୍ବକ ପ୍ରକାଶ୍ୟ ସାଧାରଣ ତଥା ନିର୍ଦ୍ଦୋଷ ପ୍ରସଙ୍ଗକୁ ମଧ୍ୟ ବାରଣ କରିଦେଇଛି । କାରଣ ଲୋକମାନେ ପ୍ରତ୍ୟେକ ପ୍ରକାରର ସମ୍ଭାବ୍ୟ ବାଟବଣାରୁ ବର୍ତ୍ତି ଯାଆନ୍ତୁ । ତେଣୁ ଆଁହଜରତ ସ.ଅ ନିଜର ଅନ୍ତିମ ରୋଗାବସ୍ଥାରେ କହିଥିଲେ ଯେ, "ହେ ସାହାବାମାନେ ତୁମେମାନେ ମୋ ବିୟୋଗ ପରେ ମୋର କବରକୁ ସିଜ୍‌ଦା ସ୍ଥଳୀ କରିବ ନାହିଁ ।" ଆପଣ ସ.ଅ ଜାଣିଥିଲେ ଯେ, ଆପଣ ସ.ଅଙ୍କ ସାହାବାଗଣ କଦାପି ଏପରି କରିବେ ନାହିଁ । କିନ୍ତୁ ଆପଣ ସ.ଅ ଦୁରଦର୍ଶୀତା ଏପରି ଯେ, ଆପଣ ସ.ଅ ଦୂରବର୍ତ୍ତୀ ବିପତ୍ତିକୁ ମଧ୍ୟ ଦେଖି ପାରୁଥିଲେ ।

(2) ଉକ୍ତ ନୀତୀବାଣୀରେ ଦ୍ୱିତୀୟ ମନୋବୈଜ୍ଞାନିକ ବିନ୍ଦୁ (ପକ୍ଷ) ଏହିକି ଯେ, ଅଲ୍ଲାଃତାଲାଙ୍କ କୃପାରୁ ମୃତ ବ୍ୟକ୍ତି ଯଦି ପୁଣ୍ୟବାନା ଓ ବୈକୁଣ୍ଠଗାମୀ ତାହାହେଲେ ତା'ର କବର ଉପରେ ପୁଷ୍ପ ଅର୍ପଣ କରିବାରା କୌଣସି ଯଥାର୍ଥତା ନାହିଁ । କାରଣ ଯେଉଁ ଆତ୍ମା ବୈକୁଣ୍ଠପୁରକୁ ଗମନ କରିଗଲା ଏବଂ ସ୍ୱର୍ଗରର ଅନୁପମେୟ ତଥା ଅଦ୍ୱିତୀୟ ପୁରସ୍କାରରେ ପ୍ରବିଷ୍ଟ ହୋଇଗଲା କିମ୍ବା ଅନ୍ତତଃ ସେହି ମାର୍ଗରେ (ସ୍ୱର୍ଗ ପଥରେ) ଅଗ୍ରଗାମୀ ହେଲା ତା' ପାଇଁ ଏହି ଭୂମି ଏବଂ ସାଂସାରିକ ପୁଷ୍ପ କୌଣସି ମହତ୍ତ୍ୱ ନାହିଁ। ବରଂ ଏହା ତା' ପାଇଁ ମୂଲ୍ୟହୀନ ଅଟେ ଏବଂ ତା'କୁ ସେହି ଫୁଲରୁ କ'ଣ ବା ଆନନ୍ଦ ପ୍ରାପ୍ତ ହୋଇପାରିବ ? ବରଂ ସେ ତ' ସ୍ୱର୍ଗ ପୁରର ପୁଷ୍ପ ସମ୍ମୁଖରେ ସେହି ପୁଷ୍ପକୁ ନିଜ ନିମନ୍ତେ ତିରସ୍କାରର କାରଣ ବୋଲି ମନେକରୁଥିବ । ଅନ୍ୟ ପକ୍ଷରେ ଯଦି ଭଗବାନ ନକରନ୍ତୁ ମୃତ ବ୍ୟକ୍ତ ନର୍କଗାମୀ ତେବେ ସେହି ବ୍ୟକ୍ତିକୁ ପୁଷ୍ପ କୌଣସି ଲାଭ ପ୍ରଦାନ କରିପାରିବ ନାହିଁ । ବରଂ ତା'ର ଆତ୍ମା (କୁ ଜ୍ଞାତ ହେବ) ଏହା ମନେକରୁଥିବ କି ମୋର ବନ୍ଧୁ ପରିଜନ, ମୋର ଆତ୍ମୀୟ ସ୍ୱଜନମାନେ, ମୋର ଉତ୍ତରାଧିକାରୀମାନେ ମୋ ଉପରେ ଉପହାସ କରୁଛନ୍ତି । କାରଣ ମୁଁ ତ' ନର୍କଗାମୀ ଓ ନର୍କର ଅଗ୍ନିରେ ଦଗ୍ଧୀଭୂତ ହେଉଅଛି ଓ ସେମାନେ ମୋ ଉପରେ ପୁଷ୍ପ ବର୍ଷା କରୁଛନ୍ତି!!! ସୁତରାଂ କୌଣସି ଦିଗରୁ ମଧ୍ୟ ଯଦି ଅବଲୋକନ କରାଯାଏ ଯେ, କବର ଉପରେ ପୁଷ୍ପ ବର୍ଷଣ କରିବା କିମ୍ବା ପୁଷ୍ପ ଅର୍ପଣ କରିବା ଏକ ବିଦ୍‌ଅତ୍ (ନୂତନ ଆହୃତ ରୀତି) ଅଟେ । ଏହାର କୌଣସି ଲାଭ ନାହିଁ ବରଂ ଏହା କ୍ଷତିକାରକ ଅଟେ । କାରଣ ଏକ ପକ୍ଷରେ ତାହା ମୃତକମାନଙ୍କ ପକ୍ଷେ ଅନିଷ୍ଟର କାରଣ ଅଟେ ଓ ଅନ୍ୟ ପକ୍ଷେ ତାହା ଶିର୍କର ବାଟ ଫିଟାଇଥାଏ ଏବଂ ଶିର୍କକୁ ପ୍ରଶୟ ଦେଇଥାଏ । ଏହି କାରଣ ରହିଛି ଯେ, ପ୍ରାଥମିକ ପର୍ଯ୍ୟାୟରେ ଅର୍ଥାତ୍ ଆଁହଜରତ ସ.ଅଙ୍କ କାଳରେ ଓ ବର୍ତ୍ତମାନ ହ. ମସିହ୍ ମଉଦ୍ ଅ.ସଙ୍କ କାଳରେ କୌଣସି ବିଶ୍ୱାସକାରୀ ମଧ୍ୟ ଏହି ପ୍ରକାରର କଥା (କାର୍ଯ୍ୟ) କରି ନାହିଁ । ନିଃସନ୍ଦେହ ରୂପେ ଇସ୍‌ଲାମ୍ ଧର୍ମରେ କବରକୁ ଅନିର୍ବାର୍ଯ୍ୟ ରୂପେ ସମ୍ମାନ ପ୍ରଦର୍ଶନ କରିବା ନିମନ୍ତେ ଆଦେଶ ଦିଆଯାଇଛି ଏବଂ ଏହି ମାର୍ଗଦର୍ଶନ ଦିଆଯାଇଛି ଯେ, କବର ଉପର ବସିବା କିମ୍ବା କବର ଉପରେ ପାଦ ରଖିବାରୁ ବର୍ତ୍ତିବା ଉଚିତ୍। କବରଗୁଡ଼ିକୁ ଯଥାସମ୍ଭବ ସଫା ସୁଥୁରା (ପରିଷ୍କାର) ଓ ସୁନ୍ଦର ରୂପେ ଗଢାଯାଇ ପାରିବ । କିନ୍ତୁ ଏହା କେବଳ ବାଧ୍ୟମତାମୂଳକ ସମ୍ମାନ ପର୍ଯ୍ୟନ୍ତ ହିଁ ସୀମିତ ଅଟେ । କାରଣ ମୃତକ ବ୍ୟକ୍ତିମାନଙ୍କର ଟିକିଏ ବି ତିରସ୍କାର ନହେଉ ଓ ସେମାନଙ୍କର ଆତ୍ମୀୟ ସ୍ୱଜନ ଏବଂ ପ୍ରିୟଜନମାନଙ୍କର ଭାବାବେଗକୁ ଆଘାତ ନପହଞ୍ଚୁ । ଏହାଠୁ ଅଧିକ ଆଉ କିଛି ନାହିଁ । ଏହାଠୁ ଆଗକୁ ଅଗ୍ରସର ହେବା ବିଦ୍‌ଅତ୍ ବୋଲି ପରିଗଣିତ ହେବ। ତହିଁରେ ମୃତକ ବ୍ୟକ୍ତିମାନଙ୍କ ନିମନ୍ତେ କୌଣସି ସମ୍ମାନ ନାହିଁ । ବରଂ ଯେପରିକି ମୁଁ ଉପରୋକ୍ତରେ ବ୍ୟାଖ୍ୟା କରିଛି ଯେ, ତହିଁରେ ବାସ୍ତବିକ ରୂପେ ସେମାନଙ୍କ ହୃଦୟକୁ ଆଘାତ ଦିଆଯାଇଥାଏ ଏବଂ ଏହିପରି ବିଦ୍‌ଅତ୍‌ର ପରିଣାମ କେବେ ବି ଭଲ ହୋଇ ନଥାଏ । କବର ଦର୍ଶନର ଏହି ଅଭିପ୍ରାୟ ହେବା ଉଚିତ୍ ଯେ, ମୃତ ବ୍ୟକ୍ତିର ନିର୍ବାଣ ଓ ସ୍ତରରେ ଉନ୍ନତି ନିମ୍ନତେ ପ୍ରାର୍ଥନା କରାଯାଉ । ପୁଣ୍ୟ ଉଦ୍ଦେଶ୍ୟରେ ସାଫଲ୍ୟମଣ୍ଡିତ ହେବା ନିମନ୍ତେ ନିଜର ଆକାଶୀୟ ପ୍ରଭୁଙ୍କ ସମ୍ମୁଖରେ ହସ୍ତ ପ୍ରସାରିତ କରାଯାଉ । ମୃତକ ବ୍ୟକ୍ତିର ସନ୍ତାନ ସନ୍ତତିଙ୍କ ସୁରକ୍ଷା ଓ ଉନ୍ନତି ନିମନ୍ତେ ଅଲ୍ଲାଃତାଲାଙ୍କ ନିକଟରେ ପ୍ରାର୍ଥନା କରାଯାଉ ଓ ନିଜର ମୃତ୍ୟୁକୁ ସର୍ବଦା ସ୍ମରଣ ରଖି ନିଜର ପରିଣାମ ଉତ୍ତମ ନିମନ୍ତେ ଦୀର୍ଘ ପ୍ରାର୍ଥନା (ଦୁଆ) କରାଯାଉ ।

ହଁ କବର ଦର୍ଶନର ଅଭିପ୍ରାୟ ଆଉ ଏକ ଅଭିପ୍ରାୟ ହେଲା ରାଜନୈତିକ ସ୍ୱାର୍ଥ। ତାହା ଏହିପରି ଯେ, ବିଭିନ୍ନ ଜାତି ଏବଂ ନିଜର ଧର୍ମ ସଂସ୍ଥାପକଙ୍କର କବରକୁ ଓ ବିଶିଷ୍ଟ ଗଣମାନ୍ୟ ରାଜନୈତିକ ନେତୃବୃନ୍ଦଙ୍କର କବରକୁ ଏପରି ଢଙ୍ଗରେ ନିର୍ମାଣ କରନ୍ତି ଯେ, ଅନ୍ୟ ଧର୍ମାବଲମ୍ବୀ ଏବଂ ଅନ୍ୟ ଜାତିର ଲୋକମାନେ ସେଠାକୁ ଯାଇ ଆସ୍ଥା ଓ ସମ୍ମାନର ପୁଷ୍ପ ଅର୍ପଣ କରନ୍ତୁ ଏବଂ ଏହା ମନେକରାଯାଏ ଯେ, ଉକ୍ତ ପନ୍ଥା ଜାତି ତଥା ଧର୍ମାବଲମ୍ବୀମାନଙ୍କ ମଧ୍ୟରେ ପାରସ୍ପାରିକ ସଂପର୍କକୁ ଉନ୍ନତ କରିବାରେ ସହାୟକ ହୋଇଥାଏ । କିନ୍ତୁ ପ୍ରକାଶ୍ୟ ରୂପେ ଏହି ପ୍ରକାରର ଦର୍ଶନର ଅଭିପ୍ରାୟ ଦୁଆ (ପ୍ରାର୍ଥନା) ହୋଇ ନଥାଏ । ବରଂ ଅନେକ ପର୍ଯ୍ୟଟକ ଓ ଭ୍ରମଣକାରୀମାନେ ଏପରି ଅଟନ୍ତି ଯେଉଁମାନେ ଦୁଆକୁ ମାନନ୍ତି ନାହିଁ । କେବଳ ଜାତୀୟ ଓ ରାଜନୈତିକ ଦୃଷ୍ଟିରେ ସମ୍ମାନ ଏବଂ ପାରସ୍ପାରିକ ମୂଲ୍ୟବୋଧର ପରିପ୍ରକାଶ ଏକମାତ୍ର ଅଭିପ୍ରାୟ ହୋଇଥାଏ । ଏହିଭଳି ପରିସ୍ଥିତିରେ ସଂସାରର ପରମ୍ପରା ରହିଛି ଯେ, ଯେତେବେଳେ ବରିଷ୍ଠ ଏବଂ ବଡ଼ ବଡ଼ ବ୍ୟକ୍ତିମାନେ ଅନ୍ୟ ଦେଶକୁ ଯାଆନ୍ତି ସେତେବେଳେ ସେହି ଦେଶର ସଂସ୍ଥାପକ କିମ୍ବା ଅନ୍ୟ କୌଣସି ବିଶେଷ ନେତାଙ୍କର କବର ବା ସମାଧି, ସ୍ମୃତି ପୀଠ ସ୍ଥଳକୁ ଯାଇ ପୁଷ୍ପ ଅର୍ପଣ କରନ୍ତି ଓ ଚଦର ଚଢାନ୍ତି । ସୁତରାଂ ଏହା ଏକ ରାଜନୈତିକ ପ୍ରଥା ଅଟେ । ଧାର୍ମିକ ଧର୍ମାଦେଶ ସହିତ ଏହାର କୌଣସି ସମ୍ପର୍କ ନାହିଁ। **ୱଲ୍ଲାହୁ ଆଲମ୍ । (ଅଲ୍ ଫଜଲ୍, ଅଗଷ୍ଟ ମାସ-28 ତାରିଖ 1958 ମସିହା)**

☆ ☆ ☆

# ସୟେଦିନା ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ପାକିସ୍ତାନ ନ୍ୟାୟାଳୟରେ ଅନୁସନ୍ଧାନମୂଳକ ବର୍ଣ୍ଣନା.....

ନିମ୍ନରେ ସୟେଦିନା ହ. ମୁସ୍‌ଲେହ୍ ମଉଦ୍ ଅର.ଅଙ୍କ ବର୍ଣ୍ଣନା ଉଲ୍ଲେଖ କରି ଦିଆଯାଉଛି ଯାହାକି ପାକିସ୍ତାନର ଅନୁସନ୍ଧାନମୂଳକ ନ୍ୟାୟାଳୟରେ ତା ଜାନୁଆରୀ ମାସ ତା- 13,14,15ରିଖ 1954 ମସିହାରେ ସାକ୍ଷ୍ୟ ସ୍ୱରୂପ ଉଲ୍ଲିଖିତି ହେଲା। ହୁଜୁର୍ ର.ଅଙ୍କ ଉକ୍ତ ବର୍ଣ୍ଣନା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ଇସ୍‌ଲାମୀୟ ପ୍ରସଙ୍ଗ ସଂକ୍ରାନ୍ତରେ ସଠିକ୍ ଆଲୋକପାତ କରିଥାଏ । ତତ୍‌ସହିତ ଜମାଅତ୍ ସଂପର୍କରେ ଅଣଅହେମଦି ଓ ଇସ୍‌ଲାମ୍ ସଂକ୍ରାନ୍ତରେ ଅଣମୁସଲମାନମାନଙ୍କର କୁଧାରଣାର ନିରାକରଣ ମଧ୍ୟ ନିତାନ୍ତ ଅନିର୍ବାର୍ଯ୍ୟ ଅଟେ । ଆଶାକରୁ କି ସଦସ୍ୟବୃନ୍ଦ ଯଥାସାଧ ଉପକୃତ ହେବେ। (ଇଦାରହ୍)

ପ୍ରଶ୍ନ- ରସୁଲ୍ କିଏ ହୁଅନ୍ତି ?

ଉତ୍ତର- ଅବତାର ସେହିମାନଙ୍କୁ କୁହାଯାଏ ଯାହାକୁ ଅଲ୍ଲାଃତାଲା କୌଣସି ବିଶେଷ ଉଦ୍ଦେଶ୍ୟ ନିମନ୍ତେ ମନୁଷ୍ୟର ମାର୍ଗଦର୍ଶନ ଅଭିପ୍ରାୟପୂର୍ବକ ନିଯୁକ୍ତ ତଥା ଆଦେଶିତ କରିଥିବେ ।

ପ୍ରଶ୍ନ- କ'ଣ ଅବତାର ଓ ବାର୍ତ୍ତାବହଙ୍କ ମଧ୍ୟରେ କୌଣସି ପାର୍ଥକ୍ୟ ରହିଛି କି ?

ଉତ୍ତର- ବିଶିଷ୍ଟ ଗୁଣାବଳୀ ଦୃଷ୍ଟିରେ ଦୁହିଁଙ୍କ ମଧ୍ୟରେ ବିଶେଷ କିଛି ପାର୍ଥକ୍ୟ ନାହିଁ। କିନ୍ତୁ ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ତରଫରୁ କୌଣସି ସନ୍ଦେଶ ବା ବାର୍ତ୍ତା ନେଇ ଆସିଥାଏ ସେହି ବ୍ୟକ୍ତି ହିଁ ବାର୍ତ୍ତାବହ ବୋଲାଇବ । କିନ୍ତୁ ସେହି ଲୋକମାନଙ୍କ ଦୃଷ୍ଟିରୁ ନବୀ ସେହିମାନଙ୍କ ଆଡ଼କୁ ପ୍ରଭୁଙ୍କ ବାର୍ତ୍ତା ବହନ କରି ଆଣିଥାଏ ତେବେ ସେ ନବୀ ଅର୍ଥାତ ଅବତାର ବୋଲାଇବ । ଏହିପରି ଭାବରେ ସେହି ଦୃଷ୍ଟିରୁ ସେହି ବ୍ୟକ୍ତି ବାର୍ତ୍ତାବହ ମଧ୍ୟ ହେବ ଓ ଅବତାର ମଧ୍ୟ ହେବ ।

ପ୍ରଶ୍ନ- ଆପଣଙ୍କ ନିକଟରେ ହ. ଆଦମ୍ ଅ.ସଙ୍କ ଠାରୁ ନେଇ ଏଯାବତ୍ କେତେଜଣ ଅବତାର ଅତିକ୍ରାନ୍ତ ହୋଇଛନ୍ତି ?

ଉତ୍ତର- ପ୍ରାୟତଃ ତତ୍‌ସଂକ୍ରାନ୍ତରେ କୌଣସି କଥା ସଂପୂର୍ଣ୍ଣ ରୂପେ କୁହାଯାଇ ପାରିବ ନାହିଁ । ହଦିସ୍‌ମାନଙ୍କରେ ଅବତାରମାନଙ୍କର ସଂଖ୍ୟା ପ୍ରାୟ ଏକ ଲକ୍ଷ କୋଡ଼ିଏ ହଜାର ବୋଲି ଦର୍ଶାଯାଇଛି ।

ପ୍ରଶ୍ନ- କ'ଣ ଆଦମ୍ ଅ.ସ, ନୁହ୍ ଅ.ସ, ଇବ୍ରାହିମ୍ ଅ.ସ, ମୁସା ଅ.ସ ଓ ଇସା ଅ.ସ ବାର୍ତ୍ତାବହ ଥିଲେ ?

ଉତ୍ତର- ହ. ଆଦମ୍ ଅ.ସଙ୍କ ସଂକ୍ରାନ୍ତରେ ମତଭେଦ ରହିଛିନ ତାଙ୍କୁ କେତେକ ଲୋକ ନବୀ ବୋଲି ବିଶ୍ୱାସ କରନ୍ତି ଓ ରସୁଲ୍ ମନେକରନ୍ତି ନାହିଁ । କିନ୍ତୁ ମୋ ନିକଟରେ ସେ ରସୁଲ୍ ମଧ୍ୟ ଅଟନ୍ତି ଓ ନବୀ ମଧ୍ୟ ଅଟନ୍ତି ।

ପ୍ରଶ୍ନ- ୱଲି (ସନ୍ଥ) କାହାକୁ କୁହନ୍ତି ?

ଉତ୍ତର- ୱଲି କହିଲେ ସେହି ବ୍ୟକ୍ତିକୁ ବୁଝାଏ ଯିଏ ଅଲ୍ଲାଃତାଲାଙ୍କର ପ୍ରିୟତମ ହୋଇଥାଏ ।

ପ୍ରଶ୍ନ-ମହଦ୍ଦିସ୍ କିଏ ହୋଇଥାଆନ୍ତି ?

ଉତ୍ତର-ମହୁଦ୍ଦିସ୍ (ବିଦ୍ୱାନ୍) ହେଉଛନ୍ତି ସେହି ବ୍ୟକ୍ତି ଯାହା ସହିତ ପ୍ରଭୁ ବାର୍ତ୍ତାଳାପ ହୁଅନ୍ତି ।

ପ୍ରଶ୍ନ-ମୁଜଦ୍ଦିଦ୍ (ସୁଧାରକ) କିଏ ହୋଇଥାଏ ?

ଉତ୍ତର- ଯେଉଁ ବ୍ୟକ୍ତି ସଂସ୍କାର ଓ ସୁଧାର (କାର୍ଯ୍ୟ) କରିଥାଏ ସେ ହିଁ ମୁଜଦ୍ଦିଦ୍ ଅଟେ । ମୁହଦ୍ଦିସ୍‌ର ଅନ୍ୟ ନାମ ମୁଜଦ୍ଦିଦ ଅଟେ ।

ପ୍ରଶ୍ନ- କ'ଣ ୱଲି, ମୁହଦ୍ଦିସ୍ କିମ୍ବା ମୁଜଦ୍ଦିଦକୁ ଐଶୀବାଣୀ ହୋଇଥାଏ ?

ଉତ୍ତର- ହଁ ।

ପ୍ରଶ୍ନ-ୱଲି ମୁହଦ୍ଦିସ୍ କିମ୍ବା ମୁଜଦ୍ଦିଦ୍ ଉପରେ କେଉଁ ପ୍ରକାରର ଐଶୀବାଣୀ ଅବତୀର୍ଣ୍ଣ ହୋଇଥାଏ ?

ଉତ୍ତର- ଐଶୀବାଣୀର ଅର୍ଥ ଅଲ୍ଲାଃତାଲାଙ୍କର ବାର୍ତ୍ତାଳାପ ହେବା । ଐଶୀବାଣୀ ପ୍ରାପ୍ତ କର୍ତ୍ତା ଉପରେ ବିଭିନ୍ନ ଉପାୟରେ ଐଶୀବାଣୀ ଅବତୀର୍ଣ୍ଣ ହୋଇପାରେ । ଐଶୀବାଣୀ ଅବତୀର୍ଣ୍ଣ ହେବାର ଏକ ପନ୍ଥା ଏହିକିଯେ, ଯେଉଁ ବ୍ୟକ୍ତି ଉପରେ ଐଶୀବାଣୀ ଅବତୀର୍ଣ୍ଣ ହୋଇଥାଏ ତା' ସମ୍ମୁଖରେ ଏକ ଈଶ୍ୱରଦୂତ ପ୍ରକଟ ହୋଇଥାଏ । ଦ୍ୱିତୀୟ ପନ୍ଥା ଏହିକି ଯେ, ଯେଉଁ ବ୍ୟକ୍ତି ଉପରେ ଐଶୀବାଣୀ ହୋଇଥାଏ ସେ କେତେକ ଶବ୍ଦାବଳୀ ଶୁଣିଥାଏ । କିନ୍ତୁ ସେ କଥନକାରୀ ବ୍ୟକ୍ତିକୁ ଦେଖିପାରି ନଥାଏ । ଐଶୀବାଣୀର ତୃତୀୟ ପନ୍ଥା ମିନ୍ ୱରାଏ ହିଜାବ୍ ଅଟେ (ଅର୍ଥାତ ପରଦା ପଛରେ ରହି) ଅର୍ଥାତ ସ୍ୱପ୍ନ ମାଧ୍ୟମରେ ବାର୍ତ୍ତାଳାପ ହୁଅନ୍ତି ।

ପ୍ରଶ୍ନ- କ'ଣ ଈଶ୍ୱରଦୂତଙ୍କର ଅଧିପତି ହ. ଜିବ୍ରାଇଲ୍ ଅ.ସ କୌଣସି ୱଲି କିମ୍ବା ମୁହଦ୍ଦିସଙ୍କ ଉପରେ ଐଶୀବାଣୀ ଅବତୀର୍ଣ୍ଣ ଆଣି ପାରନ୍ତି କି ?

ଉତ୍ତର- ହଁ , ବରଂ ଉପରୋକ୍ତ ଚର୍ଚ୍ଚିତ ବ୍ୟକ୍ତିଙ୍କ ବ୍ୟତୀତ ଅନ୍ୟ ଲୋକମାନଙ୍କ ଉପରେ ଏବଂ ଅନ୍ୟ ବ୍ୟକ୍ତି ପାଇଁ ମଧ୍ୟ ଐଶୀବାଣୀ ଆଣିଥାଆନ୍ତି ।

ପ୍ରଶ୍ନ- ଜଣେ ୱଲି, ମୁହଦ୍ଦିସ୍ କିମ୍ବା ମୁଜଦ୍ଦିଦ୍ ଉପରେ ଅବତୀର୍ଣ୍ଣ ହେଉଥିବା ଐଶୀବାଣୀର କ'ଣ ଓ କେଉଁ ପ୍ରକାରର ବିଷୟବସ୍ତୁ ହୋଇଥାଏ ?

ଯେଉଁ ବ୍ୟକ୍ତି ଉପରେ ଐଶୀବାଣୀ ଅବତୀର୍ଣ୍ଣ ହୋଇଥାଏ ତା' ପାଇଁ ଅଲ୍ଲାଃତାଲାଙ୍କର ପ୍ରେମର ପରିପ୍ରକାଶ କିମ୍ବା ଆସନ୍ତାରେ ଘଟିବାକୁ ଥିବା ଘଟଣାବଳୀର ସୂଚନା କିମ୍ବା ପୂର୍ବେ ଅବତୀର୍ଣ୍ଣ ହୋଇଥିବା ଧର୍ମଗ୍ରନ୍ଥର ପଦାବଳୀର ସ୍ପଷ୍ଟୀକରଣ ଓ ବ୍ୟାଖ୍ୟା ।

ପ୍ରଶ୍ନ- କ'ଣ ଆମର ପ୍ରିୟ ମୁନିବ ସ.ଅଙ୍କ ଉପରେ କେବଳ ହ. ଜିବ୍ରାଇଲ୍ ଅ.ସଙ୍କ ମାଧ୍ୟମରେ ଐଶୀବାଣୀ ଅବତୀର୍ଣ୍ଣ ହେଉଥିଲା ?

ଉତ୍ତର- ଏହା ସଠିକ୍ ନୁହଁ ଯେ, ଆଁହଜରତ ସ.ଅଙ୍କ ନିକଟକୁ ହ. ଜିବ୍ରାଇଲ୍ ଅ.ସ ଐଶୀବାଣୀ ଧରି ଆସୁଥିଲେ । ହଁ ଏକଥା ସତ୍ୟ ଯେ, ଐଶୀବାଣୀ ନବୀ, ୱଲି, ମୁହଦ୍ଦିସ୍ କିମ୍ବା ମୁଜଦ୍ଦିଦ୍‌ଙ୍କ ଉପରେ ଅବତୀର୍ଣ୍ଣ ହେଉ । କିନ୍ତୁ ତାହା ହ. ଜିବ୍ରାଇଲ୍ ଅ.ସଙ୍କ ତତ୍ତ୍ୱାବଧାନରେ ଅବତୀର୍ଣ୍ଣ ହେଉଥିଲା ।

ପ୍ରଶ୍ନ- ୱହି (ଈଶ୍ୱରଙ୍କ ଦ୍ୱାରା ପ୍ରେରିତ ଆଦେଶାବଳୀ) ଓ ଇଲହାମ୍ (ଦେବବାଣୀ/ ଆକାଶବାଣୀ ) ମଧ୍ୟରେ କ'ଣ ପାର୍ଥକ୍ୟ ରହିଛି ?

ଉତ୍ତର- ୱହି ଓ ଇଲ୍‌ହାମ୍ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ ।

ପ୍ରଶ୍ନ- କ'ଣ ମିର୍ଜା ଗୁଲାମ୍ ଅହେମଦ୍ ସାହେବଙ୍କ ଉପରେ ହ. ଜିବ୍ରାଇଲ୍ ଅ.ସ ୱହି ଆଣିଥିଲେ କି ?

ଉତ୍ତର- ମୁଁ ପୂର୍ବେ ବର୍ଣ୍ଣନା କରି ସାରିଛି ଯେ, ପ୍ରତ୍ୟେକ ୱହି ହ. ଜିବ୍ରାଇଲ୍ ଅ.ସଙ୍କ ତତ୍ତ୍ୱାବଧାନରେ ଅବତୀର୍ଣ୍ଣ ହୋଇଥିଲା । ହ. ମିର୍ଜା ସାହେବଙ୍କ ଇଲହାମରୁ ପ୍ରତିତ ହୋଇଥାଏ ଯେ, ହ. ଜିବ୍ରାଇଲ୍ ଅ.ସ ଏକଦା ତାଙ୍କ ନିକଟକୁ ଦୃଶ୍ୟମାନ ଆକାରରେ ପ୍ରକଟ ହୋଇଥିଲେ ।

ପ୍ରଶ୍ନ-କ'ଣ ହ. ମିର୍ଜା ସାହେବ ଇସ୍ତିଲାହି (Dogmatic) (ପାରିଭାଷିକ) ଅର୍ଥରେ ନବୀ ଥିଲେ ?

ଉତ୍ତର- ମୁଁ ନବୀଙ୍କର କୌଣସି ପରିଭାଷା (Dogmatic)ର ଜାଣି ନାହିଁ । ମୁଁ ସେହି ବ୍ୟକ୍ତିକୁ ନବୀ ବୋଲି ମନେକରେ ଯାହାକୁ ଅଲ୍ଲାଃତାଲା ନବୀ ବୋଲି କହିଥିବେ ।

ପ୍ରଶ୍ନ- କ'ଣ ଅଲ୍ଲାଃତାଲା ମିର୍ଜା ସାହେବଙ୍କୁ ନବୀ ବୋଲି କହିଛନ୍ତି କି ?

ଉତ୍ତର- ହଁ ।

ପ୍ରଶ୍ନ- ହ. ମିର୍ଜା ସାହେବ ପ୍ରଥମ ଥର କରି କେବେ କହିଥିଲେ ଯେ, ସେ ନବୀ ଅଟନ୍ତି ? ଦୟାକରି ଏହାର ଇତିହାସ୍ ସଂପର୍କରେ କିଛି କୁହନ୍ତୁ ଓ ତତ୍‌ସଂକ୍ରାନ୍ତରେ ତାହାଙ୍କର କୌଣସି ଲେଖନୀର ପ୍ରାମାଣ୍ୟ ପ୍ରଦାନ କରି ଦିଅନ୍ତୁ ?

ଉତ୍ତର- ମୋତେ ଯେତେ ମନେରହିଛି ଆପଣ ଅର୍ଥାତ୍ ହ. ମିର୍ଜା ସାହେବ 1891 ମସିହାରେ ନବୀ ହେବାର ଦାବି କରିଥିଲେ ।

ପ୍ରଶ୍ନ- କ'ଣ ଏକ ନୂତନ ଅବତାରଙ୍କ ଆଗମନ ବା ଆବିର୍ଭାବ ଦ୍ୱାରା ଏକ ନୂତନ ଧର୍ମ ସୃଷ୍ଟି ହୋଇଥାଏ ?

ଉତ୍ତର- ଆଜ୍ଞା ନୁହେଁ ।

ଉତ୍ତର- କ'ଣ ଅବତାରଙ୍କ ଆଗମନ ଦ୍ୱାରା ଏକ ନୂତନ ଗୋଷ୍ଠୀ ବା ସଂପ୍ରଦାୟ ସୃଷ୍ଟି ହୋଇଥାଏ ?

ଉତ୍ତର- ଆଜ୍ଞା ହଁ ।

ପ୍ରଶ୍ନ- କ'ଣ ଏକ ନୂତନ ଅବତାରଙ୍କ ଉପରେ ବିଶ୍ୱାସ ଆଣିବା, ଅନ୍ୟ ଲୋକମାନଙ୍କ ସଂପର୍କରେ ତା'ର ଅନୁଗାମୀମାନଙ୍କର ବ୍ୟବହାର ଉପରେ ପ୍ରଭାବଶାଳୀ ହୋଇ ନଥାଏ ?

ଉତ୍ତର- ଯଦିଚ ଆଗମନକାରୀ ଅବତାର ଧର୍ମବିଧାନ ସତ୍ତ୍ୱାଧିକାରୀ ଅଟେ। ତେବେ ଉକ୍ତ ପ୍ରଶ୍ନର ଉତ୍ତର ପ୍ରମାଣରେ ରହିଛି । କିନ୍ତୁ ଯଦି ସେ କୌଣସି ନୂତନ୍ ଧର୍ମବିଧାନ ଆଣେ ନାହିଁ ତାହାହେଲେ ସେ ଅନ୍ୟ ସଂପର୍କରେ ତା'ର ଅନୁଗାମୀମାନଙ୍କର ଆଚରଣ ସେହି ବ୍ୟବହାର ଉପରେ ନିର୍ଭର କରିବ ଯାହା ଅନ୍ୟ ଲୋକମାନେ ନବୀଙ୍କ ସହିତେ ପ୍ରଦର୍ଶନ କରିଥାଆନ୍ତି ।

ପ୍ରଶ୍ନ- କ'ଣ ଅନ୍ୟ ଅର୍ଥ ଦୃଷ୍ଟିରୁ ଅହେମଦିମାନେ ଅନ୍ୟ ଏକ ଗୋଷ୍ଠୀ ବା ସଂପ୍ରଦାୟ ନୁହନ୍ତି କି ?

ଉତ୍ତର- ଆମେମାନେ କୌଣସି ନୂତନ ଗୋଷ୍ଠୀ, ନୂତନ ସଂପ୍ରଦାୟ ନାହୁଁ । ବରଂ ଆମେମାନେ ମୁସଲମାନମାନଙ୍କର ହିଁ ଏକ ଗୋଷ୍ଠୀ ଅଟୁ ।

ପ୍ରଶ୍ନ- କ'ଣ ଜଣେ ଅହେମଦିର ପ୍ରାଥମିକ ବିଶ୍ୱସ୍ତତା ନିଜ ରାଜ୍ୟ ସହିତ ହୋଇଥାଏ ଅବା ନିଜର ଜମାଅତ୍‌ର ଅମୀର ସହିତ ?

ଉତ୍ତର- ଏକଥା ଆମ ବିଶ୍ୱାସ ଓ ଧର୍ମମତର ଅଭିନ୍ନ ଅଙ୍ଗ ଅଟେ ଯେ, ଆମେମାନେ ଯେଉଁ ଦେଶ ତଥା ରାଜ୍ୟ ଅଧୀନ ରହୁଛେ ସେହି ସରକାରଙ୍କ ଆଜ୍ଞା ପାଳନ କରିବା ଉଚିତ୍ ।

ପ୍ରଶ୍ନ- କ'ଣ ହ. ମିର୍ଜା ସାହେବ 1891 ମସିହା ପୂର୍ବରୁ ବାରମ୍ବାର ଏହା କହି ନଥିଲେ ଯେ, ସେ ନବୀ ନୁହନ୍ତି ଓ ତାଙ୍କର ୱହି ନବୁୱତ୍‌ର ୱହି ନୁହେଁ ବରଂ ୱଲିର

ୱହି (ଅର୍ଥାତ୍ ସନ୍ଥର ୱହି) ଅଟେ ?

ଉତ୍ତର- ସେ 1900 ମସିହାରେ ଉପରୋକ୍ତ ଉଲ୍ଲେଖ କରିଥିଲେ । ଆପଣ ଅ.ସଙ୍କର ଏହି ଚିନ୍ତାଧାରା ରହିଥିଲା ଯେ, ଜଣେ ବ୍ୟକ୍ତି କେବଳ ସେହି ସ୍ଥିତିର ନବୀ ହୋଇପାରିବ ଯେତେବେଳେ ସେ କୌଣସି ନୂତନ ଧର୍ମବିଧାନ ଆଣିଥାଏ । କିନ୍ତୁ ଅଲ୍ଲାଃତାଲା ଐଶୀବାଣୀ ମାଧ୍ୟମରେ ତାଙ୍କୁ କହିଲେ ଯେ, ନବୀ ହେବା ନିମନ୍ତେ ଧର୍ମବିଧାନ ଆଣିବା ଜରୁରୀ ସର୍ତ୍ତ ନୁହେଁ । ସେହିପରି ଏହି ପ୍ରସଙ୍ଗ ଯେ, ଜଣେ ବ୍ୟକ୍ତି ନୂତନ ଧର୍ମବିଧାନ ଆଣିବା ବ୍ୟତୀରେକ ମଧ୍ୟ ନବୀ ହୋଇପାରିବ ।

ପ୍ରଶ୍ନ- କ'ଣ ହ. ମିର୍ଜା ଗୁଲାମ୍ ଅହେମଦ ସାହେବ ମାସୁମ୍ (ନିର୍ଦ୍ଦୋଷ) ଥିଲେ ?

ଉତ୍ତର- ମାସୁମ୍ ଶବ୍ଦରେ ଏହି ଅର୍ଥ ରହିଛି ଯେ, ନବୀ କେବେ ବି କୌଣସି ଭୁଲ୍ କାର୍ଯ୍ୟ କରିପାରିବ ନାହିଁ । ଏହି ଅର୍ଥ ଦୃଷ୍ଟିରୁ କୌଣସି ବ୍ୟକ୍ତି ମଧ୍ୟ ନିର୍ଦ୍ଦୋଷ ନୁହନ୍ତି । ଏପର୍ଯ୍ୟନ୍ତକି ଆମର ପ୍ରିୟ ମୁନିବ ସ.ଅ ଏହି ଅର୍ଥ ଦୃଷ୍ଟିରୁ ମାସୁମ୍ (ନିର୍ଦ୍ଦୋଷ) ନଥିଲେ । ଯେତେବେଳେ ମାସୁମ୍ (ନିର୍ଦ୍ଦୋଷ) ଶବ୍ଦଟି ନବୀଙ୍କ ସଂକ୍ରାନ୍ତରେ କୁହାଯାଏ ସେତେବେଳେ ଏହାର ଅର୍ଥ ଏହା ହୋଇଥାଏ ଯେ, ସେ ସେହି ଧର୍ମବିଧାନର କୌଣସି ଆଦେଶାବଳୀ ପାଳନ କରିବାକୁ ବାଧ୍ୟ ଅଟେ । ସେ କୌଣସି ଆଶାବଳୀର ବିରୁଦ୍ଧାଚାରଣ କରିପାରିବ ନାହିଁ । ଅନ୍ୟ ଅର୍ଥରେ ଏହାର ଅର୍ଥ ଏହିକି ଯେ, ନବୀ କୌଣସି ପ୍ରକାରର ପାପ ସେ ପଛେ ଛୋଟ ପାପ ହେଉ ଅବା ବଡ଼ ପାପ ହେଉ ପାପକର୍ତ୍ତା ହୋଇପାରିବ ନାହିଁ । ବରଂ ସେ ଘୃଣ୍ୟ ତଥା ଗର୍ହିତ କାର୍ଯ୍ୟ ସମ୍ପାଦନ କରିପାରିବ ନାହିଁ । ଏପରି ଅନେକ ଅବତାରମାନେ ଅତିକ୍ରାନ୍ତ ହୋଇଛନ୍ତି ଯେଉଁମାନେ କି କୌଣସି ନୂତନ ଧର୍ମବିଧାନ ଆଣି ନଥିଲେ। ସେହି ପ୍ରସଙ୍ଗ ଯାହା ଧର୍ମବିଧାନ ସଂକ୍ରାନ୍ତୀୟ ହୋଇ ନଥିବ । ତତ୍‌ସଂପର୍କରେ ନବୀ ନିଜର ଇଜତିହାଦ (ପ୍ରଯତ୍ନବାନ ହୋଇ ସଠିକ୍ ମାର୍ଗ ଅନୁସରଣ କରିବା) ରେ ଭୁଲ୍ କରିପାରିଥାଏ । ଉଦାହରଣ ସ୍ୱରୂପ ଦୁଇ ପକ୍ଷ ମକଦ୍ଦମା ସମୟରେ କଳହ ସଂକ୍ରାନ୍ତରେ ତା' (ଅବତାରଙ୍କ) ଦ୍ୱାରା ଭୁଲ୍ ନିଷ୍ପତ୍ତି ଦେବା ଅସମ୍ଭବ ନୁହେଁ ।

ପ୍ରଶ୍ନ- ଆପଣ ଉକ୍ତ ପ୍ରଶ୍ନର ଉତ୍ତର କିଭଳି ଢଙ୍ଗରେ ଦେଇପାରିବେ ଯେ, ମିର୍ଜା ଗୁଲାମ୍ ଅହେମଦ୍ ସାହେବ କେଉଁ ଅର୍ଥ ଅନୁଯାୟୀ ମାସୁମ୍ (ନିର୍ଦ୍ଦୋଷ) ଥିଲେ ?

ଉତ୍ତର- ସେ ସେହି ଅର୍ଥାନୁଯାୟୀ ନିର୍ଦ୍ଦୋଷ ଥିଲେ ଯେ, ସେ କୌଣସି ମହାପାପ ଓ କ୍ଷୁଦ୍ର ପାପ କରି ନଥିଲେ ।

ପ୍ରଶ୍ନ- କ'ଣ ଆପଣ ଏହା ସ୍ୱୀକାରେ କରନ୍ତି ଯେ, ଅନ୍ୟ ମନୁଷ୍ୟ ପରି ମିର୍ଜା ସାହେବ ମଧ୍ୟ ବିଚାର ଦିବସରେ ନିଜର କର୍ମଫଳ ନିମନ୍ତେ ଉତ୍ତରଦାୟୀ ରହିବେ?

ଉତ୍ତର- ଏହା ହିଁ ଆଶା କରାଯାଇ ପାରିବ ଯେ, ତାଙ୍କୁ ନିଜ କର୍ମର ହିସାବ ଦେବାକୁ ପଡ଼ିବ ନାହିଁ । ଆମର ପ୍ରିୟ ମୁନିବ୍ ହ. ମୁହମ୍ମଦ ସ.ଅ କହିଛନ୍ତି ଯେ, ଆପଣଙ୍କ ଧର୍ମ ସଂପ୍ରଦାୟରେ ମଧ୍ୟରେ ବୃହୁଳ ସଂଖ୍ୟକ ଲୋକମାନେ ଏପରି ଅଟନ୍ତି ଯେଉଁମାନେ ନବୀ ତ' ନୁହନ୍ତି କିନ୍ତୁ ସେମାନେ ବିଚାର ଦିବସରେ ସେମାନେ ତହିଁରୁ ବାଦ୍ ପଡ଼ିବେ ବା ଭିନ୍ନ ରହିବେ ।

ପ୍ରଶ୍ନ- ମୃତ୍ୟୁ ପରେ ଅବତାରମାନଙ୍କ ଉପରେ କ'ଣ ବିତିଥାଏ (ଅର୍ଥାତ୍ କେଉଁ ଦଶା ହୋଇଥାଏ) ? କ'ଣ ସେମାନେ ଅନ୍ୟ ମନୁଷ୍ୟମାନଙ୍କ ପରି ୟୌମୁଲ୍ ହିସାବ (ବିଚାର ଦିବସ ଦିନ) ପର୍ଯ୍ୟନ୍ତ କବର ମଧ୍ୟରେ ରହିଥାଆନ୍ତି ଅବା ସିଧା ସଳଖ ସ୍ୱର୍ଗପୁର କିମ୍ବା ଆରାଫ (ସ୍ୱର୍ଗ ଓ ନର୍କର ମଧ୍ୟବର୍ତ୍ତୀ ସ୍ଥାନ)କୁ ଚାଲି ଯାଆନ୍ତି ?

ଉତ୍ତର-ମୋ ନିକଟରେ ଏହା ଠିକ୍ ନୁହେଁ । କାରଣ ଅବତାରମାନେ ମୃତ୍ୟୁ ପରେ ସିଧା ସଳଖ ସ୍ୱର୍ଗ କିମ୍ବା ଆରାଫକୁ ଚାଲି ଯାଆନ୍ତି । କିନ୍ତୁ ଏହା ସଠିକ୍ ଯେ, ସେମାନଙ୍କୁ ଅଲ୍ଲାଃତାଲାଙ୍କର ନିକଟବର୍ତ୍ତୀ ଏକ ବିଶେଷ ସ୍ଥାନ ପର୍ଯ୍ୟନ୍ତ ପହଞ୍ଚଇ ଯାଇଥାଏ । ଅତଃ ମିର୍ଜା ଗୁଲାମ୍ ଅହେମଦ୍ ସାହେବ ଜଣେ ନବୀ ଥିଲେ ସେଇଥିପାଇଁ ଅଲ୍ଲାଃତାଲା ତାଙ୍କ ସହିତ ସାଧାରଣ ଅହେମଦିମାନଙ୍କ ପରି ନୁହେଁ ବରଂ ବିଶେଷ ଆଚରଣ ତଥା ବ୍ୟବହାର ପ୍ରଦର୍ଶନ କରିଥିବେ ।

ପ୍ରଶ୍ନ- କ'ଣ ଆପଣ ଏକଥା ସ୍ୱୀକାର କରନ୍ତି ଯେ, ଯେତେବେଳେ ଜଣେ ବ୍ୟକ୍ତି ମୃତ୍ୟୁ ବରଣ କରେ ସେତେବେଳେ ମୁନ୍‌କର୍ (ମୃତ୍ୟୁ ପରେ କବର ପାଖକୁ ଆସି ଯେଉଁ ଦେବଦୂତମାନେ ମୃତ ବ୍ୟକ୍ତିକୁ ପ୍ରଶ୍ନୋତ୍ତର କରନ୍ତି) ଓ ନକିର କବର ନିକଟକୁ ଆସନ୍ତି ?

ଉତ୍ତର- ମୁନ୍‌କର ୱ ନକିର୍ ଦୁଇଟି ଈଶ୍ୱରଦୂତ ଅଟନ୍ତି । କିନ୍ତୁ ମୋର ଏହି ବିଶ୍ୱାସ ତଥା ଆସ୍ଥା ନାହିଁ ଯେ, କବରରେ ମୃତ ବ୍ୟକ୍ତିମାନଙ୍କୁ ପ୍ରଶ୍ନ ପଚାରିବା ନିମନ୍ତେ ଦେବଦୂତମାନେ ଶାରୀରୀକ ଆକୃତିରେ ପ୍ରକଟ ହେବେ ।

ପ୍ରଶ୍ନ- ମୁନ୍‌କର ଓ ନକିର କବରକୁ କାହିଁକି ଆସନ୍ତି ?

ଉତ୍ତର- ମୃତ ବ୍ୟକ୍ତିକୁ ତା'ର ବିଗତ କର୍ମ ସଂପର୍କରେ ସୂଚନା ତଥା ଅବଗତ କରିବା ନିମନ୍ତେ ଆସିଥାଆନ୍ତି ।

ପ୍ରଶ୍ନ- କ'ଣ ଆପଣଙ୍କ ବିଚାରରେ ମୁନ୍‌କର ଓ ନକିର ମିର୍ଜା ଗୁଲାମ ଅହେମଦ ସାହେବଙ୍କ କବରକୁ ମଧ୍ୟ ଆସିଥିଲେ ?

ଉତ୍ତର- ମୋ ନିକଟରେ ଉକ୍ତ ପ୍ରସଙ୍ଗ ସଂକ୍ରାନ୍ତରେ ଜାଣିବା ନିମନ୍ତେ କୌଣସି ମାଧ୍ୟମ ନାହିଁ ।

ପ୍ରଶ୍ନ- କ'ଣ ଅଲ୍ଲାଃତାଲାଙ୍କର ସେହି ଦିବ୍ୟାଲୋକ ଯାହାକି ହ. ଆଦମ ଅ.ସଙ୍କୁ ପ୍ରାପ୍ତ ହୋଇଥିଲା, ଆଦମ ଅ.ସଙ୍କୁ କ୍ଷମା ପ୍ରଦାନ କରିବା ପରେ ହ. ଆଦମ୍ ଅ.ସଙ୍କ ମଧ୍ୟରେ ପ୍ରବିଷ୍ଟ ହୋଇଥିଲା ତାହା କ'ଣ ମିର୍ଜା ସାହେବଙ୍କୁ ମଧ୍ୟ ଉତ୍ତରାଧିକାରୀ ସୂତ୍ରରେ ପ୍ରାପ୍ତ ହୋଇଛି କି ?

ଉତ୍ତର- ମୋତେ ଏପରି କୌଣସି ଥିଓରି ସଂପର୍କରେ ଜ୍ଞାତ ନାହିଁ । କୁରଆନ୍ କରୀମ୍ କିମ୍ବା କୌଣସି ସହି ହଦିସ୍‌ରେ ଏପରି କୌଣସି ଘଟଣାର ଚର୍ଚ୍ଚା ନାହିଁ ।

ପ୍ରଶ୍ନ- କ'ଣ ପବିତ୍ର କୁରଆନ୍ କରୀମ୍‌ରେ ମସିହ୍ ଓ ମେହ୍‌ଦୀଙ୍କ ସଂକ୍ରାନ୍ତରେ କୌଣସି ସ୍ୱଷ୍ଟ ଭବିଷ୍ୟବାଣୀ ବିଦ୍ୟମାନ ରହିଛି କି ?

ଉତ୍ତର- ମସିହ୍ ଓ ମେହ୍‌ଦୀଙ୍କର ନାଁ ଧରି ପବିତ୍ର କୁରଆନ୍ କରୀମ୍‌ରେ କୌଣସି ସ୍ୱଷ୍ଟ ଭବିଷ୍ୟବାଣୀର ଚର୍ଚ୍ଚା ବିଦ୍ୟମାନ ଅର୍ଥାତ୍ ଉଲ୍ଲେଖ ନାହିଁ ।

ପ୍ରଶ୍ନ- କ'ଣ ଆହାଦିସ୍ ମସିହ୍ ଓ ମେହ୍‌ଦୀଙ୍କ ଆବିର୍ଭାବ ସଂପର୍କରେ ଏକମତ ଅଟନ୍ତି କି ?

ଉତ୍ତର- ଏପରି କୌଣସି ହଦିସ୍ ବିଦ୍ୟମାନ ନାହିଁ ଯହିଁରେ ଏହା କୁହାଯାଇଥିବ ଯେ, କୌଣସି ମସିହ୍ ଆବିର୍ଭୂତ ହେବ ନାହିଁ । ଯେଉଁଠି ମେହ୍‌ଦୀଙ୍କର ପ୍ରଶ୍ନ ରହିଛି ସେଠାରେ କେତେକ ହଦିସ୍‌ରୁ ପ୍ରକାଶ୍ୟ ହୋଇଥାଏ ଯେ, ସେ ଅର୍ଥାତ୍ ମେହ୍‌ଦୀ ଓ ମସିହ୍ ଏକ (ଅସ୍ତିତ୍ୱ) ଅଟନ୍ତି ।

ପ୍ରଶ୍ନ- କ'ଣ ସମସ୍ତ ମୁସଲମାନମାନେ ସର୍ବସମ୍ମତି କ୍ରମେ ଏହି ହଦିସ୍‌କୁ ସ୍ୱୀକାର କରନ୍ତି କି ?

ଉତ୍ତର- ଆଜ୍ଞା ନୁହେଁ ।

ପ୍ରଶ୍ନ- କ'ଣ ଆହାଦିସ୍‌ରୁ ଏହି ପ୍ରକାଶ୍ୟ ହୁଏ ନାହିଁ ଯେ, ମସିହ୍ ଓ ମେହ୍‌ଦୀ ଦୁଇଟି ପୃଥକ୍ ପୃଥକ୍ ବ୍ୟକ୍ତି ବା ଅସ୍ତିତ୍ୱ ହେବେ ?

ଉତ୍ତର- ହଁ, କେତେକ ହଦିସ୍‌ରୁ ଏହିପରି ପ୍ରକାଶ୍ୟ ହୋଇଥାଏ ।

ପ୍ରଶ୍ନ- ସେହି ଆହାଦିସ୍ ଅନୁଯାୟୀ ଯହିଁରେ ମସିହ୍ ଓ ମେହ୍‌ଦୀଙ୍କ ଆବିର୍ଭାବର ଭବିଷ୍ୟବାଣୀ କରାଯାଇଛି, ଦଜ୍ଜାଲକୁ ବଧ କରିବା କିମ୍ବା ୟାଜୁଜ୍ ଓ ମାଜୁଜ୍‌ର ବିନାଶର କେତେ ସମୟ ପରେ ଇସ୍ରାଫିଲ୍ ନିଜର ସୁର୍ (ନାଦ) ଫୁଙ୍କିବେ ?

ଉତ୍ତର- ମୁଁ ସେହି ଆହାଦିସ୍‌କୁ କୌଣସି ଗୁରୁତ୍ୱ ଦେଉ ନାହିଁ ।

ପ୍ରଶ୍ନ- କ'ଣ ଆପଣ ସେହି ଆହାଦିସ୍‌କୁ ସ୍ୱୀକାର କରନ୍ତି ଯହିଁରେ ଦଜ୍ଜାଲ୍ ଓ ୟାଜୁଜ୍ ମାଜୁଜର ଚର୍ଚ୍ଚା ରହିଛି ।

ଉତ୍ତର- ଉକ୍ତ ପ୍ରଶ୍ନର ଉତ୍ତର ଦେବା ନିମନ୍ତେ ମୋତେ ସେହି ଆହାଦିସ୍‌କୁ ଯାଞ୍ଚ କରିବାକୁ ପଡ଼ିବ । ଦଜ୍ଜାଲ୍ ଏବଂ ୟାଜୁଜ୍ ମାଜୁଜ୍‌ର ଚର୍ଚ୍ଚା ପବିତ୍ର କୁରଆନ୍ କରୀମ୍‌ରେ ବିଦ୍ୟମାନ ରହିଛି ।

ପ୍ରଶ୍ନ- କ'ଣ ମସିହ୍ କିମ୍ବା ମେହ୍‌ଦୀଙ୍କୁ ନବୀର ମର୍ଯ୍ୟାଦା ପ୍ରାପ୍ତ ହେବ ?

ଉତ୍ତର- ଆଜ୍ଞା ହଁ ।

ପ୍ରଶ୍ନ- କ'ଣ ଉକ୍ତ ଅର୍ଥର କୌଣସି ହଦିସ୍ ରହିଛି ଯେ, ମସିହ୍ ଜିହାଦ୍ କିମ୍ବା ଯିଜ୍ୟା (ଧର୍ମ କର) ସଂପର୍କିତ ଆଇନକୁ ଉହ୍ୟ କରିଦେବ ?

ଉତ୍ତର- ଯିଜ୍ୟା ସଂକ୍ରାନ୍ତରେ ଏକ ହଦିସ୍ ରହିଛି ଓ ଜିହାଦ୍ ସଂକ୍ରାନ୍ତରେ ମଧ୍ୟ ହଦିସ୍ ରହିଛି । ଆମେମାନେ ଜିହାଦ୍ ସଂକ୍ରାନ୍ତରେ ହଦିସ୍‌କୁ ପ୍ରାଧାନ୍ୟ ଦେଇଥାଉ ଓ ଅନ୍ୟକୁ ତା'ର ସ୍ୱଷ୍ଟୀକରଣ ବା ବ୍ୟାଖ୍ୟା ବୋଲି ମନେକରିଥାଉ । ଆମେମାନେ ବୁଝୁ ନାହୁଁ ଯେ, ଯେଉଁ ଶବ୍ଦ ଅର୍ଥାତ يَضَعُ ହଦିସ୍‌ରେ ବ୍ୟବହୃତ ହୋଇଛି ତାହାର ଅର୍ଥ ଉହ୍ୟ ଅଟେ । ଆମେମାନେ ବୁଝୁଛେ ଯେ, يَضَعُ ର ଅର୍ଥାତ ମୁଲତବୀ ଅଟେ।

ପ୍ରଶ୍ନ- କ'ଣ ମିର୍ଜା ଗୁଲାମ୍ ଅହେମଦ ସାହେବ ମସିହ୍ ଓ ମେହ୍‌ଦୀ ହେବାର ଦାବି କରିଛନ୍ତି କି ?

ଉତ୍ତର- ଆଜ୍ଞା ହଁ ।

ପ୍ରଶ୍ନ- କ'ଣ ମସିହ୍ କିମ୍ବା ମେହ୍‌ଦୀଙ୍କ ପ୍ରାଦୁର୍ଭାବ ପରେ ତାଙ୍କ ଉପରେ ବିଶ୍ୱାସ ଆଣିବା ମୁସଲମାନମାନଙ୍କ ଆସ୍ଥାର ଆବଶ୍ୟକ ଅଙ୍ଗ ଅଟେ କି ?

ଉତ୍ତର- ଆଜ୍ଞା ହଁ । ଯଦି କୌଣସି ବ୍ୟକ୍ତି ଏହାକୁ ବୁଝିନିଏ ଯେ, ଉକ୍ତ ଦାବି ସଠିକ୍ ଅଟେ । ତାହାହେଲେ ତାଙ୍କୁ ସ୍ୱୀକାର କରିବା ତା'ପକ୍ଷେ ଅନିର୍ବାର୍ଯ୍ୟ ଅଟେ ।

ପ୍ରଶ୍ନ- କ'ଣ ଇସ୍‌ଲାମ୍ ଧର୍ମ ଏକ ରାଜନୈତିକ ବ୍ୟବସ୍ଥା ଅଟେ କି ?

ଉତ୍ତର- ଇସ୍‌ଲାମ୍ ଧର୍ମ ଏକ ଧାର୍ମିକ ବ୍ୟବସ୍ଥାପିକା ଜନିତ ଧର୍ମ ଅଟେ । କିନ୍ତୁ ତହିଁରେ କେତେକ ରାଜନୈତିକ ଆଦେଶାବଳୀ ମଧ୍ୟ ରହିଛି ଯାହାକି ସେହି ଧାର୍ମିକ ବ୍ୟବସ୍ଥାର ଅଂଶବେଶେଷ ଅଟନ୍ତି ଓ ଯାହାକୁ ସ୍ୱୀକାର କରିବା ସେତିକି ଆବଶ୍ୟକ ଯେତିକି ଅନ୍ୟ ଆଦେଶାବଳୀକୁ ସ୍ୱୀକାର କରିବା ଆବଶ୍ୟକ ଅଟେ ।

ପ୍ରଶ୍ନ- ଉକ୍ତ (ଇସ୍‌ଲାମ୍ ଧର୍ମର) ବ୍ୟବସ୍ଥାରେ ଅବଜ୍ଞାକାରୀମାନଙ୍କର କ'ଣ ସ୍ଥିତି ରହିଛି ?

ଉତ୍ତର- ଅବଜ୍ଞକାରୀଙ୍କୁ ସେହି ସ୍ଥିତି ପ୍ରାପ୍ତ ହେବ ଯାହା ମୁସଲମାନମାନଙ୍କୁ ପ୍ରାପ୍ତ ହୋଇଛି ।

ପ୍ରଶ୍ନ- ଅବଜ୍ଞାକାରୀ କାହାକୁ କୁହନ୍ତି ?

ଉତ୍ତର- ଅବଜ୍ଞାକାରୀ ଓ ବିଶ୍ୱାସକାରୀ ଏବଂ ମୁସଲମାନ ସଂପର୍କିତ ଶବ୍ଦାବଳୀ ଅଟନ୍ତି ଏବଂ ପରସ୍ପର ସହିତ ଅଙ୍ଗାଅଙ୍ଗି ଭାବରେ ଜଡ଼ିତ ଅଟନ୍ତି । ଉଭୟଙ୍କର କୌଣସି ପୃଥକ ପୃଥକ ନିର୍ଦ୍ଦିଷ୍ଟ ଅର୍ଥ ନୁହେଁ । ପବିତ୍ର କୁରଆନ୍ କରୀମ୍‌ରେ

ଅବଜ୍ଞାକାରୀର ଶବ୍ଦ ଅଲ୍ଲାଃତାଲାଙ୍କ ସଂପର୍କରେ ମଧ୍ୟ ବ୍ୟବହୃତ ହୋଇଛି ଏବଂ ତାଗୁତ୍ ସଂପର୍କରେ ମଧ୍ୟ । ସେହିପରି ବିଶ୍ୱାସକାରୀର ଶବ୍ଦ ତାଗୁତ୍ ସଂପର୍କରେ ମଧ୍ୟ ବ୍ୟବହୃତ ହୋଇଛି ।

ପ୍ରଶ୍ନ- କ'ଣ ଇସ୍‌ଲାମୀୟ ବ୍ୟବସ୍ଥାରେ ଅବଜ୍ଞାକାରୀ ଅର୍ଥାତ୍ ଅଣମୁସଲମାନମାନଙ୍କୁ ଏହି ଅଧିକାର ପ୍ରାପ୍ତ ହୋଇଛି ଯେ, ସେମାନେ ଆଇନ ତିଆରି କରିବାରେ ଏବଂ ଆଇନ ପ୍ରଣୟନ କରିବାରେ ଭାଗ ନେବେ ଓ କ'ଣ ସେମାନେ ସର୍ବୋଚ୍ଚ ବ୍ୟବସ୍ଥାପିକା ପଦବୀରେ ଆସନ୍ନିତ ବା ଅଧିଷ୍ଠିତ ହୋଇ ପାରିବେ କି ?

ଉତ୍ତର- ମୋ ନିକଟରେ ପବିତ୍ର କୁରଆନ୍ କରୀମ୍ ଯେଉଁ ଦେଶକୁ ଖାଣ୍ଟି ଇସ୍‌ଲାମୀୟ ରାଷ୍ଟ୍ର ବୋଲି ବିବେଚିତ କରିଛି ତାହାର ସ୍ଥାପନା ସାଂପ୍ରତିକ ପରିସ୍ଥିତିରେ ଅସମ୍ଭବ ଅଟେ । କାରଣ ସଂସାରର ସମସ୍ତ ମୁସଲମାନମାନେ ଏକ ରାଜନୈତିକ ଏକତାରେ ସଂଶ୍ଳୀଷ୍ଟ ହୁଅନ୍ତୁ । କିନ୍ତୁ ସାଂପ୍ରତିକ ପରିସ୍ଥିତିରେ ଏହି ସ୍ଥିତି ବା ଏହି ଅବସ୍ଥା ସଂପୂର୍ଣ୍ଣ ରୂପେ ବ୍ୟବହାରଯୋଗ୍ୟ ନୁହେଁ ।

ପ୍ରଶ୍ନ- କ'ଣ କେବେ ଇସ୍‌ଲାମୀୟ ରାଷ୍ଟ୍ର ସ୍ଥାୟୀ ରହିଛି କି ?

ଉତ୍ତର- ଆଜ୍ଞା ହଁ । ଖୁଲଫାଏ ରାଶିଦିନ୍ (ଇସ୍‌ଲାମ୍ ଧର୍ମର ଆଁହଜରତ ସ.ଅଙ୍କ ବିୟୋଗ ପରେ ଖଲିଫା ଭାବରେ ମନୋନୀତ ହୋଇଥିବା ଚାରିଜଣ ଖଲିଫାଙ୍କୁ ଖୁଲଫା କୁହାଯାଏ)ଙ୍କ ଇସ୍‌ଲାମୀୟ ଗଣତାନ୍ତ୍ରିକ କାଳରେ ।

ପ୍ରଶ୍ନ- ଉକ୍ତ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଅବଜ୍ଞାକାରୀମାନଙ୍କର କ'ଣ ସ୍ଥିତି ରହିଥିଲା ? କ'ଣ ସେମାନେ ଆଇନ୍ ପସ୍ତୁତ କରିବା ଓ ପ୍ରଣୟନ କରିବାରେ ଅଂଶ ଗ୍ରହଣ କରିପାରୁଥିଲେ ଓ କ'ଣ ସେମାନେ ବ୍ୟବସ୍ଥାର ସର୍ବୋଚ୍ଚ ଦାୟିତ୍ୱାବଳୀର ପଦବୀରେ ଅଧିଷ୍ଠିତ ହୋଇପାରୁଥିଲେ କି ?

ଉତ୍ତର- ଏହି ପ୍ରଶ୍ନ ସେତେବେଳେ ସୃଷ୍ଟି ହୋଇ ନଥିଲା । କାରଣ ଇସଲାମୀୟ ଗଣତାନ୍ତ୍ରିକ କାଳରେ ମୁସଲମାନ ଓ ଅବିଶ୍ୱାସକାରୀଙ୍କ ମଧ୍ୟରେ ଅହରହ ଯୁଦ୍ଧ ଲାଗି ରହୁଥିଲା ଏବଂ ଯେଉଁ ଅବିଶ୍ୱାସକାରୀମାନେ ପରାଜିତ ହେଉଥିଲେ ସେମାନଙ୍କୁ ଇସ୍‌ଲାମୀୟ ରାଜ୍ୟରେ ସେହି ଅଧିକାର ପ୍ରାପ୍ତ ହେଉଥିଲା ଯାହା ମୁସଲମାନମାନଙ୍କୁ ପ୍ରାପ୍ତ ହେଉଥିଲା । ସେହି କାଳରେ ଆଜିକାଲିକା ସଂସଦ ଭବନ ଉପସ୍ଥିତ ନଥିଲା ।

ପ୍ରଶ୍ନ- କ'ଣ ଆଁହଜରତ ସ.ଅଙ୍କ ସମୟରେ ନ୍ୟାୟପାଳିକା ବ୍ୟବସ୍ଥା ପୃଥକ୍ ହେଉଥିଲା କି ?

ଉତ୍ତର-ସେହି କାଳରେ ସବୁଠୁ ବଡ଼ ନ୍ୟାପାଳିକା ଏବଂ ନ୍ୟାୟକର୍ତ୍ତା ସ୍ୱୟଂ ଆଁହଜରତ ସ.ଅ ହିଁ ଥିଲେ ।

ପ୍ରଶ୍ନ- କ'ଣ ଇସ୍‌ଲାମୀୟ ଶୈଳୀ ଶାସନ ବ୍ୟବ୍ୟସ୍ଥାରେ ଏକ ଅବିଶ୍ୱାସକାରୀ ବା ଅବଜ୍ଞାକାରୀକୁ ଏହି ଅଧିକାର ପ୍ରାପ୍ତ ହୋଇଥିଲା କି ସେ ସ୍ୱାଧୀନ ଭାବରେ ନିଜ ଧର୍ମର ଧର୍ମ ପ୍ରଚାର କରୁ ?

ଉତ୍ତର- ଆଜ୍ଞା ହଁ ।

ପ୍ରଶ୍ନ- ଇସ୍‌ଲାମୀୟ ଶାସନରେ ଯଦି କୌଣସି ମୁସଲମାନ ବ୍ୟକ୍ତି ଧର୍ମ ମଧ୍ୟରେ ତୁଳନାତ୍ମକ ଅଧ୍ୟୟନ କରିବା ପରେ ସତ୍ୟନିଷ୍ଠତାର ସହିତ ଇସ୍‌ଲାମ୍ ଧର୍ମକୁ ପରିତ୍ୟାଗ କରି ଅନ୍ୟ କୌଣସି ଧର୍ମ ଯଦି ଅବଲମ୍ବନ କରିନିଏ । ଉଦାହରଣ ସ୍ୱରୂପ ଖ୍ରୀଷ୍ଟ ଧର୍ମ କିମ୍ବା ନାସ୍ତିକବାଦୀ ବ୍ୟକ୍ତି ପାଲଟି ଯାଏ ତାହାହେଲେ କ'ଣ ସେ ସେହି ରାଷ୍ଟ୍ରର ପ୍ରଜାମାନଙ୍କର ଅଧିକାରରୁ ବଞ୍ଚିତ ହୋଇଯାଉଥିଲା କି ?

ଉତ୍ତର- ମୋ ନିକଟରେ ତ' ଏପରି ନୁହେଁ । କିନ୍ତୁ ଇସ୍‌ଲାମ୍ ଧର୍ମରେ ଏପରି ଅନେକ ଗୋଷ୍ଠୀ ବା ସଂପ୍ରଦାୟ ରହିଛନ୍ତି ଯେଉଁମାନେ ଏପରି ବ୍ୟକ୍ତିକୁ ମୃତ୍ୟୁ ଦଣ୍ଡ ଦେବାର ବିଶ୍ୱାସ ରଖନ୍ତି ।

ପ୍ରଶ୍ନ- ଯଦି କୌଣସି ବ୍ୟକ୍ତି ମିର୍ଜା ଗୁଲାମ୍ ଅହେମଦ ସାହେବଙ୍କ ଦାବି ଉପରେ ଅନିର୍ବାର୍ଯ୍ୟ ରୂପେ ଚିନ୍ତା କରିବା ପରେ ସତ୍ୟନିଷ୍ଠତାର ସହିତ ଏହି ସିଦ୍ଧାନ୍ତରେ ଉପନୀତ ହୁଏ ଯେ, ଆପଣଙ୍କ ଦାବି ମିଥ୍ୟା ଥିଲା, ତେବେ ତଥାପି ସେ କ'ଣ ମୁସଲମାନ ହୋଇ ରହିବ କି ?

ଉତ୍ତର- ଆଜ୍ଞା ହଁ । ସାଧାରଣ ପରିଭାଷାରେ ସେ ତଥାପି ମୁସଲମାନ ବୋଲି ବିବେଚିତ ହେବ ।

ପ୍ରଶ୍ନ- କ'ଣ ଆପଣଙ୍କ ନିକଟରେ ଅଲ୍ଲାଃତାଲା ସେହି ଲୋକମାନଙ୍କୁ ଦଣ୍ଡିତ କରିବେ ଯେଉଁମାନେ କୁଚିନ୍ତାଧାରା ଜନିତ ଧାର୍ମିକ ଆସ୍ଥା ପୋଷଣ କରନ୍ତି କିନ୍ତୁ ସତ୍ୟନିଷ୍ଠତାର ସହିତ ଏପରି କାର୍ଯ୍ୟ କରିଥାଆନ୍ତି ?

ଉତ୍ତର- ମୋ ନିକଟରେ ପ୍ରତିଫଳ ଓ ଦଣ୍ଡ ଦେବାର ନୀତି ସତ୍ୟନିଷ୍ଠତା ଏବଂ ସତ୍‌ଉଦ୍ଦେଶ୍ୟ ଉପରେ ନିର୍ଭର କରେ ନା କି ସତ୍ୟତାର ଆସ୍ଥା ଉପରେ ।

ପ୍ରଶ୍ନ- କ'ଣ ଏକ ଇସଲାମୀୟ ଶାସନର ଏହି ଧାର୍ମିକ କର୍ତ୍ତବ୍ୟ ରହିଛି ଯେ, ସେ ସମସ୍ତ ମୁସଲମାନମାନଙ୍କ ସହିତ ପବିତ୍ର କୁରଆନ୍ ଏବଂ ସୁନ୍ନତ୍ (ଆଁହଜରତ ସ.ଅଙ୍କ ଦ୍ୱାରା ପ୍ରଚଳିତ ପରମ୍ପରା)ର ସମସ୍ତ ଆଦେଶାବଳୀ ଯହିଁରେ ଅଲ୍ଲାଃତାଲାଙ୍କର କର୍ତ୍ତବ୍ୟ ସଂକ୍ରାନ୍ତୀୟ ଆଇନ ମଧ୍ୟ ଅନ୍ତର୍ଭୁକ୍ତ ରହିଛି ତାହାକୁ ପାଳନ କରିବାକୁ କହିବ ?

ଉତ୍ତର- ଇସଲାମ୍ ଧର୍ମର ମୌଳିକ ନୀତି ଏହା ରହିଛି ଯେ, ପାପ ପାଇଁ ବ୍ୟକ୍ତି ବ୍ୟକ୍ତିଗତ ରୂପେ ଦାୟି ଅଟେ । ତେଣୁ ଜଣେ ବ୍ୟକ୍ତି କେବଳ ସେହି ପାପ ପାଇଁ ଦାୟି ରହିଥାଏ ଯେଉଁ ପାପ ସେ ସ୍ୱୟଂ କରିଥାଏ । ତେଣୁ ଯଦି ଇସ୍‌ଲାମୀୟ ଶାସନରେ କୌଣସି ବ୍ୟକ୍ତି ପବିତ୍ର କୁରଆନ୍ କରୀମ୍ ଏବଂ ସୁନ୍ନତ୍‌ର ବିରୁଦ୍ଧାଚରଣ କରେ ତାହାହେଲେ ଏଥିପାଇଁ ସେ ନିଜେ ହିଁ ଉତ୍ତରଦାୟି ରହିବ ।

ପ୍ରଶ୍ନ- କାଲି ଆପଣ କହିଥିଲେ ଯେ, ପାପ ପାଇଁ ବ୍ୟକ୍ତି ନିଜେ ହିଁ ଦାୟି ହୋଇଥାଏ । ମନକେର ମୁଁ ଏକ ଇସ୍‌ଲାମୀୟ ଶାସନ ଓ ଇସ୍‌ଲାମୀୟ ରାଷ୍ଟ୍ରରେ ଜଣେ ମୁସଲମାନ ନାଗରିକ ଓ ମୁଁ ଅନ୍ୟ ବ୍ୟକ୍ତିକୁ ପବିତ୍ର କୁରଆନ୍ ଏବଂ ସୁନ୍ନତ୍‌ର ବିରୁଦ୍ଧାଚରଣ କରୁଥିବାର ଅବଲୋକନ କରେ, ତେବେ କ'ଣ ମୋର ଏହି ଧାର୍ମିକ ଦାୟିତ୍ୱ ରହିଛି ଯେ, ମୁଁ ତା'କୁ ବିରୁଦ୍ଧାଚରଣ କରିବାକୁ ଅଟକାଇବି ? ଧାର୍ମିକ କର୍ତ୍ତବ୍ୟ କହିଲେ ଏହା ବୁଝାଏ ଯେ, ମୁଁ ଯଦି ତା'କୁ ଏପରି କରିବାରୁ ଅଟକାଇବା ପାଇଁ ନ ଚେଷ୍ଟା କରେ ତାହାହାଲେ କ'ଣ ମୁଁ ସ୍ୱୟଂ ମଧ୍ୟ ଦୋଷୀ ହେବି କି ?

ଉତ୍ତର- ଆପଣଙ୍କ କର୍ତ୍ତବ୍ୟ ହେଲା ଯେ, ଆପଣ କେବଳ ଉକ୍ତ ବ୍ୟକ୍ତିକୁ ଉପଦେଶ ଦେବେ ।

ପ୍ରଶ୍ନ- ମୁଁ ଯଦି ସ୍ୱୟଂ ଆଦେଶକାରୀ ଅଟେ ତେବେ କ'ଣ ଏହିପରି ସ୍ଥିତି ହେବ?

ଉତ୍ତର- ଆପଣଙ୍କର ଏହି ଧାର୍ମିକ କର୍ତ୍ତବ୍ୟ ନୁହେଁ ଯେ, ଆପଣ ସେହି ବ୍ୟକ୍ତିକୁ ଏପରି କରିବାରୁ ବଳପୂର୍ବକ ରୋକିବେ ।

ପ୍ରଶ୍ନ- ମୁଁ ଯଦି ଆଦେଶକାରୀ ହୋଇଥାଆନ୍ତି ତାହାହେଲେ କ'ଣ ମୋର ଏହି କର୍ତ୍ତବ୍ୟ ହେବ ଯେ, ମୁଁ ଏହିପରି ସାଂସାରିକ ଆଇନ କାନୁନ୍ ତିଆରି କରିବି ଯାହାକି ଏହି ପ୍ରକାରର ବିରୁଦ୍ଧାଚରଣକାରୀଙ୍କୁ ଶାସ୍ତିଯୋଗ୍ୟ ବୋଲି ବିବେଚିତ କରିଦେବ?

ଉତ୍ତର- ଆଜ୍ଞା ନାହିଁ । ଏପରି କରିବା ଆପଣଙ୍କ ଧାର୍ମିକ କର୍ତ୍ତବ୍ୟ ହେବ ନାହିଁ । କିନ୍ତୁ ଏହିପରି ଆଇନ୍ ପ୍ରସ୍ତୁତ କରିବାର ଆପଣଙ୍କୁ ଅଧିକାର ପ୍ରାପ୍ତ ହେବ ।

ପ୍ରଶ୍ନ- କ'ଣ ଏକ ସତ୍ୟବାଦୀ ଅବତାରର ପ୍ରତ୍ୟାଖ୍ୟାନ ଅବଜ୍ଞା ନୁହଁ କି ?

ଉତ୍ତର- ହଁ ଏପରି କରିବା ଅବଜ୍ଞା ଅଟେ । କିନ୍ତୁ ଅବଜ୍ଞା ଦୁଇ ପ୍ରକାରର ହୋଇଥାଏ । **ପ୍ରଥମତଃ** ଯାହା ଦ୍ୱାରା କୌଣସି ବ୍ୟକ୍ତି ଧର୍ମଶୂନ୍ୟ ହୋଇଯାଇଥାଏ, **ଦ୍ୱିତୀୟତଃ** ଯାହା ଦ୍ୱାରା ବ୍ୟକ୍ତି ଧର୍ମଶୂନ୍ୟ ହୋଇ ନଥାଏ । କଲ୍‌ମା ତୈୟେବାର ପ୍ରତ୍ୟାଖ୍ୟାନ ପ୍ରଥମ ପ୍ରକାରର ଅବଜ୍ଞା ଅଟେ । ଦ୍ୱିତୀୟ ପ୍ରକାରର ଅବଜ୍ଞା ଏହା ଠାରୁ ସାମାନ୍ୟ ଶ୍ରେଣୀୟ କୁସଂସ୍କାର ଜନିତ ଆସ୍ଥା ଦ୍ୱାରା ସୃଷ୍ଟି ହୋଇଥାଏ ।

ପ୍ରଶ୍ନ- ଏପରି ବ୍ୟକ୍ତି ଯିଏ ଏପରି ନବୀଙ୍କୁ ସ୍ୱୀକାର କରେ ନାହିଁ ଯେକି ରସୁଲ୍ କରୀମ୍ ସ.ଅଙ୍କ ପରେ ଆସିଥିବ କିମ୍ବା ପରବର୍ତ୍ତୀ ଯୁଗରେ ଶାସ୍ତିଯୋଗ୍ୟ ବିବେଚିତ ହେବ ?

ଉତ୍ତର- ଆମେମାନେ ଏପରି ବ୍ୟକ୍ତିକୁ ପାପୀ ତ' ମନେକରୁଛେ । କିନ୍ତୁ ଅଲ୍ଲାଃତାଲା ସେହି ବ୍ୟକ୍ତିକୁ ଦଣ୍ଡିତ କରିବେ ନା ନାହିଁ ତା'ର ନିଷ୍ପତ୍ତି ଭଗବାନଙ୍କର କାର୍ଯ୍ୟ ଅଟେ ।

ପ୍ରଶ୍ନ- କ'ଣ ଆପଣ خَاتَمَ النَّبِيِّيْنَ ରେ "ت" ଅକ୍ଷରକୁ ଫତହ୍ ଦ୍ୱାରା ପାଠ କରନ୍ତି ଅବା କସ୍ରାହ୍ ଦ୍ୱରା ?

ଉତ୍ତର- ଉଭୟ ପ୍ରକ୍ରିୟା ସଠିକ୍ ଅଟେ ।

ପ୍ରଶ୍ନ- ଉକ୍ତ ପରିଭାଷାର ସଠିକ୍ ଅର୍ଥ କ'ଣ ଅଟେ ।

ଉତ୍ତର- ଯଦି ତାହାକୁ "ت"ର ଜବର୍ ଦ୍ୱାରା ପାଠ କରାଯାଏ ତାହାହେଲେ ଏହାର ଅର୍ଥ ଏହା ହେବ ଯେ, ଆମର ପ୍ରିୟ ମୁନିବ୍ ସ.ଅ ଅନ୍ୟ ଅବତାରମାନଙ୍କର ଶୋଭା ଅଟନ୍ତି । ଯେପରି ଏକ ମୁଦି ମନୁଷ୍ୟ ନିମନ୍ତେ ଶୋଭାବର୍ଦ୍ଧକ ହୋଇଥାଏ ଠିକ୍ ସେହିପରି । ଯଦି ଖାତମ୍‌ର "ت"କୁ କସ୍ରା ଦ୍ୱାରା ପାଠ କରାଯାଏ ତାହାହେଲେ ଅଭିଧାନ ଏହା କହିଥାଏ ଯେ, ସେଭଳି ପରିସ୍ଥିତିରେ ମଧ୍ୟ ତା'ର ଏହି ଅର୍ଥ ହେବ। କିନ୍ତୁ ତହିଁରୁ ସେହି ବ୍ୟକ୍ତି ମଧ୍ୟ ଯଥାର୍ଥ ହେବ ଯିଏ କୌଣସି କାର୍ଯ୍ୟ ଚୂଡ଼ାନ୍ତ ସ୍ତର ପର୍ଯ୍ୟନ୍ତ ଉପନୀତ କରାଇ ଦିଏ । ଉକ୍ତ ଅର୍ଥାନୁଯାୟୀ ଏହାର ଅର୍ଥ ଏହା ହେବ ଯେ, ଖାତମୁନ୍ ନବୀୟିନ୍ ଶେଷ ଅବତାର ଅଟନ୍ତି । କିନ୍ତୁ ସେହି ପରିସ୍ଥିତିରେ ଅନ୍ ନବିୟିନରୁ ଯଥାର୍ଥ ସେହି ଅବତାର ହେବେ ଯାହାଙ୍କ ସହିତ ଧର୍ମବିଧାନ ଅବତୀର୍ଣ୍ଣ ହେବ । ଅର୍ଥାତ୍ ଧର୍ମବୈଧାନିକ ଅବତାର ।

ପ୍ରଶ୍ନ- ମିର୍ଜା ଗୁଲାମ୍ ଅହେମଦ୍ ସାହେବ କେଉଁ ଅର୍ଥରେ ନବୀ ଅଟନ୍ତି ?

ଉତ୍ତର- ମୁଁ ଉକ୍ତ ପ୍ରଶ୍ନର ଉତ୍ତର ପୂର୍ବେ ମଧ୍ୟ ଦେଇ ସାରିଛି ଯେ, ସେ ଏହି ଦୃଷ୍ଟିରୁ ନବୀ ଅଟନ୍ତି ଯେ, ଅଲ୍ଲାଃତାଲା ନିଜର ଐଶୀବାଣୀରେ ତାଙ୍କର ନାମ ନବୀ ବୋଲି ନାମିତ କରିଛନ୍ତି ବା ଦର୍ଶାଇଛନ୍ତି ।

ପ୍ରଶ୍ନ- କ'ଣ ମିର୍ଜା ଗୁଲାମ୍ ଅହେମଦ ସାହେବଙ୍କ ପରି ଆଧ୍ୟାତ୍ମିକ ସ୍ତରରେ ଅନ୍ୟ କୌଣସି ବ୍ୟକ୍ତି ଭବିଷ୍ୟତରେ ଆସିପାରିବେ କି ?

ଉତ୍ତର- ଏହାର ସମ୍ଭାବନା ରହିଛି । କିନ୍ତୁ ଏହା କୁହଯାଇପାରିବ ନାହିଁ ଯେ, ଅଲ୍ଲାଃତାଲା ଭବିଷ୍ୟତରେ ଏହିପରି ବ୍ୟକ୍ତି ପ୍ରେରଣ କରିବା ଅବା ନୁହେଁ ?

ପ୍ରଶ୍ନ- କ'ଣ ମହିଳା ନବୀ ହୋଇପାରିବ କି ?

ଉତ୍ତର- ଆହଦିସରୁ ପ୍ରତୀୟମାନ ହୁଏ ଯେ, ମହିଳା ନବୀ ହୋଇପାରିବ ପାରିବ ନାହିଁ ।

ପ୍ରଶ୍ନ- କ'ଣ ଆପଣଙ୍କ ଜମାଅତ୍‌ରେ କୌଣସି ମହିଳା ଏହି ମର୍ଯ୍ୟାଦା ଉପରେ ଅଧିଷ୍ଠିତ ଥିବାର ଦାବି କରିଛି କି ?

ଉତ୍ତର- ମୋ ଧାରଣା ଅନୁଯାୟୀ ତ' ନୁହେଁ ।

ପ୍ରଶ୍ନ- କ'ଣ ନର୍କ ଚିରକାଳୀନ ଅଟେ କି ?

ଉତ୍ତର- ଆଜ୍ଞା ନୁହେଁ ।

ପ୍ରଶ୍ନ- କ'ଣ ନର୍କ କୌଣସି ଜନ୍ତୁ ଅଟେ ଅବା କ୍ରିୟାଶୀଳ ବସ୍ତୁ କିମ୍ବା ଅବା ଅନ୍ୟ କୌଣସି ନିର୍ଦ୍ଦିଷ୍ଟ ସ୍ଥାନ ଅଟେ କି ?

ଉତ୍ତର- ନର୍କ କେବଳ ଆତ୍ମା ସହିତ ସଂପର୍କ ରଖୁଥିବା ଅବସ୍ଥା ଅଟେ ।

ପ୍ରଶ୍ନ- ଇମାମ୍ ଗଜାଲି ର.ଅ ନର୍କକୁ ଏକ ଜନ୍ତୁ ସହିତ ତୁଳନା କରିଛନ୍ତି । କ'ଣ ଏହା ଯୁକ୍ତିଯୁକ୍ତ କି ?

ଉତ୍ତର- ଏପରି ପ୍ରତିତ ହେଉଛି ଯେ, ଉକ୍ତ ଶବ୍ଦ ଲକ୍ଷଣାର୍ଥେ (ଅର୍ଥାତ ଅବାସ୍ତବ ବା କାଳ୍ପନିକ ଅର୍ଥରେ) ବ୍ୟବହୃତ ହୋଇଛି ।

ପ୍ରଶ୍ନ- ଇସ୍‌ଲାମ୍ ଧର୍ମର କେତେକ ସମାଲୋଚକମାନେ କୁହନ୍ତି ଯେ, ଇସ୍‌ଲାମ୍ ଧର୍ମକୁ ଯେପରି ଜଣେ ସାଧାରଣ ବିଦ୍ୱାନ୍ ମନେକରିଥାଏ, ସେ ମାନସିକ ଦାସତ୍ୱକୁ ସାର୍ବକାଳୀନ ରୂପରେଖ ଦେଇଥାଏ । କାରଣ ସେ ସତ୍ୟନିଷ୍ଠତାର ସହିତ ବିରୋଧ ପ୍ରଦର୍ଶନକାରୀଙ୍କୁ ସେ ପଛେ ଯେମିତିଆ ସତ୍ୟନିଷ୍ଠ ବ୍ୟକ୍ତି ହୁଅନ୍ତୁ ସେମାନଙ୍କୁ ସର୍ବଦା ନର୍କଗାମୀ ବୋଲି ବିବେଚିତ କରି ଦେଇଥାଏ ।

ଉତ୍ତର- ମୋ ମତରେ ଇସ୍‌ଲାମ୍ ଧର୍ମ ହିଁ ଏକମାତ୍ର ଧର୍ମ ଯିଏ ନର୍କକୁ ସାର୍ବକାଳୀନ ବୋଲି ମନେକରେ ନାହିଁ ।

ପ୍ରଶ୍ନ- କ'ଣ ଏହାର ଅର୍ଥ ଏହା ଯେ, ଅଲ୍ଲାଃତାଲାଙ୍କ କ୍ଷମା ସେହି ଲୋକମାନଙ୍କ ପର୍ଯ୍ୟନ୍ତ ପରିବ୍ୟାପ୍ତ ହେବ ଯେଉଁମାନେ ମୁସଲମାନ ନାହାନ୍ତି ?

ଉତ୍ତର- ନିଃସନ୍ଦେହ ରୂପେ ତହିଁରେ କୌଣସି ମତଦ୍ୱୈଧ ନାହିଁ ।

ପ୍ରଶ୍ନ- କ'ଣ ଜାତିର ସାଂପ୍ରତିକ ଦୃଷ୍ଟିକୋଣ ଏହା ରହିଛି ଯେ, ଏକ ରାଜ୍ୟରେ ବିଭିନ୍ନ ଧର୍ମାବଲମ୍ବୀୟ ନାଗରିକମାନଙ୍କୁ ସମାନ ରାଜନୈତିକ ଅଧିକାର ପ୍ରାପ୍ତ ହୋଇଥାଏ । ତାହା ଇସ୍‌ଲାମ୍ ଧର୍ମରେ ଦେଖିବାକୁ ମିଳିଥାଏ କି ?

ଉତ୍ତର- ନିଃସନ୍ଦେହ ରୂପେ ତହିଁରେ କୌଣସି ମତଦ୍ୱୈଧ ନାହିଁ ।

ପ୍ରଶ୍ନ- ଏକ ଅଣ ମୁସଲମାନ ରାଷ୍ଟ୍ରରେ ଜଣେ ମୁସଲମାନର ଏଭଳି ପରିସ୍ଥିତିରେ କ'ଣ କର୍ତ୍ତବ୍ୟ ହେବ ଯଦି ସେହି ସରକାର ଏପରି କୌଣସି ଆଇନ ପ୍ରସ୍ତୁତ କରନ୍ତି ଯାହାକି ପବିତ୍ର କୁରଆନ୍ ଏବଂ ସୁନ୍ନତ୍ ବିରୁଦ୍ଧୀୟ ହୋଇଥିବ ?

ଉତ୍ତର- ସରକାର ଯଦି ଆଇନ ପ୍ରସ୍ତୁତ କରିବା ସମୟରେ ସେହି ସବୁ ଅଧିକାର ପ୍ରୟୋଗ କରନ୍ତି ଯାହାକି କ୍ଷମତାସୀନ ହୋଇ ବ୍ୟବହାର କରିପାରନ୍ତି । ତେବେ ମୁସଲମାନମାନଙ୍କୁ ଉକ୍ତ ଆଇନ୍‌କୁ ସମ୍ମାନ ଜଣାଇବା ଉଚିତ୍ । କିନ୍ତୁ ଯଦି ସେହି ଆଇନ ବ୍ୟକ୍ତିଗତ ହୋଇଥାଏ ଉଦାହରଣ ସ୍ୱରୂପ ଏହି ଆଇନ ମୁସଲମାନଙ୍କୁ ନମାଜ ପାଠ କରିବାରୁ ଅଟକାଇବା ପାଇଁ ତିଆରି ହୋଇଥାଏ ତାହାହେଲେ ଏହି ପ୍ରସଙ୍ଗଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । ସେହି ଦୃଷ୍ଟିରୁ ମୁସଲମାନମାନଙ୍କୁ ସେହି ଦେଶ ଛାଡ଼ିଦେବା ଉଚିତ୍ । କିନ୍ତୁ ଯଦି ସେହି ପ୍ରଶ୍ନ ସାଧାରଣ ପ୍ରକାରର ହୋଇଥିବା ଉଦାହରଣ ସ୍ୱରୂପ ଉତ୍ତରାଧିକାରୀ, ବିବାହ ଇତ୍ୟାଦିର ପ୍ରସଙ୍ଗ ହୋଇଥାଏ ତାହାହେଲେ ମୁସଲମାନଙ୍କୁ ସେହି ଆଇନକୁ ସ୍ୱୀକାର କରିନେବା ଉଚିତ୍ ଏବଂ ଆଇନକୁ ସ୍ୱାଗତ ଜଣାଇବା ଉଚିତ୍ ।

ପ୍ରଶ୍ନ- କ'ଣ ଜଣେ ମୁସଲମାନ ବ୍ୟକ୍ତି ଅଣମୁସଲମାନ ରାଷ୍ଟ୍ରର ବିଶ୍ୱସ୍ତ ହୋଇପାରିବ କି ?

ଉତ୍ତର- ନିଃସନ୍ଦେହ ରୂପେ ଅବଶ୍ୟ ବିଶ୍ୱସ୍ତ ହୋଇପାରିବ ।

ପ୍ରଶ୍ନ- ଯଦି ମୁସଲମାନ ବ୍ୟକ୍ତି ଅଣଇସ୍‌ଲାମୀୟ ରାଷ୍ଟ୍ରର ସେନାରେ ଯୋଗ ଦେଇଥାଏ ବା ଚାକିରୀ କରିଥାଏ ଓ ତା'କୁ ଯଦି ମୁସଲମାନ ରାଷ୍ଟ୍ର ସହିତ ଯୁଦ୍ଧ କରିବା ନିମନ୍ତେ କୁହାଯାଏ ତେବେ ସେହି ସ୍ଥଳେ ତା'ର କ'ଣ କର୍ତ୍ତବ୍ୟ ହେବ ।

ପ୍ରଶ୍ନ- ଏହା ତା'ର କାର୍ଯ୍ୟ ଅଟେ । କାରଣ ସେ ଦେଖୁ ଯେ, କ'ଣ ଏହା ମୁସଲମାନ ରାଷ୍ଟ୍ର ସପକ୍ଷରେ ଅଟେ ଅବା ନୁହେଁ । ଯଦି ମୁସଲମାନ ଯବାନ ବା ସୈନିକ ଏହା ମନେକରେ ଯେ, ମୁସଲମାନ ରାଷ୍ଟ୍ର ସତ୍ୟ ଉପରେ ରହିଛି ତେବେ ସେ ପରିପ୍ରେକ୍ଷୀରେ ତା'ର ଏହି କର୍ତ୍ତବ୍ୟ ହେବ ଯେ, ସେ ଇସ୍ତଫା ଦେଇ ଦେଉ। ଯେପରିକି ଅନ୍ୟ ଦେଶରେ ପ୍ରଥା ରହିଛି । ସେ ଏହି ଘୋଷଣା କରିଦେଉ ଯେ, ଏହିପରି ଯୁଦ୍ଧରେ ସାମିଲ୍ ହେବା ମୋ ସ୍ୱାଭିମାନ ବିରୁଦ୍ଧୀୟ ଅଟେ ।

ପ୍ରଶ୍ନ- କ'ଣ ଆପଣଙ୍କର ଏହି ବିଶ୍ୱାସ ରହିଛି ଯେ, ମିର୍ଜା ଗୁଲାମ୍ ଅହେମଦ ସାହେବ ମଧ୍ୟ ସେହି ଅର୍ଥ ଦୃଷ୍ଟିରୁ ଶଫି (ସୁପାରିଶକାରୀ) ହେବେ ଯେପରି ଆଁହଜରତ ସ.ଅଙ୍କୁ ସୁପାରିଶକାରୀ ବୋଲି ମନେକରାଯାଏ ?

ଉତ୍ତର- ଆଜ୍ଞା ନୁହେଁ ।

ପ୍ରଶ୍ନ- ଆପଣଙ୍କ ଜମାଅତ୍‌ରେ ଅଲ୍‌ଫଜଲ୍‌ର କ'ଣ ସ୍ଥିତି ଓ ପ୍ରାସଙ୍ଗିକତା ରହିଛି?

ଉତ୍ତର- ଏକଥା ଠିକ୍ ଯେ, ଉକ୍ତ ଖବର କାଗଜକୁ ମୁଁ (ଖଲିଫା ସାନି ର.ଅ) ଜାରି କରିଥିଲି । କାରଣ ମୁଁ ଦୁଇ ତିନି ବର୍ଷ ପରେ ତହିଁରୁ ନିଜର ସଂପର୍କ ଛିନ୍ନ କରି ନେଇଥିଲି । ପ୍ରାୟ ଏପରି ମୁଁ 1915 କିମ୍ବା 1916 ମସିହାରେ କରିଥିଲେ । ଏହା ବର୍ତ୍ତମାନ ସଦର୍ ଅଞ୍ଜୁମନ ଅହେମଦିୟା ରବ୍‌ୱାର ସମ୍ପତ୍ତି ଅଟେ । **(ଅବଶିଷ୍ଟାଂଶ ପୃ-22ରେ ଦେଖନ୍ତୁ)**

## ବିଗତ ସଂଖ୍ୟା-5 ଏବଂ ପୃ ସଂଖ୍ୟା-10ରେ ବର୍ଣ୍ଣିତ ହୁଜୁର ଅନ୍‌ୱର୍ ଅ.ବଙ୍କ ଖୁତ୍‌ବା ଜୁମା 26 Mayର ଅବଶିଷ୍ଟାଂଶ......

ଉକ୍ତ କଥା ଶୁଣି ମାରିୟା ଆଏଶା ସାହେବା ଆହୁରି ବ୍ୟସ୍ତ ବିବ୍ରତ ହୋଇ ପଡ଼ିଲେ। କିଛି ବୁଝିପାରୁ ନଥିଲେ ଯେ, କ'ଣ କରିବେ ? ଦୁଇ ଦିନ ପରେ କୁହନ୍ତି, ମୁଁ ସ୍ୱପ୍ନରେ ଦେଖିଲି ଯେ, ସେ ବହୁତ୍ ଚିନ୍ତିତ ଅଟନ୍ତି ଏବଂ ଭୋ ଭୋ ହୋଇ କାନ୍ଦୁଛନ୍ତି। ଠିକ୍ ସେତିକିବେଳେ ଧଳା ବସ୍ତ୍ର ପରିହିତ ଥିବା ଏବଂ ଧବଳ ବର୍ଣ୍ଣର ଦାଢି ଥିଲା ଜଣେ ବ୍ୟକ୍ତି ତାଙ୍କୁ ଡ଼ାକିଲା ଓ କାନ୍ଦିବାର କାରଣ ପଚାରିଲା । ପ୍ରତ୍ୟୁତ୍ତରରେ ସେ ସମସ୍ତ ଘଟଣା ବୃତ୍ତାନ୍ତ ବର୍ଣ୍ଣନା କଲେ ଏବଂ ଆଶ୍ୱାସନା ଦେଇ କହିଲେ ଯେ, ଚିନ୍ତା କରନ୍ତୁ ନାହିଁ ଆପଣଙ୍କର ପୁତ୍ର ସେହି ସମସ୍ତ ସମସ୍ୟା ଉର୍ଦ୍ଧ୍ୱରେ ରହିବେ । ଏକଥା ଶୁଣି ତାଙ୍କର ଆଖି ଫିଟିଗଲା । ସ୍ୱପ୍ନ ଦେଖିଥିବା ହେତୁ ତାଙ୍କର ହୃଦୟ ନିଶ୍ଚିନ୍ତ ଥିଲା। ସକାଳେ ହେବା ମାତ୍ରେ ସେ ଆମର ମିଶ୍‌ନାରୀଙ୍କୁ ସ୍ୱପ୍ନ ବୃତ୍ତାନ୍ତ ବଖାଣିଲେ ଓ ମିଶ୍‌ନାରୀ ସାହେବ ତାଙ୍କୁ ଯେତେବେଳେ ମୋର (ଖଲିଫା ଖାମିସ୍ ଅ.ବଙ୍କ) ଛବି ଦେଖାଇଲେ ସେତେବେଳେ ସେ କହିଲେ, ଆରେ ଏ ତ' ସେହି ବ୍ୟକ୍ତି ଅଟନ୍ତି ଯାହାଙ୍କୁ ମୁଁ ସ୍ୱପ୍ନରେ ଦେଖିଥିଲି ସେ ମୋ ସ୍ୱପ୍ନରେ ଆସିଥିଲେ ଏବଂ ସେ ମୋତେ ଆଶ୍ୱାସନା ଦେଇଥିଲେ । ବର୍ତ୍ତମାନ ଅଲ୍ଲାଃତାଲାଙ୍କ କୃପାରୁ ସେ ଅତ୍ୟନ୍ତ ନୈଷ୍ଠିକା ଅହେମଦି ଅଟନ୍ତି ଏବଂ ଲଜ୍‌ନାର ପ୍ରତ୍ୟେକ କାର୍ଯ୍ୟରେ ସର୍ବାଗ୍ରେ ସାମିଲ୍ ହୁଅନ୍ତି ।

କେନିୟାର ମଧ୍ୟ ଏକ ଘଟଣା ରହିଛି । ନକୁରୁ (Nakuru) ଅଞ୍ଚଳର ଭାଟି (Bahati)ରେ ଆମର ଏକ ଜମାଅତ୍ ରହିଛି ଏବଂ ଉକ୍ତ ଅଞ୍ଚଳ ଖ୍ରୀଷ୍ଟି ବହୁଳ ଅଞ୍ଚଳ ଏବଂ ଖ୍ରୀଷ୍ଟ ଅଧ୍ୟୁଷିତ ଛୋଟିଆ ଜିଲ୍ଲା ଅଟେ । ଉକ୍ତ ଜିଲ୍ଲାରେ ମଧ୍ୟ ପ୍ରାୟ 550 ଚର୍ଚ୍ଚ (ଗୀର୍ଜା ଘର) ରହିଛି ଓ ଏକମାତ୍ର ଅହେମଦି ମୁସଲମାନଙ୍କର ସେଣ୍ଟର ରହିଛି । ଦିନେ ଜଣେ ବ୍ୟକ୍ତି ଯେକି ମୁସଲମାନ ଥିଲା ଆମ ସେଣ୍ଟରକୁ ଆସିଲା ଏବଂ ନମାଜରେ ସାମିଲ୍ ହେଲା । ସେ ଯେତେବେଳେ ନମାଜ୍ ପଢି ସାରିଲା ସେତେବେଳେ ସେ କହିଲା, ତା'ର ନାମ ମୁହମ୍ମଦ ଅବ୍‌ଦି ଅଟେ ଓ ସେ ଏଠିକାର ସ୍ଥାନୀୟ ବାସୀନ୍ଦା ଅଟେ । ସେ କହିବାକୁ ଲାଗିଲା ଯେ, କିଛି ଦିନ ପୂର୍ବେ ମୋତେ ଜ୍ଞାତ ହେଲା ଯେ, ଏଠାରେ ଏକ ନମାଜ ସେଣ୍ଟର ରହିଛି ତେଣୁ ମୁଁ ଏହା ଜାଣି ସେଠାକୁ ନମାଜ ପାଠ କରିବା ନିମନ୍ତେ ଚାଲି ଆସିଲି । ଅତଃ ତାଙ୍କୁ ଜମାଅତ୍‌ର ପରିଚୟ ପ୍ରଦାନ କରାଗଲା । ଏହା ଶୁଣି ସେ ଏମିତି କଥା କହିଲେ ଯେ, ତହିଁରୁ ଏହା ପ୍ରତିଭାତ ହେଲା ଯେ, ଉକ୍ତ ବ୍ୟକ୍ତି ଜଣକ ଜମାଅତ ବିରୁଦ୍ଧୀୟ ଚିନ୍ତାଧାରା ଏବଂ ଆଚରଣ ପ୍ରଦର୍ଶନକାରୀ ଅଟେ । ଦିନେ ବାଟରେ ପୁନଃ ଭେଟ ହେଲା ତେବେ ମୁଅଲ୍ଲିମ୍ ସାହେବ ତା'କୁ କହିଲେ, ମୁସଲମାନ ଭାଇ ଅଛ ବୋଲି ଠିକ୍ ଅଛି । ତୁମେ ମତପାର୍ଥକ୍ୟ ରଖୁଛ । କିନ୍ତୁ କିଛି କଥା ନାହିଁ ତୁମେ ନମାଜ ପାଠ କରିବା ନିମନ୍ତେ ଆମ ସେଣ୍ଟରକୁ ଚାଲି ଆସିବ । ଯଦି ସୁରକ୍ଷା ଜନିତ କୌଣସି ପ୍ରସଙ୍ଗ ରହିଛି ଅବା ତୁମର କୌଣସି ପ୍ରଶ୍ନ ରହିଛି ତେବେ ନିଃଶଙ୍କୋଚ ତୁମେ ପଚାରି ପାର । ଆମେମାନେ ଉତ୍ତର ଦେବୁ । ସେ କୁହନ୍ତି ମୁଁ ମଧ୍ୟ ଦୁଆ କରୁଥିଲି ଯେ, ଅଲ୍ଲାଃତାଲା ଉକ୍ତ ବ୍ୟକ୍ତିର ହୃଦୟକୁ ଉନ୍ମୁକ୍ତ କରି ଦିଅନ୍ତୁ । ସେ କୁହନ୍ତି, କିଛି ଦିନ ପରେ ସେହି ମୁହମ୍ମଦ ନାମି ବ୍ୟକ୍ତି ମୋ ଘର ଠିକଣାକୁ ଆସିଲା । ସେ ଯେତେବେଳେ ଘରକୁ ଆସିଲା ସେତେବେଳେ ଘରେ ଏମ୍.ଟି.ଏ ଚାଲିଥିଲା ଏବଂ ସେଠାରେ ଏମ୍.ଟି.ଏରେ ମୋର ଖୁତ୍‌ବା ଚାଲିଥିଲା । ସେ ବହୁ ସମୟ ଧରି ଖୁତ୍‌ବା ଶୁଣୁଥିଲା । ଯେତେବେଳେ ଖୁତ୍‌ବା ଶେଷ ହେଲା ସେତେବେଳେ କହିବାକୁ ଲାଗିଲା ଯେ, ମୁଁ ବୈଅତ୍ କରିବାକୁ ଚାହୁଁଛି । ଏକଥା ଶୁଣି ମୁଅଲ୍ଲିମ୍ ସାହେବ ଆଶ୍ଚର୍ଯ୍ୟ ଭାବ ପ୍ରକାଶ କଲେ । କାରଣ ପ୍ରକାଶ୍ୟ ରୂପେ ଦେଖିବାକୁ ଗଲେ ଉକ୍ତ ବ୍ୟକ୍ତି ଜଣକ ବିରୋଧୀ ଥିଲା । ହଠାତ୍ ଏହି ବ୍ୟକ୍ତି ମଧରେ ପରିବର୍ତ୍ତନ କିପରି ସୃଷ୍ଟି ହୋଇଗଲା ? ଯେତେବେଳେ ସେ ବୈଅତ୍ କଲେ ସେତେବେଳେ ତାଙ୍କୁ କାରଣ ପଚରାଗଲା । ସେ କହିଲା, ଗତ କାଲି ରାତ୍ରର ଶେଷ ପ୍ରହରରେ ମୋର ଆଖି ଯେତେବେଳେ ଫିଟିଲା ସେତେବେଳେ ମୁଁ ବାହର ପ୍ରାଙ୍ଗଣରେ ବାହାରିଲି ତେବେ ସହସା ମୋର ଆଖି ଆକାଶ ଆଡ଼କୁ ପଡ଼ିଲା । ମୋତେ କୌଣସି ଉଜ୍ଜ୍ୱଳ ବସ୍ତୁ ଦୃଶ୍ୟମାନ ହେଲା ଏହା ମୋର ହୃଦୟରେ ବହୁତ ଗଭୀର ଆତଙ୍କ ଓ ପ୍ରଭାବ ସୃଷ୍ଟି ହୋଇଥିଲା । ବର୍ତ୍ତମାନ ମୁଁ ଯେତେବେଳେ ଆପଣଙ୍କ ନିକଟକୁ ଆସିଛି ଓ ଏଠାରେ ଯେତେବେଳେ ମୁଁ ଖଲିଫାଙ୍କ ଖୁତ୍‌ବା ଦେଖିଲି ରାତ୍ରର ଛବି ମୋ ମସ୍ତିଷ୍କରେ ସତେଜ ହୋଇଗଲା ଏବଂ ଛବି ସଂପୂର୍ଣ୍ଣ ହୋଇଗଲା । ବର୍ତ୍ତମାନ ମୁଁ ଏହି ମୁହୂର୍ତ୍ତରେ ସପରିବାରେ ବୈଅତ୍ କରୁଛି ଓ ଜମାଅତ୍‌ରେ ପ୍ରବିଷ୍ଟ ହେଉଛି ।

ହୁଜୁର ଅନ୍‌ୱର୍ ଅ.ବ କୁହନ୍ତି: ବର୍ତ୍ତମାନ ଅଲ୍ଲାଃତାଲା କିପରି ବିରୋଧୀମାନଙ୍କ ଉପରେ କେବଳ ଅହେମଦିୟତ୍‌ର ସତ୍ୟତା ପ୍ରକାଶିତ କରୁଛନ୍ତି ତାହା ନୁହେଁ ବରଂ ଖିଲାଫତ୍ ସହିତ ସଂପର୍କ ମଧ୍ୟ ସେହି ବିରୋଧୀ ମନରେ ଜାତ କରୁଛନ୍ତି । ଏହା

କୌଣସି ମନଷ୍ୟକୃତ ପ୍ରୟାସ ଦ୍ୱାରା ସମ୍ଭବପର ହୋଇପାରିବ ନାହିଁ ।

କ୍ୟାମରୁନ୍ ବୋଲି ଏକ ଦେଶ ରହିଛି ସେଠାରେ ମରୱା ନାମକ ଏକ ସହର ରହିଛି । ସେହି ସହରରେ ସୁଲେମାନ ସାହେବ ନାମକ ଜଣେ ବିଦ୍ୟାଳୟ ଶିକ୍ଷକ ଅଟନ୍ତି । ସେ କୁହନ୍ତି, ମୁଁ କେବୁଲ୍ ମାଧ୍ୟମରେ ଏମ୍.ଟି.ଏର ଏକ କାର୍ଯ୍ୟକ୍ରମ ଦେଖିଲି । ଯହିଁରେ ଜମାଅତ୍ ଅହେମଦିୟର ଖଲିଫା ପିଲାମନାଙ୍କୁ ପ୍ରଶ୍ନର ଉତ୍ତର ଦେଉଥିଲେ। ଜଣେ ପିଲା ୟୁକ୍ରେନ ଓ ରଷ୍ ଯୁଦ୍ଧ ସଂପର୍କରେ ପ୍ରଶ୍ନ ପଚାରିଲା। ତେବେ ଇମାମ୍ ଜମାଅତ୍ ଅହେମଦିୟା ଅତ୍ୟନ୍ତ ଉତ୍ତମ ଢଙ୍ଗରେ ସରଳ ଉପାୟରେ ଉକ୍ତ ପିଲାକୁ ଉତ୍ତର ପ୍ରଦାନ କଲେ ଏବଂ ଏହା ମଧ୍ୟ କହିଲେ ଯେ, ମୁଁ ସାଂସାରିକ ଶକ୍ତିର ଅନେକ ଶକ୍ତିଶାଳୀ ରାଷ୍ଟ୍ରମାନଙ୍କର ରାଷ୍ଟ୍ରପତିଙ୍କୁ ପତ୍ର ଲେଖିଛି । ସେମାନଙ୍କୁ ସତର୍କ ମଧ୍ୟ କରିଛି ଯେ, ବର୍ତ୍ତମାନ ଯଦି ପୃଥିବୀରେ ଶାନ୍ତି ସ୍ଥାପନ କରା ନଗଲା ଓ ସଂସାରରେ ନ୍ୟାୟ ସ୍ଥାପନ ନହେଲା ତାହାହେଲେ ପରିସ୍ଥିତି ଅତ୍ୟନ୍ତ ଭୟଙ୍କର ଓ ଜଟିଳ ହୋଇ ପଡ଼ିବ । ଶିକ୍ଷକ କୁହନ୍ତି ଯେ, ମୁଁ ଏହି କଥାକୁ ଶୁଣୁଥିଲି କି ମୋ ମନରେ ଏହି ଭାବନା ଜାତ ହେଲା ଯେ, ମୁଁ ଜମାଅତ୍‌ର କୌଣସି ବ୍ୟକ୍ତି ସହିତ ଯୋଗଯୋଗ କରିବି । ତେଣୁ ଦିନେ ମରୱା ସହରର ଆଞ୍ଚଳିକ ଟି.ଭି ଚ୍ୟାନେଲରେ ଆଞ୍ଚଳିକ ଭାଷାରେ ଇମାମ୍ ଜମାଅତ୍ ଅହେମଦିୟାଙ୍କ ଖୁତ୍‌ବାର ଅନୁବାଦ ଆସୁଥିଲା । ଟି.ଭି ସ୍କ୍ରିନରେ ସଦର୍ ଜମାଅତ୍‌ଙ୍କର ଫୋନ ନମ୍ବର ଆସିଲା ତେଣୁ ମୁଁ ଜମାଅତ୍ ସହିତ ଯୋଗଯୋଗ କଲି । ଏହାପରେ ଜମାଅତର ଲିଟ୍ରେଚର ପଢିବା, ଖଲିଫତୁଲ୍ ମସିହଙ୍କ ୱାର୍ଲଡ୍ କ୍ରାଇସେସ୍ ପୁସ୍ତକ ପାଠ କଲି । ଏତଦ୍‌ପରେ ମୋର ହୃଦୟ ପ୍ରଶାନ୍ତ ହୋଇଗଲା ଏବଂ ମୁଁ ବୈଅତ୍ କରି ଜମାଅତ୍‌ରେ ସାମିଲ୍ ହୋଇଗଲି ।

ସେରାଲିଓନରୁ ମୁଅଲିମ୍ ସାହେବ ଉଲ୍ଲେଖ କରନ୍ତି । ଇବ୍ରାହିମ୍ ସାହେବ ନାମକ ଜଣେ ବ୍ୟକ୍ତି ଅଟନ୍ତି । ସେ ଯଦିଓ ଜମାଅତ୍‌ର ବିରୋଧୀ ତ' ନଥିଲେ କିନ୍ତୁ ସେ ଅହେମଦି ମଧ୍ୟ ନଥିଲେ । ସେ ଏମ.ଟି.ଏରେ ମୋର ଖୁତ୍‌ବାତ୍ ଶୁଣିଲେ ଏବଂ ସର୍ବସମ୍ମୁଖରେ ଏହା କହିବା ଆରମ୍ଭ କରିଦେଲେ ଯେ, ମୌଲବୀ ମାନେ ଜମାଅତ୍ ବିରୁଦ୍ଧରେ ଯେଉଁ କୁଶିକ୍ଷା ଦେଉଛନ୍ତି ତାହା ମିଥ୍ୟାଧାରିତ ଅଟେ । ମୁଁ ସ୍ୱୟଂ ଇମାମ୍ ଜମାଅତକୁ ଶୁଣିଛି । ସେ ପବିତ୍ର କୁରଆନ୍ କରୀମରୁ ପ୍ରାମାଣ୍ୟମାନ ଉପସ୍ଥାପିତ କରିଛନ୍ତି । ଖଲିଫା ନବୀ କରୀମ୍ ସ.ଅଙ୍କ ନାମ ନିଅନ୍ତି ଏବଂ ଆହାଦିସ୍ ବର୍ଣ୍ଣନା କରନ୍ତି । ଅହେମଦିମାନଙ୍କର କଲମା ମଧ୍ୟ ତାହା ହିଁ ଯାହା ଅନ୍ୟ ମୁସଲମାନମାନଙ୍କର ରହିଛି । ସମସ୍ତ କଥା ଇସଲାମୀୟ ଅନୁଯାୟୀ କୁହନ୍ତି। ଅତଃ ଅହେମଦିୟା ମୁସଲିମ୍ ଜମାଅତ୍ କିପରି ମିଥ୍ୟାବାଦୀ ହୋଇପାରିବ ? ଏହାପରେ ସେ ଅହେମଦିୟତ୍ ସ୍ୱୀକାର କରିନେଲେ ଏବଂ କିଛି ଦିନ ମଧ୍ୟରେ ସାମିଲ ହୋଇଛନ୍ତି ଏବଂ ଅତ୍ୟନ୍ତ ନିଷ୍ଠାବାନ ବ୍ୟକ୍ତି ଅଟନ୍ତି ।

ତ୍ରିନିଡ଼ାଡ଼ର ଅମୀର୍ ସାହେବ ଉଲ୍ଲେଖ କରନ୍ତି, ଶରିଦାହ୍ (Sherida) ସାହେବା ଜଣେ ନବଦୀକ୍ଷିତା ବିଗତ ବର୍ଷ ସ୍ୱାମୀଙ୍କ ସହିତ ବୈଅତ୍ କରିଥିଲେ । ସେ ନିଜର ଦୁଇ ଅଣମୁସଲିମ୍ ଭଉଣୀ ଏବଂ ପଡ଼ୋଶୀଙ୍କୁ ଘରେ ଟି.ଭିରେ ୟୁ.କେର ଜଲସା ସାଲାନା ଦେଖିବା ନିମନ୍ତେ ଆମନ୍ତ୍ରିତ କଲେ । ଏହି ଲୋକମାନେ ଜଲସାର ସମସ୍ତ ବ୍ୟବସ୍ଥା ଦ୍ୱାରା ବହୁତ ପ୍ରଭାବିତ ହେଲେ ଏବଂ ବିଶେଷ ରୂପେ ମୋର ଯେଉଁ ଉଦ୍‌ବୋଧନ ରହିଥିଲା ତାହା ଆମକୁ ବହୁତ ଭଲ ଲାଗିଲା । ସେ କହିବାକୁ ଲାଗେଲ ଯେ, ଜମାଅତ୍ ଅହେମଦିୟା ହିଁ ପ୍ରକୃତ ଇସଲାମ୍ ଧର୍ମ ଅଟେ ଏବଂ ଯଦି ସମସ୍ତ ଇସ୍‌ଲାମୀୟ ଫିର୍କା (ଗୋଷ୍ଠୀ) ଏହିପରି ହୋଇଯାଆନ୍ତି ତାହାହେଲେ ଇସ୍‌ଲାମ୍ ଧର୍ମ ସଂସାର ଉପରେ ପ୍ରଭାବ ବିସ୍ତାର କରିନେବ । ମହୋଦୟା କୁହନ୍ତି ଯେ, ମୁଁ ଖଲିଫତୁଲ୍ ମସିହଙ୍କୁ ଦେଖି କାନ୍ଦିବା ଆରମ୍ଭ କରିଦେଲି ଓ ଏହା ଅନୁଭବ କରୁଥିଲି ଯେ, ମୁଁ ତାଙ୍କ ପାଦ ତଳେ ବସିଅଛି ଏବଂ କିଛି କାଳ ପରେ ତାଙ୍କର ସ୍ୱାମୀ ମୃତ୍ୟୁ ବରଣ କଲେ । କିନ୍ତୁ ମହୋଦୟା ନିଜର ଘରକୁ ଜମାଅତ୍‌କୁ ଦେବା ନିମନ୍ତେ ଓସିୟତ୍ କରିଦେଲେ ଏବଂ ଜମାଅତ୍ ନାଁରେ ଘରକୁ ରେଜିଷ୍ଟ୍ରି କରିଦେଲେ। ସେହି ଓସିୟତ୍ ଉପରେ ବର୍ତ୍ତମାନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ।

କିର୍ଗିସ୍ତାନର ସୁଲତାନ୍ ଅତା ଖାନୋ ନାମକ ଜଣେ ସ୍ଥାନୀୟ ବ୍ୟକ୍ତି ଅହେମଦି ହେଲେ । ସେ କୁହନ୍ତି ଯେ, ମୋର ସୁପୁତ୍ର ଓ ପତ୍ନିଙ୍କୁ ବୈଅତ୍ କରିବା ନିମନ୍ତେ ସାମର୍ଥ୍ୟ ପ୍ରାପ୍ତ ହୋଇ ସାରିଥିଲା । ମୁଁ 2017 ମସିହାରେ ପ୍ରତ୍ୟେକ ଶୁକ୍ରବାର ଦିନ ଜମାଅତୀୟ ମିଶନ ହାଉସ୍ ଯାଉଥିଲି । ପ୍ରାୟ 12 କି.ମିର ଯାତ୍ରାରେ ଆମେମାନେ ସର୍ବଦା ଖଲିଫତୁଲ୍ ମସିହଙ୍କ ଖୁତ୍‌ବାର ରେକର୍ଡ଼ିଂ ଶୁଣୁଥିଲୁ । ମୁଁ ଯେତେବେଳେ ବି ସେହି ଖୁତ୍‌ବାଗୁଡ଼ିକୁ ଶୁଣିଲି ଏହାପରେ ମୋର ଆବେଗ ଅତ୍ୟନ୍ତ ସୁଦୃଢ ହୋଇଯାଉଥିଲା । ସୁତରାଂ ସେହି ବର୍ଷ 2 ମେ ରମ୍‌ଜାନୁଲ୍ ମୁବାରକ୍‌ର ପିବିତ୍ର ମାସର ପରିସମାପ୍ତି ଅବସରରେ ଇଦ୍ ଦିନ ମୁଁ ବୈଅତ୍ କଲି । ଏହା ଗତ ବର୍ଷର କଥା ଅଟେ । କିନ୍ତୁ ମୋ ଆତ୍ମାରେ ଯାହାକିଛି ଏବଂ ଯେଉଁ ଅବସ୍ଥା ହେଉଛି ତାହାକୁ ଶବ୍ଦ ମଧ୍ୟରେ ବର୍ଣ୍ଣନା କରାଯଇପାରିବ ନାହିଁ । ମୁଁ ପ୍ରତ୍ୟେକ ନମାଜରେ ଅଲ୍ଲାତାଲାଙ୍କ ନିକଟରେ ଇସଲାମ୍ ଧର୍ମ ସଂପର୍କରେ ଜ୍ଞାନରେ ଅଭିବୃଦ୍ଧିର ଦୁଆ କରୁଛି ଏବଂ ପ୍ରତ୍ୟେକ ଶୁକ୍ରବାର ଦିନର ପ୍ରତ୍ୟେକ ନମାଜରେ ମୋ ପାଇଁ ଅହରହ କିଛି ନା କିଛି ସତ୍ୟ ଉଦ୍‌ଘାଟିତ କରୁଅଛି ।

ପାରାଗୁଏର ଲିଜା (Liza) ନାମକ ଜନୈକା ମହିଳା ଅଟନ୍ତି । ସେ କୁହନ୍ତି ଯେ, ଅଲ୍ଲାଃତାଲା ପ୍ରତ୍ୟେକ ବ୍ୟକ୍ତିଙ୍କୁ ସତ୍‌ମାର୍ଗ ପ୍ରଦାନ କରିବାର ବିଭିନ୍ନ ମାର୍ଗ ତିଆରି କରିଛନ୍ତି । ମୋର ଇସ୍‌ଲାମ୍ ଅହେମଦିୟତ୍ ଅଡ଼ାକୁ ଯାତ୍ରା କରୋନା ମହାମାରୀ ସମୟରେ ଆରମ୍ଭ ହେଲା । ମୁଁ ଭାବିଲି ଯେ, ଅବସର ସମୟରେ କୌଣସି ଭାଷା ଶିଖିବା ଉଚିତ୍ । ସୁତରାଂ ମୁଁ ଅନଲାଇନ୍ ଆରବୀ ଭାଷା ଶିଖିବା ଆରମ୍ଭ କରିଦେଲି। ଆରବୀ ଭାଷା ମାଧ୍ୟମରେ ହିଁ ମୋତେ ଇସ୍‌ଲାମ୍ ଧର୍ମ ସଂକ୍ରାନ୍ତରେ ଅନେକ କଥା ଜ୍ଞାତ ହେଲା ଓ ମୁଁ ଅଧ୍ୟୟନ କରିବା ଆରମ୍ଭ କରିଦେଲି। ଦିନେ ଫେସ୍‌ବୁକ୍‌ରେ ଏକ ଆକାଉଣ୍ଟ ଖୋଲିଲି । ତେବେ ଆକାଉଣ୍ଟରେ "କଫି, କେକ୍ ଆଣ୍ଡ ଇସ୍‌ଲାମ୍" ବିଷୟବସ୍ତୁକୁ କେନ୍ଦ୍ର କରି ମସ୍‌ଜିଦ୍‌ରେ ଏକ କାର୍ଯ୍ୟକ୍ରମରେ ସାମିଲ ହେବା ନିମନ୍ତେ ନିମନ୍ତ୍ରଣ ଆସିଥିଲା । ମୁଁ ସ୍ୱୟଂ ପଞ୍ଜିକରଣ କରିନେଲି ଓ ଯଥା ସମୟରେ ଉପସ୍ଥିତ ହୋଇଗଲି ଯେଉଁଠି ମୋର ଭେଟ ମୁବଲ୍ଲିଗ୍ ସାହେବଙ୍କ ପତ୍ନିଙ୍କ ସହିତ ହେଲା। ପ୍ରଥମେ ତ' ମୋର ମସ୍ତିଷ୍କରେ ସନ୍ଦେହ ଓ ଆଶଙ୍କା ରହିଥିଲା ଯେ, ମସ୍‌ଜିଦ୍ ମଧ୍ୟରେ କେବଳ ଆରବ ଲୋକ ହିଁ ପ୍ରବେଶ କରିପାରିବେ। କିନ୍ତୁ ସେଠାକୁ ଯାଇ ଇସ୍‌ଲାମ୍ ଧର୍ମ ସଂପର୍କରେ ଯେଉଁ କଥା ଜଣା ପଡ଼ିଲା ତାହା ମୋ ପାଇଁ ସଂପୂର୍ଣ୍ଣ ରୂପେ ନିଆରା ଥିଲା । ମୁଁ ଜାଣିବାକୁ ପାଇଲି ଯେ, ଇସ୍‌ଲାମ୍ ଧର୍ମରେ ଧର୍ମ ପ୍ରସଙ୍ଗରେ କୌଣସି ବାଧ୍ୟ ବାଧକତା ନାହିଁ ଓ ଇସ୍‌ଲାମ୍ ଧର୍ମ କେବଳ ଶାନ୍ତି ଏବଂ ସୌହାର୍ଦ୍ଦ୍ୟମୂଳକ ଧର୍ମ ଅଟେ । ସେହି ରାତିରେ ମୁଁ ଯେତେବେଳେ ମସ୍‌ଜିଦରୁ ବାହାରକୁ ଆସିଲି ସେତେବେଳେ ମୋ ହସ୍ତରେ ପବିତ୍ର କୁରଆନ୍ କରୀମ୍ ଥିଲା । ଏହାପରେ ମୋର ମୁବଲ୍ଲିଗ୍ ସାହେବଙ୍କ ପତ୍ନୀଙ୍କ ସହିତ ଅହରହ ଯୋଗାଯୋଗ ରହିଲା । ମୁଁ ତାଙ୍କୁ ଅନେକ ପ୍ରଶ୍ନ କଲି । ମୁଁ ତାଙ୍କର ସାପ୍ତାହିକ କ୍ଲାସ୍‌ରେ ଯୋଗ ଦେବା ଆରମ୍ଭ କରିଦେଲି । ନିଜ ନିମନ୍ତେ ଏକ ଲକ୍ଷ୍ୟ ରଖିଲି ଯେ, ମୁଁ ସଂପୂର୍ଣ୍ଣ ନମାଜ ପାଠ କରିବି ଓ ଶିଖିବି । ଏହିପରି ଭାବରେ ଦୁଇ ମାସ ବିତିଗଲା । ମୁଁ ପ୍ରତ୍ୟେକ ଦିନ ଉଠିବା ଏବଂ ବସିବା ସମୟରେ ଇସ୍‌ଲାମ୍ ଧର୍ମ ସଂପର୍କରେ ଚିନ୍ତା କରୁଥିଲି । ଦିନେ ମୋର ସ୍ୱାମୀ ମୋତେ ମସ୍‌ଜିଦ୍‌ରୁ ନେବାକୁ ଆସିଲେ ଓ ଫେରିବା ସମୟରେ ମୁଁ ତାଙ୍କୁ କହୁଥିଲି ଯେ, ଆଜି ମୁଁ ଏହି ଜିନିଷ ଶିଖିଲି। ପ୍ରତିକ୍ରିୟା ସ୍ୱରୂପ ସ୍ୱାମୀ ମୋତେ କହିବାକୁ ଲାଗିଲେ ଯେ, ତୁମେ ମୁସଲମାନ ଧର୍ମରେ ଦୀକ୍ଷିତ ହୋଇଯାଉ ନ କାହିଁକି ? ଏହା ଶୁଣି ମୁଁ ସଂପୂର୍ଣ୍ଣ ରୂପେ ନୀରବ ହୋଇଗଲି ଓ ମୋ ଆଖିରେ ଲୁହ ଆସିଗଲା । କାରଣ ସେତେବେଳେ ମୁଁ ନିଜ ଜୀବନରେ କେବଳ ଏତିକି ଚାହୁଁଥିଲି ଯେ, ମୁଁ ମୁସଲମାନ ହୋଇଯିବି । କିନ୍ତୁ ମୋ ପାଇଁ ଏହା ସବୁଠୁ ବଡ଼ ନିଷ୍ପତ୍ତି ଥିଲା । ସେ ଯାହା ହେଉ ଏହାପରେ ମୁଁ ଅହେମଦି ମୁସଲମାନ ହେବାର ନିଷ୍ପତ୍ତି ନେଲି । ମୁଁ ଜମାଅତ୍ ସଂପର୍କରେ ଅଧିକ ତଥ୍ୟ ସଂଗ୍ରହ କଲି, ଅନୁସନ୍ଧାନ କଲି, ପ୍ରଶ୍ନ ପଚାରିଲି । ନିୟମିତ ଭାବରେ ଉପସ୍ଥିତ ଖଲିଫାଙ୍କ ଖୁତବା ଶୁଣିଲି ଓ ପୁନଶ୍ଚ ମୋତେ ଏହି ବିଶ୍ୱାସ ହୋଇଗଲା ଯେ, ମୁଁ ସତ୍‌ମାର୍ଗରେ ଅଛି । ଆମ ପାଖରେ ସତ୍‌ମାର୍ଗ ରହିଛି । ଆମ ନିକଟରେ ଇମାମ୍ ଅଛନ୍ତି ଯିଏ ଆମର ଯତ୍ନ ନିଅନ୍ତି, ଆମର ମାର୍ଗଦର୍ଶନ କରିଥାଆନ୍ତି, ଆମ ପାଇଁ ଦୁଆ କରନ୍ତି । କିନ୍ତୁ ମୋତେ ଏବେବି ଅନେକ କିଛି କଥା ଶିଖିବାର ରହିଛି । କିନ୍ତୁ ଜମାଅତ୍ ସଂକ୍ରାନ୍ତରେ ମୋର ହୃଦୟ ନିଶ୍ଚିନ୍ତ ହୋଇସାରିଥିଲା । ମହୋଦୟାଙ୍କ ବୈଅତ୍‌ର କିଛି ମାସ ପରେ ତାଙ୍କର ସ୍ୱାମୀ ମଧ୍ୟ ବୈଅତ୍ କରିନେଲେ ଓ ବର୍ତ୍ତମାନ ଏମାନେ ପାରାଗୁଏ ଜମାଅତ୍‌ରେ ଅତ୍ୟନ୍ତ ନୈଷ୍ଠିକ ଓ ସକ୍ରିୟ ସଦସ୍ୟ ଅଟନ୍ତେ ।

ପୁନଶ୍ଚ କଙ୍ଗୋ କିନ୍‌ଶାଶାର ଏକ ସ୍ଥାନ ରହିଛି ଯାହାର ନାମ ହେଲା ବୁକାଭୁ (Bukavu) ସରହ ନିକଟବର୍ତ୍ତୀ ଏକ ଛୋଟିଆ ଗ୍ରାମ ରହିଛି । ସେଠାରେ ଅହେମଦ ବଟାଟୋ ସାହେବ ନାମକ ଜଣେ ବ୍ୟକ୍ତି ଅଟନ୍ତି । ନିଜ ପରିବାରର ଆଠ ଜଣ ସଦସ୍ୟଙ୍କ ସମେତ କେବଳ ବୈଅତ୍ କରିଲେ ତାହା ନୁହେଁ । ବରଂ ଏହାପରେ ସେ ତବ୍‌ଲିଗ୍ କରିବା ମଧ୍ୟ ଆରମ୍ଭ କରିଦେଲେ । ତାଙ୍କ ତବ୍‌ଲିଗର ପରିଶ୍ରମ ଫଳ ସ୍ୱରୂପ 62 ଜଣ ସଦସ୍ୟବୃନ୍ଦ ଜମାଅତ୍‌ରେ ସାମିଲ୍ ହେଲେ । ସେହି ମିତ୍ରଙ୍କ କହିବା ଅନୁଯାୟୀ ଯେ, ଜମାଅତ୍ ଅହେମଦିୟାରେ ମୋର ସାମିଲ୍ ହେବାର ସବୁଠୁ ବଡ଼ କାରଣ ହେଲା ନିଜାମେ ଖିଲାଫତ୍ (ଖିଲାଫତ୍ ବ୍ୟବସ୍ଥା) । ଅମୀର୍ ସାହେବ ଉଲ୍ଲେଖ କରନ୍ତି ଯେ, ମୁଁ ସେମାନଙ୍କୁ ଅନ୍ ଲାଇନ୍ କୁରଆନ୍ ଶିକ୍ଷା ଦେଉଛି । ମହୋଦୟ କୁହନ୍ତି ଯେ, ସେ ଜମାଅତ୍ ଅହେମଦିୟାରେ ସାମିଲ ହେବା ପୂର୍ବରୁ ସୁନ୍ନୀ ମୁସଲିମ୍ ଥିଲେ । କିନ୍ତୁ ସେହି ସୁନ୍ନୀ ଥିବା ବର୍ଷ ତଥା ଅବସ୍ଥାରେ ସେ ନିଜକୁ ନିଜେ ପ୍ରଶ୍ନ ପଚାରୁଥିଲେ ଯେ, ସୁନ୍ନୀ ମୁସଲମାନମାନେ କାହିଁକି ଘୃଣା ପ୍ରସାରିତ କରୁଛନ୍ତି ? ଦ୍ୱିତୀୟତଃ ଏହା ଯେ, ସେମାନଙ୍କ ମଧ୍ୟରେ ଏତେ ମତାନ୍ତର କାହିଁକି ରହିଛି ? ଏମାନେ ଯଦି ସତ୍ୟ ଉପରେ ଅଛନ୍ତି ତାହାହେଲେ ଏମାନଙ୍କର କାହିଁକି ଜଣେ ଇମାମ୍ ନାହାନ୍ତି ଏବଂ ସେହି ଇମାମ୍‌ର ଏମାନେ ଅନୁସରଣ କରନ୍ତେ ? ଏହି ସମସ୍ତ ସଂଶୟ ମଧ୍ୟରେ ଏମ୍.ଟି.ଏରେ ଖଲିଫତୁଲ୍ ମସିହଙ୍କ ଖୁତ୍‌ବାତ୍ ସହିତ ମୋର ସଂପର୍କ ଜୋଡ଼ି ହୋଇଗଲା । ମୋ ଅନ୍ତର୍ ଆତ୍ମାର ସ୍ୱର କହିଲା, ହ. ମିର୍ଜା ଗୁଲାମ୍ ଅହେମଦ ସତ୍ୟବାଦୀ ଅଟନ୍ତି । କିନ୍ତୁ ଅନ୍ୟ ସ୍ୱର କହୁଥିଲା ଯେ,ସମସ୍ତ ମୁସଲମାନମାନେ ଅହେମଦିମାନଙ୍କୁ ଅବିଶ୍ୱାସକାରୀ ବୋଲି କାହିଁକି କୁହନ୍ତି ? ପରିଶେଷରେ ମୁଁ ତାନ୍‌ଜାନିୟାର ଜଣେ ବନ୍ଧୁଙ୍କ ସହିତ ହେଲା

ଓ ପୁନଶ୍ଚ ଫ୍ରାନ୍ସ୍ର ଜଣେ ବନ୍ଧୁଙ୍କ ସହିତ ଯୋଗାଯୋଗ ହେଲା । ପରିଶେଷରେ ଉକ୍ତ ଅଞ୍ଚଳରେ ମୁବଲ୍ଲିଗ୍ ମୁଜମ୍ମିଲ୍ ସାହେବଙ୍କ ସହିତ ସଂସ୍ପର୍ଶରେ ଆସିଲି । ସେହି ସମସ୍ତ ବନ୍ଧୁମାନେ ମୋତେ ଜମାଅତୀୟ ପୁସ୍ତକ ପଢିବା ପାଇଁ ଦେଲେ । ସେହି ପୁସ୍ତକଗୁଡ଼ିକୁ ପାଠ କରିବା ପରେ ଓ ଅନୁସନ୍ଧାନ କରିବା ପରେ ମୁଁ ବୈଅତ୍ କରିନେଲି । ଏହାପରେ ସେ ନିଜ ଅଞ୍ଚଳରେ ମଧ୍ୟ ତବ୍ଲିଗ୍ କଲେ ଏବଂ ସେଠାରେ ମଧ୍ୟ ତାଙ୍କ ତବ୍ଲିଗ୍ ଯୋଗୁଁ ଜମାଅତ୍ ବୃଦ୍ଧି ପାଇଲା ।

କଙ୍ଗୋ କିନ୍ଶାଶାର ଅମୀର ସାହେବ କୁହନ୍ତି ଯେ, ସେଠାରେ ମାଦାମୱାନୀ ତିବୁ (Mwani Teebo) ନାମକ ଜନୈକା ମହିଳା ଅଟନ୍ତି । ତାଙ୍କର ସଂପର୍କ ଜମାଅତ୍ ଉବିରା (Uvira) ସହିତ ଥିଲା । 82 ବର୍ଷ ତାଙ୍କର ବୟସ ଅଟେ । ସେ କୁହନ୍ତି ମୁଁ ମୁସଲମାନ ଥିଲି କିନ୍ତୁ 42 ବର୍ଷ ବୟସରେ ଖ୍ରୀଷ୍ଟ ଧର୍ମରେ ଦୀକ୍ଷିତ ହୋଇଗଲି । କାରଣ ମୋର ପୁତ୍ର ଗୀର୍ଜାରେ ଜଣେ ପାଦରୀ ଥିଲା । ଦିନେ ରେଡ଼ିଓରେ ଖଲିଫତୁଲ୍ ମସିହ୍ଙ୍କ ଏକ ଖୁତ୍ବାର ଫ୍ରେଞ୍ଚ୍ ଅନୁବାଦ ଶୁଣିଲି । ଶୁଣିବା ମାତ୍ରେ ସେ ମିଶନ ହାଉସ୍ ଫୋନ କଲେ । ଅର୍ଥାତ୍ ମୁଁ ଯୁଗାବତାରଙ୍କ ବୈଅତ୍ କରିବାକୁ ଚାହୁଁଛି ଓ ନିଜର ପୁତ୍ରକୁ କହିଲେ, ମୋର ଯେତେବେଳେ ବିୟୋଗ ହେବ ସେତେବେଳେ ମୋର ଯନାଜାଃ ଜମାଅତ୍ ଅହେମଦିୟା ପାଠ କରୁ ।

କ୍ୟାମରୁନ୍ର ଜଣେ ମୁବଲ୍ଲିଗ୍ ଇନ୍ଚାର୍ଜ ସାହେବ କୁହନ୍ତି ଯେ, ସେଠାରେ ମୁର୍ୱା (Maroua)ରୁ ଉମର୍ ଜୁବୈର୍ ସାହେବ ନାମକ ଜଣେ ବନ୍ଧୁ ଅଟନ୍ତି । ସେ ଜଲ୍ସା ସାଲାନା 2022 ମସିହାରେ ସାମିଲ୍ ହେବା ନିମନ୍ତେ ଆସିଥିଲେ । ସେ ମୁଅଲ୍ଲିମ୍ ସାହେଙ୍କୁ ନିଜର ଅହେମଦି ହେବାର ବୃତ୍ତାନ୍ତ ଶୁଣାଇଲେ । ଉମର୍ ସାହେବ କହିଲେ ଯେ, ଏମ.ଟି.ଏ ଆଫ୍ରିକା ମାଧ୍ୟମରେ ଜମାଅତ୍ ସହିତ ମୁଁ ଅବଗତ ହେଲି ଏବଂ ମୁଁ ଅତ୍ୟନ୍ତ ଆଗ୍ରହର ସହିତ ଖଲିଫତୁଲ୍ ମସିହଙ୍କ ଖୁତ୍ବା ଜୁଣା ଶୁଣୁଥିଲି ଓ ପ୍ରତ୍ୟେକ ଖୁତ୍ବା ସହିତ ଏବଂ ଜମାଅତ୍ ସହିତ ମୁଁ ଓତଃପ୍ରୋତ ଭାବରେ ଜଡ଼ଡିତ ଥିଲି ଏବଂ ମୋର ସଂଶ୍ଳୀଷ୍ଟତା ବୃଦ୍ଧା ପାଇଲା ଏବଂ ମୋର ଜ୍ଞାନରେ ମଧ୍ୟ ଅଭିବୃଦ୍ଧି ହୋଇ ଚାଲିଲା । 2021 ମସିହା ନଭେମ୍ବର ମାସର ପ୍ରଥମ ଖୁତ୍ବା ଜୁମାରେ ଖଲିଫତୁଲ୍ ମସିହ୍ ତେହରିକେ ଜିଦଦ୍ର ବିଶ୍ୱାସବର୍ଦ୍ଧକ ଘଟଣାବଳୀ ଓ ବଳିଦାନର ଚର୍ଚ୍ଚା କଲେ । ତେବେ ଅଲ୍ଲାଃତାଲା ମୋ ଉପରେ ଏହା ସ୍ପଷ୍ଟ କରିଦେଲେ ଯେ,ଏହି ଜମାଅତ୍ ଅଲ୍ଲାଃତାଲାଙ୍କ ତରଫରୁ ଅଟେ ଯେଉଁଠି ଲୋକମାନେ ଇସ୍ଲାମ୍ ଧର୍ମ ନିମନ୍ତେ ବଳିଦାନ ଦେଉଛନ୍ତି । ଉକ୍ତ କଥା ଦ୍ୱାରା ମୋ ହୃଦୟକୁ ସାନ୍ତ୍ୱନା ମିଳିଗଲା ଏବଂ ମୁଁ ବୈଅତ୍ କରି ଜମାଅତ୍ରେ ସାମିଲ୍ କରିନେଲେ । ଏହାପରେ ମୁଁ ବହୁତ୍ ସନ୍ତୁଷ୍ଟ ଓ ଆନନ୍ଦିତ ହେଲି ।

ୱାଟର ଲୋ ସେରିଲିଓନ୍ର ଜଣେ ମୁବଲ୍ଲିଗ୍ ସାହେବ କୁହନ୍ତି ଯେ, ସେଠାକାର ଅଲ୍ଫା ସାହେବଙ୍କୁ ବିଗତ ବର୍ଷ ମୋରା ଖୁତବା ଏମ୍.ଟି.ଏ ମାଧ୍ୟମରେ ଶୁଣିବା ନିମନ୍ତେ ଆମନ୍ତ୍ରିତ କରାଗଲା । ଅଲ୍ଫା ସାହେବ ନିଜର ଫ୍ୟାମିଲି ସହିତ ଖୁତ୍ବା ଶୁଣିବା ନିମନ୍ତେ ଆସିଲେ । ଖୁତ୍ବା ଶୁଣି ବହୁତ ପ୍ରଭାବିତ ହେଲେ ଏବଂ ସମସ୍ତ ଫ୍ୟାମିଲି ଯହିଁରେ ଆଠ ଜଣ ବ୍ୟକ୍ତି ସାମିଲ ଥିଲେ ବୈଅତ୍ କରି ଜମାଅତ୍ରେ ସାମିଲ ହୋଇଗଲେ । ଅଲ୍ଲାଃତାଲାଙ୍କ କୃପାରୁ ଜମାଅତ୍ରେ ପ୍ରବିଷ୍ଟ ହେବା ପରେ ଅତ୍ୟନ୍ତ ନିଷ୍ଠାର ସହିତ ଜମାଅତୀୟ ସେବାରେ ଅଂଶ ଗ୍ରହଣ କରନ୍ତି ଏବଂ ସେଠାରେ ମସ୍ଜିଦ୍ର ରିନ୍ୟୁୱେସନ୍ (ନବୀକରଣ) କରାଗଲା । ତେବେ ସମସ୍ତ ସମୟ ସେ ୱକାରେ ଅମଲ୍ (ସ୍ୱଚ୍ଛତା କାର୍ଯ୍ୟ) କଲେ ଏବଂ ମୂଲିଆଙ୍କ ପରେ କାମ କଲେ ଏବଂ ନଫଲି ରୋଜା ମଧ୍ୟ ରଖୁଛନ୍ତି ଏବଂ ଲୋକମାନଙ୍କ ପାଇଁ ଇଫ୍ତାରୀର ବ୍ୟବସ୍ଥା ମଧ୍ୟ କରୁଥିଲେ ।

ବାଂଲାଦେଶର ଅମୀର ସାହେବ ଉଲ୍ଲେଖ କରନ୍ତି ଯେ, ଜମାଅତ୍ର ସେକ୍ରେଟାରୀ ତବ୍ଲିଗଙ୍କ ଏଠାରେ ନିଜସ୍ୱ ଏକ ଛାପାକଳ ରହିଛି । ଯହିଁରେ ବିଲାଲ୍ ନାମକ ଜଣେ ଯୁବକ କାମ କରେ । ସେହି ବାଳକକୁ ଯେତେବେଳେ ଜମାଅତ୍ର ପରିଚୟ ପ୍ରଦାନ କରାଗଲା ସେତେବେଳେ ସେ ଆମର କେନ୍ଦ୍ରୀୟ ମସ୍ଜିଦ୍ରେ ଆସିବା ଆରମ୍ଭ କରିଦେଲା । ଯେଉଁଠି ତା'କୁ ମୋର ଖୁତାବାତ୍ (ଉଦ୍ବୋଧନୀ) ଶୁଣିବାକୁ ସୁଯୋଗ ପ୍ରାପ୍ତ ହେଲା । କିଛି କାଳ ପରେ ମହୋଦୟ ବୈଅତ୍ କରିନେଲେ । କିନ୍ତୁ ତା'ର ପତ୍ନୀ ବୈଅତ୍ କଲା ନାହିଁ । ତାଙ୍କ ବିବାହକୁ ସାତ ବର୍ଷ ବିତିଯାଇଥିଲା ହେଲା କୌଣସି ସନ୍ତାନ ନଥିଲା । ସେ ନିଜର ପତ୍ନିଙ୍କୁ କହିଲେ, ଚାଲ ଖଲିଫତୁଲ୍ ମସିହ୍ଙ୍କୁ ଦୁଆ ନିମନ୍ତେ ପତ୍ର ଲେଖିବା ଏବଂ ଦୁଆ ପାଇଁ କହିବା କି ହୁଜୁର ଆମ ପାଇଁ ଦୁଆ କରନ୍ତୁ କି ଅଲ୍ଲାଃତାଲା ଆମକ ଏକ ସନ୍ତାନ ପ୍ରଦାନ କରନ୍ତୁ । ଲୋକମାନେ ହୁଜୁରଙ୍କ ନିକଟକୁ ପତ୍ର ଲେଖନ୍ତି ଆମେ ମଧ୍ୟ ଲେଖି ପରୀକ୍ଷା କରି ଦେଖିନେବା । ସୁତରାଂ ସେ ନିଜର ପତ୍ନୀଙ୍କୁ ଯେତେବେଳେ ଏଥି ନିମନ୍ତେ ରାଜି କରାଇ ନେଲେ ଯେ, ଚାଲ ଆମେମାନେ ମଦ୍ୟ ଏହିପରି ଦୁଆ ନିମନ୍ତେ ଅନୁରୋଧ କରି ପରୀକ୍ଷା କରି ଦେଖିନେବା । ଦୁଆ ନିମନ୍ତେ ସେ ଅନୁରୋଧ ବା ଆବେଦନ କଲେ । କିଛି ମାସ ପରେ ତାଙ୍କର ପତ୍ନି ଗର୍ଭବତୀ ହୋଇଗଲେ ଏବଂ ତାଙ୍କ ପତ୍ନିଙ୍କ ମନରେ ହଠାତ୍ ଏହି ଭାବନା ବା ଧାରଣା ସୃଷ୍ଟି ହେଲା ଯେ, ଏହି ଗର୍ଭ ଧାରଣ ହ. ଖଲିଫତୁଲ୍ ମସିହ୍ଙ୍କ ଦୁଆ ମାଧ୍ୟମରେ ଅଲ୍ଲାଃତାଲା କୃପା କରିଛନ୍ତି । ସୁତରାଂ ସେ ମଧ୍ୟ ବୈଅତ୍ କରିନେଲେ ।

ବେଲ୍ଜିୟମ୍ର ଅମୀର ସାହେବ କୁହନ୍ତି ଯେ, ମରାକଶ୍ର ଜଣେ ବନ୍ଧୁ ସେଠାରେ ଅର୍ଥାତ୍ ବେଲ୍ଜିୟମରେ ରୁହନ୍ତି । ସେ ଏକ ଦୀର୍ଘ କାଳ ଅହେମଦିୟତ୍ ସଂପର୍କରେ ଅନୁସନ୍ଧାନ କରି ପୁନଶ୍ଚ ବୈଅତ୍ କରିଛନ୍ତି । ସେ କୁହନ୍ତି ଯେ, ମୁଁ ବାଲ୍ୟକାଳରୁ ହିଁ ବିଦ୍ୱାନମାନଙ୍କର ସାହଚର୍ଯ୍ୟତ୍ୱରେ ନିଜର ସମୟ ଅତିବାହିତ କରିଛି । କିନ୍ତୁ ଖଲିଫତୁଲ୍ ମସିହଙ୍କ ଖୁତ୍ବାତ୍ କେବଳ କୁରଆନ କରୀମର ତଫ୍ସିର୍ (ବ୍ୟଖ୍ୟା) ନୁହେଁ ବରଂ ମନୁଷ୍ୟକୁ ଅଲ୍ଲାଃତାଲାଙ୍କର ସମୀପବର୍ତ୍ତୀ କରାଇଥାଏ ଓ ସେହି ଖୁତ୍ବାଗୁଡ଼ିକୁ ଶୁଣିବା ପରେ ମୋତେ ନମାଜରେ ଆନନ୍ଦ ମିଳିବାକୁ ଲାଗିଲା । ଅଲ୍ଲାଃତାଲା ମୋତେ ସତ୍ୟ ସ୍ୱପ୍ନ ଦର୍ଶନ କରାଇଛନ୍ତି । ଅହେମଦିୟତ୍ ମୋର ଜୀବନଧାରାକୁ ପରିବର୍ତ୍ତନ କରିଦେଇଛି । ମହୋଦୟ ଯେତେବେଳେ ଉକ୍ତ କଥାର ଚର୍ଚ୍ଚା କରନ୍ତି ସେତେବେଳେ ଲୋତକାପ୍ଳୁତ ହୋଇଯାଆନ୍ତି ।

କେନିମା (Kenema), ସେରାଲିଓନ୍ର ମୁବଲ୍ଲିଗ୍ ସାହେବ କୁହନ୍ତି । ଏକ ସ୍ଥାନରେ 500ରୁ ଉର୍ଦ୍ଧ୍ୱ ଅଣଅହେମଦି ଲୋକମାନେ ଏକତ୍ରିତ ହୋଇଥିଲେ । ସେଠାରେ ଜଣେ ବ୍ୟକ୍ତି ଛିଡ଼ା ହେଲା ଏବଂ କହିବାକୁ ଲାଗିଲା ଯେ, ଅହେମଦିମାନେ ହିଁ ଇସ୍ଲାମ୍ ଧର୍ମର ସତ୍ମାର୍ଗରେ ପରିଚାଳିତ ଅଟନ୍ତି । ଆମେମାନେ ସେମାନଙ୍କୁ ଘୃଣା କରୁଛେ । କାରଣ ସେମାନେ ସର୍ବଦା ସତ୍ୟ କୁହନ୍ତି । ଯଦି କୌଣସି ବସ୍ତୁ ଧଳା ହୋଇଥାଏ ତାହାହେଲେ ଏମାନେ ତା'କୁ ଧଳା ହିଁ କହିଥାଆନ୍ତି । କିନ୍ତୁ ଯେତେବେଳେ କୌଣସି ବସ୍ତୁ କଳା ହୋଇଥାଏ ତାହାହେଲେ ଆମେମାନେ ତା'କୁ ଧଳା ବୋଲି କହିଥାଉ । ଏହି କାରଣ ରହିଛି ଯେ, ଆମେମାନଙ୍କ ମଧ୍ୟର ସତ୍ୟତା ଓ ଏକତା ନାହିଁ । ସେହି ଅଞ୍ଚଳର ଜଣେ ଇମାମ୍ ସାହେବ ମଧ୍ୟ ଛିଡ଼ା ହେଲେ ଏବଂ କହିବାକୁ ଲାଗିଲେ ଯେ, ଯଦି ଆପଣ ଅହେମଦି ଖଲିଫାଙ୍କ ଖୁତ୍ବା ଶୁଣନ୍ତି ତାହାହେଲେ ଆପଣଙ୍କୁ ଇସ୍ଲାମ୍ ଧର୍ମର ସଠିକ୍ ଶିକ୍ଷା ସଂପର୍କରେ ଜ୍ଞାନ ପ୍ରାପ୍ତ ହେବ । ମୁଁ ଅହେମଦିୟତ୍ ତ' ସ୍ୱୀକାର କରି ନାହିଁ କିନ୍ତୁ ପ୍ରତ୍ୟେକ ଶୁକ୍ରବାର ଦିନ ତାଙ୍କ ଖଲିଫାଙ୍କ ଖୁତ୍ବା ଶୁଣିଥାଏ । ଆପଣ ଯଦି ଖୁତ୍ବା ଶୁଣିବେ ତାହାହେଲେ ଆପଣଙ୍କୁ ମଧ୍ୟ ଇସ୍ଲାମୀୟ ଶିକ୍ଷାର ବୋଧ ହେବା ଓ ଆପଣଙ୍କ ହୃଦୟ ଚାହିଁବ ନାହିଁ ଯେ, ଖୁତ୍ବା ସମାପ୍ତ ହେଉ ।

ପୁନଶ୍ଚ ମଶାକା ରିଜନ୍ର ମୁବଲ୍ଲିଗ୍ ସିଲ୍ସିଲା କୁହନ୍ତି ଯେ, ମୁଁ ଏକ କାମ ପ୍ରସଙ୍ଗରେ ବ୍ୟାଙ୍କ ଗଲି । କାମ ଶେଷ ହେବା ପରେ ଭୋକ ଲାଗିଲା । ତେବେ ମୁଁ ହୋଟେଲକୁ ଖାଇବାକୁ ଚାଲିଗଲି । ସେଠାରେ ଦେଖିଲି ତ' ହୋଟେଲରେ ଲାଗିଥିବା ଟି.ଭିରେ ଏମ୍.ଟି.ଏର କାର୍ଯ୍ୟକ୍ରମ ପ୍ରସାରଣ ହେଉଥିଲା ଏବଂ ମୋର ରେକର୍ଡ଼ ହୋଇଥିବା ଖୁତବା ପ୍ରସାରିତ ହେଉଥିଲା ଏବଂ ସେ ସେହି ଖୁତବାକୁ ଶୁଣୁଥିଲେ। ସେଠିକାର ବ୍ୟବସ୍ଥାପିକାକୁ ମୁଁ ଯେତେବେଳେ ପଚାରିଲି ସେତେବେଳେ ସେ କହିଲେ, ଆମେମାନେ ଅନେକ ଚ୍ୟାନେଲ୍ ଦେଖିଥାଉ ଓ ଉକ୍ତ ଚ୍ୟାନେଲ୍ରେ ବହୁତ ଭଲ ଭଲ କଥା କୁହାଯାଇଥାଏ ଯାହାକି ଆମ ନିମନ୍ତେ ଲାଭଦାୟକ ଅଟେ ଓ ଆମମାନଙ୍କୁ ଉକ୍ତ ଚ୍ୟାନେଲ୍ ଦେଖିବାକୁ ବହୁତ ଭଲ ଲାଗୁଛି । ହୁଜୁର ଅନ୍ୱର୍ ଅ.ବ କହିଲେ, ତେବେ ଅଲ୍ଲାଃତାଲା ଏହିପରି ଭାବରେ ଜମାଅତ୍ର ତବ୍ଲିଗ୍ର ମଧ୍ୟ ସାଧନ ସୃଷ୍ଟି କରୁଛନ୍ତି ଓ ଅଣଅହେମଦିମାନଙ୍କ ଉପରେ ମଧ୍ୟ ଖିଲାଫତ୍ର ମହତ୍ୱତା ମଧ୍ୟ ସ୍ପଷ୍ଟ କରୁଛନ୍ତି ।

ମାଲିର ଉମର୍ ମୁଆଜ୍ ନାମକ ଜଣେ ମୁବଲ୍ଲିଗ୍ ସାହେବ ଉଲ୍ଲେଖ କରନ୍ତି ଯେ, ଏଠାରେ ଜିଜ୍ନି ଅଞ୍ଚଳର ଜାଲା ସାହେବ ନାମକ ଜଣେ ବ୍ୟକ୍ତି ଅଟନ୍ତି । ସେ ବର୍ଣ୍ଣନା କଲେ ଯେ, ଆକ୍ସିଡେଣ୍ଟ୍ ଯୋଗୁଁ ତାଙ୍କ ଗୋଡ଼ର ହାଡ଼ ଭାଙ୍ଗି ଯାଇଥିଲା । ସେ ଗୋଡ଼ର ବହୁତ ଚିକିତ୍ସା ଉପଚାର କଲେ । ଦେଶୀ ଚିକିତ୍ସା ବ୍ୟତୀତ ଡାକ୍ତରକୁ ମଧ୍ୟ ଚେକ୍ କରାଇଲେ, ଦେଖାଇଲେ । ଅନେକ ମାସ ବିତିଯିବା ପରେ ମଧ୍ୟ ହାଡ଼ ଯୋଡ଼ି ହୋଇପାରୁ ନଥିଲା । ତେବେ ତାଙ୍କୁ ନେଇ ଓ ତାଙ୍କର ଆତ୍ମୀୟ ସ୍ୱଜନମାନେ ହତୋତ୍ସାହିତ ହୋଇଯାଇଥିଲେ । କାରଣ ଆଉ ବର୍ତ୍ତମାନ ତାଙ୍କର ହାଡ଼ ଯୋଡ଼ା ହୋଇପାରିବ ନାହିଁ । ସେ କୁହନ୍ତି ଦିନେ ସେ ସ୍ୱପ୍ନରେ ଦେଖିଲେ ଯେ, ଖଲିଫତୁଲ୍ ମସିହ୍ ଖାମିସ୍ ତାଙ୍କ ନିମନ୍ତେ ଦୁଆ କଲେ ଓ କୁହନ୍ତି ଯେ, ମୁଁ ସ୍ୱପ୍ନାବସ୍ଥାରେ ହିଁ ତାଙ୍କ ସହିତ ଆମିନ୍ କହୁଥିଲି । ଏହାପରେ ଯେତେବେଳେ ମୋର ଚେତା ଫେରିଲା ସେତେବେଳେ ମୁଁ ଆମିନ୍ କହି ନିଜର ହସ୍ତ କୁ ନିଜର ଗୋଡ଼ ଉପରେ ପ୍ରସାରିତ କଲି । ସେ କୁହନ୍ତି ଯେ, ଅଲ୍ଲାଃତାଲା ଏହାପରେ ମୋ ଉପରେ କୃପା କଲେ ଏବଂ ଯେଉଁ ନିରାଶ ଏବଂ ହତୋତ୍ସାହ ସୃଷ୍ଟି ହୋଇଥିଲା ଯେ, ଆଉ ହାଡ଼ ଯୋଡ଼ି ହେବ ନାହିଁ । ତାହା ଧିରୀ ଧୀରେ ଯୋଡ଼ି ହେବା ଆରମ୍ଭ ହୋଇଗଲା। ବର୍ତ୍ତମାନ ଅଲ୍ଲାଃତାଲାଙ୍କ କୃପାରୁ ମୁଁ ସଂପୂର୍ଣ୍ଣ ରୂପେ ସୁସ୍ଥ ଅଟେ ଏବଂ କେହି କହିପାରିବ ନାହିଁ ଯେ, ମୋ ଗୋଡ଼ର ହାଡ଼ କେବେ ଭାଙ୍ଗିଥିଲା । ହୁଜୁର ଅନ୍ୱର୍ ଅ.ବ କହିଲେ, ତେବେ ଏହିପରି ଅଲ୍ଲାଃତାଲା ଖିଲାଫତ୍ ସହିତ ସଂପର୍କକୁ ସୁଦୃଢ କରିବାର ସାଧନ ମଧ୍ୟ ସୃଷ୍ଟି କରିଥାଆନ୍ତି ।

ଅଣଅହେମଦିମାନଙ୍କ ଉପରେ କେଉଁ ପ୍ରଭାବ ପଡ଼ିଥାଏ ? କଙ୍ଗୋ କିନ୍ଶାସାର ଅମୀର୍ ସାହେବ ଉଲ୍ଲେଖ କରନ୍ତି ଯେ, କଙ୍ଗୋରେ ଅଲ୍ଲାଃତାଲାଙ୍କ କୃପାରୁ ଜମାଅତୀୟ ରେଡ଼ିଓ ଷ୍ଟେସନ ବ୍ୟତୀତ 23ଟି ଆଞ୍ଚଳିକ ଏଫ୍.ଏମ୍ ରେଡ଼ିଓ ମାଧ୍ୟମରେ ସାପ୍ତାହିକ ତବ୍ଲିଗି କାର୍ଯ୍ୟକ୍ରମ ଏବଂ ମୋର ଖୁତ୍ବା ଜୁମା ନିୟମିତ

ଭାବରେ ପ୍ରସାରଣ କରାଯାଇଥାଏ । ବାନ୍ଦୁନ୍ଦୁ (Bandundu)ର ଦୁଇଟି ଆଞ୍ଚଳିକ ଟି.ଭି ଷ୍ଟେସନରେ ସିଧାପ୍ରସାରଣ କରାଯାଇଥାଏ ଏବଂ ଖୁତ୍‌ବାର ବହୁତ ଭଲ ଫିଡ୍‌ବ୍ୟାକ୍ (ଉତ୍ସକୁ ପ୍ରତ୍ୟାଗମନ) ମଧ୍ଯ ମିଳିଥାଏ । ଜଣେ ସ୍ଥାନୀୟ ଖ୍ରୀଷ୍ଟ ଡାକ୍ତର ସାହେବ ଦିନେ ବାଟରେ ଭେଟ ହେଲେ । ସେ କହିବାକୁ ଲାଗିଲେ ଯେ, ମୁଁ ଆପଣଙ୍କ ଇମାମ୍ ସାହେବଙ୍କ ଖୁତ୍‌ବା ଶୁଣୁଥାଏ ଯାହାକୁ ଇମାମ୍ ସାହେବ ଅତ୍ୟନ୍ତ ପ୍ରଭାବଶାଳୀ ଶୈଳୀ ଉପସ୍ଥାପିତ କରିଥାଆନ୍ତି । ମୋର ଆପଣଙ୍କୁ ଅନୁରୋଧ କି ଆପଣ ସ୍ଥାନୀୟ ତଥା ଆଞ୍ଚଳିକ ଭାଷାରେ ମଧ୍ଯ ଏହାର ଅନୁବାଦ କରନ୍ତୁ । କାରଣ ଅଧିକରୁ ଅଧିକ ଲୋକମାନେ ତହିଁରୁ ଉପକୃତ ହୋଇପାରିବେ ।

ତେବେ ସେ ଯାହା ହେଉ ନା କାହିଁକି ଅଲ୍ଲାଃତାଲା ଏହିପରି ଭାବରେ ଇସ୍‌ଲାମ୍ ଧର୍ମର ବାର୍ତ୍ତା ପହଞ୍ଚାଇବାର ସାଧନ ସୃଷ୍ଟି କରୁଛନ୍ତି । ଅଣଧର୍ମାବଲମ୍ବୀମାନେ ଏଥିପ୍ରତି ଧ୍ୟାନ ଆକର୍ଷଣ କରୁଛନ୍ତି କି ଉପସ୍ଥିତ ଖଲିଫାଙ୍କ ସ୍ୱରକୁ ଲୋକମାନଙ୍କ ପର୍ଯ୍ୟନ୍ତ ପହଞ୍ଚାନ୍ତୁ । ଏହିପରି ଭାବରେ ବାଟ ଫିଟୁଛି ଓ ବେଳ ଆସିବ ଯେ, ଯେତେବେଳେ ସେମାନଙ୍କର ହୃଦୟ ଉନ୍ମୁକ୍ତ ହେବ ସେତେବେଳେ ସେମାନେ ଅଲ୍ଲାଃତାଲା ଓ ଅହେମଦିୟତ୍ ଏବଂ ପ୍ରକୃତ ଇସ୍‌ଲାମ୍‌କୁ ଚିହ୍ନି ନେବେ । ସୁତରାଂ ଅଲ୍ଲାଃତାଲାଙ୍କର ହ. ମସିହ୍ ମଉଦ୍ ଅ.ସଙ୍କ ସହିତ ଯେଉଁ ପ୍ରତିଶ୍ରୁତି ରହିଛି ଯେ, ଖଲିଫତ୍ ସହିତ କଲ୍ୟାଣ ଜାରି ରହିବ ତାହା ଏପରି ବିଚିତ୍ରପୂର୍ଣ୍ଣ ଢଙ୍ଗରେ ପୂର୍ଣ୍ଣ ହେଉଅଛି ଯେ, ମାନବିକ ଚିନ୍ତା ଏହାକୁ କଳନା କରିପାରିବ ନାହିଁ । ପର ଆପଣର ଏହି ଅନୁଭୂତିମୂଳକ ଘଟଣାବଳୀ ତଥା ଅଲ୍ଲାଃତାଲାଙ୍କର ନିଦର୍ଶନ ଖଲିଫତେ ଅହେମଦିୟା ସହିତ ସମର୍ଥନ ଏବଂ ହ. ମସିହ୍ ମଉଦ୍ ଅ.ସ ଯେକି ଆଁହଜରତ ସ.ଅଙ୍କ ଦାସତ୍ୱରେ ସଂସାର ଜଗତକୁ ଗୋଟିଏ ଜାତିରେ ପରିଣତ କରିବା ନିମନ୍ତେ ଆସିଥିଲେ ଏହା ତା'ଙ୍କ ସତ୍ୟତାର ପ୍ରମାଣ ନୁହେଁ ତ' ଆଉ କ'ଣ? କେବଳ ଜମାଅତ୍ ଅହେମଦିୟା ହିଁ ଏକମାତ୍ର ଜମାଅତ୍ ଯିଏ ସମଗ୍ର ବିଶ୍ୱରେ ଇସ୍‌ଲାମ୍ ଧର୍ମର ଉନ୍ନତି ଏବଂ ତବ୍‌ଲିଗ୍ (ପ୍ରଚାର)ର କାର୍ଯ୍ୟ କରୁଅଛି । ଅସମ୍ଭବ ଏବଂ ପ୍ରତିକୂଳ ପରିସ୍ଥିତି ଯେଉଁ ଆମମେମାନେ ଉନ୍ନତି ଅବଲୋକନ କରୁଛେ ତାହା ଅଲ୍ଲାଃତାଲାଙ୍କର ଜ୍ୱଳନ୍ତ ସାକ୍ଷ୍ୟର ପ୍ରମାଣ ନୁହେଁ ତାହାହେଲେ ଆଉ କ'ଣ ! କିନ୍ତୁ ଯାହାର ଚକ୍ଷୁ ପଟଳ ଅନ୍ଧ ଅର୍ଥାତ୍ ଯିଏ ଅନ୍ଧ ତା'କୁ ଏହି ସତ୍ୟତା ଦେଖାଯାଏ ନାହିଁ ଓ ନା ହିଁ ତା'କୁ ଦୃଶ୍ୟମାନ ହୋଇପାରିବ ।

**ଇନ୍‌ଶାଅଲ୍ଲାଃ** ଜମାଅତ୍ ଅହେମଦିୟା ଅଲ୍ଲାଃତାଲାଙ୍କ ପ୍ରତିଶୃତି ଅନୁଯାୟୀ, ଆଁହଜରତ ସ.ଅଙ୍କ ଭବିଷ୍ୟବାଣୀ ଅନୁଯାୟୀ, ଖିଲାଫତ୍ ଅଲା ମିନ୍‌ହାଜେ ନବୁୱତ୍ ଯାହା ହ. ମସିହ୍ ମଉଦ୍ ଅ.ସଙ୍କ ମାଧ୍ୟମରେ ଆରମ୍ଭ ହୋଇଛି ତାହା ପ୍ରଳୟ ଦିବସ ପର୍ଯ୍ୟନ୍ତ ଜାରି ରହିବ । କୌଣସି ଶତ୍ରୁ ଏହାର କିଛି ବିଗାଡ଼ି ପାରିବ ନାହିଁ ।

ସୁତରାଂ ଆମମାନଙ୍କୁ ଉଦ୍ୟମ କରିବା ଉଚିତ୍ ଯେ, ନିଜର ବିଶ୍ୱାସରେ ଅତିରିକ୍ତ ଚମକ ସୃଷ୍ଟି କରି ଖିଲାଫତେ ଅହେମଦିୟା ସହିତ ନିଜକୁ ସଂଶ୍ଳୀଷ୍ଟ ରଖନ୍ତୁ ଏବଂ ଏହାକୁ ଅବ୍ୟାହତ ରଖିବା ନିମନ୍ତେ କୌଣସି ବଳିଦାନ ଦେବାରୁ ପଛଘୁଞ୍ଚା ଦିଅନ୍ତୁ ନାହିଁ । ଅଲ୍ଲାଃତାଲା ଆମ ସମସ୍ତଙ୍କୁ ଏଥି ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍।**

☆ ☆ ☆

## ପୃ-19ରେ ବର୍ଣ୍ଣିତ ହ. ଖଲିଫା ସାନି ର.ଅଙ୍କ ପ୍ରଶ୍ନୋତ୍ତରର ଅବଶିଷ୍ଟାଂଶ.....

ପ୍ରଶ୍ନ- କ'ଣ 1915-16 ମସିହା ପରେ ଆପଣଙ୍କ ଅକ୍ତିଆରରେ ଏହି କଥା ଥିଲା ଯେ, ଆପଣ ର.ଅ ଅଲ୍ ଫଜଲ୍‌ର ପ୍ରକାଶନକୁ ସ୍ଥଗିତ କରିଦେବେ ?

ଉତ୍ତର- ଆଜ୍ଞା ହଁ । ଏହି ଦୃଷ୍ଟିରୁ କି ଜମାଅତ୍ ମୋର ବିଶ୍ୱସ୍ତ ଅଟେ ଏବଂ ମୁଁ ଯଦି ସେମାନଙ୍କୁ କହିବି ତାହାହେଲେ ସେମାନେ ଉକ୍ତ ପତ୍ରିକାକୁ କ୍ରୟ କରିବେ ନାହିଁ । ଫଳତଃ ଏହାର ପ୍ରକାଶନ ସ୍ୱତଃସ୍ଫୃତ ବନ୍ଦ ହୋଇଯିବ ।

ପ୍ରଶ୍ନ- ମୁଁ ଅଞ୍ଜୁମନ୍‌ଙ୍କୁ ମଧ୍ଯ ପରାମର୍ଶ ଦେଇ ପାରିବି ଯେକି ଉକ୍ତ ପତ୍ରିକାର ସତ୍ତ୍ୱାଧିକାରୀ ଅଟେ । କାରଣ ସେ ହିଁ ଉକ୍ତ ପତ୍ରିକାକୁ ରୋକ ଲଗାଇ ଦେବେ ।

ପ୍ରଶ୍ନ- ସାଂପ୍ରତିକ ଏଜିଟେଶନର ପ୍ରାରମ୍ଭ ହେବା ପୂର୍ବରୁ କ'ଣ ଆପଣ ସେହି ମୁସଲମାନମାନଙ୍କୁ ଯେକି ମିର୍ଜା ଗୁଲାମ୍ ଅହେମଦ ସାହେବ କାଦିଆନ୍‌ଙ୍କୁ ସ୍ୱୀକାର କରନ୍ତି ନାହିଁ ଅବଜ୍ଞାକାରୀ ଓ ଇସ୍‌ଲାମ୍ ଧର୍ମରୁ ବହିର୍ଭୁତ ବୋଲି କୁହନ୍ତି ?

ଉତ୍ତର- ହଁ ମୁଁ ଏହା କହି ଆସୁଛି ଓ ତତ୍‌ସହିତ ମୁଁ ଅବଜ୍ଞାକାରୀ ଓ "ଇସ୍‌ଲାମ୍ ଧର୍ମରୁ ବହିର୍ଭୂତ"ର ପରିଭାଷାର ଉକ୍ତ ଅର୍ଥର ମଧ୍ଯ ବ୍ୟାଖ୍ୟା କରି ଆସୁଛି ଯହିଁରେ ଏହି ପରିଭାଷା ବ୍ୟବହୃତ ହୋଇଛି ।

ପ୍ରଶ୍ନ- କ'ଣ ଏହା ଠିକ୍ ନୁହେଁ ଯେ, ସାଂପ୍ରତିକ ଏଜିଟେଶନ୍ ଆରମ୍ଭ ହେବା ପୂର୍ବରୁ ଆ ଆପଣ ନିଜର ଜମାଅତ୍‌କୁ ଏହି ପରାମର୍ଶ ଦେଇଅଛନ୍ତି ଯେ, ସେମାନେ ଅଣଅହେମଦି ଇମାମ୍‌ର ପଛରେ ନମାଜ ପଢିବେ ନାହିଁ ଓ ଅଣଅହେମଦିଙ୍କର ନମାଜ ଯନାଜାଃ ପଢିବେ ନାହିଁ ତଥା ଅଣଅହେମଦିମାନଙ୍କ ସହିତ ନିଜ କନ୍ୟାର ବିବାହ କରିବେ ନାହିଁ ।

ଉତ୍ତର- ମୁଁ ଏହିସବୁ କଥା ଅଣଅହେମଦି ବିଦ୍ୱାନମାନଙ୍କର ସେହି ପ୍ରକାରର ଫତ୍‌ୱା (ଧର୍ମାଜ୍ଞା)ର ଉତ୍ତରରେ କେବଳ କହି ଆସୁଛି ତାହା ନୁହେଁ ବରଂ ମୁଁ ସେମାନଙ୍କ ଠାରୁ କମ୍ କହିଛି । କାରଣ جَزٰؤُسَیِّئَۃٍمِثْلُھَا ।

ପ୍ରଶ୍ନ- ଆପଣ ବର୍ତ୍ତମାନ ନିଜ ସାକ୍ଷ୍ୟରେ କହିଛନ୍ତି ଯେ, ଯେଉଁ ବ୍ୟକ୍ତି ସତ୍‌ଉଦ୍ଦେଶ୍ୟର ସହିତ ମିର୍ଜା ଗୁଲାମ୍ ଅହେମଦ ସାହେବଙ୍କୁ ସ୍ୱୀକାର କରେ ନାହିଁ ସେ ତଥାପି ମୁସଲମାନ ରହିଥାଏ । କ'ଣ ଆରମ୍ଭରୁ ହିଁ ଆପଣଙ୍କର ଏହି ଧର୍ମମତ ଏବଂ ଦୃଷ୍ଟିକୋଣ ରହିଛି ।

ଉତ୍ତର- ଆଜ୍ଞା ହଁ ।

ପ୍ରଶ୍ନ- ଅହେମଦିମାନଙ୍କ ମଧ୍ୟରେ ଅଣଅହେମଦିମାନଙ୍କ ମଧ୍ୟରେ କେଉଁ ପ୍ରସଙ୍ଗ ମୌଳିକ ପ୍ରସଙ୍ଗ ରହିଛି ?

ଉତ୍ତର- ଯଦି ମୌଳିକ ପ୍ରସଙ୍ଗ ତାହା ହିଁ ଯାହା ଆମର ପ୍ରିୟ ମୁନିବ ଆଁହଜରତ ସ.ଅ ଉକ୍ତ ଶବ୍ଦର ଅର୍ଥ ଗ୍ରହଣ କରିଛନ୍ତି ତେବେ ଏହି ମତଭେଦ ମୌଳିକ ମତଭେଦ ନୁହେଁ ।

ପ୍ରଶ୍ନ- ଯଦି ଶବ୍ଦ ମୌଳିକ ସାଧାରଣ ଅର୍ଥରେ ଗ୍ରହଣ କରାଯାଏ ତେବେ ?

ଉତ୍ତର- ସାଧାରଣ ଅର୍ଥରେ ଏହାର ଅର୍ଥ "ଗୁରୁତ୍ୱ" ଅଟେ । କିନ୍ତୁ ଉକ୍ତ ଅର୍ଥାନୁଯାୟୀ ମତଭେଦ ମୌଳିକ ନୁହେଁ ବରଂ ଶାଖା ଅଟନ୍ତି ।

ପ୍ରଶ୍ନ- ପାକିସ୍ତାନରେ ଅହେମଦିମାନଙ୍କର ସଂଖ୍ୟା କେତେ ?

ଉତ୍ତର- ଦୁଇ ତିନି ଲକ୍ଷ ମଧ୍ୟରେ ହେବ ।

ପ୍ରଶ୍ନ- କ'ଣ ତୋହ୍‌ଫା ଗୋଲଡ଼ୱିୟା ଯିଏ ସେପ୍ଟେମ୍ବର 1902 ମସିହାରେ ପ୍ରକାଶିତ ହୋଇଥିଲା ମିର୍ଜା ଗୁଲାମ୍ ଅହେମଦ ସାହେବଙ୍କ ଲେଖନୀ ଅଟେ ।

ଉତ୍ତର- ଆଜ୍ଞା ହଁ ।

ପ୍ରଶ୍ନ- କ'ଣ ଆପଣଙ୍କୁ ଜଣାଅଛି ନା ନାହିଁ ଯେ, ଯେଉଁ ଆସ୍ଥା ବା ବିଶ୍ୱାସର ନିମ୍ନରେ ଚର୍ଚ୍ଚା ରହିଛି ତାହା ସାଧାରଣ ମୁସଲମମାନମାନଙ୍କର ଆସ୍ଥା ବା ବିଶ୍ୱାସ ରହିଛି ଯେ, "ଯେପରିକି ବିଶ୍ୱାସ ନିମନ୍ତେ ଅନ୍ୟ ଐଶୀ ଆଦେଶାବଳୀ ଉପରେ ବିଶ୍ୱାସ ଆଣିବା ମଧ୍ଯ ବିଧେୟ ଠିକ୍ ସେହିପରି ଉକ୍ତ କଥା ଉପରେ ବିଶ୍ୱାସ ଆଣିବା ବିଧେୟ ଅଟେ । ଆଁହଜରତ ସ.ଅଙ୍କ ଦୁଇଟି ବେସତ୍ (ଆଗମନ୍ ବା ଅବତୀର୍ଣ୍ଣ) ରହିଛି । **ପ୍ରଥମ ବେସତ୍-** ବେସତେ ମୁହମ୍ମଦି ଯାହାକି ପ୍ରତାପୀ ଶୈଳୀ ଅନୁଯାୟୀ ଅଟେ, **ଦ୍ୱିତୀୟ ବେସତ୍-** ବେସତେ ଅହେମଦି ଯେକି ଜମାଲି (ସୌନ୍ଦର୍ଯ୍ୟାତ୍ମକ) ଶୈଳୀ ଅନୁଯାୟୀ ଅଟେ ।"

ଉତ୍ତର- ସାଧାରଣ ମୁସଲମାନମାନଙ୍କ ନିକଟେରେ ଏହାର ଚରିତାର୍ଥ କେବଳ ରସୁଲ୍ କରୀମ୍ ସ.ଅଙ୍କ ଉପରେ ହିଁ ହୋଇଥାଏ । କିନ୍ତୁ ମୋ (ଖଲିଫା ସାନି ର.ଅଙ୍କ) ନିକଟରେ ଏହାର ପ୍ରକୃତ ଚରିତାର୍ଥ ଆଁହଜରତ ସ.ଅଙ୍କ ଉପରେ ହୋଇଥାଏ । କିନ୍ତୁ ଛାୟା (କୃପା) ସ୍ୱରୂପ ମିର୍ଜା ଗୁଲାମ୍ ଅହେମଦ ଅ.ସଙ୍କ ଉପରେ ମଧ୍ଯ ଚରିତାର୍ଥ ହୋଇଥାଏ ।

ପ୍ରଶ୍ନ- ଦୟାକରି 21 ଅଗଷ୍ଟ 1917 ମସିହାର ଅଲ୍ ଫଜଲ୍‌ର ପୃ-7ର ସ୍ତମ୍ଭ 1କୁ ଦେଖନ୍ତୁ ଯେଉଁଠି ଆପଣ ଜମାଅତ ଏବଂ ଅଣ ଅହେମଦିମାନଙ୍କ ମଧ୍ୟରେ ପାର୍ଥକ୍ୟ ଦର୍ଶାଇ କହିଛନ୍ତି ଯେ, "ଅନ୍ୟଥା ହ. ମସିହ୍ ମଉଦ୍ ଅ.ସ ତ' କହିଛନ୍ତି ଯେ, ତାଙ୍କର ଇସ୍‌ଲାମ୍ ଅନ୍ୟ (ଭିନ୍ନ) ଅଟେ ଓ ଆମର ଇସ୍‌ଲାମ୍ ଅନ୍ୟ (ଭିନ୍ନ) ଅଟେ, ତାଙ୍କର ଭଗବାନ ଅନ୍ୟ ଅଟନ୍ତି ଏବଂ ଆମର ଭଗବାନ ଅନ୍ୟ ଅଟନ୍ତି, ଆମର ହଜ ଅନ୍ୟ ଅଟେ ଓ ତାଙ୍କର ହଜ୍ ଅନ୍ୟ ଅଟେ । ଏହିପରି ସେମାନଙ୍କୁ ପ୍ରତ୍ୟେକ କଥାରେ ବିଭିନ୍ନ ମତାନୈ୍ୟକ ରହିଛି ।"

ଉତ୍ତର- ଯେତେବେଳେ ଉକ୍ତ ବାକ୍ୟ ପ୍ରକାଶିତ ହୋଇଥିଲା ମୋର କୌଣସି ଡାଏରି ନୋଟସ୍ ନଥିଲା । ତେଣୁ ମୁଁ ବିଶ୍ୱାସର ସହିତ ତ' କହିପାରିବି ନାହିଁ ଯେ, ମୋ କଥାକୁ ସଠିକ୍ ବାବରେ ରିପୋର୍ଟ (ଲିପିବଦ୍ଧ) କରାଯାଇଛି ଅବା ନୁହେଁ। କିନ୍ତୁ ଲକ୍ଷଣାର୍ଥେ (ଅବାସ୍ତବ ବା କାଳ୍ପନିକ) ରୂପେ ଏହାର ଅର୍ଥ ନେବା ଉଚିତ୍। ମୋ କହିବାର ତାତ୍ପର୍ଯ୍ୟ ଏହା ଥିଲା କି ଆମେମାନେ ଅଧିକ ନିଷ୍ଠାର ସହିତ କାର୍ଯ୍ୟାନୁସରଣ କରୁଛେ ।

ପ୍ରଶ୍ନ- କ'ଣ ଆପଣ ଅନୱାରେ ଖିଲାଫତ୍‌ର ପୃ-93ରେ କହିଛନ୍ତି ଯେ, "ବର୍ତ୍ତମାନ ଆଉ ଏକ ପ୍ରଶ୍ନ ରହିଯାଉଛି କି ଅଣଅହେମଦି ତ' ହ. ମସିହ୍ ମଉଦ୍ ଅ.ସଙ୍କୁ ଅସ୍ୱୀକାରକାରୀ ହୋଇଗଲେ । ଅତଃ ସେମାନଙ୍କର ଯନାଜାଃ ପଢିବା ଅନୁଚିତ୍ । କିନ୍ତୁ କୌଣସି ଅଣଅହେମଦିର ଛୋଟ ପିଲା ଯଦି ମୃତ୍ୟୁ ବରଣ କରେ ତେବେ ତା'ର ଯନାଜାଃ କାହିଁକି ପଢିବେନି । ସେ ତ' ହ. ମସିହ୍ ମଉଦ୍ ଅ.ସଙ୍କ ପ୍ରତ୍ୟାଖ୍ୟାନକାରୀ ନୁହେଁ । ମୁଁ ଏହି ପ୍ରଶ୍ନ ପ୍ରଶ୍ନକାରୀକୁ ପଚାରୁଛି ଯେ, ଯଦି ଉକ୍ତ କଥା ସତ୍ୟ ତେବେ ପୁନଶ୍ଚ ହିନ୍ଦୁ ଓ ଖ୍ରୀଷ୍ଟିଆନମାନଙ୍କର ସନ୍ତାନମାନଙ୍କର ଯନାଜାଃ କାହିଁକି ପାଠ କରାଯାଏ ନାହିଁ ।"

ଉତ୍ତର- ହଁ, ଉକ୍ତ ମୁଁ ଏଇଥିପାଇଁ କହିଥିଲି ଯେ, ଅଣଅହେମଦି ବିଦ୍ୱାନ୍‌ମାନେ ଉକ୍ତ ଧର୍ମାଜ୍ଞା ଦେଇଥିଲେ ଯେ, ଅହେମଦିମାନଙ୍କର ସନ୍ତାନମାନଙ୍କୁ କେହି ବି କବରସ୍ତାନରେ ପୋତିବାକୁ (କବର ଦେବାକୁ) ଦିଆ ନଯାଉ । ଘଟଣା କ୍ରମଟି ଏହିପରି ଯେ, ଅହେମଦି ମହିଳା ଓ ପିଲାମନଙ୍କର ଶବକୁ କବରରୁ କାଢି ବାହାରକୁ ଫିଙ୍ଗି ଦିଆଗଲା । କାରଣ ସେମାନଙ୍କର ଫତ୍‌ୱା (ଧର୍ମାଜ୍ଞା) ଏଯାବତ୍ ବଳବତ୍ତର ରହିଛି, ଅତଃ ମୋର ଫତ୍‌ୱା ମଧ୍ଯ ବଳବତ୍ତର ରହିଛି । କିନ୍ତୁ ବର୍ତ୍ତମାନ ମୋତେ

ଜମାଅତ୍ ଅହେମଦିୟାର ସଂସ୍ଥାପକଙ୍କ ଏହି ଫତ୍‌ୱା ପ୍ରାପ୍ତ ହୋଇଛି । ତଦନୁଯାୟୀ ଏହା ସମ୍ଭବ ଯେ, ବିଚାର ବିମର୍ଷ କରିବା ପରେ ପ୍ରଥମ ଫତ୍‌ୱାରେ ସଂଶୋଧନ କରିଦିଆଯାଉ ।

ପ୍ରଶ୍ନ- କ'ଣ ଏକଥା ଠିକ୍ ଯେ, ମିର୍ଜା ଗୁଲାମ୍ ଅହେମଦ ସାହେବ ହକିକତୁଲ୍ ୱହି ପୃ-163ରେ ଉଲ୍ଲେଖ କରିଛନ୍ତି ଯେ, "ଏତଦ୍‌ଭିନ୍ନ ଯେଉଁ ବ୍ୟକ୍ତି ମୋତେ ସ୍ୱୀକାର କରୁ ନାହିଁ ସେ ରସୁଲ୍ କରୀମ୍ ସ.ଅଙ୍କୁ ମଧ୍ୟ ସ୍ୱୀକାର କରୁ ନାହିଁ ।"?

ଉତ୍ତର- ହଁ ଉକ୍ତ ଶବ୍ଦ ନିଜର ସାଧାରଣ ଅର୍ଥରେ ବ୍ୟବହୃତ ହୋଇଛି ।

ପ୍ରଶ୍ନ- କ'ଣ ଆପଣଙ୍କ ଜମାଅତ୍‌ରେ କେହି ମୁଲ୍ଲା ଅଛନ୍ତି କି ?

ଉତ୍ତର- "ମୁଲ୍ଲା" ଶବ୍ଦଟି ମୌଲବୀ ଶବ୍ଦ ବିପରୀତ ଅଟେ ଓ ଉକ୍ତ ଶବ୍ଦ ତିରସ୍କାର ନିମନ୍ତେ ପ୍ରୟୋଗ ହୋଇ ନଥାଏ । ମୁଲ୍ଲା ଅଲୀ କାରି, ମୁଲ୍ଲା ଶୋର ବାଜାରା, ମୁଲ୍ଲା ବାକିର୍ ଆଦି ସମସ୍ତ ବିଖ୍ୟାତ ବ୍ୟକ୍ତିତ୍ୱ ଅଟନ୍ତି ଏମାନେ ମୁଲ୍ଲା ବୋଲାନ୍ତି ଏବଂ ସେମାନେ ଏଥିପାଇଁ ଗର୍ବିତ ହୁଅନ୍ତି କିମ୍ବା କରୁ ଅଛନ୍ତି ।

ପ୍ରଶ୍ନ- ଅଲ୍ ଫଜଲରେ ପ୍ରକାଶିତ ଶବ୍ଦ 14 ହିଜ୍ରତ୍‌ର କ'ଣ ଅର୍ଥ ରହିଛି ?

ଉତ୍ତର- ତହିଁରୁ 14 ମେ ଯଥାର୍ଥ ଅଟେ ।

ପ୍ରଶ୍ନ- ଆପଣ ଉକ୍ତ ମାସକୁ କାହିଁକି ହିଜ୍ରତ୍ ବୋଲି କୁହନ୍ତି ?

ଉତ୍ତର- କାରଣ ଇତିହାସ ଏହି କୁହେ କି ରସୁଲ୍ କରୀମ୍ ସ.ଅଙ୍କର ହିଜ୍ରତ୍ (ପ୍ରବାସ) ମେ ମାସରେ ହୋଇଥିଲା ।

ପ୍ରଶ୍ନ- କ'ଣ ଆପଣ ସନ୍ ହିଜ୍ରୀ କ୍ୟାଲେଣ୍ଡର୍ ବ୍ୟବହାର କରୁଛନ୍ତି ନା ଖ୍ରୀଷ୍ଟୀୟ କ୍ୟାଲେଣ୍ଡର ?

ଉତ୍ତର- ମୁଁ କେବଳେ ଏତିକି କରିଛି ଯେ, ଶମ୍‌ଶି ମାସରୁ ରସୁଲ୍ କରୀମ୍ ସ.ଅଙ୍କ ପବିତ୍ର ଜୀବନୀର ବିଭିନ୍ନ ଘଟଣାବଳୀ ଦୃଷ୍ଟିରୁ ବିଭିନ୍ନ ନାମ ଦେଇ ଦିଆଯାଇଛି ।

ପ୍ରଶ୍ନ- କ'ଣ ମାର୍ଚ୍ଚ 1919 ମସିହାର ଜଲ୍‌ସା ସାଲାନା ଅବସରରେ ଏକ ସଭାରେ ଆପଣ ସେହି ମନ୍ତବ୍ୟ ଦେଲେ ଯାହାର ଚର୍ଚ୍ଚା ଇର୍ଫାନେ ଇଲାହିର ପତ୍ରିକାର ପୃ-93 ରେ ପ୍ରତିଶୋଧ ନେବାର କାଳର ବିଷୟବସ୍ତୁ ଅନୁଯାୟୀ କରାଯାଇଛି । ଯହିଁରେ କୁହାଯାଇଛି ଯେ, "ବର୍ତ୍ତମାନ ଯୁଗ ପରିବର୍ତ୍ତନ ହୋଇଯାଇଛି । ଦେଖ ପ୍ରଥମେ ଯେଉଁ ମସିହ୍ ଆସିଥିଲେ ତାଙ୍କୁ ଶତ୍ରୁମାନେ ଶୂଳିରେ ଓହଳାଇଦେଲ ବା ଟଙ୍ଗାଇ ଦେଲେ । କିନ୍ତୁ ବର୍ତ୍ତମାନ ମସିହ୍ ଏଇଥିପାଇଁ ଆସିଲେ ଯେ, ସେ ବିରୋଧୀମାନଙ୍କୁ ମୃତ୍ୟୁ ଦଣ୍ଡରେ ଦଣ୍ଡିତ କରନ୍ତୁ "?

ଉତ୍ତର- ହଁ କିନ୍ତୁ ଉଦ୍ଧୃତାଂଶ ଉକ୍ତ ପଦାବଳୀର ବ୍ୟାଖ୍ୟା ପୁସ୍ତକର ପୃ -103 101ରେ କରାଯାଇଛି । ଯେଉଁଠି ମୁଁ କହିଛି ଯେ, "କିନ୍ତୁ ଆମକୁ ଏହାର କୌଣସି ଉତ୍ତର ଦେବା ଉଚିତ କି ନୁହେଁ ଓ ଉକ୍ତ ରକ୍ତର ପ୍ରତିଶୋଧ ନେବା ଉଚିତ୍ ନୁହେଁ କିନ୍ତୁ ଉକ୍ତ ପନ୍ଥାନୁଯାୟୀ ଯାହା ହ. ମସିହ୍ ମଉଦ୍ ଅ.ସ ଆମକୁ ଶିଖାଇଛନ୍ତି । ଯେଉଁ ବ୍ୟକ୍ତି ଏହା କହେ ଯେ, କାବୁଲର ଭୂମିରୁ ଯଦି ଅହେମଦିୟତ୍‌ର ଗୋଟିଏ ଗୁଳ୍ମ କଟାଯାଇଛି (ଓପଡ଼ା ଯାଇଛି) ଅର୍ଥାତ୍ ମୃତ୍ୟୁ ଦଣ୍ଡ ଦିଆଯାଇଛି ତେବେ ଅଲ୍ଲାଃତାଲା ତା' ବଦଳରେ ହଜାର ହଜାର ଗୁଳ୍ମ ବା ଚାରା ଲଗାଇବେ । ତହିଁରୁ ଜ୍ଞାତ ହୁଏ ଯେ, ସୟେଦ୍ ଅବଦୁଲ୍ ଲତିଫ୍ ସାହେବ ଶହୀଦଙ୍କ ହତ୍ୟାର ପ୍ରତିଶୋଧ ଏହା ଧାର୍ଯ୍ୟ କରାଯାଇ ନାହିଁ ଯେ, ଆମେ ସେମାନଙ୍କ ହତ୍ୟାକାରୀଙ୍କୁ ହତ୍ୟା କରିବୁ ବା ବଧ କରିବୁ ଏବଂ ସେମାନଙ୍କର ରକ୍ତପାତ ଘଟାଇବୁ । କାରଣ ହତ୍ୟା ବା ସଂହାର କରିବା ଆମର କାର୍ଯ୍ୟ ନୁହେଁ । କାରଣ ଅଲ୍ଲାଃତାଲା ଆମମାନଙ୍କୁ ଶାନ୍ତିପୂର୍ଣ୍ଣ ଢଙ୍ଗରେ କାର୍ଯ୍ୟ କରିବା ନିମନ୍ତେ ଛିଡ଼ା (ନିୟୋଜିତ) କରିଛନ୍ତି । ନା କି ଶତ୍ରୁମାନଙ୍କୁ ହତ୍ୟା କରିବା ନିମନ୍ତେ । ସୁତରାଂ ଆମର ଏହି ପ୍ରତିଶୋଧ କେବଳ ଏତିକି ଯେ, ଆମେମାନେ ସେମାନଙ୍କର ଓ ସେମାନଙ୍କର ବଂଶଧରଙ୍କ ହୃଦୟରେ ଅହେମଦିୟତ୍‌ର ବୀଜ ବପନ କରିବୁ ଏବଂ ସେମାନଙ୍କୁ ଅହେମଦି କରିବୁ । ସେମାନେ ଯେଉଁ ବସ୍ତୁକୁ ନିଶ୍ଚିହ୍ନ କରିବାକୁ ଚାହୁଁଛନ୍ତି ଆମେମାନେ ତାହାକୁ ସ୍ଥାପନ କରିଦେବ....କିନ୍ତୁ ବର୍ତ୍ତମାନ ଆମର ଏହି କର୍ତ୍ତବ୍ୟ ରହିଛି ସେମାନଙ୍କ ରକ୍ତର ପ୍ରତିଶୋଧ ନେବୁ । ସେମାନଙ୍କର ହତ୍ୟାକାରୀମାନେ ଯେଉଁ ବସ୍ତୁକୁ ନିଶ୍ଚିହ୍ନ କରିବାକୁ ଚାହୁଁଛନ୍ତି ତାହାକୁ ସ୍ଥାପିତ କରିଦେବୁ ଏବଂ କାରଣ ଅଲ୍ଲାଃତାଲାଙ୍କ ଦ୍ୱାରା ମନୋନୀତ ପ୍ରିୟ ଜମାଅତ୍‌ରେ ସାମିଲ୍ ହୋଇଥିବା ବ୍ୟକ୍ତିଙ୍କୁ ହତ୍ୟାକାରୀମାନେ ଏହିପରି ଶାସ୍ତି ଦେଇଥାଆନ୍ତି । କିନ୍ତୁ ଆମେମାନେ ଶତ୍ରୁ ଉପରେ ଉପକାର କରିଥାଉ । ଅତଃ ଆମର ମଧ୍ୟ ଏହି କାର୍ଯ୍ୟ ନୁହେଁ ଯେ, ସୟେଦ୍ ଅବଦୁଲ୍ ଲତିଫ୍ ସାହେବ ଶହୀଦ୍‌ଙ୍କୁ ହତ୍ୟା କରିଥାଉ ହତ୍ୟାକାରୀଙ୍କୁ ସଂସାରରୁ ସମାପ୍ତ କରିଦେବୁ ଓ ସଂହାର କରିଦେବୁ । ନା ବରଂ ଏହା ଯେ, ସେମାନଙ୍କୁ ଚିରକାଳ ପାଇଁ ସ୍ଥାପିତ କରିଦେବୁ । ସେମାନଙ୍କୁ ଅମରତ୍ୱର ଅଧିକାରୀ କରିଦେବ । ଏହାର ଉପାୟ ଏହିକି ଯେ, ଆମେମାନେ ସେମାନଙ୍କୁ ଅହେମଦି କରିଦେବୁ । "

ପ୍ରଶ୍ନ- ଉକ୍ତ ଅର୍ଥରେ ଅହେମଦିୟତ୍‌ରୁ କ'ଣ ଯଥାର୍ଥ ?

ଉତ୍ତର- ଅହେମଦିୟତ୍‌ରୁ ଯଥାର୍ଥ ଇସଲାମ୍ ଧର୍ମର ସେହି ବ୍ୟାଖ୍ୟା ଅଟେ ଯାହା ହ. ମସିହ୍ ମଉଦ୍ ଅ.ସ ଜମାଅତ୍ ଅହେମଦିୟାର ସଂସ୍ଥାପକ କରିଛନ୍ତି ।

ପ୍ରଶ୍ନ- ଉକ୍ତ ଆନୁଷ୍ଠାନିକ ନିବନ୍ଧରେ ଯେଉଁ ମୌଲବୀମାନଙ୍କୁ ମୁଲ୍ଲା ବୋଲି କୁହାଯାଇଛି, କ'ଣ ସେମାନେ ଏହି ମତ ପ୍ରକାଶ କରିଥିଲେ ଯେ, "ଅହେମଦିମାନେ ଧର୍ମଦ୍ରୋହୀ ଓ ହତ୍ୟାଯୋଗ୍ୟ ଅଟନ୍ତି "?

ଉତ୍ତର- ମୁଁ କେବଳ ଏତିକି ଜାଣିଛି ଯେ, ମୌଲାନା ଅବୁଲ୍ ଅଲା ମୌଦୁଦି ଏହି ମତ ପ୍ରକାଶ କରିଥିଲେ ।

ପ୍ରଶ୍ନ- କ'ଣ ଆପଣଙ୍କ ଜମାଅତ୍ ନୈଷ୍ଟିକ ରୂପେ କେବଳ ଧାର୍ମିକ ଜମାଅତ୍ ନୁହେଁ ବରଂ ଏକ ରାଜନୈତି ଜମାଅତ୍ ମଧ୍ୟ ଅଟେ ?

ଉତ୍ତର- ପ୍ରକୃତରେ ଉକ୍ତ ଜମାଅତ୍ ଏକ ଧାର୍ମିକ ଜମାଅତ୍ ଅଟେ । କିନ୍ତୁ ଅଲ୍ଲାଃତାଲା ଉକ୍ତ ଜମାଅତ୍‌କୁ ଏପରି ବୁଦ୍ଧି ପ୍ରଦାନ କଲେ ଯେ, ଯେତେବେଳେ ବି କୌଣସି ରାଜନୈତିକ ସମସ୍ୟା ସମ୍ମୁଖକୁ ଆସିଛି ସେତେବେଳେ ଉକ୍ତ ଜମାଅତ୍ ବେକାର ବସିପାରି ନାହିଁ ।

ପ୍ରଶ୍ନ- ଆପଣ ଯେତେବେଳେ ନିଜର ଭାଷଣରେ ନିମ୍ନ ଶବ୍ଦାବଳୀ କହିଲେ ସେତେବେଳେ ତହିଁରୁ ଆପଣଙ୍କର କ'ଣ ଯଥାର୍ଥ ଥିଲା ?

ମନେରଖ ! ତବ୍‌ଲିଗ୍ ସେପର୍ଯ୍ୟନ୍ତ ସାଫଲ୍ୟମଣ୍ଡିତ ହୋଇପାରିବ ନାହିଁ ଯେପର୍ଯ୍ୟନ୍ତ ଆମମାନଙ୍କର ମୂଳାଧାର (Base) ଦୃଢୀଭୂତ ହୋଇ ନାହିଁ । ଅତଃ ଯଦି ଭିତ୍ତି ଦୃଢ ହେବ ତାହାହେଲେ ତବ୍‌ଲିଗ୍ ହୋଇପାରିବ ।

ଉତ୍ତର- ଉକ୍ତ ଶବ୍ଦ ନିଜେ ହିଁ ବ୍ୟାଖ୍ୟା କରିଥାଏ ।

ପ୍ରଶ୍ନ- ବ୍ରିଟେନ ସରକାର ସଂପର୍କରେ ଜମାଅତ୍ ଅହେମଦିୟାର ସଂସ୍ଥାପକଙ୍କ କ'ଣ ଆଚରଣ ରହିଥିଲା ?

ଉତ୍ତର- ମୁଁ ପୂର୍ବେ କହିସାରିଛି ଯେ, ଇସଲାମ୍ ଧର୍ମର ଶିକ୍ଷାନୁଯାୟୀ ମନୁଷ୍ୟ ଯେଉଁ ଦେଶରେ ବାସ କରେ ସେହି ଦେଶର ସର୍ତ୍ତାବଳୀ ଅନୁଯାୟୀ ଯାହାର ମୁଁ ପୂର୍ବେ ଚର୍ଚ୍ଚା କରି ସାରିଛି, ତା' ପକ୍ଷେ ଏହା ଉଚିତ୍ ହେବ ଯେ, ସେ ଉକ୍ତ ଦେଶ ପ୍ରତି ବିଶ୍ୱସ୍ତ ହେବା ଉଚିତ୍ ।

ପ୍ରଶ୍ନ- କ'ଣ ଏହି ଘଟଣା ଯେ, ବାଗ୍‌ଦାଦ ଉପରେ ଯେତେବେଳେ ଇଂରେଜମାନେ ଅଧିକାର କଲେ ସେତେବେଳେ କାଦିଆନ୍‌ରେ ଆନନ୍ଦ ଓ ଉଲ୍ଲାସ ପର୍ବ ପାଳନ କରାଯାଇଥିଲା ?

ଉତ୍ତର- ଉକ୍ତ କଥା ସଂପୂର୍ଣ୍ଣ ରୂପେ ଭୁଲ୍ ଅଟେ ।

ପ୍ରଶ୍ନ- କ'ଣ ଆପଣ ନିଜ ଜମାଅତ୍‌ର ଲୋକମାନଙ୍କୁ ଏହା କହୁଥିଲେ ଯେ, ସେମାନଙ୍କର ସମାଜ ମୁସଲମାନମାନଙ୍କ ଠାରୁ ଭିନ୍ନ ହେବା ଉଚିତ୍ ?

ଉତ୍ତର- ଆଜ୍ଞା ନୁହେଁ ।

ପ୍ରଶ୍ନ- ମୁସେଲମା ବିନ୍ ଅଲ୍ ହବିବ୍‌ର ଦାବି ସଂକ୍ରାନ୍ତରେ ଆପଣଙ୍କର କ'ଣ ମତାମତ ବା ଚିନ୍ତାଧାରା ରହିଛି ?

ଉତ୍ତର- ତା'ର ଦାବି ମିଥ୍ୟା ଥିଲା ।

ପ୍ରଶ୍ନ- କ'ଣ ସେ କଲ୍‌ମା ପାଠ କରୁଥିଲା ?

ଉତ୍ତର- ନା ।

ପ୍ରଶ୍ନ- କ'ଣ ଆପଣ ଅସ୍‌ୱଦ୍ ଅନ୍‌ସି ସଜାହ୍ ନବିୟା କାଜିବା ଓ ତଲିହା ଉସଦିର ଜୀବନୀର ଅଧ୍ୟୟନ କରିଛନ୍ତି କି ?

ଉତ୍ତର- ହଁ ।

ପ୍ରଶ୍ନ- କ'ଣ ସେହି ସମସ୍ତ ବ୍ୟକ୍ତିମାନେ ଯହିଁରେ ଜଣେ ମହିଳା ମଧ୍ୟ ରହିଥିଲା ସେ ଅବତାରତ୍ୱର ଦାବି କରିଥିଲା । ଫଳତଃ ମୁସଲମାନମାନେ ସେମାନଙ୍କ ବିପକ୍ଷରେ ଯୁଦ୍ଧ ଘୋଷଣା କଲେ ?

ଉତ୍ତର- ନା ବରଂ ପରିସ୍ଥିତି ଏହାର ବିପରୀତ ଅଟେ । ସେହି ଲୋକମାନଙ୍କ ମଧ୍ୟରୁ ପ୍ରତ୍ୟେକ ବ୍ୟକ୍ତି ଅବତାରତ୍ୱର ଦାବି କଲା, ମୁସଲମାନମାନଙ୍କ ଉପରେ ଆକ୍ରମଣ କଲା । ଫଳତଃ ମୁସଲମାନମାନେ ପ୍ରତ୍ୟୁତ୍ତରରେ ସେମାନଙ୍କୁ ପରାସ୍ତ କଲେ ।

ପ୍ରଶ୍ନ- ଆପଣ ଧର୍ମବୈଧାନିକ ଓ ଅଣଧର୍ମବୈଧାନିକ ଅବତାର ମଧ୍ୟରେ ପାର୍ଥକ୍ୟ ତ' ବର୍ଣ୍ଣନା କରିଦେଲେ, ଦୟା କରି ଜିଲ୍ଲି (ଛାୟା) ନବୀ ଓ ବୁରୁଜି (ପ୍ରତିଛାୟା) ନବୀର ମଧ୍ୟ ଟିକିଏ ପରିଚୟ ପ୍ରଦାନ କରି ଦିଅନ୍ତୁ ?

ଉତ୍ତର- ଉପରୋକ୍ତ ପରିଭାଷାରୁ ଏହା ଯଥାର୍ଥ ଯେ, ଏଭଳି ବ୍ୟକ୍ତି ଯାହା ସଂକ୍ରାନ୍ତରେ ଏହି ପରିଭାଷାର ପ୍ରୟୋଗ କରାଯାଇଥାଏ ସେ ସ୍ୱୟଂ କେତେକ ବିଶେଷ ବିଶିଷ୍ଟ ଗୁଣାବଳୀର ଅଧିକାରୀ ନଥାଏ ବରଂ ଉକ୍ତ ଗୁଣାବଳୀ ସେହି ବ୍ୟକ୍ତି ମଧ୍ୟରେ ପ୍ରତିକୃତ ବା ଛାୟା ରୂପରେ ପ୍ରକାଶିତ ହୋଇଥାଏ ।

ପ୍ରଶ୍ନ- କ'ଣ ମିର୍ଜା ଗୁଲାମ୍ ଅହେମଦ ସାହେବ ସେହି ଲୋକମାନଙ୍କୁ ବିଧର୍ମୀ ବୋଲି କହିଛନ୍ତି ଯେଉଁମାନେ ଅହେମଦି ହେବା ପରେ ନିଜର ଆସ୍ଥା ଏବଂ ଧର୍ମମତରୁ ଓହରିଗଲେ ?

ଉତ୍ତର- ଧର୍ମଦ୍ରୋହୀର ଅର୍ଥ କେବଳ ଏତିକି ଯେ, ଏପରି ବ୍ୟକ୍ତି ଯିଏ ଧର୍ମରୁ ଓହରିଯାଏ ବା ସ୍ୱଧର୍ମ ତ୍ୟାଗ କରି ପରୋଃଧର୍ମ ଆପଣାଇ ନିଏ ତାହାକୁ ଧର୍ମଦ୍ରୋହୀ କୁହାଯାଏ । ମୌଲାନା ମୌଦୁଦୀ ସାହେବ ମଧ୍ୟ ଉକ୍ତ ପରିଭାଷା ବ୍ୟବହାର କରିଛନ୍ତି ।

ପ୍ରଶ୍ନ- କ'ଣ ଆପଣ ମିର୍ଜା ଗୁଲାମ ଅହେମଦ ସାହେବଙ୍କୁ ସେହି ନିଯୁକ୍ତ ବା ଆଦେଶିତ ବ୍ୟକ୍ତିଙ୍କ ମଧ୍ୟରେ ପରିଗଣିତ କରୁଛନ୍ତି ଯାହାଙ୍କୁ ମାନିବା ମସୁଲମାନ

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly **BADAR** Qadian
Qadian - 143516 Distt. Gurdaspur (Pb.)
Postal Reg. No.GDP-40/2023-2025 Vol. 9 Thursday 15-22 FEBRUARY 2024 Issue No.-7-8

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

## ପୃ-14ର ଅବଶିଷ୍ଟାଂଶ.....

ବ୍ୟକ୍ତି ଭୂପୃଷ୍ଠରେ ନା ମିଳିଛ ଓ ନା ହିଁ କେବେ ମିଳି ପାରିବ, ବଡ଼ ଦୁଃଖ ଓ ପରିତାପର ବିଷୟ ଏହିକି ଯେ, ସଂସାରର ସର୍ବଶ୍ରେଷ୍ଠ ଅସ୍ତିତ୍ୱ ଖୁବ୍ ଶୀଘ୍ର ଆମ ଠାରୁ ପୃଥକ୍ ହୋଇଗଲେ ।"**(ସୱାନେହ୍ ଫଜ୍‌ଲେ ଉମର, ଭାଗ-5, ପୃ-551)**

ସୟେଦିନା ହ. ମୁସଲେହ୍ ମଉଦ୍ ର.ଅ କୁହନ୍ତି:

"ମୁଁ ଯଦି ମୃତ୍ୟୁବରଣ କରେ ମୋର ନାମ କିନ୍ତୁ କେବେ ବି ନିଶ୍ଚିହ୍ନ ହେବ ନାହିଁ । ଏହା ପ୍ରଭୁଙ୍କର ନିଷ୍ପତ୍ତି ଅଟେ ଯାହାକି ଆକାଶ ଲୋକ ଉପରେ ନିର୍ଣ୍ଣିତ ହୋଇସାରିଛି ଯେ, ସେ ମୋର ନାମ ଓ ମୋର କୃତିତ୍ୱକୁ ସଂସାରରେ ଅକ୍ଷୁର୍ଣ୍ଣ ରଖିବେ । (ଇଖତିତାମି ଖିତାବ୍, ଜଲ୍‌ସା ସାଲାନା-1961 ମସିହା) **ମିଲ୍ଲତ୍ କି ଇସ୍ ଫିଦାଇ ପେ ରହମତ୍ ଖୁଦା କରେ । ୱ ଆଖିରୁ ଦାୱାନା ଅନିଲ୍ ଅହମଦୁ ଲିଲ୍ଲାଃହି ରବବିଲ୍ ଆଲମିନ୍ ।" (ମନ୍‌ସୁର୍ ଅହେମଦ ମସ୍ରୁର୍)**

☆ ☆ ☆

## ପୃ-23ର ଅବଶିଷ୍ଟାଂଶ.....

ବୋଲାଇବା ନିମନ୍ତେ ଆବଶ୍ୟକ ଅଟେ ?

ଉତ୍ତର- ଉକ୍ତ ପ୍ରଶ୍ନର ଉତ୍ତର ମୁଁ ପୂର୍ବେ ମଧ୍ୟ ଦେଇ ସାରିଛି । ଯଦି କୌଣସି ମିର୍ଜା ଗୁଲାମ୍ ଅହେମଦ ସାହେବଙ୍କ ଉପରେ ବିଶ୍ୱାସ ଆଣେ ନାହିଁ ତେବେ ତା'କୁ ଇସଲାମ୍ ଧର୍ମ ବହିର୍ଭୂତ ବୋଲି ବିବେଚିତ କରାଯାଇ ପାରିବ ନାହିଁ ।

ପ୍ରଶ୍ନ- ଆଁହଜରତ ସ.ଅଙ୍କ ପରେ ଆଉ କେତେ ଜଣ ସତ୍ୟବାଦୀ ନବୀ ଅତିକ୍ରାନ୍ତ ହୋଇଛନ୍ତି ?

ଉତ୍ତର- ମୁଁ କାହାରିକୁ ଜାଣି ନାହିଁ କି ଚିହ୍ନି ନାହିଁ । କିନ୍ତୁ ଆମର ପ୍ରିୟ ମୂନିବ ରସୁଲ୍ କରୀମ୍ ସ.ଅ ହଦିସ୍ ଅନୁଯାୟୀ ଆପଣ ସ.ଅଙ୍କ ଉମ୍ମତ୍ (ଧର୍ମସଂପ୍ରଦାୟ ବା ମୁସଲମାନ ଜାତି)ର ବିଦ୍ୱାନମାନଙ୍କ ପର୍ଯ୍ୟନ୍ତ, ମୁଁ ଆପଣ ସ.ଅଙ୍କର ମର୍ଯ୍ୟାଦା ଏବଂ ଗାରିମାର ଛାୟୀ ପଡ଼ିଥାଏ । ଶତାଧିକ ଓ ସହସ୍ରାଦ୍ଧ (ହଜାର) ହୋଇଯାଇଥିବେ ।

ପ୍ରଶ୍ନ- କ'ଣ ଆପଣ ଏହି ବିଶ୍ୱାସ ରଖନ୍ତି ଯେ, ମିର୍ଜା ଗୁଲାମ୍ ଅହେମଦ ସାହେବ ଆମ ରସୁଲ୍ କରୀମ୍ ସ.ଅଙ୍କ ବ୍ୟତୀତ ଅନ୍ୟ ସମସ୍ତ ଅବତାରମାନଙ୍କୁ ଠାରୁ ସର୍ବୋତ୍କୃଷ୍ଟ ଥିଲେ ?

ଉତ୍ତର- ଆମେ କେବଳ ତାଙ୍କ ସଂପର୍କରେ କେବଳ ହ. ମସିହ୍ ନାସରୀଙ୍କ ଠାରୁ ସର୍ବୋତ୍କୃଷ୍ଟ ହେବାର ବିଶ୍ୱାସ ରଖୁଛେ ।

ପ୍ରଶ୍ନ- ମୁସଲମାନମାନଙ୍କର ଏହି ଆସ୍ଥା ବା ବିଶ୍ୱାସ ରହିଛି ଯେ, ଇସା ବିନ୍ ମରିୟମ୍ (ମସିହ୍ ନାସରୀ) ପ୍ରଳୟ ଦିବସ ପୂର୍ବରୁ ପୁନଃ ଧରାପୃଷ୍ଠକୁ ଆସିବେ । ତତସଂକ୍ରାନ୍ତରେ ଆପଣଙ୍କର କ'ଣ ବିଶ୍ୱାସ ବା ଆସ୍ଥା ରହିଛି ?

ଉତ୍ତର- ଏକଥା ଭୁଲ ଯେ, ଏହା ମୁସଲମାନମାନଙ୍କର ସର୍ବସମ୍ମତିମୂଳକ ଆସ୍ଥା ବିଶ୍ୱାସ । ମୁସଲମାନମାନଙ୍କ ମଧ୍ୟରୁ ଏପରି ଏକ ଗୋଷ୍ଠୀ ରହିଛି ଯେକି ଏହି ବିଶ୍ୱାସ ବା ଆସ୍ଥା ପୋଷଣ କରୁଛି ଯେ, ମସିହ୍ ନାସରି ସ୍ୱାଭାବିକ ମୃତ୍ୟୁବରଣ କରିଛନ୍ତି । ମୋର (ଖଲିଫା ସାନି ର.ଅଙ୍କ) ଏହି ଆସ୍ଥା ରହିଛି ଯେ, ହ. ଇସା ବିନ୍ ମରିୟମ୍ ସ୍ୱୟଂ ପୁନଃ ଆବିର୍ଭୂତ ହେବେ ନାହିଁ । ବରଂ ଅନ୍ୟ ଏକ ବ୍ୟକ୍ତି ଯିଏ ତାହାଙ୍କ ସହିତ ସାମଞ୍ଜସ୍ୟତା ରଖୁଥିବ ଏବଂ ତାହାଙ୍କ ବିଶିଷ୍ଟ ଗୁଣାବଳୀର ଅଧିକାରୀ ହୋଇଥିବା ସେହି ବ୍ୟକ୍ତି ଆସିବ ।

ପ୍ରଶ୍ନ- କ'ଣ ହ. ଇସା ଅ.ସଙ୍କ କାଳରେ ଇହୁଦୀମାନେ କୌଣସି ମସିହଙ୍କର ଅପେକ୍ଷା କରୁଥିଲେ ?

ଉତ୍ତର- ଆଜ୍ଞା ହଁ । ସେମାନେ ଏକ ମସିହଙ୍କୁ ଅପେକ୍ଷା କରିଥିଲେ ବା ମସିହଙ୍କୁ ପ୍ରତୀକ୍ଷା କରିଥିଲେ । କିନ୍ତୁ ମସିହଙ୍କ ପୂର୍ବରୁ ଇଲୟାସ୍ ଆସି ଥାଆନ୍ତେ ଯେକି ଆକାଶରୁ ସେହି ମୃଣ୍ମୟ ଶରୀର ସହିତ ଅବତୀର୍ଣ୍ଣ ହୋଇ ଥାଆନ୍ତେ ।

ପ୍ରଶ୍ନ- କ'ଣ ହ. ଇସା ଅ.ସ ହିଁ ସେହି ମସିହ୍ ଅଟନ୍ତି ?

ଉତ୍ତର- ମୋର ଏହି ଆସ୍ଥାନୁଯାୟୀ ହ. ଇସା ଅ.ସ ସେହି ମସିହ୍ ଥିଲେ । କିନ୍ତୁ ଇହୁଦୀମାନଙ୍କ ଆସ୍ଥାନୁଯାୟୀ ହ. ଇସା ଅ.ସ ସେହି ମସିହ୍ ନୁହନ୍ତି ।

ପ୍ରଶ୍ନ- କ'ଣ ହ. ଇସା ମସିହ୍ ନାସରୀ କେବେ ମସିହ୍ ମଉଦ୍ (ପ୍ରତଶୃତ ମସିହ୍) ହେବାର ଦାବି କରିଛନ୍ତି କି ?

ଉତ୍ତର- ଆଜ୍ଞା ହଁ ।

ପ୍ରଶ୍ନ- ସାଧାରଣ ମୁସଲମାନମାନେ ତ' ଅହମଦିମାନଙ୍କର ଏଇଥି ପାଇଁ ଯନାଜାଃ ପଢନ୍ତି ନାହିଁ । କାରଣ ସେମାନେ ଅହେମଦିମାନଙ୍କୁ କାଫିର୍ (ଅବିଶ୍ୱାସକାରୀ) ବୋଲି ମନେକରନ୍ତି । ଆପଣ ହିଁ କୁହନ୍ତି କି ଅହେମଦିମାନେ ଯେଉଁମାନେ ଅଣଅହେମଦିମାନଙ୍କର ନମାଜ ଯନାଜାଃ ପାଠ କରନ୍ତି ନାହିଁ, ଏହା ବ୍ୟତୀତ ଆଉ କେଉଁ କାରଣ ରହିଛି ଯାହାର ଏହା ପୂର୍ବରୁ ପରିପ୍ରକାଶ କରିଛନ୍ତି । କାରଣ ଆପଣ ପ୍ରତ୍ୟୁତ୍ତର କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଏହି ପନ୍ଥା ଅବଲମ୍ବନ କରିନେଇଛନ୍ତି ।

ଉତ୍ତର- ଯେପରିକି ସବୁଠୁ ବଡ଼ କାରଣ ସଂପର୍କରେ ମୁଁ ବର୍ଣ୍ଣନା କରିସାରିଛି ଯେ, ଆମେମାନେ ଅଣଅହେମଦିମାନଙ୍କର ଯନାଜାଃ ଏଇଥିପାଇଁ ପାଠ କରୁ ନାହୁଁ ଯେ, ସେମାନେ ଅହେମଦିମାନଙ୍କର ଯନାଜାଃ ପାଠ କରନ୍ତି ନାହିଁ । ଦ୍ୱିତୀୟ କାରଣ ଯାହାକି ପ୍ରଥମ କାରଣର ହିଁ ଏକ ଅଂଶବିଶେଷ ଅଟେ । ଅର୍ଥାତ୍ ସର୍ବସମ୍ମତି କ୍ରମେ ଏବଂ ସ୍ୱୀକତ ହଦିସ୍ ଅନୁଯାୟୀ ଯେଉଁ ବ୍ୟକ୍ତି ଅନ୍ୟ ମୁସଲମାନ ବ୍ୟକ୍ତିକୁ ଅବିଶ୍ୱାସକାରୀ ବୋଲି କୁହେ ସେ ନିଜେ ହିଁ ଅବିଶ୍ୱାସକାରୀ ହୋଇଥାଏ ।

ପ୍ରଶ୍ନ- କ'ଣ ଆପଣ ନିଜ ଜମାଅତ ସଂକ୍ରାନ୍ତରେ କେବେ ଉମ୍ମତ୍ (ଅବତାର ଅର୍ଥାତ୍ ହ. ମୁହମ୍ମଦ ସ.ଅଙ୍କ ମୁସଲିମ୍ ସମୁଦାୟ) ଶବ୍ଦର ପ୍ରୟୋଗ କରିଛନ୍ତି କି ?

ଉତ୍ତର- ମୋର ଏହି ଆସ୍ଥା ରହିଛି ଯେ, ଅହେମଦିମାନେ ଅନ୍ୟ ଉମ୍ମତ୍ (ଅବତାର ଅର୍ଥାତ୍ ହ. ମୁହମ୍ମଦ ସ.ଅଙ୍କ ମୁସଲିମ୍ ସମୁଦାୟ) ନୁହନ୍ତି । ଯଦି ଏଠାରେ ଉମ୍ମତ୍ ଶବ୍ଦ ଅହେମଦିମାନଙ୍କ ସଂକ୍ରାନ୍ତରେ ବ୍ୟବହୃତ ହୋଇଛି ତାହାହେଲେ ଅସାବଧାନତା ବା ଧ୍ୟାନ ନେଦେବା ଯୋଗୁଁ ହୋଇଥିବ ଏବଂ ତହିଁରୁ ପ୍ରକୃତରେ ଜମାଅତ୍ ହିଁ ଯଥାର୍ଥ ଅଟେ ।

ପ୍ରଶ୍ନ- 13 ଅଗଷ୍ଟ 1948 ମସିହାର ଅଲଫଜଲ୍ ଦେଖନ୍ତୁ ! ତହିଁରେ ନିମ୍ନ ଲିଖିତ ପଂକ୍ତି ଉଲ୍ଲିଖିତ ହେଇଛି:

"ଅଲ୍ଲାଃତାଲା ଯେଉଁ କାର୍ଯ୍ୟ ଆମମାନଙ୍କ ଉପରେ ନ୍ୟସ୍ତ କରିଛନ୍ତି ତାହା ଅନ୍ୟ କୌଣସି ସମୁଦାୟ ବା ସଂପ୍ରଦାୟ ଉପରେ ନ୍ୟସ୍ତ କରି ନାହାନ୍ତି । ପୂର୍ବେ ଅବତାରମାନଙ୍କ ମଧ୍ୟରୁ ପ୍ରାୟ 1 ଲକ୍ଷ ଲୋକଙ୍କ ନିକଟକୁ ଆସିଥିଲେ କିମ୍ବା କୌଣସି ଅବତାର ଦୁଇ ଲକ୍ଷ ଲୋକଙ୍କ ନିକଟକୁ ଆସିଥିବେ ତଥା ଆଉ କୌଣସି ଅବତାର 10 ଲକ୍ଷ ଲୋକଙ୍କ ନିକଟକୁ ଆସିଥିବେ । କିନ୍ତୁ ଆଁହଜରତ ସ.ଅଙ୍କ ସମୁଦାୟ ସଂଖ୍ୟା 100 ଲକ୍ଷ ଥିଲା କିମ୍ବା 100 ଲକ୍ଷ ହୋଇପାରେ ଅବା ଆରବର ଜନସଂଖ୍ୟା ଆପଣ ସ.ଅଙ୍କ କାଳରେ 2,3 ଲକ୍ଷ ହୋଇଥିବ । ସୁତରାଂ ଏହି ଆରବ୍ୟବାସୀମାନଙ୍କୁ ହିଁ ଆପଣ ସ.ଅ ସର୍ବପ୍ରଥମେ ସମ୍ବୋଧିତ କରିଥିଲେ । କିନ୍ତୁ ଆମକୁ ବାଦଦେଲେ ଚାଳିଶି କୋଟି ମୁସଲମାମାନଙ୍କୁ ସମ୍ବୋଧିତ କରାଯାଇଛି ।" ଅତଏବ ଏଠାରେ ଆପଣ କେଉଁ ଅର୍ଥରେ 'ଉମ୍ମତ୍' ଶବ୍ଦ ପ୍ରୟୋଗ କରିଛନ୍ତି ?

ଉତ୍ତର- ଏଠାରେ ମୁଁ ଆଁହଜରତ ସ.ଅଙ୍କ ଉମ୍ମତ୍ ପାଇଁ ଉପରୋକ୍ତ ଶବ୍ଦ ପ୍ରୟୋଗ କରିଅଛି ।

ପ୍ରଶ୍ନ- କ'ଣ ଆପଣ ଇଂରେଜମାନଙ୍କର ଉକ୍ତ ଉପକାର ନିମନ୍ତେ କୃତଜ୍ଞ ନୁହନ୍ତି ଯେ, ସେମାନଙ୍କ କାଳରେ ଆପଣଙ୍କ ବିଶେଷ ଆସ୍ଥା ସଠିକ୍ ଭାବରେ ଲାଳିତ ପାଳିତ ଏବଂ ପ୍ରସାରିତ ହୋଇଛି । କ'ଣ ଏପରି ହୋଇ ପାରିବ ଯେ, ଆପଣ ସେମାନଙ୍କର କୃତଜ୍ଞ ରହିବେ ନାହିଁ ?

ଉତ୍ତର- କୃତଜ୍ଞତା ଏକ ଚାରିତ୍ରିକ କର୍ତ୍ତବ୍ୟ ଅଟେ । ଏହାର ରାଜନୀତି ସହିତ କୌଣସି ସଂପର୍କ ନାହିଁ । ଏକଥ ସଠିକ୍ ଯେ, ଆମେମାନେ ସେମାନଙ୍କର କୃତଜ୍ଞ ଅଟୁ ଓ ଏହା ନ୍ୟାୟପ୍ରିୟ ବ୍ୟବହାର ଯୋଗୁଁ ସମ୍ଭବ ହୋଇପାରିଛି । କାରଣ ଇଂରେଜମାନେ ପ୍ରତ୍ୟେକଙ୍କ ସହିତ ନ୍ୟାୟପ୍ରିୟ ଆଚରଣ ପ୍ରଦର୍ଶନ କଲେ ଯହିଁରେ ଆମେମାନେ ମଧ୍ୟ ସାମିଲ ଅଟୁ ।

ପ୍ରଶ୍ନ- କ'ଣ ମିର୍ଜା ଗୁଲାମ୍ ଅହେମଦ ସାହେବ ଇଂରେଜମାନଙ୍କୁ ପ୍ରସନ୍ନ କରିବାକୁ ଯାଇ ଇସଲାମୀୟ ଦେଶରେ ପ୍ରକାଶନ ଉଦ୍ଦେଶ୍ୟରେ ଜିହାଦ୍ ବିରୁଦ୍ଧରେ ଏତେ ପୁସ୍ତକ ଉଲ୍ଲେଖ କରି ନାହାନ୍ତି ଯାହାକି ପ୍ରାୟ ପାଖାପାଖି 25ଟି ଆଲମିରା ଭର୍ତ୍ତି ହୋଇଯିବ ?

ଉତ୍ତର- ମିର୍ଜା ସାହେବ ଯାହାକିଛି ଉଲ୍ଲେଖ କରିଛନ୍ତି ତାହା ଏହି ଉଦ୍ଦେଶ୍ୟ ରଖି ଉଲ୍ଲେଖ କରିଛନ୍ତି ଯେ, ଏହା ଦ୍ୱାରା ସେହି ଭ୍ରାନ୍ତ ଧାରଣାକୁ ଦୂରୀଭୂତ କରାଯାଉ ଯାହା ମୁସଲମାନମାନଙ୍କ ବିରୁଦ୍ଧରେ ଅନ୍ୟ ଧର୍ମରେ ଦେଖିବାକୁ ମିଳୁଥିଲା । ଉକ୍ତ ଲେଖନୀର ବିଷୟବସ୍ତୁ ଓ ପ୍ରସଙ୍ଗ ଉପରେ ଆଧାରିତ ବା ସମ୍ବଳିତ ଅଟନ୍ତି । ଯାହା ସଂପର୍କରେ ଭ୍ରାନ୍ତ ଧାରଣା ଦେଖିବାକୁ ମିଳୁଥିଲା । ତାହାକୁ ଅଯୁଦ୍ଧ କରି ସେହି ଲେଖନୀଗୁଡ଼ିକରେ ଜିହାଦ୍ ମଧ୍ୟ ଅନ୍ତର୍ଭୁକ୍ତ ଥିଲା । କିନ୍ତୁ ଉକ୍ତ ବିଶିଷ୍ଟ ସମସ୍ୟା ଉପରେ ସେ କେବଳ କେତେକ ପୃଷ୍ଠା ସମ୍ବଳିତ ଏକ ପତ୍ରି କା ଉଲ୍ଲେଖ କରିଥିଲେ ।

ପ୍ରଶ୍ନ- କ'ଣ ନିମ୍ନ ଲିଖିତ କବିତାରେ ମିର୍ଜା ଗୁଲାମ୍ ଅହେମଦ ସାହେବ ନିଜକୁ ଆଁହଜରତ ସ.ଅଙ୍କ ତୁଳନାରେ ଶ୍ରେଷ୍ଠତ୍ୱ ଦେଇ ନାହାନ୍ତି (ଅବଶିଷ୍ଟାଂଶ ପରବର୍ତ୍ତୀ ସଂଖ୍ୟାରେ)

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan